Digitized by srujanika@gmail.com

ପ୍ରବନ୍ଧାମୃତ

ସଂକଳନ :

ଅଧ୍ୟାପକ ବଭୁଦତ୍ତ ମିଶ୍ର
ଖଲ୍ଲିକୋଟ କଲେଜ, ବ୍ରହ୍ମପୁର

ସୁଜାତା
କଟକ-୨

Digitized by srujanika@gmail.com

ପ୍ରକାଶକ
ସୁଜାତା
କଟକ-୨

ମୁଦ୍ରକ
ସୁରେଖା ପ୍ରିଣ୍ଟର୍ସ
କଟକ

ପ୍ରଥମ ମୁଦ୍ରଣ
୧୯୭୭

ମୂଲ୍ୟ ଟ୫.୦୦

Digitized by srujanika@gmail.com

ମୁଖଶାଳା

"The Essais of Montaingne is generally considered to be the first collection of this kind of composition, and forms the obvious starting point for any study of the essay—even when it is confined to the work of a few of the most prominent English essayists."—(The Essay—An Introduction to English Literature. R. J. Rees).

ଅଧୁନା ପ୍ରବନ୍ଧ କହିଲେ ଯାହା ବୁଝାଯାଏ, ତାର ସୃଷ୍ଟି ୧୫୭୧ ମସିହାରେ। ସାହିତ୍ୟରେ ଏହି ନୂତନ ବିଭାଗର ସ୍ରଷ୍ଟା ରୂପେ ଫରାସୀ ଲେଖକ Montaingne ବିଶ୍ୱ ସାହିତ୍ୟର ଇତିହାସରେ ଚିରସ୍ମରଣୀୟ ହୋଇପାରିଛନ୍ତି । ଏକଦା ଆମ ସାହିତ୍ୟରେ 'ପ୍ରବନ୍ଧ' ଶବ୍ଦର ଯେଉଁ ଅର୍ଥ ଥିଲା ଆଜି ତାହା ପରିବର୍ତ୍ତିତ ହୋଇଛି । ଦିନେ 'ଗୀତଗୋବିନ୍ଦ' ମଧ୍ୟ ପ୍ରବନ୍ଧ ପର୍ଯ୍ୟାୟଭୁକ୍ତ ଥିଲା । ଆଜି କିନ୍ତୁ ଇଂରେଜୀ Essay ଶବ୍ଦର ଓଡ଼ିଆ ପ୍ରତିଶବ୍ଦ ରୂପେ ହିଁ 'ପ୍ରବନ୍ଧ' ଗୃହୀତ ହୋଇଛି ।

ପ୍ରବନ୍ଧର ସାହିତ୍ୟ

ଶ୍ରୀଶଚନ୍ଦ୍ର ଦାଶ 'ସାହିତ୍ୟ ସନ୍ଦର୍ଶନ'ରେ ପ୍ରବନ୍ଧର ସଜ୍ଞା ଉପରେ ଆଲୋକପାତ କରିବାକୁ ଯାଇ ଲେଖିଛନ୍ତି···"Saintsbury ପ୍ରବନ୍ଧକୁ 'work of prose art' ନାମରେ ଅଭିହିତ କରିଛନ୍ତି । ସାଧାରଣତଃ କଳ୍ପନା ଓ ବୁଦ୍ଧିବୃତ୍ତିକୁ ଆଶ୍ରୟ କରି ଲେଖକ କୌଣସି ବିଷୟବସ୍ତୁ ସମ୍ବନ୍ଧରେ ଯେଉଁ ଆତ୍ମସଚେତନ ନାତିଦୀର୍ଘ ସାହିତ୍ୟରୂପ ସୃଷ୍ଟି କରନ୍ତି ତାହାକୁହିଁ ପ୍ରବନ୍ଧ କୁହାଯାଏ । × × ସାହିତ୍ୟର ଯାହା ଚିରନ୍ତନ ଉଦ୍ଦେଶ୍ୟ—ସୌନ୍ଦର୍ଯ୍ୟ ସୃଷ୍ଟି ଓ ଆନନ୍ଦ ଦାନ, ତାହା ହିଁ ପ୍ରବନ୍ଧର ଉଦ୍ଦେଶ୍ୟ । ତେବେ ବସ୍ତୁନିଷ୍ଠ ପ୍ରବନ୍ଧ ଆମ୍ଭମାନଙ୍କର ବୁଦ୍ଧିକୁ ଉତ୍କୃଷ୍ଟତର ଓ ଦୃଷ୍ଟିକୁ ସମୁଜ୍ଜ୍ୱଳ କରେ ଏବଂ ମନନ୍ୟ ବା ବ୍ୟକ୍ତିଗତ ପ୍ରବନ୍ଧ ଜୀବନର ବିଷୟକୁ ହାସ୍ୟରସମଣ୍ଡିତ ପୁଷ୍ପ ପେଳବତା ଦାନ କରି ଆମ୍ଭମାନଙ୍କୁ ମୁଗ୍ଧ କରେ । 'Wisdom in a smiling mood' ହିଁ ଏହି ଜାତୀୟ ଆଧୁନିକ ପ୍ରବନ୍ଧକାରର ବିଶେଷତ୍ୱ । ଅଧିକନ୍ତୁ ଶେଷୋକ୍ତ ଶ୍ରେଣୀର ଉତ୍କୃଷ୍ଟ ପ୍ରବନ୍ଧ ପାଠକର ଚତୁର୍ଦ୍ଦିଗରେ ଗୋଟିଏ ନିଭୃତ ଭାବମଣ୍ଡଳ ସୃଷ୍ଟିକରେ । ଏଥିରେ ଲେଖକର କର୍ମମାନ ବ୍ୟକ୍ତିତ୍ୱ ଅସୀମ ଆକୃତି ରୂପେ ପାଠକର ପ୍ରାଣ ସ୍ପର୍ଶ କରେ ।"

Digitized by srujanika@gmail.com

ବସ୍ତୁନିଷ୍ଠ ପ୍ରବନ୍ଧକୁ ମୁଖ୍ୟତଃ ପାଞ୍ଚୋଟି ବିଭାଗରେ ବିଭକ୍ତ କରାଯାଇପାରେ—(କ) ବିବରଣି ମୂଳକ, (ଖ) ବର୍ଣ୍ଣନାତ୍ମକ, (ଗ) ଚିନ୍ତାତ୍ମକ, (ଘ) ଯୁକ୍ତିନିଷ୍ଠ, (ଙ) ସମ୍ବାଦଧର୍ମୀ । ବସ୍ତୁନିଷ୍ଠ ଓ ବ୍ୟକ୍ତିନିଷ୍ଠ ପ୍ରବନ୍ଧର ମୌଳିକ ପାର୍ଥକ୍ୟ ଉପରେ ଆଲୋକପାତ କରିବାକୁ ଯାଇ ବନ୍ଧୁ ଶ୍ରୀଯୁକ୍ତ ଅସିତ କବି ଲେଖିଛନ୍ତି...“ବସ୍ତୁନିଷ୍ଠ ପ୍ରବନ୍ଧରେ ଆମେ ଲେଖକଙ୍କର ପ୍ରଜ୍ଞାର ସ୍ପର୍ଶ ପାଉଁ; କିନ୍ତୁ ବ୍ୟକ୍ତିନିଷ୍ଠ ପ୍ରବନ୍ଧରେ ଆମେ ଲେଖକଙ୍କର ଅନ୍ତରର, ହୃଦୟର, ପ୍ରାଣର ଅଭ୍ରାନ୍ତ ସ୍ପର୍ଶ ପାଉ । ବସ୍ତୁନିଷ୍ଠ ପ୍ରବନ୍ଧ ଲେଖକ ମନର ଚିନ୍ତାଆଧାରିତ ; ମାତ୍ର ବ୍ୟକ୍ତିନିଷ୍ଠ ପ୍ରବନ୍ଧ ଲେଖକ ହୃଦୟର ନିଜସ୍ୱଭାବ ଆଧାରିତ । ପ୍ରଥମଟି ମସ୍ତିଷ୍କର ; ଦ୍ୱିତୀୟଟି ଅନ୍ତରର । ମନ୍ମୟ ପ୍ରବନ୍ଧରେ ଲେଖକଙ୍କର ବ୍ୟକ୍ତିଗତ ସ୍ପର୍ଶ ଅତି ହୃଦ୍ୟ । ପ୍ରାବନ୍ଧିକ ଏଠାରେ ତାର ହୃଦୟର ସକଳ ବାତାୟନ ଖୋଲି ଦେଇଥାଏ, ନିଜକୁ ନିଷ୍କପଟ ଭାବରେ ଅଭିବ୍ୟକ୍ତ କରିଥାଏ । ଲେଖକର ହୃଦୟର ଉଚ୍ଛ୍ୱାସ ଏଠାରେ କବିତା ଭଳି ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରକଟିତ ହୋଇ ବାଙ୍ମୟ ରୂପ ଲାଭକରେ । ଏଠାରେ ଗଦ୍ୟରେ ମଧ୍ୟ କବିତାର ମାଧୁରୀ ତେଣୁ ଉପଲବ୍ଧ ହୁଏ ।” (ପ୍ରବନ୍ଧ ସାହିତ୍ୟ)

ବଙ୍ଗଳା ସାହିତ୍ୟର ବରିଷ୍ଠ ଲେଖକ ଶ୍ରୀଶଚନ୍ଦ୍ର ଦାସଙ୍କ ଭାଷାରେ....“ବସ୍ତୁନିଷ୍ଠ ପ୍ରବନ୍ଧର ଆଲୋକରେ ଆମ୍ଭମାନଙ୍କର ଅଜ୍ଞାନାନ୍ଧକାର ବିଦୂରିତ ହୋଇପାରେ । ବ୍ୟକ୍ତିଗତ ପ୍ରବନ୍ଧର ମୃଦୁ ଆଲୋକ-ରେଖାରେ ଆମେ ଗୋଟିଏ ବିଶେଷ ଲୋକଙ୍କୁ ଚିହ୍ନିବାକୁ ସକ୍ଷମ ହେଉ ଏବଂ ସେହି ଆଲୋକରେ ନିଜକୁ ଚିହ୍ନିଥାଉ । ବସ୍ତୁନିଷ୍ଠ ପ୍ରବନ୍ଧର ବିଷୟବସ୍ତୁ ସାଧାରଣତଃ ଗୁରୁଗମ୍ଭୀର ଏବଂ ଚିନ୍ତାପ୍ରଧାନ ; କିନ୍ତୁ ବ୍ୟକ୍ତିଗତ ପ୍ରବନ୍ଧର ବିଷୟବସ୍ତୁ ଆକାଶର ତାରକାଠୁ ଆରମ୍ଭ କରି ମାଟିର ପ୍ରଦୀପ ପର୍ଯ୍ୟନ୍ତ ବିସ୍ତୃତ ଏବଂ ପରମପିତା ପରମେଶ୍ୱରଙ୍କଠାରୁ ଆରମ୍ଭ କରି ଦୀନତମ ଉପଲଖଣ୍ଡ ପର୍ଯ୍ୟନ୍ତ ଏହାର ବିଷୟୀଭୂତ ହୋଇପାରେ ।” (‘ପ୍ରବନ୍ଧ’-ସାହିତ୍ୟ ସନ୍ଦର୍ଶନ)

ଓଡ଼ିଆ ପ୍ରବନ୍ଧ

ଆଧୁନିକ ଅର୍ଥରେ ଓଡ଼ିଶାରେ ପ୍ରବନ୍ଧର ସୃଷ୍ଟି ଗତ ଶତାବ୍ଦୀର ଶେଷାର୍ଦ୍ଧରେହିଁ ହୋଇଛି । ଏ ଦେଶରେ ପ୍ରତିଭାଶାଳୀ ନୂତନ ଶିକ୍ଷିତ ଗୋଷ୍ଠୀର ଅଭ୍ୟୁଦୟ ଯେତିକି ବିଳମ୍ବିତ ହୋଇଛି, ପ୍ରବନ୍ଧ ସାହିତ୍ୟର ସୃଷ୍ଟିରେ ମଧ୍ୟ ସେତିକି ବିଳମ୍ବ ହେବାରେ ବିସ୍ମିତ ହେବାର କିଛି ନାହିଁ । ପୁଣି ଓଡ଼ିଆ ପତ୍ରପତ୍ରିକାର ଅଭ୍ୟୁଦୟ ସହିତ ମଧ୍ୟ ପ୍ରବନ୍ଧ ସାହିତ୍ୟର ସୃଷ୍ଟି ଇତିହାସ ଜଡ଼ିତ । ସମାଲୋଚକ ଡକ୍ଟର ନଟବର ସାମନ୍ତରାୟଙ୍କ ଭାଷାରେ... “ପ୍ରବନ୍ଧ ରଚନା ଏକ ସ୍ୱତନ୍ତ୍ର କଳା; ତାହା ଚିନ୍ତାଧାରାର ସୁସଂଗତ ବିନ୍ୟାସ ଓ ଭାବର ବିଶିଷ୍ଟ ପ୍ରକାଶ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ଚିନ୍ତାଧାରାର ସୁନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଶିକ୍ଷା ଓ ଅଭ୍ୟାସ ଏକାନ୍ତ ଆବଶ୍ୟକ । ଆଧୁନିକ ପାଠ୍ୟକ୍ରମରେ ପ୍ରବନ୍ଧର ସ୍ଥାନ ନିରୂପିତ ହେବାରେ ଛାତ୍ରମାନଙ୍କର ମନୋବୃତ୍ତିକୁ ଏ ଦିଗରେ ଶିକ୍ଷିତ କରିବା ପାଇଁ ଅପୂର୍ବ ସୁଯୋଗ

Digitized by srujanika@gmail.com

ଦିଆଯାଇଥିଲା । ଏହି ସୁଶିକ୍ଷିତ ଚିତ୍ତବୃତ୍ତି ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରବନ୍ଧ ଓ ସମାଲୋଚନା ଭିତରେ ଏକ ମାର୍ଜିତ ରୂପରେ ଆତ୍ମପ୍ରକାଶ କରିଥିଲା । ପାଠ୍ୟପୁସ୍ତକ ବ୍ୟତୀତ ପତ୍ରପତ୍ରିକା ହେଉଛି ପ୍ରବନ୍ଧସାହିତ୍ୟ ବିକାଶର ଅନ୍ୟ ଏକ ଉପଯୁକ୍ତ କ୍ଷେତ୍ର । ୧୮୭୩ ସାଲ ପୂର୍ବରୁ ଏପରି ସାହିତ୍ୟର ପରିମାଣ ଥିଲା ଅତି ଅଳ୍ପ । ୧୮୬୭ ସାଲ ମେ ୧୯ତାରିଖରେ 'ଉତ୍କଳ ଭାଷୋଦ୍ଦୀପନୀ' ସଭାରେ ପଠିତ ରଙ୍ଗଲାଲ ବାନାର୍ଜୀଙ୍କ ପ୍ରବନ୍ଧ କିମ୍ବା 'ନାରୀ ଜାତିର ପରିଧେୟ ପରିବର୍ତ୍ତନ ଆବଶ୍ୟକ' ସମ୍ପର୍କରେ 'ବୋଧଦାୟିନୀ'ରେ ପ୍ରକାଶିତ ଫକୀରମୋହନଙ୍କର ହାସ୍ୟରସାତ୍ମକ ପ୍ରବନ୍ଧ ପରି ଲେଖା ୧୮୭୩ ସାଲ ପୂର୍ବରୁ କମ୍ ଥିଲା । ଉଦ୍ଦୀପନ ମାସିକ ପତ୍ରିକା କିମ୍ବା ପାକ୍ଷିକ-ସାପ୍ତାହିକ ସମ୍ବାଦପତ୍ରହିଁ ପ୍ରବନ୍ଧ ସାହିତ୍ୟର ପ୍ରକୃତ ଜନ୍ମଦାତ୍ରୀ । ମାସିକ ପତ୍ରିକାରେ ଯଥାର୍ଥ ପ୍ରବନ୍ଧ ଓ ସମ୍ବାଦପତ୍ରରେ ପ୍ରବନ୍ଧଧର୍ମୀ।ତ୍ରସ୍ଥୀ ବାର୍ତ୍ତାମୁଖର ପ୍ରବନ୍ଧ ପ୍ରକାଶ ପାଇଥିବାର ଦେଖିବାକୁ ମିଳେ ।”

(ଓଡ଼ିଆ ସାହିତ୍ୟର ଇତିହାସ : ୧୮୦୩-୧୯୨୦)

କବି ରାଧାନାଥଙ୍କ ପ୍ରବନ୍ଧ 'ବିବେକୀ', ମଧୁସୂଦନଙ୍କ 'ପ୍ରବନ୍ଧମାଳା' ଓ ବିଶ୍ୱନାଥ କରଙ୍କ 'ବିବିଧ ପ୍ରବନ୍ଧ' ଓଡ଼ିଆ ପ୍ରବନ୍ଧର ଆଦିପର୍ବର ବିଶିଷ୍ଟ ଆକର୍ଷଣ । ଭାବରେ 'ବିବେକୀ' ଓ ଭାଷାରେ 'ପ୍ରବନ୍ଧମାଳା' ଆଦିପର୍ବର ଗର୍ବ ଓ ଗୌରବ । ମଧୁସୂଦନ ଓଡ଼ିଆ ଗଦ୍ୟକୁ ନୂତନ ପ୍ରାଣ ପ୍ରଦାନ କରିଛନ୍ତି । ଭାଷାକୁ ସଂସ୍କୃତ ଅଭିମୁଖୀ କରି ସତେ ଯେପରି ସେ ତାକୁ ଦେଲେ ନୂତନ ଜୀବନ୍ୟାସ । ପ୍ରାବନ୍ଧିକ ବିଶ୍ୱନାଥଙ୍କ ସମ୍ପର୍କରେ ଅଭିମତ ଦେବାକୁ ଯାଇ ଡ: ସାମନ୍ତରାୟ ଲେଖିଛନ୍ତି…“ବିବିଧ ପ୍ରବନ୍ଧ (୧୮୯୬) ଓ ଅନ୍ୟାନ୍ୟ ଲେଖାରେ ସର୍ବତ୍ର ଏକ ବିଶିଷ୍ଟ ଆଭିମୁଖ୍ୟ ପରିଲକ୍ଷିତ । ସହଜ ସରଳ ଭାଷା, ନିର୍ଦ୍ଦିଷ୍ଟ ଭାବର ସମ୍ପ୍ରସାରଣ, ନୂତନ ପ୍ରକାଶଶୈଳୀ, ରଚନାର ସମଗ୍ର ସୌନ୍ଦର୍ଯ୍ୟ ପ୍ରତିଷ୍ଠା, ଯୁକ୍ତି ଆଶ୍ରୟରେ ବିଷୟର ସତ୍ୟତା ପ୍ରତିପାଦନ—ଏହିମାନଙ୍କ ସହଯୋଗରେ ପ୍ରତି ପ୍ରବନ୍ଧର ଏକ ବିଶିଷ୍ଟ ରୂପମାଧୁରୀ ପାଠକ ଚିତ୍ତରେ ଗଭୀର ରେଖାପାତ କରିଥାଏ । ବିଶ୍ୱନାଥ ଯାହା ଅନ୍ତରର ସହ ଅନୁଭବ କରନ୍ତି ତାକୁ ଲୋକବୋଧ୍ୟ ସହଜ ତରଳ ଭାଷା ମାଧ୍ୟମରେ ନୂତନ ରୂପବିଭବରେ ବିମଣ୍ଡନ କରି ପାଠକମାନଙ୍କଠାରେ ପରିବେଷଣ କରିଥାନ୍ତି । ନିର୍ଦ୍ଦିଷ୍ଟ ବିଷୟକୁ ବିଭିନ୍ନ ଦିଗରୁ ଯୁକ୍ତିସହ ଆଲୋଚନା କରିବା ଦ୍ୱାରା ତାର ସତ୍ୟତା ଭିତରେ ପ୍ରବନ୍ଧର ଏକ ବିଶିଷ୍ଟ ଗୃହିଣୀ ଓ ସମଗ୍ର ସୌନ୍ଦର୍ଯ୍ୟ ସ୍ୱତଃ ଅନୁଭୂତ ହୋଇଥାଏ । ସତ୍ୟ ପ୍ରଖ୍ୟାପନରେ ନିର୍ଭୀକତା, ବିଷୟବସ୍ତୁ ଉପସ୍ଥାପନାରେ ଚମତ୍କାରିତା, ତାର ଅଭିବ୍ୟକ୍ତିରେ ନୂତନତା, ସର୍ବୋପରି ବିଷୟ ଆଲୋଚନାରେ ଯଥାର୍ଥ ବିଚାରବୋଧ, ଔଚିତ୍ୟଜ୍ଞାନ ଓ ସଂକ୍ଷିପ୍ତତା—ଏସବୁ ତାଙ୍କ ପ୍ରବନ୍ଧର ଏକ ଏକ ବିଶିଷ୍ଟ ପ୍ରକୃତି । ତାଙ୍କ ପ୍ରବନ୍ଧର ଭାଷା, ଭାବ, ପ୍ରକାଶ ଆଭିମୁଖ୍ୟ ସମ୍ପୂର୍ଣ୍ଣ ନୂତନ ଓ ତାହା ବିଶ୍ୱନାଥଙ୍କ ନିଜସ୍ୱ । ରଚନାର ଏପରି ମନୋଜ୍ଞ ଶୈଳୀ ଓ କଳାପାରିପାଟୀ ସେ ସମୟରେ ଅନ୍ୟ କାହାରି ଲେଖାରେ ପ୍ରାୟଶଃ ଦେଖିବାକୁ ମିଳେନାହିଁ ।

Digitized by srujanika@gmail.com

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବରେ 'ଉତ୍କଳ ଦର୍ପଣ', 'ଉତ୍କଳ ମଧୁପ', 'ଓଡ଼ିଆ ଓ ନବସମ୍ବାଦ', 'ଉତ୍କଳଦୀପିକା' ପ୍ରଭୃତି ପତ୍ରିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ୱୀକାର୍ଯ୍ୟ । ଏହି ସମୟରେ ରାଧାନାଥ, ମଧୁସୂଦନ ଓ ଫକୀରମୋହନଙ୍କ ବ୍ୟତୀତ ଶିବନାରାୟଣ ନାୟକ, ଚନ୍ଦ୍ରମୋହନ ମହାରଣା, ହରିଶଚନ୍ଦ୍ର ଘୋଷ, ସାଧୁଚରଣ ରାୟ ପ୍ରଭୃତି ଲେଖକମାନେ ବିଭିନ୍ନ ବିଷୟରେ ପ୍ରବନ୍ଧ ରଚନା କରି ସାହିତ୍ୟର ଏହି ବିଭାଗକୁ ଯଥାସାଧ୍ୟ ସମୃଦ୍ଧ କରିବାକୁ ପ୍ରୟାସ କରିଥିଲେ ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ମଧ୍ୟପର୍ବରେ 'ଉତ୍କଳ ସାହିତ୍ୟ', 'ମୁକୁର', 'ଆଲୋଚନା' ଓ 'ସତ୍ୟବାଦୀ' ପତ୍ରିକାର ଅବଦାନ ଅବିସ୍ମରଣୀୟ । ଏହି ସମୟରେ ଶଶିଭୂଷଣ, ଗୋପାଳ ପ୍ରହରାଜ, ମୋହିନୀମୋହନ ସେନାପତି, ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ବାସୁଦେବ ମହାପାତ୍ର, ଜଳନ୍ଧର ଦେବ ଓ ଜଗବନ୍ଧୁ ସିଂହ ପ୍ରଭୃତି ପ୍ରାବନ୍ଧିକମାନେ ପ୍ରବନ୍ଧ ସାହିତ୍ୟର ଅୟନକୁ ଦୀର୍ଘାୟିତ କରିବା ସଙ୍ଗେ ସଙ୍ଗେ ଏହି ବିଭାଗକୁ ସମୃଦ୍ଧ କରିଥିଲେ । ଏହି ସମୟରେ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ପ୍ରବନ୍ଧ ସାହିତ୍ୟର ଅଭିବୃଦ୍ଧି ଉଲ୍ଲେଖଯୋଗ୍ୟ । ଶଶିଭୂଷଣଙ୍କ କାବ୍ୟିକ ଭାଷା ଓ ଭାବସମ୍ପଦ, ଗୋପାଳଚନ୍ଦ୍ରଙ୍କ ରମ୍ୟ ରଚନା, ମୋହିନୀମୋହନ ଓ ଜଳନ୍ଧର ଦେବଙ୍କ ସ୍ୱାଧୀନ ଚିନ୍ତା ତଥା ମତ ପ୍ରକାଶରେ ନିର୍ଭୀକତା ଓଡ଼ିଆ ପ୍ରବନ୍ଧ ସାହିତ୍ୟର ମଧ୍ୟପର୍ବର ବୈଶିଷ୍ଟ୍ୟ ଆବେଦନ ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଧୁନିକ ପର୍ବରେ 'ନବଭାରତ', 'ସହକାର', 'ଝଙ୍କାର', 'ଡଗର' ପ୍ରଭୃତି ପତ୍ରପତ୍ରିକାର ଅବଦାନ ଉଲ୍ଲେଖଯୋଗ୍ୟ । ଏହି ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି । ବିଭିନ୍ନ ସ୍ଥାନରେ ମହାବିଦ୍ୟାଳୟ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଉଚ୍ଚ ଶିକ୍ଷାର ପ୍ରସାରରେ ଅଗ୍ରଗତି ସମ୍ଭବପର ହୋଇଛି । ଓଡ଼ିଶାରେ ତିନୋଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ଓ ସାହିତ୍ୟରେ ଗବେଷଣା ପାଇଁ ଶିକ୍ଷିତ ଗୋଷ୍ଠୀ ମଧ୍ୟରେ ଗଭୀର ଆଗ୍ରହ ପ୍ରକାଶ ପାଇଛି । ୧୯୨୧ ରୁ ୧୯୫୦ ଭିତରେ ଯେଉଁ ପ୍ରାବନ୍ଧିକମାନେ ସେମାନଙ୍କ ସୃଷ୍ଟି ସମ୍ଭାରରେ ଆମର ସାହିତ୍ୟକୁ ଉନ୍ନତ ଓ ସମୃଦ୍ଧିଶାଳୀ କରିଛନ୍ତି, ସେମାନଙ୍କ ମଧ୍ୟରେ ବିପିନବିହାରୀ ରାୟ, ରତ୍ନାକର ପତି, ଡ: ବ୍ରଜବିହାରୀ ମହାନ୍ତି, କାଳିନ୍ଦୀଚରଣ ପାଣିଗ୍ରାହୀ, କାଳିଆ ପାଣିଗ୍ରାହୀ, ଡକ୍ଟର ମାୟାଧର ମାନସିଂହଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ୧୯୫୧ ପରେ ପ୍ରବନ୍ଧ ରଚନାରେ ବିଶେଷ ଖ୍ୟାତି ଲାଭକରିଥିବା ପ୍ରାବନ୍ଧିକଙ୍କ ମଧ୍ୟରେ ଡ: ହରେକୃଷ୍ଣ ମହତାବ, ଡ: କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ନିତ୍ୟାନନ୍ଦ ମହାପାତ୍ର, ଡକ୍ଟର କୁଞ୍ଜବିହାରୀ ଦାଶ, ଚିତ୍ତରଞ୍ଜନ ଦାସ ଏବଂ ଚନ୍ଦ୍ରଶେଖର ରଥଙ୍କର ନାମ ଉଲ୍ଲେଖଯୋଗ୍ୟ ।

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଧୁନିକ ପର୍ବରେ ମୌଳିକ ପ୍ରବନ୍ଧ ଅପେକ୍ଷା ସାହିତ୍ୟ ସମାଲୋଚନା ଓ ଜୀବନୀମୂଳକ ପ୍ରବନ୍ଧ ବିଶେଷ ଅଭିବୃଦ୍ଧି ଲାଭ କରିଛି । ଏହି ସମୟ ଭିତରେ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିଷୟ ବୈଚିତ୍ର ବହୁଗୁଣିତ ହୋଇଛି । ବିଜ୍ଞାନ,

Digitized by srujanika@gmail.com

ପ୍ରତ୍ନତତ୍ତ୍ୱ, ଶିକ୍ଷା, ସାହିତ୍ୟ ପ୍ରଭୃତି ବିବିଧ ବିଷୟରେ ବହୁ ଉନ୍ନତ ପ୍ରବନ୍ଧ ପ୍ରକାଶିତ ହୋଇ ସାହିତ୍ୟର ଏହି ବିଭାଗକୁ ବିଭବଶାଳୀ କରିଛି ।

'ପ୍ରବନ୍ଧାୟନ' ଓଡ଼ିଆ ପ୍ରବନ୍ଧ ସାହିତ୍ୟର କ୍ରମବିକାଶର ଧାରା ସମ୍ପର୍କରେ ଏକ ସୁସ୍ପଷ୍ଟ ଅବଧାରଣା ଦେଇପାରିବ । ଏଥିରେ ରାଧାନାଥଙ୍କଠାରୁ ଆରମ୍ଭ କରି ଅଧୁନାତନ ପ୍ରବନ୍ଧ ସାହିତ୍ୟରେ ବିଶେଷ ଖ୍ୟାତିର ଅଧିକାରୀ ଚିତ୍ତରଞ୍ଜନ ଦାସ ଓ ଚନ୍ଦ୍ରଶେଖର ରଥଙ୍କ ପର୍ଯ୍ୟନ୍ତ ବହୁ ବିଶିଷ୍ଟ ପ୍ରାବନ୍ଧିକଙ୍କର ପ୍ରବନ୍ଧ ସନ୍ନିବିଷ୍ଟ ହୋଇଛି । ଏହି ପ୍ରବନ୍ଧଗୁଡ଼ିକର ଅନୁଶୀଳନ କଲେ ପ୍ରାୟ ଏକ ଶତାବ୍ଦୀ ଭିତରେ ଓଡ଼ିଆ ପ୍ରବନ୍ଧର କିପରି ଗୁଣାତ୍ମକ ଅଭିବୃଦ୍ଧି ହୋଇଛି ତାହା ଲକ୍ଷ୍ୟ କରାଯାଇପାରିବ । ଯେଉଁ ସୁହୃଦୟ ପ୍ରାବନ୍ଧିକମାନେ ସେମାନଙ୍କର ପ୍ରବନ୍ଧ ଏହି ସଙ୍କଳନରେ ପ୍ରକାଶ ପାଇଁ ସଦୟ ଅନୁମତି ପ୍ରଦାନ କରିଛନ୍ତି ଏହି ଅବସରରେ ସେମାନଙ୍କ ନିକଟରେ ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ଏତଦ୍‌ବ୍ୟତୀତ ସ୍ୱର୍ଗତ ପ୍ରାବନ୍ଧିକମାନଙ୍କର ସ୍ୱତ୍ୱାଧିକାରୀମାନଙ୍କ ନିକଟରେ ମଧ୍ୟ ମୁଁ କୃତଜ୍ଞ ।

ବ୍ରହ୍ମପୁର
ନବୋତ୍ସବ, ସେପ୍ଟେମ୍ବର ୧୯୭୭

ବିନୟାବନତ
ଶ୍ରୀ ବିଭୁଦତ୍ତ ମିଶ୍ର

Digitized by srujanika@gmail.com

ସୂଚୀପତ୍ର

୧ । ସୁଭଗମ୍ମନ୍ୟତା	ରାଧାନାଥ ରାୟ	୧
୨ । ପୁରୁଷଭାବ ଓ ନାରୀଭାବ	ମଧୁସୂଦନ ରାଓ	୮
୩ । ବାଲେଶ୍ୱରର ପ୍ରଥମ ଛାପାଖାନା	ଫକୀର ମୋହନ ସେନାପତି	୧୦
୪ । ଅନନ୍ତପ୍ରେମ	ବିଶ୍ୱନାଥ କର	୧୫
୫ । ଉଚ୍ଚାଭିଳାଷ	ଶଶିଭୂଷଣ ରାୟ	୨୧
୬ । ଜାତୀୟଜୀବନ	ଜଗବନ୍ଧୁ ସିଂହ	୨୫
୭ । ପ୍ରାଣପ୍ରାଚୁର୍ଯ୍ୟ	ବାସୁଦେବ ମହାପାତ୍ର	୩୪
୮ । ମନ	ଜଳନ୍ଧର ଦେବ	୪୨
୯ । ସୌନ୍ଦର୍ଯ୍ୟ	ବିପିନବିହାରୀ ରାୟ	୪୬
୧୦ । ଜଣେ ଇଂରେଜ କୃଷକର ଖମାର କ୍ଷେତ୍ରରେ	ଡଃ ମାୟାଧର ମାନସିଂହ	୫୩
୧୧ । ସତ୍ୟଂ ଶିବଂ ସୁନ୍ଦରମ୍	କାଳନ୍ଦୀଚରଣ ପାଣିଗ୍ରାହୀ	୫୬
୧୨ । ଅଗସ୍ତ୍ୟ	କାଳିଆ ପାଣିଗ୍ରାହୀ	୬୩
୧୩ । ଆକାଙ୍କ୍ଷା ଓ ସମ୍ମାନ	ଡଃ ବ୍ରଜବିହାରୀ ମହାନ୍ତି	୬୮
୧୪ । ସମାଲୋଚନା	ନିତ୍ୟାନନ୍ଦ ମହାପାତ୍ର	୭୩
୧୫ । ଓଡ଼ିଶାର ମନ୍ଦିର	ସୁରେନ୍ଦ୍ର ମହାନ୍ତି	୭୮
୧୬ । ଜନ୍ମଭୂମି	ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ	୮୨
୧୭ । ତରଙ୍ଗ ଓ ତଡ଼ିତ୍	ଚିତ୍ତରଞ୍ଜନ ଦାସ	୮୭
୧୮ । ସଭ୍ୟତାର ଦୁଇଟି ଦିଗ	ଡଃ ବେଣୀମାଧବ ପାଢ଼ୀ	୯୪
୧୯ । ଅଥ ମୂର୍ଖୋକ୍ତି	ଚନ୍ଦ୍ରଶେଖର ରଥ	୧୦୧

Digitized by srujanika@gmail.com

ସୁଭଗମ୍ମନ୍ୟତା

ଅନେକ ଲୋକ ଭାବନ୍ତି ଯେ, ସମସ୍ତେ ସେହିମାନଙ୍କ କଥା ରାତଦିନ ଆନ୍ଦୋଳନ କରୁଅଛନ୍ତି, ସମସ୍ତେ ସେହିମାନଙ୍କ କଥା ରାତଦିନ ଭାବୁଅଛନ୍ତି । ଏ ବିଷମ ଭ୍ରାନ୍ତି ଅଟେ । ଆପଣା କଥା ଭାବିବା ଉତ୍ତାରୁ ଯେବେ କାହାରି ଅବସର ଥାଏ ସେହି ଲୋକ ସିନା ପରକଥା ଚର୍ଚ୍ଚା କରେ ! ମାତ୍ର ଏମନ୍ତ ଅବସର ପ୍ରାୟ ମିଳେ ନାହିଁ । ଯେଉଁମାନେ ଅନେକ ଯଶ ଲଭିଛନ୍ତି, ବିଶ୍ୱବିଖ୍ୟାତ ହୋଇଅଛନ୍ତି, ଯେଉଁମାନଙ୍କ ନାମ ସମସ୍ତଙ୍କ ତୁଣ୍ଡରେ ଶୁଭୁଅଛି, ଏମନ୍ତ ଲୋକମାନଙ୍କ କଥା ସୁଦ୍ଧା ଆମ୍ଭେମାନେ ଅତି ଅଳ୍ପକାଳ ଭାବିଥାଉଁ । କାଳିଦାସ କେଡ଼େ ଲୋକ ଥିଲେ, କିଏ ଅବା ତାଙ୍କୁ ନଜାଣେ ? ମାତ୍ର କାଳିଦାସଙ୍କ ନାଁ ସ୍ୱାର୍ଥ ସଙ୍ଗେ ଓଜନ କରି ଦେଖ, ମହିଣକୁ ମସାଏ ସୁଦ୍ଧା ହେବନାହିଁ । କେତେଗୁଡ଼ିଏ କଥା ଅଛି, ଆମ୍ଭେ ସେଗୁଡ଼ିକ କରି ମନେ ମନେ ଭାଳୁ, "ମୁଁ ଅମୁକେଇ କଥା କଲି, ଲୋକେ କଣ କହିବେ ।" କେହି କେହି ଗ୍ରନ୍ଥକାର ନିଜ ନିଜ ପୋଥିରେ ଗୋଟିଏ ଯୋଡ଼ିଏ ଭ୍ରମ ଦେଖି ଭାଳନ୍ତି, "ମୋତେ ଲୋକେ କଣ କହୁଥିବେ ! ମୁଁ କାହିଁକି ସାବଧାନ ହୋଇ ନ ଲେଖିଲି ! ଲୋକେ ପଢ଼ିଲାକ୍ଷଣି କେତେ ଗାଳିଦେଉଥିବେ !" ଜଣେ ଦିନେ ପାଗ ନବାନ୍ଧି କଚେରୀକି ଯାଇଥିଲେ । କଚେରୀରୁ ଆସି ରାତିସାରା ଭାବିଲେ, "ମୁଁ କାହିଁକି ପାଗ ନବାନ୍ଧି ଗଲି, ଲୋକେ କଣ କହୁଥିବେ ।" ତୁମ ପାଗବନ୍ଧାଠାରୁ ଲୋକଙ୍କର ଚିନ୍ତିବା ପାଇଁ ବଡ଼ ବଡ଼ କଥା ଅନେକ ଅଛି, କାହିଁକି ଏଥିପାଇଁ ଏତେ ଆଶଙ୍କା କରୁଅଛ ? ଗ୍ରନ୍ଥକାର ! ତୁମ ପୋଥିରେ ଯେଉଁ ଭ୍ରମ ଅଛି, ତା କଥା ତେଣିକି ଥାଉ, ତୁମ୍ଭ ପୋଥି କଥା କେହି ଭାଳୁଅଛନ୍ତି କି ନାହିଁ, ଆଗେ ସେହିତା ଦେଖ । ବାଟରେ ଚାଲୁ ଚାଲୁ କେହି କେହି ଲୋକ ଭାବନ୍ତି ଯେ, ସମସ୍ତେ ସେମାନଙ୍କୁ ଅନାଇ ରହିଅଛନ୍ତି । ସେମାନଙ୍କ ଚାଲିରୁ ତୁମ୍ଭେ ଏହି ତର୍କଣା କରିପାରିବ । ଥରେ ଗୁମ୍ଫକୁ ଚାହାନ୍ତି, ଥରେ ବାହାକୁ ଚାହାନ୍ତି, ବାଳ ଟିକିଏ ବଙ୍କା ହୋଇଥିଲେ ସିଧା କରିଦିଅନ୍ତି; ବାସ୍ତବରେ ସେମାନଙ୍କ ଚାଲି ଏତେ ଅସ୍ୱାଭାବିକ ଯେ, ତୁମ୍ଭେ ଦେଖିଲାକ୍ଷଣି ଜାଣିବ ଯେ ସେ ଲୋକ ଆପଣାକୁ ବଡ଼ କରି ଜାଣେ । ବିଶେଷତଃ ସଭାସ୍ଥାନମାନଙ୍କରେ ଏହି ଲଘିମା ସ୍ପଷ୍ଟ ରୂପରେ ଜଣାପଡ଼େ । ସୁଭଗମ୍ମନ୍ୟ ଲୋକ କୌଣସି ସଭାକୁ ଆସିଲାକ୍ଷଣି, କେତେ ସଙ୍କୁଚିତ ହୁଅନ୍ତି, କପଟ ନମ୍ରତା ଅବଲମ୍ବନ କରନ୍ତି । ଅଳ୍ପ-ଦର୍ଶୀମାନେ ସେହି ସଙ୍କୋଚ, ସେହି ନମ୍ରତାକୁ ବଡ଼ କରି ମଣନ୍ତି, ମାତ୍ର ସୂକ୍ଷ୍ମଦର୍ଶୀ ମୂଳକୁ

Digitized by srujanika@gmail.com

ଅଗ ପର୍ଯ୍ୟନ୍ତ ଦେଖିନଏ । ଯେଉଁମାନେ ବାସ୍ତବରେ ନୀଚମନା, ସେମାନେ ଯେବେ କୌଣସି ଉଚ୍ଚପଦକୁ ଲଭନ୍ତି, ସେମାନଙ୍କର ସୁଭଗମ୍ମନ୍ୟତା ଦେଖିଲକ୍ଷଣି ଦେହ୍ମ ଜଳଯାଏ । ଗର୍ବରେ ସେମାନଙ୍କର ମନ କେତେ ଫୁଲିଯାଇଅଛୁ, ସେମାନଙ୍କ ଭଙ୍ଗୀରୁ ଉପଲବ୍ଧ ହୁଏ । ମଧ୍ୟଭଲ ବିଦ୍ୱାନ୍ ଲୋକଙ୍କ ମଧ୍ୟରେ ଏହି ଲଘିମାର ଉଦାହରଣ ନିକୁଷ୍ଟରେ ଶତକରେ ୬° ମିଳିବ । ସ୍କୁଲରେ ଯେଉଁ ଛାତ୍ରମାନେ ଉତ୍କର୍ଷ ଲଭିଥିବାର ପ୍ରତିଷ୍ଠା ପାନ୍ତି, ସେମାନଙ୍କ ମଧ୍ୟରୁ ଅନେକଗୁଡ଼ିଏ ଶଂସିତ ଲଘିମାର ବଶୀଭୂତ ହୁଅନ୍ତି । ଆମ୍ଭେ ଥରେ ଗୋଟିଏ ପିଲାକୁ ପାରତୋଷିକ ନେଇ ଘରକୁ ଅସୁଥିବାର ଦେଖିଲୁଁ । ତାହାର ଗ୍ଭଲି, ଭଙ୍ଗୀ, ଗ୍ଭହାଣିରୁ ଅମ୍ଭର ଧ୍ରୁବ ଉପଲବ୍ଧ ହେଲା ଯେ, ସେ ଆପଣାକୁ ଜଧ୍ୟ କରି ଜାଣେ, ଆପଣାକୁ ସମସ୍ତ ନୟନର ବିସ୍ମୟୀଭୂତ ମଣେ । ବାସ୍ତବରେ କେହି ତାକୁ ଅନାଉନଥିଲେ । କେହି କେହି ଆପଣା ମନସ୍ୱିତାର ପରିଚୟ ଦେବାପାଇଁ ଆଖି ତେଲାକୁ ଥରକୁଥର ଉଲଟାନ୍ତି, କଟମଟ କରି ଗ୍ଭହାନ୍ତି, "ମତେ କ'ଣ ଜାଣ ନା ? ମୁଁ ଅନ୍ତରଯାଏ ଦେଖୁଛି ।" ମନେ ମନେ ଏମାନେ ସେହିଡା ଭାବୁଛନ୍ତି, ଏହା ସେମାନଙ୍କର ନେତ୍ରଭଙ୍ଗୀ କହୁଦଏ । ଥରେ ଗୋଟିଏ ବଡ଼ ସଭା ହୋଇଥିଲା । ଅନେକ ଲୋକ ଆସିଥିଲେ । ଯେଉଁମାନେ ପ୍ରକୃତରେ ମହତ୍ ଏବଂ ବିଖ୍ୟାତ-ନାମା ଥିଲେ ସେମାନେ ଆସିଲେ । ସରଳ ଅବ୍ୟାଜ ଭାବରେ ଆସନ ଗ୍ରହଣ କଲେ । ଅନେକ ଲୋକ ଯେ ସେମାନଙ୍କ ଉପରେ କୌତୁହଳ ଦୃଷ୍ଟିପାତ କରୁଥିଲେ, ତାହା ସେମାନେ ଜାଣିଥିବାର ବୋଧ ହେଲା ନାହିଁ । କେତେଗୁଡ଼ିଏ ବଙ୍କା ମଧ୍ୟଭଲ ଲୋକ ଆସିଲେ । ସେମାନଙ୍କ ଅକୃତିରୁ ଜଣାଗଲା ଯେ, ସେମାନେ ଆପଣାକୁ ବଡ଼କରି ଜାଣନ୍ତି ନାହିଁ । ସ୍ୱଭାବରେ ଲୋକେ ଯେପରି ବସନ୍ତି, ସେମାନେ ସେହିପରି ବସିଲେ । ମାତ୍ର ଗୋଟିଏ ନୀଚ-ମନାଃ ଖ୍ୟାତିଲିପ୍ସୁ ଲୋକ ଆସିଲେ, ତାଙ୍କୁ ଦେଖିଲକ୍ଷଣି ହସମାଡ଼ିଲା । ତାଙ୍କ ଆକୃତିରୁ ଜଣାଗଲା ଯେ, ସମସ୍ତେ ତାଙ୍କୁ ଅନାଇ ରହିଅଛନ୍ତି, "ଦେଖ, ଏହି ରଘୁବାବୁ ଆସିଲେ !" ବୋଧହୁଏ ଲୋକେ ଚକିତ ହୋଇ ପରସ୍ପର ଏହା କହୁଅଛନ୍ତି, ଏହିତା ସେ ମନେ ମନେ ଜାଣନ୍ତି । .

ଏହା ମଧ୍ୟ ଜାଣିବାର ବିହିତ କି ଯେ, ଅନେକ ଲୋକ ତୁମ୍ଭ ଆଗରେ ବସିଅଛନ୍ତି । ମାତ୍ର ତୁମ୍ଭେ ସେମନ୍ତ ଜାଣ ନାହିଁ ଏପରି ବ୍ୟାଜ କରିବାର ଅତ୍ୟନ୍ତ ଗର୍ହଣୀୟ ଅଟେ । ଏପରି ବ୍ୟାଜକୁ ଅସଙ୍ଗତ ସୁଭଗମ୍ମନ୍ୟତାର ପରିମାପକ ଜାଣିଥିବ । ଆପଣାକୁ ସେତେ କ୍ଷୁଦ୍ର ଜାଣିବାର ବିହିତ, ଯେପରି ମିଶିଲେ ଏବଂ ପ୍ରାକୃତିକ ଗତି ଅନୁସରି ଚଳିଲେ କେହି ତୁମ୍ଭଙ୍କୁ ପଦେ କହିବେନାହିଁ । ବାସ୍ତବରେ ଏହିପରି ବ୍ୟବହାର ନ୍ୟାୟ୍ୟାନୁମୋଦିତ ଅଟେ । ସୁଭଗମ୍ମନ୍ୟତା ଅନେକ କଥାରୁ ଦିଶିପଡ଼େ । ଅହଙ୍କାରର କୃତ୍ରିମ ପରିହାର ସେଥିର ଗୋଟିଏ ଅଭ୍ରାନ୍ତ ପରିଚାୟକ ଅଟେ । "ଆପଣମାନଙ୍କ କଲ୍ୟାଣରୁ ଏସବୁ, ମୁଁ କଣ ଗୋଟାଏ ଲୋକ ?" କେହି କେହି କପାଳିଆ ଲୋକେ ଆପଣା ବିଭବ ଦେଖାଉ ଦେଖାଉ ଏହିପରି କହନ୍ତି, ମାତ୍ର ସେମାନଙ୍କ ନାଭିରୁ କଣ୍ଠପର୍ଯ୍ୟନ୍ତ ଅହଙ୍କାର ଭର୍ତ୍ତି ହୋଇଥାଏ, ବାହାରେ

Digitized by srujanika@gmail.com

କୃତ୍ରିମ ବିନୟ କରନ୍ତି । "ମୋ ଜାଣିବାରେ ଅମୁକଙ୍କ କଥା ନାହିଁ," ଏହା ନ କହି କେହି କେହି କହନ୍ତି, "ଅମୁକଙ୍କ କଥା ନାହିଁ, ଏହା ସମସ୍ତେ ସ୍ୱୀକାର କରିବେ ।" ପାଠକେ ! ଜସ୍ତା ଜାଣିଥିବ, ଶେଷ ଉକ୍ତିଟି ବାହାରେ ବିନୟସୂଚକ, ମାତ୍ର ପ୍ରକୃତରେ ନୁହେ । "ମୋ ଜାଣିବାରେ ଅମୁକଙ୍କ କଥା ନାହିଁ," ଯେ ବ୍ୟକ୍ତି ଏହା କହେ, ସେ ସରଳ ମନରେ କହେ । ତାହାର ଆତ୍ମ ପର ଜ୍ଞାନ ନଥାଏ; ବିଷୟ ପ୍ରତି ତାହାର ଯେତେ ଦୃଷ୍ଟି, ଆପଣା ପ୍ରତି ସେତେ ଦୃଷ୍ଟି ନାହିଁ । ମାତ୍ର ଯେ ବ୍ୟକ୍ତି କହେ, "ଏହା ସମସ୍ତେ ସ୍ୱୀକାର କରିବେ ଯେ, ଅମୁକଙ୍କ କଥା ନାହିଁ," ସେ ଅହଙ୍କାର ପରିହାର କଲେହେଁ ବାସ୍ତବରେ ଅହଙ୍କାରୀ ଅଟେ । 'ମୁଁ' ଏହି ଶବ୍ଦ ପରିହାର କରିବାର ପ୍ରତିଜ୍ଞା କରି ଗୋଟିଏ ପ୍ରବନ୍ଧ ଲେଖ, ଦେଖିବ, ସେହି ଶବ୍ଦଟି ଶହେଥର ତୁମ୍ଭ ମନରେ ପଡ଼ିବ, ତୁମ୍ଭ ଲେଖନୀରୁ ବାହାରିବ, ତୁମ୍ଭର ବିଷୟ ପ୍ରତି ମନୋନିବେଶ ଶହେଥର ବିଚଳିତ କରୁଥିବ । ଏପରି ଅପ୍ରାକୃତିକ ପ୍ରତିଜ୍ଞା ନ କରି କୌଣସି ବିଷୟ ଲେଖ, ଦେଖିବ, ଆପଣା କଥା ମନରୁ ଏକାବେଳକେ ତିରୋହିତ ହେବ, ତୁମ୍ଭର ଅବିଭକ୍ତ ମନୋଯୋଗ କେବଳ ବିଷୟ ଉପରେ ନ୍ୟସ୍ତ ହେବ । ସେହି ପ୍ରବନ୍ଧ ଭିତରେ ତୁମ୍ଭେ ପଚିଶ ଥର ମୁଁ ଶବ୍ଦ ବ୍ୟବହାର କରିଥିବ, ମାତ୍ର ଅହଂ ପଦ ଥରକ ନିମନ୍ତେ ସୁଦ୍ଧା ତୁମ୍ଭ ମନରେ ଉଦିତ ହୋଇ ନ ଥିବ । ପ୍ରକୃତିର ଅପ୍ରତିହତ ପ୍ରଭାବ !

କୌଣସି ପରମାର୍ଥୀ ଯେବେ ତଦ୍‌ଗତ ମନରେ ଭାଗବତର ବ୍ୟାଖ୍ୟା କରୁଥାଏ, ବ୍ୟାଖ୍ୟା କରୁ କରୁ ଅଶୁଦ୍ଧ ପଦ ଉଚ୍ଚାରଣ କରେ, ସେହି ପଦ ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ନଥାଏ । ଆମ୍ଭେ ଜାଣୁ ଯେ—ସେ ଆପଣା ବିଦ୍ୟା ଦେଖାଉନାହାନ୍ତି । ଆମ୍ଭେ ଜାଣୁ ଯେ, ଏକାଗ୍ର ଭକ୍ତି ବିନୁ ତାହାଙ୍କ ମନରେ ଆନ ଭାବର ସଞ୍ଚାର ହେଉନାହିଁ । ଏଥିପାଇଁ ସେ ଯାହା କହନ୍ତୁ, ସେଥିର ବ୍ୟାକରଣ ଦୋଷ, ଅଳଙ୍କାର ଦୋଷ ପ୍ରତି ଦୃଷ୍ଟି ନ ରଖି କେବଳ କଥାମାନଙ୍କ ତତ୍ତ୍ୱରେ ମନୋନିବେଶ କରୁଁ । ମାତ୍ର ବିଦ୍ୟାଭିମାନୀ ତରୁଣ ପୁରୁଷ ସଭାରେ ହାତ ଗୋଡ଼ କଚାଡ଼ି ଯେତେବେଳେ ବକ୍ତୃତା କରନ୍ତି, ବକ୍ତୃତା କରୁ କରୁ ଯେବେ ଗୋଟିଏ ଅଶୁଦ୍ଧ ପଦ ବୋଲନ୍ତି, ଆମ୍ଭେମାନେ ହସ ସମ୍ଭାଳି ପାରୁନାହିଁ । ହେତୁ କି, ଆମ୍ଭେମାନେ ଜାଣିଥାଉଁ ଯେ, ଆପଣା ବିଦ୍ୟାର ଆଡ଼ମ୍ବର କରିବାର ବକ୍ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଅଟେ । ଆମ୍ଭେ ଜାଣିଥାଉଁ ଯେ, ବକ୍ତା ବଡ଼ ସୁଭଗମ୍ମନ୍ୟ ଅଟନ୍ତି । ବାଲ୍ମୀକି ଆପଣାକୁ 'ମୁନିସତ୍ତମ' ବୋଇଲେ ଆମ୍ଭେମାନେ ବିରକ୍ତ ହେବୁ ନାହିଁ । ମାତ୍ର ମାଘ ଆପଣାକୁ 'କବିକୀର୍ତ୍ତି-ଦୁରାଶାଗ୍ରସ୍ତ' ବୋଇଲେ ଆମ୍ଭେମାନେ ସେହି ବିନୟକୁ ନିର୍ମଳ ବିନୟ ମଣିବୁ ନାହିଁ ।

କେହି କେହି ଲୋକର ସୁଭଗମ୍ମନ୍ୟତା ହସ୍ତାକ୍ଷରରୁ ସ୍ଫୁଟରୂପେ ଜଣାପଡ଼େ । ଅନେକ ଲୋକଙ୍କ ହସ୍ତାକ୍ଷର, ବିଶେଷତଃ ସ୍ୱାକ୍ଷର, ଏପରି ବ୍ୟାଜରେ ଲେଖାହୋଇଥାଏ ଯେ; ତୁମ୍ଭେ ଲେଖା ଦେଖିଲାକ୍ଷଣି ଜାଣିବ ଯେ, ଲେଖକ ଲେଖିଲାବେଳେ ଭାବିଥିଲେ, "ସମସ୍ତେ ଏ ଦସ୍ତଖତ ଦେଖି ଚମକିଯିବେ ।" କେହି କେହି ଲୋକଙ୍କ ନିତାନ୍ତ କାର୍ଯ୍ୟରେ

Digitized by srujanika@gmail.com

ବ୍ୟସ୍ତ ଥାନ୍ତି, ସେମାନଙ୍କୁ ଅନେକ ସ୍ୱାକ୍ଷର କରିବାକୁ ହୁଏ, ତେଣୁ ସଂକ୍ଷିପ୍ତ ରୂପେ ଚଞ୍ଚଳ ସ୍ୱାକ୍ଷର କରନ୍ତି । ଆମ୍ଭେମାନେ ସେମାନଙ୍କୁ କହୁନାହୁଁ । ସେମାନେ ନିର୍ଦ୍ଦୋଷ । ଯେଉଁମାନେ ପ୍ରୟୋଜନ ବିରହରେ ଜାଣିଶୁଣି ଏପରି ସ୍ୱାକ୍ଷର କରନ୍ତି ଯେ, ତୁମ୍ଭେ ଲେଖକକୁ ଯେବେ ଜାଣିନଥାନ୍ତ ତେବେ ସେହି ସ୍ୱାକ୍ଷର ପଢ଼ିପାରନ୍ତ ନାହିଁ, ଯେଉଁମାନେ ସ୍ୱାକ୍ଷରକୁ ପ୍ରାଧାନ୍ୟର ପରିଚାୟକ ଜାଣି ପ୍ରକୃତ ମାର୍ଗ ଛାଡ଼ି ଅପ୍ରାକୃତିକ ରୂପରେ ଲେଖନ୍ତି, ଆମ୍ଭେ ସେହି ସୁଭଗମ୍ମନ୍ୟ ମହାତ୍ମାମାନଙ୍କୁ ଲକ୍ଷ କରୁଅଛୁଁ । ଦୁଃଖର କଥା ଏହି କି, ଅନେକ ବଡ଼ଲୋକ ଏହି ଲଘିମାର ଦାସ ଅଟନ୍ତି । କେହି କେହି ଜାଣି ଅକ୍ଷର ମନ୍ଦ ଲେଖନ୍ତି, କେହି କେହି ଅକ୍ଷର ପୃଷ୍ଠକୁ ଫଳ ଫୁଲରେ ଶୋଭିତ କରନ୍ତି । ଲେଖିଲାବେଳେ ଧାଡ଼ିକୁ ତେଢ଼ୀ ରୂପରେ ଦଶଥର ଲେଖନ୍ତି । ଖଣ୍ଡିଏ ତମସୁକ ଲେଖାହେଲା ଉତ୍ତାରେ ସେଥିରେ ସାକ୍ଷୀ-ମାନଙ୍କ ନାଁ ଯେତେବେଳେ ପଡ଼େ, ପାଠକେ ମନୋଯୋଗ କରି ଦେଖିଛନ୍ତିକି ? ଯେ ବିଚରା ଭଲ ଲେଖି ନ ଜାଣେ, ତା ହାତ କମ୍ପୁଥାଏ, କେତେ ଡରିହରି ଲେଖେ । ଏଥିରେ ଅପ୍ରାକୃତିକ ଅଥବା ଗର୍ହଣୀୟ କିଛି ନାହିଁ । ଏମନ୍ତ ଲୋକକୁ ଉତ୍ସାହ ଦେବାପାଇଁ ପ୍ରବୃତ୍ତି ହୁଏ । ମାତ୍ର ଦୁଇ ତିନିଜଣ ଅପଟୁ ଲୋକେ ଲେଖିଲା ଉତ୍ତାରୁ ଜଣେ ପଣ୍ଡିତମ୍ମନ୍ୟ ମହାତ୍ମା କାଗଜ ହାତକୁ ନେଇ ସବ୍ୟାଜ ଅବହେଳାରେ ଚରଚର କରି ଦସ୍ତଖତ କରନ୍ତି । ଆଖି କେତେ ଭଙ୍ଗୀ କରୁଥାଏ । ତୁମ୍ଭେ ଦେଖିଲାକ୍ଷଣି ଜାଣିବ ଯେ, ସେ ଆପଣାକୁ ଅସାଧାରଣ ମଣିଅଛନ୍ତି; ଅପଟୁ ସଙ୍ଗୀମାନଙ୍କଠାରୁ ଶ୍ଳାଘା ପ୍ରତ୍ୟାଶା କରୁଅଛନ୍ତି ଏବଂ "ଆମ୍ଭଙ୍କୁ ଏ କଣ ଦେଖାଇବେ, ଆମ୍ଭେ କଣ ଲେଖିଜାଣୁନାହିଁ ?"—ଗାଁକୁ ଯାଉଁ ଯାଉଁ ବାଟରେ ସଙ୍ଗୀମାନଙ୍କୁ ଏହି କଥା କହିବେ । ଥରେ ଜଣେ ଏହିପରି ବ୍ୟାଜରେ ଚରଚର କରି ଲେଖୁ ଲେଖୁ କଲମ ଫୁଟି କାଗଜ ଅନେକ ଗୁଡ଼ାଏ ଚିରିଗଲା । ଆମ୍ଭକୁ ହସମାଡ଼ିଲା । ଗବ ଖବ ଦେଖିଲେ ସମସ୍ତେ ଆହ୍ଲାଦିତ ହୁଅନ୍ତି ।

ଲୋକର ସୁଭଗମ୍ମନ୍ୟତା ଅନେକ କଥାରୁ ଜଣାପଡ଼େ, ସେ କଥାମାନ କହି ହେବନାହିଁ । କୌଣସି ଲୋକର ସୁଭଗମ୍ମନ୍ୟତା ପରୀକ୍ଷା କରିବା ନିମନ୍ତେ ତୁମର ଯେବେ ସ୍ପୃହା ଥିବ, ଥରେ ତାହାକୁ ତାହା ଶ୍ୱଶୁର ଘରେ ଦେଖିବ । ସବୁ ଜୁଆଁଇ ସମାନ ନୁହନ୍ତି । ମାତ୍ର କୌଣସି କୌଣସି ଜୁଆଇଁଙ୍କ ଚାଲି ଦେଖିଲେ, କଥାବାର୍ତ୍ତା ଶୁଣିଲେ, ହସ ସମ୍ଭାଳି ହୁଏ ନାହିଁ । ବିଶ୍ୱାସ କରିବ ତ କହିବ । ଆମ୍ଭ ଗ୍ରାମକୁ ଗୋଟିଏ ଜୁଆଇଁ ଆସିଥିଲେ । ଭୋଜନବେଳେ ସେ ସମ୍ମୁଖରେ ଗୋଟିଏ ଆଇନା ଥୋଇ ଭୋଜନ କରୁଥିଲେ । ତାହାଙ୍କର ଜଣେ ବିସ୍ରବ୍ଧ ବନ୍ଧୁ ତାହାଙ୍କୁ ସେଥିର ହେତୁ ପଚାରନ୍ତେ, ବୋଇଲେ, "ଭୋଜନ କଲାବେଳେ ମୁହଁ ବିକୃତ ଦିଶେ । କାଳେ ଅତ୍ୟନ୍ତ ବିକୃତ ଦିଶିବ, ଲୋକେ ହସିବେ, ଏଥିପାଇଁ ଆଗରେ ଦର୍ପଣ ଥୋଇଛୁ ଯେ ଆଗୁଁ ସାବଧାନ ହେବ ।" କୌଣସି ଲୋକର ଲଘୁମନସ୍କତା ପରୀକ୍ଷା ନିମନ୍ତେ ତାହା ଶ୍ୱଶୁରଘରଠାରୁ ଉପଯୋଗୀ ସ୍ଥାନ ଆଉ ନାହିଁ । ତୁମ୍ଭ ଗ୍ରାମକୁ କୌଣସି ଜୁଆଇଁ ଶ୍ୱଶୁର ଘରକୁ ଆସିଅଛନ୍ତି । ତୁମ୍ଭେ ତାଙ୍କ ପାଖରେ ବସି

Digitized by srujanika@gmail.com

କଥାବାର୍ତ୍ତା କରୁଅଛ । ହଠାତ୍ କୁଆଁରିଙ୍କ ଆଖିତୋଳା ବୁଲିଲା । ତୁମ୍ଭ ସଙ୍ଗରେ ସାଧାରଣ ଲୋକ ପରି କଥା କହୁଥିଲେ । ହଠାତ୍ ସ୍ୱର ବଦଳିଗଲା । ଅପ୍ରୟୋଜନୀୟ କେତେଗୁଡ଼ାଏ ରସିକତା ସୂଚକ ଶବ୍ଦ ପ୍ରୟୋଗ କଲେ । ତୁମ୍ଭର ମନ ବିଷୟାନ୍ତରରେ ନିବିଷ୍ଟ ଥିଲା, ହଠାତ୍ ତାଙ୍କର ଭଙ୍ଗୀ-ପରିବର୍ତ୍ତନ ଦେଖି ତୁମ୍ଭେ ବିସ୍ମୟାବିଷ୍ଟ ହୋଇ 'କ'ଣ ହେଲା ପରି' ବୋଲି ଘୁରିଆଡ଼େ ନେତ୍ରପାତ କଲ । ହେବ ଆଉ କଣ ? ଶାଶୁ ଜଲାକବାଟିରୁ କୁଆଁରିଙ୍କୁ ଥରେ ଦେଖିଛନ୍ତି । କୁଆଁରି ଏହିତା ଜାଣି ଏତେ ସଙ୍କୁଚିତ, ଏବ୍ୟାଜ ଚକିତ ହେଉଅଛନ୍ତି, ଅନର୍ଥକ ରସିକତା ସୂଚକ ଶବ୍ଦଗୁଡ଼ାଏ ଉଚ୍ଚାରୁ ଅଛନ୍ତି । ଶାଶୁ ଯେ କୁଆଁରିଙ୍କୁ ଦେଖିବା ନିମନ୍ତେ ଜଲାକବାଟି ପାଖକୁ ଆସିଥିଲେ, ତାହା ନୁହେଁ; କାର୍ଯ୍ୟବଶତଃ ଆସିଥିଲେ, ହଠାତ୍ କୁଆଁରିଙ୍କ ଉପରେ ଆଖି ପଡ଼ିଗଲା । ମାତ୍ର କୁଆଁରି ପାଇଁଲେ ଶାଶୁ ସ୍ଥିର ଦୃଷ୍ଟିରେ ଆଗ୍ରହପୂର୍ବକ ତାଙ୍କର ଅଲୌକସାମାନ୍ୟ ଲାବଣ୍ୟ କଳୁଅଛନ୍ତି । ସ୍ତ୍ରୀ ମନୁଷ୍ୟ ପ୍ରକୃତିର ଲଘିମା କହିଲେ ସରିବ କାହିଁ ।

କେତେଗୁଡ଼ାଏ ସୁଭଗମ୍ମନ୍ୟ ଲୋକ ଅଛନ୍ତି, କୌଣସି କଥା କହୁଛନ୍ତି ଅବା କରୁଛନ୍ତି ବୋଲି ଅନର୍ଥକ ତୁମ୍ଭଠାରେ କ୍ଷମା ମାଗିବେ । ସେ ଯାହା କରୁଛନ୍ତି, ଯାହା କହୁଛନ୍ତି, ତାହା ଏମନ୍ତ କିଛି ଦୋଷାବହ ନୁହେଁ । ହୁଏତ ତୁମ୍ଭର ସେ କଥା ମନରେ ନାହିଁ, ମାତ୍ର ସେମାନେ ଏଡ଼େ କୃତ୍ରିମ କାତରତା ସହିତ କ୍ଷମା ମାଗିବେ ଯେ, ଶୁଣିଲାକ୍ଷଣି ଆଉ ଲୋକ ତାଙ୍କୁ କୌଣସି ଗୁରୁତର ଅପରାଧୀ ଭାବିବେ । ପାଠକ, ଏହି ପଂକ୍ତିଗୁଡ଼ିକ ପଢ଼ୁ ପଢ଼ୁ 'ବୃଷଭ ଓ ମଶକ'ର ଗଳ୍ପ ତୁମ୍ଭ ମନରେ ପଡ଼ୁଥିବ । ବାସ୍ତବରେ ଯେ ଅନେକ ଥର ଅନର୍ଥକ କ୍ଷମା ମାଗେ, ସେ ଆପଣାକୁ 'ଜଣେ' କରି ଜାଣେ, ଏହା ନିଶ୍ଚୟ ଜାଣିଥିବ ।

ସ୍ତ୍ରୀମାନେ ବଡ଼ ସୁଭଗମ୍ମନ୍ୟା । ସବୁ ସ୍ତ୍ରୀ ସମାନ, ଆମ୍ଭେ ଏହା କହୁନାହୁଁ । ପନ୍ଦରପଣି ସୁଭଗମ୍ମନ୍ୟା । ଅନେକ ଥର ତୁମ୍ଭ ଘରେ ଭୋଜନ ନିମନ୍ତେ କୁଟୁମ୍ବିନୀମାନେ ଆହୂତ ହୋଇଥିବେ । ଭଲ ପାତଳା ଶାଢ଼ୀ ପିନ୍ଧି ସଙ୍କୁଚିତ ହୋଇ ତୁମ୍ଭ ଘରକୁ ଆସୁଛନ୍ତି ଏପରି କେତେ ତରୁଣୀ ଦେଖିବ । ଅଧୋବଦନା, ସତେ ଯେମନ୍ତ କିଛି ଜାଣନ୍ତି ନାହିଁ । ଏପରି ଗୃହିଣୀ ତଳେ "ଥରେ ମୋତେ ଦେଖ ଭଲା" ଏହି ଆନ୍ତରିକ ଇଚ୍ଛା ପରୋକ୍ଷରୂପେ ବ୍ୟକ୍ତ ହେଉଥାଏ ।

ଗାୟକମାନେ ବଡ଼ ସୁଭଗମ୍ମନ୍ୟ । ସବୁ ଗାୟକ ସମାନ, ଏହା କହୁ ନାହିଁ, ଅଧିକାଂଶ ସୁଭଗମ୍ମନ୍ୟ । କୌଣସି ସଭାରୁ କୌଣସି ଗାୟକ ଲେଉଟି ଆସିଲା ଉତ୍ତାରୁ ତାଙ୍କୁ ପଚାରିବଟି—"ଗ ଉଥିଲେ, ସେହିପରି ଅଉ କଣ ? ମୁଁ ତାନପୁରା ନେଲା, ହଜାର ହଜାର ଲୋକ ବସିଥିଲେ, ସମସ୍ତେ ଚୁପ୍, ଆଉ ପାଟି ଫିଟିଲା ନାହିଁ ।"

ଅନେକ ଲୋକ ଅଛନ୍ତି, ସେମାନଙ୍କର ସୁଭଗମ୍ମନ୍ୟତା ସେମାନଙ୍କର ଧର୍ମବିଷୟକ ବିତଣ୍ଡାରୁ ଜଣାପଡ଼େ । ଏପରି ତାର୍କିକ ଏ କାଳକୁ ଅନେକ ହୋଇଅଛନ୍ତି । ଏମାନେ

Digitized by srujanika@gmail.com

ବାସ୍ତବିକତାକୁ ବିଜ୍ଞତାର ପରିମାପକ ଜାଣନ୍ତି । ଦିନେ ଆମ୍ଭେମାନେ ବ୍ରାହ୍ମସମାଜକୁ ଯାଇଥିଲୁ । କେତେଗୁଡ଼ିଏ ପ୍ରକୃତ ଭକ୍ତିମାନ୍ ଯୁବକ ପ୍ରଭୁଙ୍କ ସ୍ତୁତି କରୁଥିଲେ । ସେମାନଙ୍କର ଆନ୍ତରିକ ଭକ୍ତି ଦେଖି ଆମ୍ଭମାନଙ୍କ ମନ ଦ୍ରବୀଭୂତ ହେଲା, ମାତ୍ର ସେଠାରେ ସୁଦ୍ଧା ବିରକ୍ତି ଉପୁଜିଲା । ବିରକ୍ତିର ହେତୁ ଏତିକି—ସମାଜକୁ ଜଣେ ପାଣ୍ଡିତ୍ୟାଭିମାନୀ ଗଧ ଆସିଥିଲେ—ଉପାସନା ନିମନ୍ତେ ଆସି ନ ଥିଲେ । ଏଡ଼େ ପଣ୍ଡିତ ହୋଇ ଯେବେ ସେହି 'ମଙ୍ଗଳହସ୍ତୀ ଈଶ୍ୱର ବିଶ୍ୱାସ' ନ କଲେ, ତେବେ ପାଣ୍ଡିତ୍ୟର ଫଳ କ'ଣ ? ବ୍ରାହ୍ମମାନଙ୍କର ଇତରତା ଦେଖି ଆପଣା ସୁଭଗମ୍ମନ୍ୟତା ଚରିତାର୍ଥ କରିବା ପାଇଁ ସେ ଆସିଥିଲେ । ବ୍ରାହ୍ମମାନେ ଯେତେବେଳେ ନେତ୍ର ନିମୀଳିତ କରି ସ୍ତୁତି ବୋଲୁଥିଲେ, ସେ କେତେ ପ୍ରକାର ଭଙ୍ଗୀ କଲେ, କେତେଥର ମର୍କଟ ପ୍ରାୟ ହସିଲେ, "ସମସ୍ତେ ଦେଖନ୍ତୁ, ମୁଁ ଏମାନଙ୍କ ପରି ନିର୍ବୋଧ ନୁହେଁ"—ଏହିତା ଜଣାଇବା ପାଇଁ କେତେଥର 'ଆହା ହା !' ବୋଇଲେ । ବ୍ରାହ୍ମମନ୍ଦିରରେ ଯେଉଁ ଗୀତ ବୋଲନ୍ତି ଗୀତର ମାଧୁର୍ଯ୍ୟ ଆନ ଗୀତରେ ନାହିଁ । ମାତ୍ର ସେହି ଗଧକୁ ତଡ଼ିଦେବା ଇଚ୍ଛା ନିତାନ୍ତ ବଳବତୀ ହେବା ଯୋଗୁଁ ଆମ୍ଭେ ସେହି ସ୍ୱର୍ଗୀୟ ମାଧୁର୍ଯ୍ୟ ଅନୁଭବ କରିନପାରିଲୁଁ । ଗଧ ପାଞ୍ଚିଲେ, ସମସ୍ତେ ତାଙ୍କୁ ଅନାଇ ରହିଛନ୍ତି, ସମସ୍ତେ ତାଙ୍କୁ ଡରନ୍ତି । ଆମ୍ଭେ ନିଶ୍ଚେ ଜାଣିଲୁ, ସଭା ଭାଙ୍ଗିଲା ଉତ୍ତାରୁ ଗଧ ଯାଇ ସମସ୍ତଙ୍କଠାରେ ଆପଣା ଗୌରବ କରିବେ—"ଧର୍ମ ଧର୍ମ ବ୍ରତ ଦିନ କହନ୍ତି, ମୋତେ ଦେଖି କାହାରି ତୁଣ୍ଡ ଫିଟିଲା ନାହିଁ"—ସମସ୍ତଙ୍କଠାରେ ଏହି ବଡ଼ାଇ କରିବେ ।

ଯେଉଁମାନେ ସବୁବେଳେ ଆପଣା ପତ୍ନୀର କଥା କହନ୍ତି, ପତ୍ନୀର ପ୍ରଶଂସା କରନ୍ତି, ସେମାନେ ବଡ଼ ସୁଭଗମ୍ମନ୍ୟ । ଏହି ସୁଭଗମ୍ମନ୍ୟତା ଆନ୍ତରିକ ହେଲେ ସେଥିରୁ ଅନିଷ୍ଟ ନହୋଇ ବରଂ ଶୁଭଫଳର ସମ୍ଭାବନା । ମାତ୍ର କେତେଗୁଡ଼ିଏ ଲୋକ ଅଛନ୍ତି, ବନ୍ଧୁମାନଙ୍କଠାରେ ଆପଣା ପତ୍ନୀର ସବୁବେଳେ ପ୍ରଶଂସା କରନ୍ତି, ତେଣେ ପୁଣି ପରଦାରାଭିଗମନ ସେମାନଙ୍କର ନିତ୍ୟବ୍ରତ । ସୁଭଗମ୍ମନ୍ୟ ଲୋକ ଆପଣା ସ୍ତ୍ରୀର ଅନର୍ଥକ ଅପ୍ରାସଙ୍ଗିକ ଶ୍ଳାଘା କରନ୍ତି । ହୃଦୟଜ୍ଞ କାଳିଦାସ ଏହା ଭଲରୂପେ ଜାଣିଥିଲେ । ତେଣୁ ଯକ୍ଷ ତୁଣ୍ଡରେ "ବାଗ୍ଳଂ ମାଂ ନ ଖଳୁ ସୁଭଗମ୍ମନ୍ୟଭାବଃ କରୋତି"-ଏହି ଉକ୍ତି ଦେଇଅଛନ୍ତି ।

ଜଣେ ସୁଭଗମ୍ମନ୍ୟ ମହାତ୍ମା ଆମ୍ଭ ସଙ୍ଗେ କଥୋପକଥନ କରୁଥିଲେ । ସେଠାରେ ଆମ୍ଭର ଆଉ ଜଣେ ବନ୍ଧୁ ବସିଥିଲେ । କଥାପ୍ରସଙ୍ଗରୁ ସହୃଦୟବର ଆରଭିଂ ସାହେବଙ୍କର ରଚନା ଚାତୁରୀର ଆମ୍ଭେ ପ୍ରଶଂସା କଲୁଁ । ଶଂସିତ ମହାତ୍ମା ବୋଇଲେ, "ଆରଭିଂ 'The Wife' ନାମକ ଯେଉଁ ପ୍ରବନ୍ଧ ଲେଖିଅଛନ୍ତି, ତାହା ଅତି ମନୋହର ।" ଆମ୍ଭେ କହିଲୁଁ, "ହଁ, ସେଇଟି ମନୋହର ପ୍ରସଙ୍ଗ ଅଟେ ।" ଆମ୍ଭର ବନ୍ଧୁ ଆରଭିଂ ପଢ଼ିନଥିଲେ, ସେ କିଛି ନ କହି ତୂଷ୍ଣୀଂହୋଇ ରହିଲେ । ଶଂସିତ ମହାତ୍ମା ପୁଣି କହିଲେ, "ମୋ ସ୍ତ୍ରୀକୁ ମୁଁ ସେହି ପ୍ରବନ୍ଧ ଅନୁବାଦ କରିବାକୁ କହିଲି । ସେ କଣ ତାହା ପାରିବ ? ତାର ଅଧେ ଭାବ ଆସିଲା ନାହିଁ ।" ଆମେ ନିଶ୍ଚା ଜାଣୁ, ଇଂରାଜୀ ତେଣିକି ଥାଉ, ତାଙ୍କର ସ୍ତ୍ରୀ ଦେଶ ଭାଷାରେ ମଧ୍ୟ ଅତି ଅଳ୍ପଶିକ୍ଷିତା । ମହାତ୍ମା ଆପଣା ସ୍ତ୍ରୀକୁ ନିନ୍ଦା କଲେ, ମାତ୍ର ପ୍ରକାରାନ୍ତରେ

Digitized by srujanika@gmail.com

ସ୍ୱର୍ଗକୁ ଟେକିଦେଲେ, ଏହା ଆମର ଭଲ ଉପଲବ୍ଧି ହେଲା । କେହି କେହି ସୁଭଗମ୍ମନ୍ୟ ମହାତ୍ମା ଆପଣା ପତ୍ନୀ କର୍ତ୍ତୃକ ଗୁଣ ଯୁକ୍ତ ଅବା ତ୍ରୁଟି ସବୁବେଳେ ପିନ୍ଧିଥାନ୍ତି । ସେମାନଙ୍କର ଆନ୍ତରିକ ଉଦ୍ଦେଶ୍ୟ ଏହି ଯେ, ଏମନ୍ତ କଲେ ଆପଣା ପତ୍ନୀର ଗୁଣ ଗୌରବ କରିବା ନିମନ୍ତେ ଅନେକ ସୁଯୋଗ ଲଭିବେ । ଆମ୍ଭେ ଯାହା କହିଲୁଁ, ତାହାକୁ ବ୍ୟାପ୍ତି କରି ଘେନିବ ନାହିଁ, ନିକୁସ୍ତିରେ ୧୦୦ରେ ୮୦ ଏହିପରି ।

ଅନେକ ଲୋକ ଠା'କରେ ବସି କଥାବାର୍ତ୍ତା କରୁଅଛନ୍ତି । ଆଉ ଜଣେ ସେଠାରେ ବସି ସେମାନଙ୍କ ଆଡ଼କୁ ଅନାଇ ରହିଛନ୍ତି, ମୁଚକି ମୁଚକି ହସୁଛନ୍ତି, ଏପରି ମୂର୍ତ୍ତି ପାଠକେ ଦେଖିଛନ୍ତି ? ଆମ୍ଭେ ଭଲବୋଲିପାରୁନାହୁଁ । ମନ ହିଁ ତୁମ୍ଭେ ଆମ୍ଭର ଅର୍ଥ ବୁଝିଅଛ । ସେହି ମୁଚକି ହାସ୍ୟକାରୀ ବଡ଼ ବିଜ୍ଞମ୍ମନ୍ୟ । ସେ ଆପଣାଙ୍କୁ ଅସାଧାରଣ କରି ଜାଣନ୍ତି । ସାଧାରଣ ଲୋକର କଥାବାର୍ତ୍ତା ତାଙ୍କର ପ୍ରଜ୍ଞାକୁ ତୁଚ୍ଛ ଦିଶେ, ତେଣୁ ସେ ଇତର ଲୋକମାନଙ୍କର କଥାବାର୍ତ୍ତାରେ ଯୋଗୀ ହୁଅନ୍ତି ନାହିଁ । ପାଠକେ ଏପରି ଗଧ ଯୋକାଏ ଦେଖିଥିବେ ।

ଧନବାନ୍ ମୂର୍ଖମାନଙ୍କ ମଧ୍ୟରୁ ଅଧିକାଂଶ ସୁଭଗମ୍ମନ୍ୟ । କୌଣସି ବିଦ୍ୱାନ୍ ଲୋକର ପ୍ରତିଷ୍ଠା ଶୁଣିଲାକ୍ଷଣି ଈର୍ଷା ଓ ସୁଭଗମ୍ମନ୍ୟତା ଯୁଗପତ୍ ଏମାନଙ୍କ ହୃଦୟକୁ ଆଶ୍ରୟ କରେ । କହନ୍ତି, "ସିମିତି ବିଦ୍ୟାରୁ ଲଭ୍ୟ କଣ ? ଏମାନେ ପାଠରେ ଯାହା କରିବେ, ମୁଁ ଶାଠରେ ତାହା କରିବି । ପାଠ ଶାଠ ଢ'ଙ୍ଗ ଅଛି କି ନାହିଁ ?" କେତେଗୁଡ଼ାଏ ଲୋକ ଅଛନ୍ତି ଯେ, ସେମାନଙ୍କୁ ନ ପଚାରିଲେ ସବୁ କଥାରେ ଆପଣା ମତ ଦେବେ । ଯେ ବିଷୟମାନଙ୍କରେ ସେମାନେ ନିପଟ ଅଜ୍ଞ, ଏପରି ବିଷୟରେ ସୁଦ୍ଧା ସେମାନେ ସବୁବେଳେ ଉପଦେଶ ଦେବାପାଇଁ ପ୍ରସ୍ତୁତ ଅଟନ୍ତି । ଉପଦେଶ ଅବା ମତ ଦେବାପାଇଁ କେତେ ଯୋଗ୍ୟତାର ପ୍ରୟୋଜନ, ସେମାନେ ଭ୍ରମରେ ଏହା ପାଞ୍ଚନ୍ତି ନାହିଁ । ଏହିପରି ଅଯୋଗ୍ୟ ଉପଦେଷ୍ଟାମାନଙ୍କ ପ୍ରସାଦରୁ କେତେ ସୁଶୋଭିତ ନିରୀହ ଲୋକ ଅପ୍ରତିବିଧେୟ ଦୁଃଖରେ ପଡ଼ିଅଛନ୍ତି । ଶାରୀର-ବିଦ୍ୟାର ଅଣୁମାତ୍ର ଜାଣନ୍ତି ନାହିଁ, ଏପରି କେତେ ଲୋକ ଆମ୍ଭଙ୍କୁ କହିଅଛନ୍ତି ଯେ, ୩୦ ବର୍ଷ ପୂର୍ବରେ ବିବାହ କରିବାର ଉଚିତ ନୁହେଁ । କୌଣସି ‧ ଧ୍ନ ଯେ ବିଷୟରେ ସେ ସମ୍ପୂର୍ଣ୍ଣ ଅନଭିଜ୍ଞ, ଏମନ୍ତ କୌଣସି ବିଷୟରେ ଏକ ପଣ୍ଡିତଙ୍କଠାରେ ଆପଣା ମତ ବ୍ୟକ୍ତ କଲେ । ପଣ୍ଡିତ ସହାସ୍ୟରେ କହିଲେ, "ଭଦ୍ରେ ! ମତ କହିବା ଆଗେ ତୁମ୍ଭର ମତର ଓଜନ କେତେ, ଏହା ବୁଝିବାର ବିହିତ ।" ଏ ବଡ଼ ତୀକ୍ଷ୍ଣ ଉତ୍ତର ଅଟେ । ମାତ୍ର ମତ ଦେବା ବ୍ୟକ୍ତିମାନେ ସୁଭଗମ୍ମନ୍ୟତାର କବଳ ପଡ଼ିଥାନ୍ତି । ସେମାନେ ଏହା ନିଶ୍ଚା ଜାଣନ୍ତି, ସେମାନଙ୍କ ମତ ଅଭ୍ରାନ୍ତ ।

କବିବର ରାଧାନାଥ ରାୟଙ୍କ 'ବିବେକୀ' ପ୍ରବନ୍ଧରୁ ଆନୀତ ।

Digitized by srujanika@gmail.com

ପୁରୁଷଭାବ ଏବଂ ନାରୀଭାବ

ମାନବ ହୃଦୟକୁ ଅଭିନିବେଶପୂର୍ବକ ଆଲୋଚନା କଲେ ଏହା ସ୍ପଷ୍ଟରୂପେ ପ୍ରତୀୟମାନ ହେବ ଯେ, ତାହା ପରସ୍ପରବିରୋଧୀ ଭାବମାନଙ୍କର ଆଧାର ଅଟେ । ସେହି ଭାବମାନଙ୍କ ମଧ୍ୟରୁ କେତେଗୁଡ଼ିଏ ପୁରୁଷଭାବ ନାମରେ ଆଖ୍ୟାତ ହେବାର ଯୋଗ୍ୟ । ଅବଶିଷ୍ଟଗୁଡ଼ିକୁ ନାରୀବୃତ୍ତି ବୋଲି ନିର୍ଦ୍ଦେଶ କରାଯାଇପାରେ । କ୍ରୋଧ, ଗର୍ବ, ବୀର୍ଯ୍ୟ, ଅଧ୍ୟବସାୟ, ଆତ୍ମନିର୍ଭରତା ଏମାନ ପୁରୁଷଭାବ ଶ୍ରେଣୀର ଅନ୍ତର୍ଗତ ଏବଂ ଦୟା, ପ୍ରୀତି, ଭକ୍ତି, ଲଜ୍ଜା, ଭୀତି, ନମ୍ରତା ଏହି ଭାବମାନ ନାରୀଭାବ ମଧ୍ୟରେ ଗଣନୀୟ ।

ଯେଉଁ ଭାବନିଚୟ ପୁରୁଷଭାବ ବୋଲି ଅଭିହିତ ହେଲି ତାହା ସ୍ୱଭାବତଃ କଠୋର, ସ୍ୱାବଲମ୍ବନଶୀଳ ଏବଂ ନିର୍ଭରପରାଙ୍ମୁଖ । କ୍ରୋଧ, ପ୍ରଦୀପ୍ତ ପାବକବତ୍ ଅନ୍ୟକୁ ଦଗ୍ଧକରେ । ସାହସ ଏବଂ ବୀର୍ଯ୍ୟ ପର୍ବତ ସମାନ ବିଘ୍ନରାଶିକୁ ହେୟଜ୍ଞାନ କରନ୍ତି । ଗର୍ବ ଆପଣାର ବଳ ଏବଂ ବୁଦ୍ଧି ଉପରେ ନିର୍ଭର କରି କାହାରି ପ୍ରତି ଦୃକ୍‌ପାତ କରେନାହିଁ । ଅଧ୍ୟବସାୟ ଏବଂ ଆତ୍ମନିର୍ଭରତା ସଂସାରର ସମସ୍ତ ଯନ୍ତ୍ରଣା ଏବଂ ବିଭୀଷିକାକୁ ତୁଚ୍ଛ କରି ଅନ୍ୟର ସାହାଯ୍ୟ ବ୍ୟତିରେକେ ସ୍ୱାଭୀଷ୍ଟ ସାଧନ କରନ୍ତି । ପକ୍ଷାନ୍ତରେ ଯାହା ନାରୀଭାବ ବୋଲି ଆଖ୍ୟାତ ହେଲି ତାହା ଅତ୍ୟନ୍ତ କୋମଳ, ତରଳ ଏବଂ ପରପଦାନୁସାରୀ । ଅନ୍ୟକୁ ଆଶ୍ରୟ ନକରି ପ୍ରୀତି ଏକ ମୁହୂର୍ତ୍ତରେ ସୁଦ୍ଧା ନିଶ୍ଚିନ୍ତ ରହିନପାରେ । ଅନ୍ୟର ଦୁଃଖ ଦର୍ଶନ ମାତ୍ରକେ ଦୟା ବିଗଳିତ ହୋଇଯାଏ । ପରର ମହାନୁଭବତା ଦେଖିଲାକ୍ଷଣି ଭକ୍ତି ପ୍ରବାହିନୀରୂପେ ହୃଦୟକନ୍ଦରରୁ ନିଃସୃତ ହୁଏ । ପର ନୟନର ଦୃଷ୍ଟି ପତନ ମାତ୍ରକେ ଲଜ୍ଜା ସଙ୍କୁଚିତ ଏବଂ ବିଭ୍ରାନ୍ତ ହୋଇଯାଏ, ଭୀତି ବିପଦର ନାମ ଶ୍ରବଣ ମାତ୍ରକେ କମ୍ପମାନ ହୁଏ । ନମ୍ରତା ଊର୍ଦ୍ଧ୍ୱଦୃଷ୍ଟି ପରିହାର କରି ଭୂମିତଳେ ଲୋଚନ ନିବଦ୍ଧ କରି ରହିଥାଏ । ଏହି ପରସ୍ପରବିରୁଦ୍ଧ ପୁରୁଷଭାବ ଏବଂ ନାରୀଭାବ ଉଭୟର ଶୁଭପରିଣୟ ଦ୍ୱାରା ମାନବ ପ୍ରକୃତିର ସର୍ବାଙ୍ଗୀନ ସୌନ୍ଦର୍ଯ୍ୟ ସମ୍ପାଦିତ ହୁଏ । କିନ୍ତୁ ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ପୁରୁଷମାନଙ୍କର ପୁରୁଷଭାବ ପ୍ରଧାନ ହେବାର ଉଚିତ ଏବଂ ନାରୀମାନଙ୍କର ନାରୀବୃତ୍ତି ପ୍ରତି ସମଧିକ ଆସ୍ଥାବତୀ ହେବା ବାଞ୍ଛନୀୟ । କାରଣ ତାହା ନହେଲେ ସ୍ୱଭାବର ବିପର୍ଯ୍ୟୟ ହେବ । ପୁରୁଷ-ପ୍ରକୃତି ନାରୀ ଏବଂ ନାରୀ-ପ୍ରକୃତି ପୁରୁଷ ଉଭୟହିଁ ଅପ୍ରାକୃତ ଏବଂ ଘୃଣ୍ୟ । ଏକାନ୍ତ ପୌରୁଷଶୂନ୍ୟ, ଲଜ୍ଜା ସଙ୍କୁଚିତ ରମଣୀ ଚରିତ୍ର ପୁରୁଷ ଏବଂ ଲଜ୍ଜାହୀନା ଦର୍ପୋନ୍ମତ୍ତା ନିଷ୍ଠୁରମତି ନାରୀ ଏମାନଙ୍କ ପ୍ରତି ହୃଦୟ

Digitized by srujanika@gmail.com

କଦାପି ଅନୁରାଗପ୍ରବଣ ହୁଏ ନାହିଁ । ପ୍ରତ୍ୟୁତ ସେମାନଙ୍କ ପ୍ରତି ଘୃଣା ସତତଃ ପ୍ରଧାବିତ ହୁଏ । ପୁନଶ୍ଚ ଯେଉଁ ପୁରୁଷ ପ୍ରୀତି ଓ ଦୟା ପ୍ରଭୃତି ସ୍ନିଗ୍ଧ ଭାବମାନଙ୍କୁ ପରିତ୍ୟାଗ କରି କେବଳ କ୍ରୋଧ, ବୀର୍ଯ୍ୟ, ଗର୍ବ, ସାହସ ଏବଂ ପୁରୁଷଭାବମାନଙ୍କ ବିକାଶ ନିମନ୍ତେ ସର୍ବଦା ଯତ୍ନଶୀଳ ହୁଏ, ସେ ପରିଶେଷରେ ଅସୁର-ପ୍ରକୃତି ଲାଭକରେ ଏବଂ ଯେଉଁ ନାରୀ ସାହସ, ତେଜ, ପ୍ରତିଜ୍ଞାର ଦୃଢ଼ତା ଏବଂ କଠୋର ଭାବମାନଙ୍କ ପ୍ରତି ଏକାନ୍ତ ଉଦାସୀନା ହୋଇ କେବଳ କୋମଳ ବିଳାସ ଏବଂ ମଧୁର ପ୍ରେମାଳାପରେ ଜୀବନ ଅତିବାହିତ କରିବାକୁ ଅଭିଳାଷିଣୀ ହୁଏ, ସେ ଅବଶେଷରେ ହୃଦୟର ପ୍ରକୃତ ସୌନ୍ଦର୍ଯ୍ୟ ହରାଇ ଜୀବନକୁ କଳଙ୍କିତ ଏବଂ କୁତ୍ସିତ କରେ ।

ଦେଶ ବିଶେଷର ଅଭ୍ୟୁତ୍ଥାନ ଅଥବା ପତନର କାରଣ ଅନୁସନ୍ଧାନ କରି ଇତିହାସ-ତତ୍ତ୍ୱଜ୍ଞମାନେ ମୁକ୍ତକଣ୍ଠରେ କହିଅଛନ୍ତି ଯେ, ଯେଉଁ ଦେଶର ରମଣୀମାନେ ପୁରୁଷଠାରେ ପୌରୁଷ ଏବଂ ବୀର୍ଯ୍ୟର ସମାଦର ନକରି ପ୍ରକୃତିର ଅବମାନନା କରନ୍ତି ଏବଂ ପୁରୁଷମାନେ ରମଣୀମାନଙ୍କୁ ସର୍ବଦା ବିଳାସ ତରଙ୍ଗରେ ଭାସମାନ ଦେଖିବାକୁ ଉତ୍ସୁକଥାନ୍ତି, ସେ ଦେଶର ଆଶା ଭରସା ସମସ୍ତ ଲୁପ୍ତ ହୁଏ । କିନ୍ତୁ ଯେଉଁ ଦେଶର ସ୍ତ୍ରୀମାନେ ନିଜେ କୋମଳ ପ୍ରକୃତି ଥାଇ ପୁରୁଷଠାରେ ପୌରୁଷର ପୂଜାକରନ୍ତି ଏବଂ ପୁରୁଷମାନେ ନିଜେ ବୀରତ୍ୱପ୍ରଧାନ ଥାଇ ନାରୀମାନଙ୍କର ସ୍ନିଗ୍ଧ ଭାବକୁ ସମାଦର କରନ୍ତି, ସେହି ଦେଶ ଅବଲୀଳା କ୍ରମେ ଉନ୍ନତିମଞ୍ଚ ଆରୋହଣ କରି ମାନବଜାତିର ଆଦର୍ଶସ୍ଥାନୀୟ ହୁଏ । ଭାରତବର୍ଷର ବର୍ତ୍ତମାନ ଦୁରବସ୍ଥାର କାରଣ ଅନୁସନ୍ଧାନ କଲେ, ଆମ୍ଭେମାନେ ସହଜେ ବୁଝିପାରିବୁ ଯେ ଆମ୍ଭମାନଙ୍କ ଦେଶରେ ନାରୀମାନେ ଏପରି ମୃଦୁଭାବପରାୟଣା ଯେ ସେମାନେ ପୁରୁଷଠାରେ କଠୋର ପୁରୁଷଭାବକୁ ଅନ୍ୱେଷଣ ଏବଂ ପ୍ରଶଂସା କରନ୍ତି ନାହିଁ ଏବଂ ପୁରୁଷମାନେ ଏପରି ହୀନବୀର୍ଯ୍ୟ ଏବଂ ହୀନସତ୍ତ୍ୱ ଯେ ସେମାନେ ନାରୀମାନଙ୍କୁ କାରାବନ୍ଦିନୀ ବିଳାସ ସହଚରୀ କରି ରଖିଅଛନ୍ତି । ଏହି ପ୍ରକାର ପ୍ରକୃତିର ବିରୁଦ୍ଧାଚରଣ ହେବାରୁ ଆମ୍ଭମାନଙ୍କ ଦେଶ କ୍ରମଶଃ ଅଧଃପତିତ ହେଉଅଛି । ଏ ପ୍ରକାର ଅପ୍ରକୃତ ବିଳାସପ୍ରିୟତା ହେତୁରୁ ପୁରାତନ ରୋମ ସାମ୍ରାଜ୍ୟ ବିନଷ୍ଟ ହୋଇଥିଲା ଏବଂ ଆଧୁନିକ କାଳରେ ମୁସଲମାନମାନଙ୍କର ବୀର୍ଯ୍ୟ ଏବଂ ପ୍ରଭାବ କ୍ରମଶଃ ହ୍ରାସପ୍ରାପ୍ତ ହେଉଅଛି ।

'ପ୍ରବନ୍ଧମାଳା'ରୁ ଆନୀତ ।

Digitized by srujanika@gmail.com

ବାଲେଶ୍ୱରର ପ୍ରଥମ ଛାପାଖାନା
(୧୮୬୮)

ମିସନ୍ ସ୍କୁଲରେ ପଢ଼ାଉଥିବା ସମୟରେ ମୁଁ ଉତ୍କଳସାହିତ୍ୟର ଉନ୍ନତି ଏବଂ ବିସ୍ତାର ସକାଶେ କାୟମନୋବାକ୍ୟରେ ଚେଷ୍ଟା କରୁଥାଏ । ମୁଁ ପ୍ରଥମରେ 'ଭାରତବର୍ଷର ଇତିହାସ' ନାମକ ଖଣ୍ଡିଏ ଗଦ୍ୟ-ପୁସ୍ତକ ଲେଖିଲି । ସେ ସମୟରେ ଉତ୍କଳରେ ଗୋଟିଏ ମାତ୍ର ପ୍ରେସ ଥିଲା—'କଟକ ମିସନ୍ ପ୍ରେସ' । ମୁଁ ଉକ୍ତ ପ୍ରେସ୍‌କୁ ଲେଖି ଜାଣିଲି ଯେ, ତାହା ଛପାଇବାକୁ ଚାରିଶତ ଟଙ୍କା ଲାଗିବ । ସେତେବେଳେ ମୋର ଏତେ ଟଙ୍କା ନ ଥିଲା । ମୁଁ ସେଥିରୁ ନିବୃତ୍ତ ହେଲି । ପରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କର ଅନୁମତି ପାଇ ତାହାଙ୍କ ଲିଖିତ ବଙ୍ଗଳା 'ଜୀବନ ଚରିତ' ଖଣ୍ଡ ଓଡ଼ିଆରେ ଅନୁବାଦ କରି କଲିକତା ବ୍ୟାପ୍ଟିଷ୍ଟ ମିସନ୍ ପ୍ରେସ୍‌ରେ ଛପାଇ ଆଣିଲି । ଉକ୍ତ ପୁସ୍ତକ ଛାତ୍ର ବୃତ୍ତି ପରୀକ୍ଷା ସକାଶେ ପାଠ୍ୟପୁସ୍ତକ ନିର୍ବାଚିତ ହେଲା । ତହିଁ ଉତ୍ତାରେ ଖଣ୍ଡିଏ ବ୍ୟାକରଣ ଓ ଖଣ୍ଡିଏ ଅଙ୍କମାଳା ଲେଖିଲି । ସେ ଦୁଇଖଣ୍ଡ ମଧ୍ୟ ସ୍କୁଲମାନଙ୍କରେ ଚଳିବାକୁ ଲାଗିଲା ।

ସାହିତ୍ୟର ଉନ୍ନତି ଏବଂ ପ୍ରଚାର ସକାଶେ ଆମ୍ଭେମାନେ ଗୋଟିଏ ସଭା ସ୍ଥାପନ କଲୁଁ । ସେଥିରେ ସଭ୍ୟ ହେଲେ—

ବାବୁ ଜୟକୃଷ୍ଣ ଚୌଧୁରୀ
ବାବୁ ଭୋଳାନାଥ ସାମନ୍ତରାୟ
ବାବୁ ଗୋବିନ୍ଦପ୍ରସାଦ ଦାସ
ବାବୁ ଦାମୋଦରପ୍ରସାଦ ଦାସ (ସମ୍ପାଦକ ଏବଂ କୋଷାଧ୍ୟକ୍ଷ)
ବାବୁ ଫକୀରମୋହନ ସେନାପତି
ବାବୁ ରାଧାନାଥ ରାୟ

ସଭାରେ ସ୍ଥିର ହେଲା—"ଉତ୍କଳର ସମସ୍ତ ପ୍ରାଚୀନ କାବ୍ୟ ଛାପା କରାଯାଉ । ପ୍ରଥମେ 'ରସକଲ୍ଲୋଳ' ଛାପା ହେବ । ଏହାର ବିକ୍ରୟଲବ୍ଧ ଧନ ଯୋଗେ ଅନ୍ୟାନ୍ୟ ପୁସ୍ତକ ଛାପା କରାଯିବ । 'ରସକଲ୍ଲୋଳ' ଛାପାଖର୍ଚ୍ଚ ସଂଗ୍ରହ ସକାଶେ ଗୋଟିଏ କୋମ୍ପାନୀ ସ୍ଥାପିତ ହେବ । ଏହାର ଏକ ଅଂଶର ମୂଲ୍ୟ ଯୋଡ଼ିଏ ଟଙ୍କା ।" ତିନି ଚାରି ମାସ ପରିଶ୍ରମରେ ଅଢ଼େଇ

Digitized by srujanika@gmail.com

ଶତ ଟଙ୍କା ମୂଳଧନ ସଂଗ୍ରହ କରାଗଲା । ତତ୍ପରେ ଆମ୍ଭେମାନେ ରସକଲ୍ଲୋଳର ଟୀକା କରିବାକୁ ଆରମ୍ଭ କଲୁଁ । ପ୍ରତିଦିନ ରାତି ୭ ଘଣ୍ଟା ଠାରୁ ୯ ଘଣ୍ଟା ପର୍ଯ୍ୟନ୍ତ ଟୀକା ଲେଖା କାର୍ଯ୍ୟ ଚଲେ । ଟୀକା ଲେଖା ସରିନାହିଁ, ସର୍ବ୍ବ ବିଚାରିଲା ଯେ, ଯଦି ନିଜର ଗୋଟିଏ ପ୍ରେସ୍ ନ ଥାଏ, ରସକଲ୍ଲୋଳ ଛାପା ହେଲା ପରେ ଉକ୍ତ ପୁସ୍ତକ ସମ୍ପୂର୍ଣ୍ଣରୂପେ ବିକି ନ ହେବା ପର୍ଯ୍ୟନ୍ତ, ଅନ୍ୟ ପୁସ୍ତକ ଛାପା ହେବାପାଇଁ ଅର୍ଥ ମିଳିବ ନାହିଁ; ସେଥିପାଇଁ ଅନେକ କାଳ ଅପେକ୍ଷା କରିବାକୁ ହେବ । କିନ୍ତୁ ନିଜର ଯଦି ଗୋଟିଏ ପ୍ରେସ୍ ଥାଏ, ଏକ ସଙ୍ଗରେ ଅନେକ ପୁସ୍ତକ ଛାପା ହୋଇ ପାରିବ । ଏଥିପୂର୍ବେ କଟକରେ ପ୍ରିଣ୍ଟିଂ କୋମ୍ପାନୀ ସ୍ଥାପିତ ହୋଇଥିଲା । ଆମ୍ଭେମାନେ ସ୍ଥିର କଲୁ ଯେ, ଉକ୍ତ କୋମ୍ପାନୀର ଆଦର୍ଶରେ ବାଲେଶ୍ୱରରେ ଗୋଟିଏ ପ୍ରିଣ୍ଟିଂ କୋମ୍ପାନୀ ସ୍ଥାପନ କରାଯିବ । ରସକଲ୍ଲୋଳର ଟୀକା କାର୍ଯ୍ୟ ରହିତ ହେଲା । ତାହାର ଛାପା ପାଇଁ ଯେଉଁ ଅର୍ଥ ସଂଗୃହୀତ ହୋଇଥିଲା, ତାହା ଆଉ କୋଷାଧ୍ୟକ୍ଷ ଫେରାଇ ଦେଇ ନାହାନ୍ତି ।

୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରରେ ଗୋଟିଏ ଛାପାଖାନା ସ୍ଥାପନ କରିବାର କଥା ସ୍ଥିର ହେଲା । ସେହି ଛାପାଖାନାର ନାମ ହେଲା ପି. ଏମ୍. ସେନାପତି ଏଣ୍ଡ୍ କୋ—ଉତ୍କଳ ପ୍ରେସ୍ । ଏକ ଅଂଶର ମୂଲ୍ୟ ପାଞ୍ଚ ଟଙ୍କା । ସତର ଚାରିଜଣ ସଭ୍ୟ କୋମ୍ପାନୀର ମୂଳଧନ ସଂଗ୍ରହ ସକାଶେ ପଦାକୁ ବାହାରି ପଡ଼ିଲୁଁ । କେହି ପ୍ରେସ୍‌ର ଉପକାରିତା ବୁଝି, କେହି ବା ଲାଭ ପ୍ରତ୍ୟାଶାରେ, ଥୋକେ ଆମ୍ଭମାନଙ୍କ ପୁନଃ ପୁନଃ ପ୍ରାର୍ଥନାରେ ପ୍ରେସ୍ କୋମ୍ପାନୀର ଅଂଶ କିଣିବାକୁ ସମ୍ମତ ହେଲେ । ଚାରି ପାଞ୍ଚ ମାସ ଅବିଶ୍ରାନ୍ତ ପରିଶ୍ରମରେ ବାରଶତ ଟଙ୍କା ସଂଗୃହୀତ ହୋଇ କୋଷାଧ୍ୟକ୍ଷଙ୍କ ସମୀପରେ ଗଚ୍ଛିତ ହେଲା ।

ପ୍ରେସ କିପରି ବସ୍ତୁ ଏବଂ ଏଥିରେ କିପରି କାର୍ଯ୍ୟ ଚଲେ, ଏ ସମସ୍ତ ବିଷୟ ସେତେବେଳେ ବାଲେଶ୍ୱରରେ କାହାରିକୁ ଜଣାନଥିଲା । କଲିକତାରୁ ପ୍ରେସ୍‌ମେନ୍ ଅଣାଇ କାର୍ଯ୍ୟ ଚଳାଇବାର ପାଣ୍ଠି ଆମ୍ଭମାନଙ୍କ ହାତରେ ନଥିଲା । ଛାପାକାର୍ଯ୍ୟ ଶିଖିଆସିବା ପାଇଁ ମୁଁ ମୋର ଗୋଟିଏ ମାତୁଳପୁତ୍ର ଭାଇକୁ କଲିକତା ପଠାଇଲି । ତାହାର ନାମ ଜଗନ୍ନାଥ । ମୁଁ ବର୍ଷେକାଳ ତାହାର ମାସିକ ଖର୍ଚ୍ଚ ସକାଶେ ମାସିକ ୧୫ ଟଙ୍କା କରି ପଠାଇଲି । ଉକ୍ତ ଟଙ୍କା ମୁଁ କୋମ୍ପାନୀର ପାଣ୍ଠିରୁ ନ ଦେଇ ନିଜ ହାତରୁ ଦେଇଥିଲି । ଛାପାଖାନା ସକାଶେ କି କି ଜିନିଷ କିଣିବାକୁ ହେବ ଓ ସେ ସମସ୍ତର ମୂଲ୍ୟ କେତେ, ଏ ବିଷୟ ଅନୁସନ୍ଧାନ କରି ଲେଖି ପଠାଇବା ସକାଶେ ତାକୁ ଆଦେଶ ଦିଆଗଲା ।

ଛାପାଖାନା ସମ୍ବନ୍ଧୀୟ ସରଞ୍ଜାମମାନ ବାଲେଶ୍ୱରୀ ଜାହାଜରେ କ୍ରମେ କ୍ରମେ ଆସିବାକୁ ଲାଗିଲା । ଜାହାଜ କଲିକତାରୁ ବାଲେଶ୍ୱରକୁ ଆସିବାକୁ ପବନର ସୁବିଧା ଅନୁସାରେ ଆଠ ଦଶ ଦିନଠାରୁ କୋଡ଼ିଏ ଦିନ ପର୍ଯ୍ୟନ୍ତ ଲାଗୁଥିଲା । ସର୍ବଶେଷରେ ଟାଇପ୍ ସବୁ ଧରି, ଜଗନ୍ନାଥବାବୁ ମଧ୍ୟ ପହଞ୍ଚିଗଲେ । ଏ ସବୁରେ ମୋର ସତ୍ରୁଶ ଖରଚ ହେଲା

—ଆଠଶ ଟଙ୍କା । ବାକୀ ଦ୍ୱାରରେ ବଳକା ଅଛି ଛଅଶ ଟଙ୍କା । ଗୋଟିଏ ପ୍ରେସ୍‌ର ଦରକାର । ଅନୁସନ୍ଧାନ କରି ଜଣାଗଲା ଯେ, ପାଞ୍ଚ ଅ଼ଠଶ ଟଙ୍କାରୁ କମ୍‌ରେ ଗୋଟିଏ ପ୍ରେସ୍ ମିଳିବ ନାହିଁ । ତେବେ କ'ଣ ଏତେ ପରିଶ୍ରମ, ଏତେ ଅନୁଷ୍ଠାନ ସମସ୍ତ ବୃଥା ଯିବ ? ମେଦିନୀପୁରରେ ମିସନାରୀମାନଙ୍କର ଗୋଟିଏ ଛାପାଖାନା ଥିଲା । ସେଠାରେ ଅଳ୍ପ ମୂଲ୍ୟରେ ଗୋଟିଏ ଛାପ କଳ ମିଳିପାରେ କି ନାହିଁ ଜାଣିବାକୁ ପତ୍ର ଲେଖିଲି । ପତ୍ରର ଉତ୍ତର ଆସିବା ପୂର୍ବେ ଗୁରୁ ପାଞ୍ଚଦିନ ମଧ୍ୟରେ ଶଗଡ଼ରେ ଗୋଟାଏ ଛାପାକଳ ଆସି ମୋ ପାଖରେ ପହଞ୍ଚିଗଲା । ମୂଲ୍ୟ ବୋଧକରେଁ ଦେଢ଼ଶ ଟଙ୍କା ହେବ ।

ବାଲେଶ୍ୱର ମୋତିଗଞ୍ଜ ବଜାରର ମଧ୍ୟଭାଗରେ ଆମ୍ଭମାନଙ୍କର ଗୋଟିଏ କୋଠା-ଘର ଥିଲା । ସେ ଘରଟି ଭଡ଼ା ଦିଆଯାଏ । ଭଡ଼ାବାପାଙ୍କଠାରୁ ସେ ଘରଟି ଭଡ଼ା ନେଲି । ତହିଁରେ ଛାପାଖାନା କରାଯିବାର ସ୍ଥିର ହେଲା । ପ୍ରିଣ୍ଟର ଅର୍ଥାତ୍ ଜଗନ୍ନାଥବାବୁ ସମସ୍ତ ଜିନିଷ ସେ ଘରେ ସଜାଇ ରଖିଲେ । ଛାପାଖାନା କାର୍ଯ୍ୟ ଚଳାଇବା ନିମନ୍ତେ ଆଉ ଛ'ଜଣ ଲୋକ ନିଯୁକ୍ତ ଦେଲେ । ପ୍ରିଣ୍ଟର ସେମାନଙ୍କୁ କାର୍ଯ୍ୟ ଶିଖାଇଦେବେ । ଛାପା କାର୍ଯ୍ୟ ଆରମ୍ଭ ହେବ ବୋଲି ଆନନ୍ଦରେ ଘୋଷଣା କରାଯାଇଥିଲା । ମୋତିଗଞ୍ଜ ବଜାରର ଅଧାଅଧି ଦୋକାନ ବନ୍ଦ । ସହରର ବଡ଼ ବଡ଼ ଲୋକମାନେ ମଧ୍ୟ ଛାପା ଦେଖିବାକୁ ଆସିଛନ୍ତି । ଛାପାଖାନା ଆଗ ସଡ଼କରେ ମଧ୍ୟ ଜନତା ପୂର୍ଣ୍ଣ; ବାଟୋଇମାନଙ୍କ ଗମନାଗମନ ବନ୍ଦ । ଅକ୍ଷର ସବୁ ଯୋଡ଼ାଯାଇ, ପ୍ରେସ୍ ଭିତରେ ଥୁଆଗଲା । ଗୋଟାଏ କାଠ ରୁଲ୍‌ରେ କାଳି ଲଗାଇ ଟାଇପ୍ ଉପରେ ଗଡ଼ାଇଦିଆଗଲା । ତାହା ଉପରେ କାଗଜ ଦିଆଗଲା । ନିଶ୍ୱାସ ବନ୍ଦ କରି ଶତ ଶତ ଲୋକ ଚାହିଁରହିଛନ୍ତି । ଏବେ ପ୍ରେସ୍ ଭିତରୁ ଛାପା ବାହାରିବ । ଏ କ'ଣରେ ବାପୁ ! ଗୋଟାଏ ବୋଲି ଅକ୍ଷର ଛାପ ନାହିଁ । କାଗଜରେ ସ୍ଥାନେ ସ୍ଥାନେ ମେଞ୍ଚାକୁ ମେଞ୍ଚା କାଳି ଲାଗି ଆସିଅଛି । ପ୍ରିଣ୍ଟର ତ ଶୁଖିଲା ମୁହଁରେ କାଠପିତୁଳାଟି ପରି ଛିଡ଼ାହୋଇଛନ୍ତି । ଆମ୍ଭମାନଙ୍କୁ ପୃଥିବୀଟା ଅନ୍ଧକାରମୟ ଜଣାଗଲା । ଲଜ୍ଜା ଓ ମନକଷ୍ଟରେ ମୁଖରୁ କଥା ବାହାରୁ ନାହିଁ । ଆମ୍ଭମାନଙ୍କର ତ ବିଷମ ଶୋଚନୀୟ ଅବସ୍ଥା । ତହିଁଉତ୍ତାରୁ ଆମ୍ଭମାନଙ୍କ ଉପରେ ଶତ ଶତ ପ୍ରଶ୍ନ ପଡ଼ିଲା—ଛାପା କାହିଁ ? ଅତି କଷ୍ଟରେ ଉତ୍ତର ଦେଲି, "ଆଜି କାଗଜରେ କେବଳ କାଳି ଦିଆଗଲା । ଏ ଉତ୍ତାରେ ଏହିସବୁ କାଳି ଅକ୍ଷର ପାଲଟି ଯିବ ।"

ପରେ ଜାଣିଲୁଁ ଯେ, ପ୍ରେସ୍‌ଟା ଅକର୍ମଣ୍ୟ ଥିବା ଯୋଗୁଁ ମେଦିନୀପୁର ମିସନ୍ ପ୍ରେସ୍ ତାହାକୁ ଫୋପାଡ଼ିଦେଇଥିଲା । ସେ ପ୍ରେସ୍‌ରେ ଛାପା କାର୍ଯ୍ୟ ହୋଇପାରିବ ନାହିଁ ବୋଲି ସ୍ଥିର ହେଲା । କଲିକତାରୁ ଗୋଟିଏ ନୂତନ କଳ ଅଣାଯିବା ପ୍ରୟୋଜନ । ନୋହିଲେ ବର୍ଷବ୍ୟାପି ଅନୁଷ୍ଠାନ ଓ ଅର୍ଥବ୍ୟୟ ସମସ୍ତ ବ୍ୟର୍ଥ ହେବ । ଏପରି କଳର ଦାମ୍ ଆଠଶତ ଟଙ୍କା । ଏତେ ଟଙ୍କା କାହୁଁ ଆସିବ ?

Digitized by srujanika@gmail.com

ଗୋଟିଏ ବିପଦ ଆଉ ଗୋଟିଏ ବିପଦକୁ ଟାଣିଆଣେ । ଜ୍ୟେଷ୍ଠମାସିଆ ସମସ୍ତ— ପ୍ରଚଣ୍ଡ ଖରା—ଚିକ୍ ଏତେ ଧୁଁ। ଦଉଡ଼—ଦୁର୍ଭିକ୍ଷ ବନା, ଅନବୃମିତ ଆହାର ଓ ନିଦ୍ରା ହେତୁରୁ ଦିନକୁ ଆଠ ଦଶଥର କରି ରକ୍ତଝାଡ଼ା ହେବାକୁ ଲାଗିଲା । ଦିନେ କଳ ସଜାଡ଼ିବା ପାଇଁ ଅନେକ ବେଳ ପର୍ଯ୍ୟନ୍ତ ଛିଡ଼ା ହୋଇ ପ୍ରଗାଢ଼ ପରିଶ୍ରମରେ ଲାଗିଥିବା ବେଳେ ଝାଳରେ ସମସ୍ତ ଲୁଗା ଭିଜିଗଲା । ପଶ୍ଚାଦ୍ଭାଗରେ ରକ୍ତସ୍ରାବ ଦ୍ୱାରା ଲୁଗା ତଳ ଭୂଇଁରେ ରକ୍ତ ବହିଗଲା । ପାଦକୁ ଆସି ଅଚେତନ ହୋଇ ପଡ଼ିଗଲି । ସେ ସମୟରେ ଅନେକ ଦିନ ରାତି ୯ଟା ବେଳେ ପ୍ରେସ୍‌ରୁ ବାହୁଡ଼ି ଆସି ଘରେ ପହଞ୍ଚିବା ମାତ୍ରକେ ଚେତା ବୁଡ଼ିଯାଏ । ଆପଣାର ଦୁର୍ଦ୍ଦଶା ବିଷୟ କାହାକୁ ଜଣାଏ ନାହିଁ । ସାହସ ଧରି ହସି ହସି ଲୋକଙ୍କ ସହିତ ପ୍ରେସ୍ ସମ୍ବନ୍ଧରେ କଥାବାର୍ତ୍ତା କରେ । ଆଣ୍ଠୁ କରି ମଙ୍ଗ ମାଡ଼ି ବସିଅଛୁ । ଏହି ଘୋର ଦୁର୍ଯୋଗରେ ପଡ଼ି ମନ ମଧ୍ୟରେ ପ୍ରତିଜ୍ଞା କଲି—ପ୍ରେସ୍ ସ୍ଥାପନ, ନଚେତ୍ ଜୀବନ ତ୍ୟାଗ ।

କୌଣସି ସାଧୁକାର୍ଯ୍ୟରେ ନିଃସ୍ୱାର୍ଥ ଭାବରେ ପ୍ରାଣପଣ ଲାଗିପଡ଼ିଲେ ଦୟାମୟ ପ୍ରଭୁ ସହାୟ ହୁଅନ୍ତି । ବାଲେଶ୍ୱରର ଅନ୍ୟତମ ପ୍ରଧାନ ଜମିଦାର ଏବଂ ମହାଜନ ବାବୁ ମଦନମୋହନ ଦାସଙ୍କ ଭ୍ରାତା କିଶୋରମୋହନ ଦାସ ମୋର ଜଣେ ପ୍ରକୃତ ବନ୍ଧୁ ଓ ସହାୟ ଥିଲେ । ପ୍ରାର୍ଥନା କରିବା ମାତ୍ରକେ ବିନା ଲେଖାପଢ଼ିରେ ମୋତେ ଆଠଶତ ଟଙ୍କା ଧାର ଦେଲେ । ଗୋଟିଏ ସୁପର୍ ରଏଲ୍ ଆଲବିଆନ୍ ପ୍ରେସ୍ କଲିକତାରୁ ଅଣାଇଲି । ସେ ସମୟରେ ବର୍ଷାକାଳ, ବାଲେଶ୍ୱର ଜାହାଜର ଯାତାୟାତ ବନ୍ଦ । ତେଣୁ ପ୍ରେସ୍‌ଟି କଲିକତାରୁ ଶଗଡ଼ରେ ଆସିଲା । ବର୍ତ୍ତମାନ ଯେଉଁଟି କଟକରୁ ପଞ୍ଚ ଜଗନ୍ନାଥ ସଡ଼କ ପକ୍କା କରାଯାଇଅଛି; ମାତ୍ର ସେ ସମୟରେ କେବଳ ମାଟିର ସଡ଼କ ଥିଲା । ବର୍ଷାକାଳରେ ତାହା ନିତାନ୍ତ ଅଗମ୍ୟ ହୋଇପଡ଼େ । ସ୍ଥାନେ ସ୍ଥାନେ ବୋଝାଇ ଶଗଡ଼ କାଦୁଅରେ ଲାଖିଯାଏ । ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରୁ ମୂଲିଆ ଆଣି, ଟଣାଓଟରା କରି ଶଗଡ଼ ଉଠାଇବାକୁ ହୁଏ । ଆମ୍ଭମାନଙ୍କ ପ୍ରେସ୍ ଶଗଡ଼ ଦାନ୍ତନ ବଜାର ମଝିଦାଣ୍ଡ କାଦୁଅରେ ଲାଗିଗଲା । ପନ୍ଦର କୋଡ଼ିଏ ଜଣ କୁଲି ଲାଗି ବଜାର ଦାଣ୍ଡଟା ପାର କରି ଦେବାକୁ ଆଠଦିନ ଲାଗିଥିଲା । ଯାହାହେଉ ପ୍ରେସ୍ କଲିକତାରୁ ବାହାରି ବାଇଶ ଦିନରେ ବାଲେଶ୍ୱରରେ ପହଞ୍ଚିଗଲା ।

ବର୍ତ୍ତମାନ ସମସ୍ତ ପ୍ରକାର ଅଭାବ ଓ ଦୁର୍ଯୋଗ ଗତ ହୋଇଅଛି । ନବନିଯୁକ୍ତ ଲୋକେ କର୍ମ ଶିଖିଗଲେଣି । ଓଡ଼ିଆ ଏବଂ ଇଂରାଜୀ ସୁନ୍ଦର ରୂପେ ଛାପା ହେଉଅଛି । ଦିନେ ବାଲେଶ୍ୱର ଜିଲ୍ଲାର କଲେକ୍ଟର ବିଗ୍‌ନୋଲ୍‌ଡ଼ ସାହେବ ମୋତେ ଡକାଇ ଖୁବ୍ ଆନନ୍ଦ ମନରେ ଧନ୍ୟବାଦ ଦେଲେ ଏବଂ ଆମ୍ଭମାନଙ୍କ ଉତ୍ସାହ ବର୍ଦ୍ଧନ ନିମନ୍ତେ କଚେରୀରୁ ଅନେକଗୁଡ଼ିଏ ଫାରମ ଛପାଇବାକୁ ଦେଲେ । ସେହି ସମସ୍ତ ଫାରମ୍ ଛପାଇ ପ୍ରଥମ ଉଦ୍ୟମରେ ଢେର୍ ଲାଭ ମିଳିଥିଲା ।

ରଥଦେଖା ଯାତ୍ରା-କାଳି ପରି ପ୍ରେସ୍ ଦେଖିବା ସକାଶେ ଦୁଇ ତିନି ମାସ ପର୍ଯ୍ୟନ୍ତ ଦୂରଦୂରାନ୍ତରରୁ ଲୋକେ ଧାଡ଼ି ଛୁଟିଥିଲେ । ମଫସଲରୁ ଜମିଦାରମାନେ ସବାରି ଚଢ଼ି ଛାପା

Digitized by srujanika@gmail.com

ଦେଖିବାକୁ ଆସୁଥିଲେ । ଛାପାକାର୍ଯ୍ୟ ଆରମ୍ଭ ଦିନଠାରୁ ଅନେକ ମାସ ପର୍ଯ୍ୟନ୍ତ ବାଲେଶ୍ୱରନିବାସୀ ଦଳବଦ୍ଧ ହୋଇ କାର୍ଯ୍ୟ ଦେଖିବାକୁ ଆସୁଥିଲେ । ଆଜି ଛାପାର ବହୁଳ ପ୍ରଚାର ଦିନରେ ଲୋକେ ଏ କଥାକୁ ଆଶ୍ଚର୍ଯ୍ୟ ମଣିପାରନ୍ତି । ମାତ୍ର ଲଣ୍ଡନ ସହରରେ ପ୍ରଥମ ଛାପାକଳ ସ୍ଥାପିତ ହେବା ଦିନ ରାଜା ଓ ରାଣୀ ଅଦ୍ଭୁତ ଘଟଣା ଦେଖିବା ନିମନ୍ତେ ଛାପାଖାନାକୁ ଶୁଭାଗମନ କରିଥିଲେ ।

ଛାପା-କାର୍ଯ୍ୟ ଆରମ୍ଭ ହେବାର ଛ'ମାସ ଉତ୍ତାରେ ବର୍ଡ଼୍‌ନୋଲ୍‌ଡ଼ ଓ ପରବର୍ତ୍ତୀ କଲେକ୍ଟର ଜନ୍ ବାମ୍‌ସ ସାହେବଙ୍କ ସହିତ ଉତ୍କଳର ପରମହିତୈଷୀ ଟି. ରେଭେନ୍‌ସା ସାହେବ ଦିନେ ପ୍ରାତଃକାଳରେ ଛାପାଖାନାରେ ଉପସ୍ଥିତ ହେଲେ । ପ୍ରେସ୍‌ର ସମସ୍ତ ପଦାର୍ଥ ଦେଖିଲେ । ପ୍ରେସ୍ ସ୍ଥାପନର ସଂକ୍ଷିପ୍ତ ବିବରଣୀ ଶୁଣି ଆମ୍ଭମାନଙ୍କୁ ଦଶଟଙ୍କା ପାରିତୋଷିକ ଦେଇଗଲେ; ମାତ୍ର ଆମ୍ଭେମାନେ ସେହି ଟଙ୍କା ଆପଣା ସକାଶେ ନ ନେଇ ସାହେବ ମହୋଦୟଙ୍କ ନାମରେ କୋମ୍ପାନୀରେ ଦୁଇଟି ସେୟାର ସ୍ୱରୂପ ଜମା କରି ଦେଲୁଁ । କୋମ୍ପାନୀ ଭାଙ୍ଗିଗଲା ଉତ୍ତାରେ ଲାଭ ସହିତ ତାହାଙ୍କୁ ତିରିଶ ଟଙ୍କା ଫେରାଇଦେଇଥିଲୁଁ ।

ପାର୍ବଣ ପୂଜା ଉପଲକ୍ଷ୍ୟରେ ଅନେକ ଲୋକ ବାଲେଶ୍ୱର ସହରର ଜଣେ ପ୍ରଧାନ ବ୍ୟବସାୟୀ ବାବୁ ମଦନମୋହନ ଦାସଙ୍କ ଘରଠାକୁ ନିମନ୍ତ୍ରିତ ହୋଇଥିଲେ । ବାବୁ ରାଧାନାଥ ରାୟ ଏବଂ ମୁଁ ମଧ୍ୟ ସେଠାରେ ଉପସ୍ଥିତ ଥିଲୁଁ । ପ୍ରକାଶ୍ୟ ସଭା ମଧ୍ୟରେ ରାଧାନାଥ ବାବୁ ମୋତେ ଅନାଇ କହିଲେ, "ଆପଣ ଯେଉଁ ଭାବରେ ପ୍ରେସ୍ କୋମ୍ପାନୀ ସ୍ଥାପନ କରି ଅଛନ୍ତି, ତାହା ଇତିହାସରେ ସୁବର୍ଣ୍ଣ ଅକ୍ଷରରେ ଲିଖିତ ରହିବା ଉଚିତ ।"

ଛାପାଖାନାର କାର୍ଯ୍ୟ ସୁନ୍ଦରରୂପେ ଚାଲିବାକୁ ଲାଗିଲା । ଅନେକ ଲାଭ ମଧ୍ୟ ହେଉଥାଏ । ଇତିପୂର୍ବେ କଟକ ପ୍ରିଣ୍ଟିଂ କୋମ୍ପାନୀ "ଉତ୍କଳଦୀପିକା" ନାମ୍ନୀ ସାପ୍ତାହିକ ପତ୍ରିକା ପ୍ରକାଶ କରୁଥିଲେ । ଆମ୍ଭମାନଙ୍କ ପ୍ରେସ୍‌ରୁ ଗୋଟିଏ ପାକ୍ଷିକ ପତ୍ରିକା ବାହାର କରାଯିବା ସକାଶେ କୋମ୍ପାନୀର କାର୍ଯ୍ୟନିର୍ବାହକ ସମିତି ପ୍ରସ୍ତାବ ଏବଂ ସ୍ଥିରକଲେ । ପତ୍ରିକାର ନାମ ହେଲା—'ବୋଧଦାୟିନୀ ଏବଂ ବାଲେଶ୍ୱର ସମ୍ବାଦ ବାହିକା' । ବୋଧଦାୟିନୀ ଅଂଶ ସାହିତ୍ୟ ବିଷୟକ ଏବଂ ସମ୍ବାଦବାହିକା ଅଂଶ ସମ୍ବାଦ-ବିଷୟକ । ପତ୍ରିକା ବାହାରିଲା; ମାତ୍ର ଲେଖକର ଅଭାବ । ମୁଁ ଦିନଯାକ ସ୍କୁଲ୍ ଓ ପ୍ରେସ୍ କାର୍ଯ୍ୟ କରି ଥକିପଡ଼େଁ । ରାତିରେ ବିଶେଷ କିଛି କାର୍ଯ୍ୟ କରିବାକୁ ବଳ ଅଣ୍ଟେନାହିଁ । ସେଥିପାଇଁ ପତ୍ରିକା ଅନିୟମିତରୂପେ ବାହାରେ । ପ୍ରାୟ ତ୍ରିଶ ପଚିଶ ଜଣ ପତ୍ରିକାର ଗ୍ରାହକ ଥିଲେ । ଆଠ ଦଶ ଜଣଙ୍କଠାରୁ ମୂଲ୍ୟ ଆଦାୟ ହେଉଥିଲା ।

ଅନନ୍ତ-ପ୍ରେମ

ପ୍ରେମ ମାନବ ଜୀବନର ସାର ବସ୍ତୁ—ପ୍ରେମହିଁ ମାନବ ଜୀବନର ଲକ୍ଷ୍ୟ ଅଥବା ପ୍ରକୃତ ଜୀବନ । ଯେଉଁଠାରେ ପ୍ରେମ, ସେହିଠାରେ ଜ୍ଞାନ ଓ ପବିତ୍ରତା, ସେହିଠାରେ ବାଧ୍ୟତା ଓ କର୍ତ୍ତବ୍ୟନିଷ୍ଠା । ପ୍ରେମ ମାନବ ହୃଦୟକୁ ଭେଦାଭେଦଶୂନ୍ୟ କରେ, ସ୍ୱାର୍ଥ ବିବର୍ଜିତ କରେ, ଆତ୍ମବିସ୍ମୃତ କରେ । ପ୍ରେମରେ ଶ୍ରେଷ୍ଠ ବଡ଼ ନାହିଁ, 'ମୁଁ' 'ତୁ' ନାହିଁ । ପ୍ରେମର ମହିମା କୀର୍ତ୍ତନ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେ ଏବଂ ତାହା ଆମ୍ଭମାନଙ୍କ ଭଳି ଲୋକର କାର୍ଯ୍ୟ ନୁହେଁ । ଆମ୍ଭେମାନେ ଏତିକି ମାତ୍ର କହୁଅଛୁଁ ଯେ, ପ୍ରେମ ବିନା ପ୍ରକୃତ ମନୁଷ୍ୟତ୍ୱ ଅସମ୍ଭବ—ପ୍ରେମଶୂନ୍ୟ ହୃଦୟ ପ୍ରେତ ପିଶାଚର ଲୀଳାଭୂମି । ଯାହା ଇନ୍ଦ୍ରିୟାସକ୍ତିଜନିତ ବା ସୁଖଲାଳସା ପ୍ରସୂତ, ତାହା ପ୍ରେମ ନାମର ଯୋଗ୍ୟ ନୁହେଁ—ତାହା ଅସ୍ଥାୟୀ, ସୁଖର ଆଶା ଶେଷ ହେଲେ ତାହାର ଅସ୍ତିତ୍ୱ ପ୍ରାୟ ବିଲୁପ୍ତ ହୁଏ—ସେ କେବଳ ସୁଖର ସ୍ଥାନ ଖୋଜି ବୁଲେ । ଯେଉଁ ପ୍ରେମ ମନୁଷ୍ୟ ହୃଦୟରେ ଦେବଭାବ ବିକଶିତ କରେ, ତାହାକୁ ଅନନ୍ତ ଲକ୍ଷ୍ୟ ପଥରେ ଅଗ୍ରସର କରାଏ, ତାହାହିଁ ପ୍ରକୃତ ପ୍ରେମ ।

ପୃଥିବୀ ଆମ୍ଭମାନଙ୍କର ଶିକ୍ଷାଳୟ—ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯାହା କିଛି ଘଟେ, ସମସ୍ତ କେବଳ ଶିକ୍ଷାର ସୋପାନ । ଏ ରହସ୍ୟ ଯେ ବୁଝିନାହିଁ, ସେ ମାନବ ଜୀବନ ସମ୍ବନ୍ଧରେ କିଛି ମାତ୍ର ଜାଣିନାହିଁ । ମହାତ୍ମା ଇମର୍ସନ କହିଅଛନ୍ତି, "ଜଗତରେ ଯାହା ମୋ ମନକୁ ଆକର୍ଷଣ କରେ, ତହିଁରେ ମୋହର ନିଶ୍ଚୟ କୌଣସି ପ୍ରୟୋଜନ ଅଛି । ସମ୍ମୁଖବର୍ତ୍ତୀ ଏହି ଅସଂଖ୍ୟ ପଦାର୍ଥ ଓ ଅସଂଖ୍ୟ ଘଟନା ମଧ୍ୟରେ ଯହିଁରେ ମୋହର ପ୍ରୟୋଜନ ଅଛି, ସେହି ଏକା ମୋ ମନକୁ ଆକର୍ଷଣ କରେ । ରାଶି ରାଶି ଘଟନା ଓ ଅଗଣିତ ପ୍ରାଣିପୁଞ୍ଜ ମଧ୍ୟରେ କେତେଗୁଡ଼ିଏ ମୋ ମନରୁ କଦାଚ ଅନ୍ତର ହୁଏ ନାହିଁ—କାହିଁକି ସେଗୁଡ଼ିକ ଏପରି ସ୍ମୃତି ମଧ୍ୟରେ ଜାଗ୍ରତ ଥାଏ, ତାହାର କାରଣ ମୁଁ ଜାଣେ ନାହିଁ—ତଥାପି ଏହା ନିଶ୍ଚିତ କଥା ଯେ, ସେମାନଙ୍କ ସଙ୍ଗେ ମୋହର ସମ୍ବନ୍ଧ ଅଛି ।" ସେ କି ସମ୍ବନ୍ଧ ? ସେଥିରେ ମୋହର କି ପ୍ରୟୋଜନ ଥାଇପାରେ ? ତାହା ଏହି ଯେ, ସେଗୁଡ଼ିକ ସାହାଯ୍ୟରେ ମୁଁ ଜୀବନ ପଥରେ ଅଗ୍ରସର ହେବ । ମନୁଷ୍ୟ ଶିଶୁକୁ ଶିକ୍ଷା ଦେବାପାଇଁ ଏହା ପ୍ରକୃତିର ଅଦ୍ଭୁତ କୌଶଳ । ସେହିପରି ଆମ୍ଭମାନଙ୍କ ଅନ୍ତର୍ନିହିତ ପ୍ରତ୍ୟେକ ବୃତ୍ତି ସ୍ୱର୍ଗର ସୋପାନ—ଦେବତ୍ୱ ଲାଭର ଉପାୟ । ସୁତରାଂ ଯେଉଁ ପ୍ରେମ ମାନବ ହୃଦୟର ସର୍ବଶ୍ରେଷ୍ଠ ବୃତ୍ତି, ଯାହା

Digitized by srujanika@gmail.com

ଆମ୍ଭମାନଙ୍କର ସର୍ବ ପ୍ରକାର ମଧୁର ସମ୍ବନ୍ଧର ମୂଳ, ସକଳ ସଦୁଦ୍ଦେଶ୍ୟର ପରିଚାଳକ ଓ ପରିପୋଷକ, ତାହା ଯେ ସଂସାରର ଅସାରଭୋଗ୍ୟ ବସ୍ତୁରେ ପରିବେଷ୍ଟିତ ହେବା ନିମନ୍ତେ ନୁହେଁ, ଏ କଥା ବୋଲିବା ବାହୁଲ୍ୟ ମାତ୍ର । ପୃଥିବୀର ପ୍ରେମ କେବଳ ସେହି ଅନନ୍ତ ପ୍ରେମର ଆରମ୍ଭ । * ଯେ ଯେବେ ଆମ୍ଭମାନଙ୍କୁ ଦିନକୁ ଦିନ ସେହି ଅନନ୍ତ ପଥରେ ଅଗ୍ରସର ନ କରେ—ଯେବେ ଆମ୍ଭମାନଙ୍କ ପ୍ରାଣକୁ ମହତ୍ତର, ଉଚ୍ଚତର ଲକ୍ଷ୍ୟ ସାଧନରେ ପ୍ରବୃତ୍ତ ନ କରେ, ପରନ୍ତୁ ସଙ୍କୀର୍ଣ୍ଣତର ସୀମା ମଧ୍ୟରେ ନିବଦ୍ଧ କରେ, ହୃଦୟର ପ୍ରୀତିକୁ ପ୍ରସାରିତ ନ କରି ସଙ୍କୁଚିତ କରିଦିଏ, ତେବେ ତାହା ନରକର ବର୍ତ୍ମ । ଦୁର୍ଭାଗ୍ୟର ବିଷୟ ଯେ, ଜଗତରେ ଏହି ବିକୃତ ପ୍ରେମର ଦୃଷ୍ଟାନ୍ତହିଁ ଅଧିକ । ଆମ୍ଭେମାନେ ବର୍ତ୍ତମାନ ବକ୍ତବ୍ୟ ବିଷୟ ଛାଡ଼ି ବହୁଦୂର ଚାଲିଆସିଅଛୁ । ଏକ୍ଷଣେ ପ୍ରକୃତ ପ୍ରସ୍ତାବର ଅବତାରଣା କରିବୁ ।

ଉପନିଷଦରେ ଉକ୍ତ ଅଛି, "ଯୋ ବୈ ଭୂମା ତତ୍ ସୁଖଂ, ନାଲ୍ପେ ସୁଖମସ୍ତି ।" ଅନନ୍ତ ଛଡ଼ା ସୁଖ ନାହିଁ । ଯାହା ଦୁଇଦିନରେ ଶେଷ ହୋଇଯାଏ, ଯାହା ଧରୁ ଧରୁ ଚୂର୍ଣ୍ଣ ହୋଇଯାଏ ବା ଭାଙ୍ଗିଯାଏ, ଏପରି ବସ୍ତୁରେ ମାନବାତ୍ମା କେତେକାଳ ତୃପ୍ତ ରହିବ ? ଯାହା ଧାରଣାର ଅତୀତ, ଯାହାର ଆଦି ଅନ୍ତ ନିରୂପଣ କରିବା ସମ୍ଭବପର ନୁହେଁ, ସେହି ଏକା ମାନବ ପ୍ରାଣରେ ସୁଖ ପ୍ରଦାନ କରେ । ଅନନ୍ତ ଆକାଶ ବିଷୟ ଚିନ୍ତା କରି, ଅନନ୍ତ ମହିମାମୟ ପରମେଶ୍ୱରଙ୍କୁ ପ୍ରାଣରେ ଉପଲବ୍‌ଧି କରି, କବିଙ୍କ "ନୟନ ପ୍ରେମାଶ୍ରୁ ବର୍ଷଣ କରେ", "ପ୍ରାଣ ସ୍ୱର୍ଗର ଆନନ୍ଦ ସମ୍ପଦ ଲାଭ କରେ ।" ଅନନ୍ତ ମହିମା ଗାନ କରି, ସେ ଭାବ ଧ୍ୟାନ କରି କେତେ କବି, କେତେ ଭାବୁକ ଅନନ୍ତ ସୁଖ-ସିନ୍ଧୁରେ ବୁଡ଼ି କେତେ ମହାଭାବର କଥା ବ୍ୟକ୍ତ କରି ଅଛନ୍ତି, ତାହାର ଶେଷ ନାହିଁ । ଯେ ଥରେ ଚିନ୍ତା କରିଅଛି, ସେହି ବୁଡ଼ିଅଛି । ଆମ୍ଭମାନଙ୍କର ଏହା ପ୍ରାଣଗତ ବିଶ୍ୱାସ ଯେ ଅନନ୍ତଙ୍କ ମଧ୍ୟରେ ନିମଗ୍ନ ହେବା—ଆତ୍ମବିସ୍ମୃତ ହେବା ପ୍ରକୃତ ସୁଖ । ଆମ୍ଭମାନଙ୍କ କ୍ଷୁଦ୍ର ଆଶା, କ୍ଷୁଦ୍ର ଭାବ ଅନନ୍ତ ଆଡ଼କୁ ସର୍ବଦା ଧାଏଁ । ଏହି କଥାକୁ ଲକ୍ଷ୍ୟ କରି ଥରେ ଜଣେ ବିଜ୍ଞ ବ୍ୟକ୍ତି କହିଥିଲେ, "ଅନନ୍ତ ଧ୍ୟାନରେ ଭୟ, ବିସ୍ମୟ, ଭକ୍ତି ଜାତ ହୁଏ; କିନ୍ତୁ ପ୍ରେମ କିପରି ହେବ ? ଗୋଟିଏ କଥା ଅଛି, 'ରାଜାର କେହି ବନ୍ଧୁ ନାହିଁ,' ଅର୍ଥାତ୍ ରାଜା ସମସ୍ତଙ୍କଠାରୁ ଶ୍ରେଷ୍ଠ, ସୁତରାଂ ତାଙ୍କ ସଙ୍ଗେ ଅନ୍ୟ କାହାରି ବନ୍ଧୁତା ସମ୍ଭବ ନାହିଁ ।" କଥାଟି ପ୍ରାଣରେ ବଡ଼ ଆଘାତ କଲା । ତେବେ କ'ଣ ଅନନ୍ତ ଈଶ୍ୱରଙ୍କ ସଙ୍ଗେ କ୍ଷୁଦ୍ର ମାନବର ପ୍ରେମ ଅସମ୍ଭବ ? ତା'ହେଲେ କ୍ଷୁଦ୍ରପ୍ରାଣରେ ଏ ଉଚ୍ଚ ଆକାଙ୍କ୍ଷା କାହିଁକି ? ଏ କ'ଣ ବୃଥା ଆଶା ? କେବଳ ମୋହର ଛଳନା ? ନା, ତାହା ତ ହୋଇ ନ ପାରେ । ଇନ୍ଦ୍ରିୟ ଅଛି, ଇନ୍ଦ୍ରିୟର ବିଷୟ ଅଛି, ପ୍ରବୃତ୍ତି ଅଛି, ତାହା ଚରିତାର୍ଥ କରିବାର ଉପାୟ ଅଛି, ଅଥଚ ମାନବାତ୍ମାର ସର୍ବଶ୍ରେଷ୍ଠ

* Thus even love which is the deification of persons must become more impersonal every day.

(Emerson)

Digitized by srujanika@gmail.com

ବୃତ୍ତିଟି ହୃଦୟର ଉଚ୍ଚତମ ଆଶାଟି ଅପୂର୍ଣ୍ଣ ରହିବ ? ଏହା ପ୍ରକୃତିର ନିୟମବିରୁଦ୍ଧ କଥା । ମହାନ୍ ବ୍ରହ୍ମ ଆମ୍ଭମାନଙ୍କ ପାଇଁ ଶ୍ରେଷ୍ଠ ହେବେ ନାହିଁ, ଅଥଚ ତାଙ୍କ ସଙ୍ଗେ ପ୍ରେମ ବିନା ଆମ୍ଭମାନଙ୍କ ହିନ ଚଳିବ ନାହିଁ—ଏ ସମସ୍ୟା କିଏ ପୂରଣ କରିବ ? ଏହି ସମସ୍ୟା ପୂରଣ କରିବା ପାଇଁ ବୋଧହୁଏ ସାକାରବାଦର ଅବତାରଣା (କୌଣସି କୌଣସି ସାକାରବାଦୀଙ୍କ ମୁଖରୁ ଏହିପରି କଥା ଶୁଣାଯାଏ) । କିନ୍ତୁ ସେ ବୃଥା ଚେଷ୍ଟା । ସେ ଆକାର ତ ପ୍ରକୃତ ବସ୍ତୁ ନୁହେଁ—ସେ କଳ୍ପନାର କ୍ରୀଡ଼ା ! କଳ୍ପନାରେ ଯେ ପ୍ରକୃତ ବସ୍ତୁ ଉପଭୋଗ କରିବାର ଆଶା କରେ, ସେ ଭ୍ରାନ୍ତ, ସେ ବାତୁଳ । ଯାହା ଅସଲ ବସ୍ତୁର ନକଲ ସୁଦ୍ଧା ନୁହେଁ, ସେ କିପରି ହୃଦୟର ଗଭୀର ପିପାସା ନିବାରଣ କରିବ ?

ଏକ ଭାବରେ ଦେଖିଲେ ଏହା ଅସମ୍ଭବ ବୋଲି ମନେହୁଏ । ଯେତେବେଳେ ଆମ୍ଭେମାନେ ଅନନ୍ତ ଈଶ୍ୱରଙ୍କ ଅନନ୍ତ ଶକ୍ତି ବିଷୟ ଚିନ୍ତା କରୁଁ, ସେତେବେଳେ ସ୍ୱଭାବତଃ ମନ ଭୟ ଓ ବିସ୍ମୟରେ ବିହ୍ୱଳ ହୋଇଯାଏ, ଆଉ ତାଙ୍କ ସଙ୍ଗେ ଆମ୍ଭମାନଙ୍କ କ୍ଷୁଦ୍ରାଦପି କ୍ଷୁଦ୍ର ଆତ୍ମାର ପ୍ରେମ ସଂସ୍ଥାପନର ସମ୍ଭାବନା ରହେ ନାହିଁ । ଏହିପରି ଭାବବିହ୍ୱଳ ଭକ୍ତାତ୍ମା ଗାନ କରିଥିଲେ, "ମୁଁ ଯେତେବେଳେ ତୁମ୍ଭର ଅଙ୍ଗୁଳିରଚିତ ଅନନ୍ତ ଗଗନ ଓ ତୁମ୍ଭର ପ୍ରତିଷ୍ଠିତ ଚନ୍ଦ୍ର ସୂର୍ଯ୍ୟାଦିଙ୍କ କଥା ଚିନ୍ତା କରେଁ ସେତେବେଳେ ମନେହୁଏ, ମନୁଷ୍ୟ କିଏ ଯେ ତୁମ୍ଭେ ତାହାର ତତ୍ତ୍ୱନେବ ?" ⁕ କିନ୍ତୁ ଅନ୍ୟ ଭାବରେ ଦେଖିଲେ ଏ ଅସମ୍ଭବ ସମ୍ଭବ ବୋଧହୁଏ । ଈଶ୍ୱର ଯେପରି ଅନନ୍ତ ଶକ୍ତିଶାଳୀ, ସେହିପରି ଅନନ୍ତ ପ୍ରେମର ଆଧାର । ଏକ ଆଡ଼େ ତାଙ୍କ ଶକ୍ତିର ସୀମା ନାହିଁ, ଅନ୍ୟ ଆଡ଼େ ତାଙ୍କ ପ୍ରେମର ଇୟତ୍ତା ନାହିଁ; ସେ ଆପଣା ପ୍ରେମ ଗୁଣରେ କ୍ଷୁଦ୍ର ମାନବ ସଙ୍ଗେ ମିଳିତ ହୁଅନ୍ତି । ତାଙ୍କର ଅଯାଚିତ ପ୍ରେମ ଆମ୍ଭମାନଙ୍କୁ ତାଙ୍କ ସମ୍ମୁଖୀନ ହେବାକୁ ସାହସୀ କରେ । ଯେତେବେଳେ ଦେଖୁଁ ଯେ, ସେହି ଅନନ୍ତ ବ୍ରହ୍ମାଣ୍ଡର ଅଧୀଶ୍ୱର ମୁହୂର୍ତ୍ତକ ପାଇଁ ସୁଦ୍ଧା ଆମ୍ଭମାନଙ୍କୁ ଭୁଲିନାହାନ୍ତି—ଜଗତର ଦୁଃଖୀ, ଧନୀ, ପଣ୍ଡିତ, ମୂର୍ଖ, ପାପୀ, ପୁଣ୍ୟାତ୍ମା ସମସ୍ତଙ୍କ ପାଇଁ ତାଙ୍କର ପ୍ରେମବାହୁ ପ୍ରସାରିତ, ସେତେବେଳେ ପ୍ରାଣ ସ୍ୱତଃ ତାଙ୍କ ଆଡ଼କୁ ପ୍ରଧାବିତ ହୁଏ, ତାଙ୍କୁ ପିତା, ମାତା, ସ୍ୱାମୀ, ସଖା, ସୁହୃଦ୍—ଜୀବନର ସର୍ବସ୍ୱ ବୋଲି ଡାକିବାକୁ ପ୍ରବୃତ୍ତି ହୁଏ । ପ୍ରେମ ଏକା ଏ ସଂସାରରେ ଭୀରୁକୁ ସାହସୀ କରେ, ମୂକକୁ ବାଚାଳ କରେ—ଦୁଇ ଆତ୍ମା ମଧ୍ୟରେ ମହାଯୋଗ—ମହାମିଳନ ସଂସ୍ଥାପନ କରେ ।

ଗୋଟିଏ ଦୃଷ୍ଟାନ୍ତ ଦେଲେ ବୋଧହୁଏ କଥାଟି ଆହୁରି ସ୍ପଷ୍ଟ ହୋଇପାରେ । ମନେକର ଜଣେ ଅସାଧାରଣ ଶକ୍ତିଶାଳୀ ବ୍ୟକ୍ତି ବିଦ୍ୟା, ବୁଦ୍ଧି, ମାନ, ଗୌରବରେ ଦେଶସ୍ଥ ବ୍ୟକ୍ତିମାନଙ୍କ ମଧ୍ୟରେ ଉଚ୍ଚତମ ସମ୍ମାନର ଅଧିକାରୀ । ତାଙ୍କର ଗୋଟିଏ ଅଳ୍ପବୟସ୍କା, ଅଳ୍ପଜ୍ଞାନସମ୍ପନ୍ନା ସ୍ତ୍ରୀ ଅଛି । ତାହାର ପୂର୍ବଭାବ କଥା କଳ୍ପନା କର । ସେ କିପରି ଭୟରେ, କିପରି ସଙ୍କୁଚିତ ଭାବରେ ଦୂରରୁ ଏହି ବ୍ୟକ୍ତି ଆଡ଼କୁ ଅନାଉଥିଲା, କୌଣସି ସମୟରେ ତାଙ୍କ

⁕ David's Psalm VIII

Digitized by srujanika@gmail.com

ସନ୍ମୁଖୀନ ହେଲେ ମୁଖଆଡ଼କୁ ସଳଖି ଅନାଇ ପାରୁ ନ ଥିଲ; କିନ୍ତୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଭିନ୍ନ ଭାବ—ସେ ଭୟ ନାହିଁ, ସେ ସଙ୍କୋଚ ନାହିଁ, ସେ ଦୂରତ୍ୱ ନାହିଁ, ସେ ବ୍ୟବଧ ନାହିଁ । କିଏ ତାହାର ପ୍ରାଣରେ ଏ ପରିବର୍ତ୍ତନ ସଂଘଟନ କଲା ? ଉତ୍ତର—ପ୍ରେମ । ସେ ବ୍ୟକ୍ତି ତାହାକୁ ସ୍ତ୍ରୀ ରୂପେ ଗ୍ରହଣ କରିଅଛନ୍ତି—ନାନା ପ୍ରକାରରେ ପ୍ରେମର ନିଦର୍ଶନ ଦେଖାଇଅଛନ୍ତି, ସୁତରାଂ ବାଳିକା ଯାହା ପୂର୍ବେ କଳ୍ପନା ସୁଦ୍ଧା କରି ନ ଥିଲା, ତାହା ଘଟିଅଛି । ସର୍ବପ୍ରକାର ପାର୍ଥିବ ସମ୍ବନ୍ଧରେ ଏହି ଭାବ ଦୃଷ୍ଟ ହୋଇପାରେ । ସେହି ସ୍ୱର୍ଗୀୟ ପ୍ରେମ ବାସ୍ତବିକ ମହା ପରିବର୍ତ୍ତନ ସଂଘଟନ କରେ—ତାହା ଥରେ ଯାହାର ପ୍ରାଣକୁ ସ୍ପର୍ଶକରେ, ଶ୍ରେଷ୍ଠ, ବଡ଼, ଉଚ୍ଚ, ନୀଚ ଗଣନା ତାହା ନିକଟରେ ଅସମ୍ଭବ । ତେବେ ମାନବ ସମାଜ ମଧ୍ୟରେ ସେ ଏହାର ଦୃଷ୍ଟାନ୍ତ ଅଧିକ ଦେଖାଯାଏ ନାହିଁ, ତାହାର ଅନେକ କାରଣ ଅଛି । ଆମ୍ଭେମାନେ ପୂର୍ବେ କହିଅଛୁଁ, ଏ ହତଭାଗ୍ୟ ପୃଥିବୀରେ ସ୍ୱାର୍ଥଜଡ଼ିତ ବିକୃତ ପ୍ରେମର ନିଦର୍ଶନହିଁ ଅଧିକ । ସେ ଯାହାହେଉ, କ୍ଷୁଦ୍ର ମାନବ ପକ୍ଷରେ ଯାହା ଅସମ୍ଭବ, ଅନନ୍ତ ଈଶ୍ୱରଙ୍କ ପକ୍ଷରେ ମଧ୍ୟ ତାହା ଅସମ୍ଭବ, ଏପରି ମନେକରିବା ମହା ଭ୍ରାନ୍ତି ।

ବାୟୁରାଶିର ମହାସାଗର ମଧ୍ୟରେ ମନୁଷ୍ୟ ବୁଡ଼ି ରହିଅଛି—ବାୟୁ ପ୍ରତି ମୁହୂର୍ତ୍ତରେ ତାହାର ଜୀବନ ରକ୍ଷା କରୁଅଛି; କିନ୍ତୁ ମନୁଷ୍ୟ ତାହା ଚିନ୍ତା କରେ ନାହିଁ ବା ସେପରି ଅନୁଭବ କରେ ନାହିଁ । ଅନନ୍ତ ମହାନ୍ ପ୍ରେମସିନ୍ଧୁ, କ୍ଷୁଦ୍ର ମାନବ ଶିଶୁ ନିୟତ ତନ୍ମଧ୍ୟରେ ବାସ କରୁଅଛି । କିଏ ସେ ପ୍ରେମ ବିନା ମୁହୂର୍ତ୍ତେ ବଞ୍ଚିପାରେ ? ନିର୍ବୋଧ ମନୁଷ୍ୟ ସେ କଥା ବୁଝେ ନାହିଁ—ଯେଉଁ ଶରୀର, ମନ, ଧନ, ରତ୍ନ, ଆତ୍ମୀୟ ବାନ୍ଧବ ତାଙ୍କରି ପ୍ରେମର ନିଦର୍ଶନ ମାତ୍ର, ତାହାର ମାୟାରେ ମୁଗ୍ଧ ହୋଇ ଭ୍ରାନ୍ତବୁଦ୍ଧି ମନୁଷ୍ୟ ତାଙ୍କୁ ଭୁଲିଯାଏ । ସେ କାହାର ଦୋଷ ? ଦୁର୍ବଳ ମନୁଷ୍ୟ ଭୁଲୁ, କିନ୍ତୁ ସେ ପ୍ରେମ ପଲକେ ସୁଦ୍ଧା ତାକୁ ଭୁଲି ନାହିଁ—ପାତ୍ରାପାତ୍ର ଜ୍ଞାନ ସେ ପ୍ରେମରେ ନାହିଁ, ପାପୀ ପୁଣ୍ୟାତ୍ମାର ଭେଦ ସେଠାରେ ନାହିଁ । ମାନବ, ଥରେ ମାତ୍ର ଚକ୍ଷୁ ଫିଟାଇ ଦେଖ, ସେ ପ୍ରେମ ଦର୍ଶନ କରି ତୁମ୍ଭର ପ୍ରାଣ କାନ୍ଦି ଉଠୁଅଛି କି ନାହିଁ ? ସର୍ବସ୍ୱ ଛାଡ଼ି ସେହି ପ୍ରେମମୟଙ୍କ ଚରଣ ତଳେ ଲୋଟିବାକୁ ପ୍ରାଣ ମନ ଅସ୍ଥିର ହେଉଅଛି କି ନାହିଁ ? ସଂସାରର ଭୟଭାବନା ନିନ୍ଦା ଅପମାନ ସବୁ ମୁହୂର୍ତ୍ତକେ ତିରୋହିତ ହେଉ ଅଛି କି ନାହିଁ ? ପଲକେ ପଲକେ କେତେ ପ୍ରେମ, ତାହାର କଳନା ନାହିଁ । ମନୁଷ୍ୟର କର୍ତ୍ତବ୍ୟ, ସେ ତାହାର ସମଗ୍ର ପ୍ରେମ ତାଙ୍କରି ଶ୍ରୀଚରଣରେ ଉତ୍ସର୍ଗ କରିବ—ଏଥିରେ ଯୁକ୍ତି ନାହିଁ, ତର୍କ ନାହିଁ, ଫଳାଫଳ ଚିନ୍ତା ନାହିଁ—ସେ ଚିନ୍ତାରେ ବୃଥା ମସ୍ତିଷ୍କ ପୂରାଇ କି ଲାଭ ? ଦିଅ, କେବଳ ଦିଅ, କେବଳ ଦିଅ ! ଏହାହିଁ ପ୍ରେମର ରହସ୍ୟ ।

ଆଉ ଥରେ ଜଣେ ବିଜ୍ଞ ବ୍ୟକ୍ତି କହିଥିଲେ, "କେବଳ ଈଶ୍ୱରଙ୍କ ପ୍ରେମର କଥା ଭାବିଲେ ମନୁଷ୍ୟ ଜୀବନ ଶିଥିଳ ହୋଇଯାଏ—ମନୁଷ୍ୟ ପବିତ୍ର ରହିବାକୁ ପ୍ରୟାସୀ ହୁଏ ନାହିଁ । ସୁତରାଂ ସମୟସମୟରେ ତାଙ୍କୁ 'ମହଦ୍ ଭୟଂ ବଜ୍ରମୁଦ୍ୟତଂ' ରୂପରେ ଅନୁଭବ କରିବା ଆବଶ୍ୟକ ।" ଆମ୍ଭେମାନେ ଏ କଥାର ସାରବତ୍ତା ଅନୁଭବ କରି ପାରିଲୁ ନାହିଁ । ବାସ୍ତବିକ

Digitized by srujanika@gmail.com

ଅସ୍ମାନଙ୍କ ତୁଲ୍ୟ ପାପୀ ପାଷଣ୍ଡ ନିକଟରେ ଈଶ୍ୱର 'ମହଦ୍ଭୟଂ ବଜ୍ରମୁଦ୍ୟତଂ' ରୂପରେ ଉପସ୍ଥିତ ହୋଇ ପ୍ରାଣକୁ କମ୍ପିତ କରନ୍ତି—ଦୁର୍ବୃତ୍ତକୁ ସ୍ୱବୃତ୍ତ କରିବା ପାଇଁ ଅନେକ ସମୟରେ ସେ ମୂର୍ତ୍ତିର ପ୍ରୟୋଜନ ହୁଏ, ଏହା ଅତି ସତ୍ୟ କଥା; କିନ୍ତୁ ତାହାର ମଧ୍ୟରେ ଗଭୀର ପ୍ରେମ ଲୁକ୍କାୟିତ ରହିଥାଏ । ଭକ୍ତ ସାଧୁ ନିକଟରେ ସମସ୍ତ ଆବରଣ ଭେଦ କରି ସେହି ପ୍ରେମ ସ୍ୱରୂପ ଫୁଟି ଉଠେ । ସେ ଯାହାହେଉ, କେବଳ ପ୍ରେମ ସ୍ୱରୂପର ଧ୍ୟାନରେ ପବିତ୍ରତା ଲାଭ ହୁଏ ନାହିଁ, ଏକଥାଟା ଆମ୍ଭମାନଙ୍କୁ ବଡ଼ ଅଡ଼ୁଆ ଲାଗିଲା । ପ୍ରେମ ଭିତରେ ଯେ ଏକ ପ୍ରକାର ଭୟ ଅଛି, ତାହା ଦଣ୍ଡ ଭୟ ଅପେକ୍ଷା ଶତଗୁଣ—ସହସ୍ର ଗୁଣ ଅଧିକ । ପ୍ରେମାସ୍ପଦର ପ୍ରାଣରେ କେଜାଣି କେତେବେଳେ ଆଘାତ ଲାଗିବ, ଏହି ଭାବନାରେ ପ୍ରେମିକର ପ୍ରାଣ ନିରନ୍ତର ଅସ୍ଥିର । ଏହି କାରଣରୁ ସେ ସର୍ବଦା ଆତ୍ମସୁଖ ବଳିଦାନ କରି ଏକମାତ୍ର ତାହାର ମନସ୍ତୁଷ୍ଟି ସାଧନରେ ନିଯୁକ୍ତ ଥାଏ । ଏହା ହିଁ ପ୍ରେମର ଧର୍ମ । ସତୀକୁ ପବିତ୍ର ରଖେ କିଏ ? ସ୍ୱାମୀର ଶାସନ ଭୟ ? ଶାସ୍ତିର ତରବାରି ନା ନରକର ଭୟ ? ଏକମାତ୍ର ପତିପ୍ରେମହିଁ ତାହାକୁ ସେବାତତ୍ପର, କର୍ତ୍ତବ୍ୟପରାୟଣ ଓ ସର୍ବପ୍ରକାରେ ଶୁଦ୍ଧାଚାର କରେ । ପତିର ବିରସ ବଦନ ଦର୍ଶନ ସତୀ ପକ୍ଷରେ ଶତ ଅଶନିପାତ ଅପେକ୍ଷା ଭୀଷଣତର, ଏହା କିଏ ଅସ୍ୱୀକାର କରିବ ? ପତିମୁଖ ଦର୍ଶନହିଁ ସତୀର ସ୍ୱର୍ଗ, ତାହାର ଅଦର୍ଶନରେ ସମସ୍ତ ଯନ୍ତ୍ରଣାମୟ । ଏହି ଭାବର ପ୍ରାବଲ୍ୟରୁ ତ ଭାରତର ଶତ ଶତ ପତିବ୍ରତା ରମଣୀ ଜୀବନର ମମତା, ମୃତ୍ୟୁର ଭୟଙ୍କର ଯାତନାକୁ ତୁଚ୍ଛ ମଣି ପ୍ରୋଜ୍ୱଳିତ ଚିତାରେ ଅକାତରେ ଦେହ ବିସର୍ଜନ କରୁଥିଲେ ? ଅଧିକ କଥାରେ ପ୍ରୟୋଜନ ନାହିଁ, ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ଛଡ଼ା ଅନ୍ୟତ୍ର ମଧ୍ୟ ଦେଖାଯାଉଅଛି, ଯେଉଁଠାରେ ପ୍ରେମ ସେହିଠାରେ ବାଧ୍ୟତା—ସୁତରାଂ ପ୍ରେମହିଁ ପବିତ୍ରତାର ପ୍ରକୃତ ପଥ । ପ୍ରେମର ଧର୍ମହିଁ ଶ୍ରେଷ୍ଠ ଧର୍ମ । ଯେଉଁଠାରେ ଏହାର ବିପରୀତ ଭାବ, ସେଠାରେ ପ୍ରେମ ନାହିଁ—ପ୍ରେମର ନାମରେ ଅନ୍ୟ ଗୋଟାଏ ବିକୃତ ବସ୍ତୁର ଆଧିପତ୍ୟ ରହିଅଛି । ଅଗ୍ନି ଅଛି ଉତ୍ତାପ ନାହିଁ, ସୂର୍ଯ୍ୟ ଅଛି ତାହାର ଆଲୋକ ନାହିଁ, ଏହା ଯେପରି ଅର୍ଥଶୂନ୍ୟ କଥା, ପ୍ରେମ ଅଛି ଅଥଚ ପବିତ୍ରତା ନାହିଁ ଏହା ମଧ୍ୟ ସେହିପରି । ବସ୍ତୁତଃ ପ୍ରେମ ଓ ପବିତ୍ରତା ନିରବଚ୍ଛିନ୍ନ ଏକତ୍ର ବାସ କରନ୍ତି ।

କାଚ ଖଣ୍ଡ ଧରି ମନୁଷ୍ୟ ମନେକଲେ, "ମୁଁ ହୀରକ ପାଇଅଛି" ତାହାହେଲେ ସେ କି ହୀରା ହୋଇଯିବ ? ହୀରକର ସମୁଜ୍ଜ୍ୱଳ ଜ୍ୟୋତିଃ କି ତହିଁରୁ ନିର୍ଗତ ହେବ ? ଇନ୍ଦ୍ରଜାଲ ସେ ତାହାର ଓ ଦର୍ଶକର ମନରେ ଭ୍ରାନ୍ତି ଉତ୍ପାଦନ କରିପାରେ; କିନ୍ତୁ ସେ ଭ୍ରାନ୍ତି ଅଚିରେ ଦୂର ହେବ—କାଚ କାଚ ରହିବ । ଝୁଟା ଜିନିଷର ଚାକଚକ୍ୟ କେତେ ଦିନ ଥାଏ ? କିନ୍ତୁ ହାୟ ! ଏ ସଂସାରରେ କାଚର କାରବାର ବଡ଼ ବେଶୀ । ଶସ୍ତା ପାଇ ମନୁଷ୍ୟ ଗିଲ୍ଟିର ବ୍ୟବହାର ବେଶୀ କରେ । ମନେକରେ କେଜାଣି ବା ଏଥିରେ ତାହାର ଦିନଟା କଟିଯିବ । ସେ ଜାଣେ ନାହିଁ, ଟିକିଏ ହାତରୁ ପଡ଼ିଲେ ଭଙ୍ଗୁର କାଚଖଣ୍ଡ କ୍ଷଣକେ ଚୂର୍ଣ୍ଣ ହୋଇଯିବ—ଦୁଇଦିନ ପରେ ଅସାର ଗିଲ୍ଟିର ରଙ୍ଗ ଉଡ଼ିଯିବ । ସେତେବେଳେ ଆଉ 'ହା ହତୋଽସ୍ମି', କଲେ

Digitized by srujanika@gmail.com

କଣ ହେବ ? କନ୍ତୁ ଦୋଷ କାହାର ? ମନୁଷ୍ୟ ଅପରଣାମଦର୍ଶୀ, ଅବବେଚକ—ବୁଝିସୁଝି କାରବାର କରେନାହିଁ—ତାହାର ଏ ଦୁର୍ଦ୍ଦଶା ନ ହୋଇ କଣ ହେବ ? ଅତ୍ୟନ୍ତ ବସ୍ମୟର ବଷସ୍ସ ଏହ ଯେ, ବାରମ୍ବାର ପ୍ରତାରତ ଓ ବଡ଼ମ୍ବିତ ହେଲେ ସୁଦ୍ଧା ତାହାର ଚେତନା ହୁଏ ନାହିଁ । ପୁଣି ସେହ କାଚ, ସେହ ଗିଲ୍‌ଟି । ଭ୍ରାନ୍ତବୁଦ୍ଧିର ବଶବର୍ତ୍ତୀ ହୋଇ ସଂସାରର ଅସାର ଭଙ୍ଗୁର ବସ୍ତୁର ପ୍ରେମରେ ମୁଗ୍‌ଧ ହୋଇ, ଇନ୍ଦ୍ରିୟର ସେବାରେ ମତ୍ତ ହୋଇ, ମନୁଷ୍ୟ ଅନନ୍ତ ଲକ୍ଷ୍ୟ ଭୁଲୁଅଛୁ; ଜଳ ଭ୍ରମରେ ମରୀଚକାର ପଶ୍ଚାତ୍‌ରେ ଧାବତ ହେଉଅଛୁ, ହୀରକଖଣ୍ଡରେ ଜ୍ୱଳନ୍ତ ଅଙ୍ଗାରଖଣ୍ଡ ଧରୁଅଛୁ, ସ୍ୱର୍ଣ୍ଣହାର ଭ୍ରମରେ କାଳଭୁଜଙ୍ଗ କଣ୍ଠରେ ଧାରଣ କରୁଅଛୁ । ହାୟ ! ସେ ଦୁଃଖ ନ ପାଇ କଏ ପାଇବ ? ଅନନ୍ତ-ପ୍ରେମରେ ଦୀକ୍ଷିତ ନ ହେଲେ ମାନବାତ୍ମାର ସୁଖ ନାହିଁ, ଶାନ୍ତ ନାହିଁ, ଗତ ନାହିଁ, ମୁକ୍ତ ନାହିଁ । ଦୁର୍ବୁଦ୍ଧି ମାନବ ଏକଥା ବୁଝି ସୁଦ୍ଧା ବୁଝେ ନାହିଁ । କଏ କହପାରେ କେତେଦନେ ପୃଥିବୀର ପ୍ରତ୍ୟେକ ନରନାରୀ ଅସାର ପରହାର କରି ସାର ସତ୍ୟବସ୍ତୁ ଧରବେ—ଭ୍ରାନ୍ତ ମୋହ ପରତ୍ୟାଗ କର ପ୍ରକୃତ ଲକ୍ଷ୍ୟ ପଥ ଅବଲମ୍ବନ କରବେ ? ସେତେବେଳେ ଏକା ନର ହୃଦୟ ଦେବଭାବରେ ପୂର୍ଣ୍ଣ ହେବ—ପୃଥିବୀ ସ୍ୱର୍ଗରେ ପରଣତ ହେବ ।

Digitized by srujanika@gmail.com

ଉଚ୍ଚାଭିଳାଷ

ମନରେ ଉଚ୍ଚାଭିଳାଷ ପୋଷଣ କଲେ ମନୁଷ୍ୟ ଦ୍ୱାରା ବୃହତ୍ କାର୍ଯ୍ୟାନୁଷ୍ଠାନ ସମ୍ଭବପର ହୋଇଥାଏ । କାରଣ ମନୁଷ୍ୟ ସାଧାରଣତଃ ଯାହା ଭାବେ, ତାହାଠାରୁ ବଡ଼ କାର୍ଯ୍ୟ କରିପାରେ ନାହିଁ । ଯେଉଁଳି ଚିନ୍ତା, ସେହି ପ୍ରକାର କାର୍ଯ୍ୟ । ହାତ ଯେଉଁ କାର୍ଯ୍ୟ କରେ, ମନ ଯେବେ ସେ କାର୍ଯ୍ୟ ଗ୍ରହଣ ନକରେ, ତେବେ ତାହା ସାର୍ଥକ ହେବାର ନୁହେଁ । ମନ ଯେତେ ଦୂରରେ ପହଞ୍ଚିଅଛି, ହାତ ତାହାଠାରୁ ଅଧିକ ଦୂର ପହଞ୍ଚିପିବ କିପରି ?

ମନୁଷ୍ୟସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ମନକୁ ଯେବେ ଆବଦ୍ଧ କରେ, ତେବେ କର୍ମକ୍ଷେତ୍ର ମଧ୍ୟ ସଂକୀର୍ଣ୍ଣ ଦେଖାଯିବ । ମନ ଯେତେବେଳେ ସୀମା ଛାଡ଼ି ଅସୀମ ଆଡ଼କୁ ଧାବିତ ହୁଏ, ସେତେବେଳେ କର୍ମକ୍ଷେତ୍ରର ବିପୁଳ ବିସ୍ତାର ଚକ୍ଷୁରେ ପଡ଼ିଯାଏ । ସାଧାରଣ ମନୁଷ୍ୟର ମନ ଯେଉଁ ସ୍ତରକୁ କେବେ କେବେ ଅତି କଷ୍ଟରେ ଉଠେ, ମହାପୁରୁଷର ମନ ସେଠାରେ ସହଜରେ ବିଚରଣ କରିଥାଏ ।

ଉଚ୍ଚାଭିଳାଷ ଏକାବେଳକେ ମନୁଷ୍ୟର ରୂପାନ୍ତର ଘଟାଇଦିଏ । ଯେତେବେଳେ ଉଚ୍ଚାଭିଳାଷ ଆସେ, ସେତେବେଳେ ମନୁଷ୍ୟ ସୁଖ-ସ୍ୱଚ୍ଛନ୍ଦ୍ୟର କୋମଳ ଆବରଣ ଛିନ୍ନ କରି କଠୋର ଶ୍ରମ ଓ ଦାରୁଣ କଷ୍ଟକୁ ବରଣ କରିନିଏ—ଭୟ ଓ କୁଣ୍ଠା ତାହାର ମନରୁ ଏକ ମୁହୂର୍ତ୍ତରେ ଦୂର ହୋଇଯାଏ । ଅଦମ୍ୟ ଅଭିଳାଷ ଚରିତାର୍ଥ କରିବା ସକାଶେ ସେ ଯେତେବେଳେ ଝଡ଼ ଭଳି ପୃଥିବୀ ଘାଣ୍ଟି ପକାଏ ।

ପ୍ରତ୍ୟହ ପ୍ରବୀଣମାନଙ୍କ ବିଜ୍ଞତାର ମନ୍ତବ୍ୟ ସମୂହ ଆମ୍ଭମାନଙ୍କ କାନରେ ପ୍ରବେଶ କରି ଉଚ୍ଚାଭିଳାଷକୁ ଯେପରି ଖର୍ବ ନ କରେ, ଉତ୍ସାହର ଅଗ୍ନି ଯେପରି ନିର୍ବାପିତ ନ କରେ, ସେ ସମ୍ବନ୍ଧରେ ସାବଧାନ ହେବାକୁ ହେବ । ଯେଉଁ ପାହାଚ କେହି ଆଖିରେ ଦେଖି ନାହାନ୍ତି, ଆଶା ସେହି ପାହାଚ ଉପରକୁ ଆମ୍ଭମାନଙ୍କ ହାତଧରି ନେଇଯାଏ । ଆଶା ଯାହା ଦେଖାଏ ତାହା ହୁଏତ ପାଉନାହିଁ; ମାତ୍ର ଆଶାର ଅନୁଧାବନ କରି ଆମ୍ଭେମାନେ ଶକ୍ତି ଲାଭକରୁ, ଜୀବନର ପ୍ରସାରିତ କ୍ଷେତ୍ର ଦେଖିପାରୁଁ । ଆଶା ଯେଉଁଠାକୁ ଅଙ୍ଗୁଳି ନିର୍ଦ୍ଦେଶ କରେ ସେ ଆଡ଼କୁ ଯେବେ ଅଗ୍ରସର ନହେଉଁ ପାହାଚ ଉପରରୁ ଗଡ଼ି ତଳେ ପଡ଼ିଯିବାକୁ ବେଶି ସମୟ ଲାଗେ ନାହିଁ ।

Digitized by srujanika@gmail.com

ଯେଉଁ କାର୍ଯ୍ୟରେ ଲିପ୍ତ ରହିଅଛ, ସେହି କାର୍ଯ୍ୟର ଉଚ୍ଚତମ ଶିଖରକୁ ଉଠିବାକୁ ଚେଷ୍ଟା କରୁଥିବ । ମନର ସମ୍ମୁଖରେ ଗୋଟିଏ ଉଚ୍ଚାଦର୍ଶ ସର୍ବଦା ରଖିଦେବ, ଏହା ହିଁ ଆମ୍ଭମାନଙ୍କର ପ୍ରତିଜ୍ଞା ହେବା ଉଚିତ ।

ଭୂମି ଉପରେ ଦୃଷ୍ଟି ନିବଦ୍ଧ ରଖି ଉଚ୍ଚକୁ ଉଠି ପାରିବ ନାହିଁ । ଉନ୍ନତ ହୋଇଉଠ, ଆତ୍ମ ଶକ୍ତିରେ ବିଶ୍ୱାସ କର । ନିଜକୁ ସାନବୋଲି ଅଥବା ତୁଚ୍ଛବୋଲି ଭାବିବା ସଙ୍ଗତ ନୁହେଁ । ଯାହା ଅପ୍ରାପ୍ତ, ଯାହା ଅର୍ଜିତ, ତାହା ଆମ୍ଭମାନଙ୍କ ଜୀବନର ସମୁଚ୍ଚ ଶିଖର ଦେଶ ନିର୍ଦ୍ଦେଶ କରୁଅଛି—ସେଇଠାରେ ମହାପ୍ରାଣ ବ୍ୟକ୍ତିବର୍ଗ ବିରାଜିତ । ଆଶାହିଁ ଆଶା ଫଳବତୀ ହେବାର ସମ୍ଭାବନା ନିର୍ଦ୍ଦେଶ କରିଥାଏ । ଅତଏବ ଆଶାକୁ ହରାଇବା ସମ୍ପୂର୍ଣ୍ଣ ଅନୁଚିତ । ଏକାଗ୍ର ଚିତ୍ତରେ ଜୀବନ ଯାପନ କର୍ତ୍ତବ୍ୟ । ଜୀବନ ମିଛଖେଳ ନୁହେଁ କିମ୍ବା ସୁଖର ଅଭିନୟ ନୁହେଁ । ଜୀବନ ସତ୍ୟ, ସୁନ୍ଦର, ଜୀବନ ଭଳି ବାସ୍ତବ ଆଉ କିଛିହିଁ ନାହିଁ । ଜୀବନର କର୍ତ୍ତବ୍ୟ ଦୃଢ଼ତା ସହକାରେ ସମ୍ପନ୍ନ କର । ସେ କର୍ତ୍ତବ୍ୟ ଆକାଶର ତାରାଭଳି ଅଗଣ୍ୟ ।

ଜୀବନର ଏଭଳି ସମୟ ଆସେ, ଯେତେବେଳେ ସମ୍ମାନ ଲୋଲୁପତା ଅସାରବୋଲି ବୋଧହୁଏ । ଅର୍ଥରେ ଆସକ୍ତି ନ ଥାଏ, ପଦ-ମର୍ଯ୍ୟାଦା ବୃଥା ଏବଂ ଶକ୍ତି ଅପ୍ରୟୋଜନ ବୋଲି ମନେହୁଏ ଏବଂ ତୃଷ୍ଣାଯାଏ । ମନରେ ଶାନ୍ତି ନ ଥିଲେ କିଛି ନୁହେଁ । ବାହାରର ସକଳ ସୁବିଧା ଓ ସମ୍ମାନ ଅତି ତୁଚ୍ଛ ଓ ଅକିଞ୍ଚିତ୍କର । ଏହି ହେତୁରୁ ସୁଧୀବୃନ୍ଦ ନିଃସ୍ୱାର୍ଥ ଉଚ୍ଚାଭିଳାଷକୁ ମନରେ ସ୍ଥାନ ଦିଅନ୍ତି ଏବଂ ତହିଁରେ ମନର ଶାନ୍ତି ଅକ୍ଷୁଣ୍ଣ ରହିଥାଏ ।

ଏସିଆ ମଧ୍ୟସ୍ଥିତ ଅନେକ ଦେଶର ସନ୍ତୋଷ ଓ ଶାନ୍ତିପ୍ରିୟତା ଅତି ତୁଚ୍ଛ ଓ ହୀନ । ମନୁଷ୍ୟ ଯାହା ପାଏ, ସେଥିକରେ ସନ୍ତୋଷ । କୌଣସି ପ୍ରକାର ଦିନ କଟିଗଲେ ମଙ୍ଗଳ, ଏହା ହିଁ ଏସିଆ ଦେଶର ଲୋକଙ୍କ ସାଧାରଣ ମନୋଭାବ । ପ୍ରାଚୀନ କାଳରୁ ଯାହା ଚଳି ଆସୁଛି, ତାହା ଯେପରି ଅନୁଷ୍ଠ ରହିଥାଅ, ଆଉ ଉନ୍ନତି ଚେଷ୍ଟାରେ ମସ୍ତିଷ୍କ ବ୍ୟସ୍ତ କର ନାହିଁ । ପୂର୍ବ କାଳରୁ ଯାହା ଚଳିଆସୁଛି, ତହିଁରେ ଚଳ; ଆମ୍ଭମାନଙ୍କର ଏତେ କଥାରେ ପ୍ରୟୋଜନ କଣ ? ଶାକାନ୍ନରେ ପରିତୃପ୍ତ ହୁଅ । ଏହି ଭାବ ମନରେ ପୋଷଣ କରି ଆମ୍ଭେମାନେ ଅଧଃପତନର ଚରମ ସୀମାରେ ପହଞ୍ଚିଅଛୁ ।

ବଡ଼ ହେବାକୁ ଗଲେ ମୂଳରୁ ଶିକ୍ଷାଟିକ ଭାବମତ ବ୍ୟାପକ ଏବଂ ଉଦାର ହେବା ଆବଶ୍ୟକ । କୌଣସି ଗୋଟିଏ ବିଶେଷ ବିଷୟରେ ବଡ଼ ହେବ, ଏଭଳି ଉଚ୍ଚାକାଙ୍କ୍ଷାରେ ଗୋଟିଏ ବିପଦ ଅଛି । କାରଣ, ଏହା ଯେପରି ଗୁଲୁଁ ଗୁଲୁଁ କେତେବେଳେ ମନୁଷ୍ୟ ସଂକୀର୍ଣ୍ଣ ଓ ଏକଦେଶଦର୍ଶୀ ହୋଇଯାଏ । ଶୁଣାଯାଏ, ବାଲ୍ୟକାଳରେ ଡାରୁଇନ୍ କବିତା ଓ ସଙ୍ଗୀତର ବିଶେଷ ଭକ୍ତ ଥିଲେ । କିନ୍ତୁ ପରେ ଜୀବନ କେବଳ ବିଜ୍ଞାନ ଚର୍ଚ୍ଚାରେ ଅତିବାହିତ କରି କହୁଥିଲେ, ଜୀବନ ଯେବେ ଥରେ ଫେରି ଆସନ୍ତା, ସେ ପ୍ରତ୍ୟହ କବିତା ଓ ସଙ୍ଗୀତ ଚର୍ଚ୍ଚା କରନ୍ତେ, ଯହିଁରେ ସବୁ ମଧୁର ଦ୍ରବ୍ୟ ଉପଭୋଗ କରିବାର ଶକ୍ତି ଲୁପ୍ତ ନହୁଏ ।

Digitized by srujanika@gmail.com

ଭାରତୀୟ ଜଣେ ମନୀଷୀ କହିଥିଲେ, "ପ୍ରତ୍ୟେକ ଜୀବନରେ କିଛି କିଛି ଫାଙ୍କ ରହିଅଛି । ସେଗୁଡ଼ିକ ଉଚ୍ଚ ଆଦର୍ଶ ଦ୍ୱାରା ପୂର୍ଣ୍ଣ ନ କଲେ ଚିରଦିନ ଜୀବନ ଶୂନ୍ୟ ଓ ନିରର୍ଥକ ହୋଇ ରହିଯିବ ।" ଆମ୍ଭମାନଙ୍କ ମାନସପଟରେ ନିରନ୍ତର କେତେ ଚିତ୍ର ମୁଦ୍ରିତ ହୋଇ ଯାଉଅଛି । ସେହି ପଟରେ ସୁନ୍ଦର ଚିତ୍ର ଅଙ୍କନ ନ କଲେ ତାହା କଦର୍ଯ୍ୟତାରେ ଭରିଯିବ ।

ସମ୍ପାଦିତ କର୍ମର ବିଭେଦ ଅନୁସାରେ ଜୀବନର ବିଫଳତା କିମ୍ବା ସଫଳତା ନିରୂପିତ ହୁଏ । କେହି ଅବା ପ୍ରାଣପଣ ଚେଷ୍ଟାରେ ସର୍ବୋତ୍କୃଷ୍ଟ ଚୋର ହୋଇପାରେ । ଏହି ହେତୁରୁ ତାହାର ଜୀବନ କଅଣ ସଫଳ ? ସେ ତାହାର ବ୍ୟବସାୟରେ ବଡ଼ ସଫଳ; କିନ୍ତୁ ତାହାର ସାର୍ଥକତା ସାଧୁ ବ୍ୟବସାୟରେ ଲିପ୍ତ ଯେ କୌଣସି ବ୍ୟକ୍ତିର ବିଫଳତାର ସମାନ ନୁହେ । ସମୁଜ୍ଜ୍ୱଳ ପରିଚ୍ଛଦରେ ଦେହ ଆବୃତ୍ତ କଲେ ନୀଚ ଉନ୍ନତ ହେବ ନାହିଁ, ଅସାଧୁ ସାଧୁ ହେବ ନାହିଁ, ମଳିନ ନିର୍ମଳ ହେବ ନାହିଁ । ମନୁଷ୍ୟର ଆଦର୍ଶ ଯେପରି, ତାହାର ଜୀବନ ମଧ୍ୟ ସେହିପରି ହୁଏ ।

କାହାର ଉଚ୍ଚାଭିଳାଷ ପ୍ରତିବେଶୀଙ୍କଠାରୁ ଅପେକ୍ଷାକୃତ ଭଲ ଖାଇବା, ଭଲ ପିନ୍ଧିବା, ଗାଡ଼ିମଟର ଚଢ଼ିବାରେ ପର୍ଯ୍ୟବସିତ । ତାହାର ଆକାଂକ୍ଷା ଅଜସ୍ର ଅର୍ଥ ବ୍ୟୟ କରି ବିରାଡ଼ି କୁକୁରଙ୍କୁ ବିବାହ ଦେବା କିମ୍ବା ଖୁପାଧର ମାଳ ପିନ୍ଧିବାରେ ନିଯୁକ୍ତ । ଏ ସମସ୍ତ ଭଲଟି କି ?

କିଭଳି ହେବା ଉଚିତ, ସେ ସମ୍ବନ୍ଧରେ ସମସ୍ତଙ୍କ ମନରେ ଗୋଟିଏ ଆଦର୍ଶ ରହିଥାଏ । ଉନ୍ନତିକାମୀଙ୍କ ପକ୍ଷରେ ଆଦର୍ଶ ଏହା ଅଟେ ଯେ, ସେ ସ୍ୱୟଂ ଯାହା ତାହାଠାରୁ ବଡ଼ ହେବେ । ଏମାନଙ୍କ ମଧ୍ୟରୁ ଏଭଳି ଲୋକ ଅତ୍ୟଳ୍ପ ଯେଉଁମାନେ ବର୍ତ୍ତମାନ ଅବସ୍ଥାରେ ସନ୍ତୁଷ୍ଟ, ତାହାଠାରୁ ଆହୁରି ଜ୍ଞାନୀ, ଗୁଣୀ କିମ୍ବା ଉନ୍ନତ ହେବାକୁ ଅସମ୍ମତ ।

ଆମ୍ଭେମାନେ ଯାହା ଅଛୁଁ ଏବଂ ଯାହା ହେବାକୁ ଇଚ୍ଛୁକ, ତାହା ମଧ୍ୟରେ ଅନେକ ବ୍ୟବଧାନ । ମନୁଷ୍ୟ ମନରେ କେତେ ମହତ୍ ଆଦର୍ଶ ସଞ୍ଚିତ ହୋଇ ରହିଅଛି । ସେ ଆଦର୍ଶକୁ ତୂଳିକାରେ ବିଚିତ୍ର ବର୍ଣ୍ଣରେ ଚିତ୍ରିତ କରିବା, ମର୍ମର ପ୍ରସ୍ତରରେ ମୂର୍ତ୍ତିଦାନ କରିବା, ସୁରମ୍ୟ ନିକେତନରେ ଫୁଟାଇଦେବା ଏବଂ କାବ୍ୟ-ନାଟକ-ଉପନ୍ୟାସ-ଦର୍ଶନ-ପ୍ରବନ୍ଧ-ସମୂହରେ ତାହାର ପରିଚୟ ପ୍ରଦାନ କରିବା ମନୁଷ୍ୟର ପ୍ରକୃତିଗତ ।

କୌଣସି ମନୀଷୀ କହିଅଛନ୍ତି, "କୌଣସି ଯଥାର୍ଥ ମନୁଷ୍ୟ ଅର୍ଦ୍ଧସମ୍ପୂର୍ଣ୍ଣ ଜୀବନ ଯେପରି ବଞ୍ଚି ରହି ପାରନ୍ତି ନାହିଁ । ଅପରାର୍ଦ୍ଧ—ଉଚ୍ଚତର ଅର୍ଦ୍ଧ ସକାଶେ ତାହାଙ୍କର ମନ ନିରନ୍ତର ବ୍ୟାକୁଳ ହୋଇଥାଏ ।"

Digitized by srujanika@gmail.com

ଆମ୍ଭେମାନେ ଯେତେ କ୍ଷଣ ଜୀବନ୍ତ ରହିଥାଉଁ, ସେ ସମସ୍ତରେ ଆଶା ଓ ଆକାଙ୍କ୍ଷା ତ୍ୟାଗ କରି ନ ପାରୁଁ । କେତେଗୁଡ଼ିଏ ଦ୍ରବ୍ୟ ଅଛି, ଯାହା ଆମ୍ଭମାନଙ୍କ ନିକଟରେ ବଡ଼ ସୁନ୍ଦର ବୋଧହୁଏ । ସେଗୁଡ଼ିକ ସକାଶେ ଆମ୍ଭମାନଙ୍କ ନିକଟରେ ଲୋଭର ଅନ୍ତ ନାହିଁ ।

ଆମ୍ଭମାନଙ୍କର ପ୍ରାଣର ଇଚ୍ଛାହିଁ ଆମ୍ଭମାନଙ୍କ ଅଦୃଷ୍ଟର ଭବିଷ୍ୟତ ବାଣୀ । ଯୌବନର ସ୍ୱପ୍ନ ଜୀବନରେ ସମ୍ପୂର୍ଣ୍ଣ ସଫଳ ହୁଏ ନାହିଁ । ବର୍ତ୍ତମାନ ଯାହା ପ୍ରତିଜ୍ଞା କରେ, ଭବିଷ୍ୟତ କେବେହେଁ ସେ ସମସ୍ତ ଦେଇ ନ ପାରେ । ବିଧାତା ଆମ୍ଭମାନଙ୍କ ଜୀବନ କେତେକାଂଶ ସ୍ୱହସ୍ତରେ ରଖିଛନ୍ତି, କାଳେ ଆମ୍ଭେମାନେ କାର୍ଯ୍ୟ ପରିତ୍ୟାଗ କରିଯିବୁଁ ଅଥବା ନିରୁଦ୍ୟମ ହେବୁଁ । ଆମ୍ଭମାନଙ୍କ ଆଶା-ଆକାଙ୍କ୍ଷା ମଧ୍ୟରେ ଅବିନଶ୍ୱରତାର ଅସମ୍ପୂର୍ଣ୍ଣ ଜୀବନ କାହାଣୀ ସୁସ୍ପଷ୍ଟ ।

ଅପରର ମଙ୍ଗଳ ସାଧନରେ ଯାହାର ସାର୍ଥକତା ଏବଂ ନିଖିଳ ବିଶ୍ୱର କଲ୍ୟାଣ କର୍ମରେ ବିଶ୍ୱଜନଙ୍କ ସେବା ଓ ମୈତ୍ରୀରେ ଯାହାର ନିୟୋଗ, ସେହି ଉଚ୍ଚଭିଳାଷୀହିଁ ବରେଣ୍ୟ ।

Digitized by srujanika@gmail.com

ଜାତୀୟ ଜୀବନ

ଓଡ଼ିଶାରେ ଗୋଟିଏ ପ୍ରବାଦ ଅନେକଙ୍କ ମୁହଁରୁ ଶୁଣାଯାଏ—'ଦେଖା ଶିଖା ଓଡ଼ିଶା'। ଏହାର ପ୍ରକୃତ ଅର୍ଥ ଏହି ଯେ, ଓଡ଼ିଶାବାସୀମାନେ ଯାହା ଯେଉଁଠାରେ ଦେଖନ୍ତି ତାହା ଶିଖିନିଅନ୍ତି; ଅର୍ଥାତ୍ ଓଡ଼ିଆମାନେ ଭାରି ଅନୁକରଣପ୍ରିୟ ଏବଂ ଅନୁକରଣ କରିବାରେ ସେମାନେ ବିଶେଷ ଦକ୍ଷ। ଅନେକ ଲୋକ ଏହି ପ୍ରବାଦଟିକୁ ଅନେକ ସ୍ଥାନରେ ପ୍ରୟୋଗ କରିବାର ଦେଖାଯାଏ। କେତେବେଳେ ଏ ପ୍ରବାଦର ସାହାଯ୍ୟ ଲୋଡ଼ାଯାଏ ? ଯେତେବେଳେ କୌଣସି ଲୋକକୁ ଅନ୍ୟଲୋକକୃତ କାର୍ଯ୍ୟାନୁଯାୟୀ କର୍ମ କରିବାର ଦେଖାଯାଏ, ସେତେବେଳେ ଅନୁକରଣକାରୀର ମୁରବିସ୍ଥାନୀୟ ଲୋକମାନେ ତିରସ୍କାରପୂର୍ବକ ଉକ୍ତ ପ୍ରବାଦଟି ବ୍ୟବହାର କରନ୍ତି। କର୍ମ ସୁକର୍ମ ଏବଂ କୁକର୍ମ ଭେଦରେ ଦୁଇ ପ୍ରକାର। ମାତ୍ର କୁକର୍ମଗୁଡ଼ିକ ଲୋକମାନେ ଯେତେ ଶୀଘ୍ର ଅନୁକରଣ କରନ୍ତି, ସେତେ ଶୀଘ୍ର ସୁକର୍ମଗୁଡ଼ିକ ଅନୁକରଣ କରିବାର ଦେଖାଯାଏ ନାହିଁ। ସେହି କାରଣରୁ ଯେତେବେଳେ କୌଣସି ଲୋକ ମନ୍ଦ କାର୍ଯ୍ୟରେ ପ୍ରବୃତ୍ତ ହୁଏ ଲୋକମାନେ ଉପରୋକ୍ତ ପ୍ରବାଦଟି ବିଶେଷ ସ୍ଥଳରେ ବ୍ୟବହାର କରିଥାନ୍ତି। କୁକର୍ମ ଦ୍ୱାରା ପାପାର୍ଜନ କରାଯାଏ, କୁକର୍ମ କଲେ ବିପଦ ଏବଂ ଭୟ ଅବଶ୍ୟମ୍ଭାବୀ; ଏହା ଦେବସ୍ୱଭାବାପନ୍ନ ଲୋକର ମନୁଷ୍ୟତ୍ୱ ନଷ୍ଟକରି ତାହାକୁ ରାକ୍ଷସ କରିଦିଏ। କୁକର୍ମ କଲେ ଲୋକକୁ ସମାଜରେ ନିନ୍ଦିତ, ଲାଞ୍ଛିତ, ଭର୍ତ୍ସିତ ହେବାକୁ ହୁଏ। ତାହା ଧନହାନି, ମାନହାନି ଏବଂ ବଳହାନି କରାଏ; ନାନାପ୍ରକାର ଉତ୍କଟ, ଦୁରାରୋଗ୍ୟ ରୋଗମାନ ଉତ୍ପାଦନ କରେ। ତଥାପି ଲୋକମାନେ କୁକର୍ମ ପ୍ରତି ଏତେ ଶୀଘ୍ର ଆସକ୍ତ ହୋଇପଡ଼ନ୍ତି କାହିଁକି ? ମଦୁଆ ଯେତେ ଶୀଘ୍ର ତାହାର ସଙ୍ଗୀମାନଙ୍କୁ ମଦୁଆ କରିଦେଇପାରେ; ଗଞ୍ଜେଇଆ, ଗୁଲିଖୋର ଯେତେ ଶୀଘ୍ର ତାହାର ସଙ୍ଗୀମାନଙ୍କୁ ଗଞ୍ଜେଡ଼ି କରିଦେଇପାରେ; ଚୋର ଯେତେ ଶୀଘ୍ର ତାହାର ସଙ୍ଗୀମାନଙ୍କୁ ଚୋର କରିଦେଇପାରେ; ଜଣେ ସାଧୁଲୋକ ତାହାର ସଙ୍ଗୀମାନଙ୍କୁ ସେତେ ଶୀଘ୍ର ସାଧୁ କରିପାରିବାର ଦେଖାଯାଏ ନାହିଁ। କୁପଥଗାମୀ ହେବାକୁ ଲୋକ ଯେତେ ଶୀଘ୍ର ମନ ବଳାଏ, ସୁପଥଗାମୀ ହେବାକୁ ସେତେ ଶୀଘ୍ର ପାରେ ନାହିଁ; ଏ ବଡ଼ ଆଶ୍ଚର୍ଯ୍ୟର ବିଷୟ ! କେଉଁ କର୍ମ କଲେ ନିଜର ଏବଂ ଦେଶର ମଙ୍ଗଳ ହେବ, ତହିଁ ପ୍ରତି ଲୋକମାନଙ୍କର ତିଳେ ମାତ୍ର ଦୃଷ୍ଟି ନାହିଁ; ମାତ୍ର ଯେଉଁ କର୍ମଦ୍ୱାରା ନିଜର

Digitized by srujanika@gmail.com

ଏବଂ ଦେଶର ଅନିଷ୍ଟ ହେବ, ତଦ୍ବିପ୍ରତି ଲୋକମାନଙ୍କର ପୂର୍ଣ୍ଣ ଉଦ୍‌ବେଗ ଏବଂ ଆଗ୍ରହ । ଏହା ଦେଖି ମନରେ ସ୍ୱତଃ ଗୋଟିଏ ପ୍ରଶ୍ନ ଉଦିତ ହୁଏ । ସୁକର୍ମ ଅପେକ୍ଷା କୁକର୍ମର ଆକର୍ଷଣୀ ଶକ୍ତି ଅଧିକ ହେବାର କାରଣ କଣ ? ଏହାର କାରଣ ବିଷକୁମ୍ଭ ପୟୋମୁଖ ସଦୃଶ କ୍ଷଣିକ ସୁଖ । ମନୁଷ୍ୟ ଅଜ୍ଞାନତାବଶତଃ ଏହି କ୍ଷଣିକ ସୁଖର ଭବିଷ୍ୟତ୍ ଦୁଃଖଦାୟୀ ଗୁଣ ହୃଦୟଙ୍ଗମ କରି ନ ପାରି ତାହାକୁ ବ୍ୟଗ୍ରତା ସହିତ ଆଲିଙ୍ଗନ କରିପକାଏ । ଅଗାଧ ଅନନ୍ତ ସମୁଦ୍ର ଉପକୂଳରେ ଦଣ୍ଡାୟମାନ ହୋଇଥିବା ଲୋକର ପଦସ୍ଖଳନ ହେଲେ ସେ ଯେପରି ପ୍ରତ୍ୟାବର୍ତ୍ତନ କରି ନ ପାରି କେତେକ ସମୟ ଛଟପଟ ହେବା ପରେ ଅତଳଗାମୀ ହୁଏ, କୁପଥଗାମୀ ଲୋକର ଦଶା ମଧ୍ୟ ତଦ୍ରୂପ । ଅତଏବ ଯେଉଁ ସଦ୍‌ଗୁଣାବଳୀ ଆମ୍ଭେମାନେ ଅନୁକରଣ କରି ଆମ୍ଭମାନଙ୍କର ଜୀବନକୁ ତଦ୍ୱାରା ଗଠନ କରି ପାରିବୁ, ଆମ୍ଭମାନଙ୍କର ଅଚିରେ ମଙ୍ଗଳ ହେବ । ଜାତି ଏବଂ ଧର୍ମ ନିର୍ବିଶେଷରେ ଆବାଳବୃଦ୍ଧବନିତା ଯେ କୌଣସି ଲୋକର ସଦ୍‌ଗୁଣାବଳୀ ଅନୁକରଣୀୟ ଏବଂ ଅସଦ୍‌ଗୁଣାବଳୀ ପରିତ୍ୟାଜ୍ୟ । ଆଜିକାଲି କେତେକ ନବ୍ୟ ଶିକ୍ଷିତ ଦଳ ସାହେବ ସାଜିବା ପାଇଁ ବଡ଼ ଲାଳାୟିତ ଏବଂ କେତେକ ବଙ୍ଗାଳୀ ସାଜିବା ପାଇଁ ବ୍ୟତିବ୍ୟସ୍ତ; କିନ୍ତୁ ସେମାନେ ସାହେବ ବା ବଙ୍ଗାଳୀ-ମାନଙ୍କଠାରୁ କଣ ଅନୁକରଣ କରନ୍ତି ? କେବଳ ଖାଦ୍ୟପେୟ, ପୋଷାକପରିଚ୍ଛଦ ପ୍ରଭୃତି ସେମାନଙ୍କର ଅନୁକରଣୀୟ ବସ୍ତୁ ଥିବା ପରି ବୋଧହୁଏ । ଏପରି ଅନୁକରଣ ଆମ୍ଭମାନଙ୍କର ମଙ୍ଗଳପ୍ରଦ ନୁହେଁ । ଯଦି ଆମ୍ଭେମାନେ ସାହେବମାନଙ୍କୁ ଆଦର୍ଶ କରି ସେମାନଙ୍କ ତୁଲ୍ୟ ବଳିଷ୍ଠ, ବିଦ୍ୱାନ୍, ନ୍ୟାୟବାନ୍, ଶିକ୍ଷିତ, ସ୍ୱଦେଶପ୍ରେମିକ, ସତ୍ୟବାଦୀ ପ୍ରଭୃତି ହେବାକୁ ନିବିଷ୍ଟ ଚିତ୍ତରେ ଚେଷ୍ଟା କରୁଥାନ୍ତୁ ଏବଂ ବଙ୍ଗାଳୀମାନଙ୍କ ପରି ବୁଦ୍ଧିମାନ, ଶିକ୍ଷିତ ଏବଂ ଲେଖକ ପ୍ରଭୃତି ହେବାକୁ କାୟମନୋବାକ୍ୟରେ ଚେଷ୍ଟା କରୁଥାନ୍ତୁ, ତାହାହେଲେ ଆମ୍ଭମାନଙ୍କର କି ମହତ୍ ଉପକାର ସାଧିତ ହେଉଥାନ୍ତା ତାହା କହିବା ବାହୁଲ୍ୟମାତ୍ର । ସାହେବପ୍ରଭୃତିମାନଙ୍କ ପରି ମଦ୍ୟ ମାଂସ ଭକ୍ଷଣ କଲେ କିମ୍ବା କୋଟ, ହାଟ୍‌କୋଟ୍, କଲାର ନେକ୍‌ଟାଇ ପରିଧାନ କଲେ ଭାରତ ତଥା ଉତ୍କଳ ସ୍ୱର୍ଗରାଜ୍ୟକୁ ଉଠିଯିବ ନାହିଁ । ଏ ସମସ୍ତ ବାହ୍ୟ ଉପକରଣ; ଜାତୀୟ ଉନ୍ନତି ପକ୍ଷେ ଏ ସମସ୍ତର ମୂଲ୍ୟ ଅତି ଅଳ୍ପ । ବାହ୍ୟ ଆଡ଼ମ୍ବର ତ୍ୟାଗକରି ଯଦ୍ୱାରା ନିଜର ତଥା ନିଜ ଜାତିର ଉନ୍ନତି ହେବ ତଦ୍ରୂପ କର୍ମମାନ ଅନୁଷ୍ଠାନ କରିବା ଆମ୍ଭମାନଙ୍କର ବିଧେୟ । ଅନ୍ୟାନ୍ୟ ଉନ୍ନତ ଜାତିର ଆଦର୍ଶରେ ଆମ୍ଭମାନଙ୍କର ଜାତୀୟଜୀବନ ଗଠନ କରିବା ନିତାନ୍ତ ଆବଶ୍ୟକ ।

ଏଠାରେ ପ୍ରଶ୍ନ ହୋଇପାରେ, 'ଜାତୀୟଜୀବନ' କଥାଟିର ଅର୍ଥ କଣ ? କେହି କେହି କହନ୍ତି 'ଜାତିର ଜୀବନ' । ଏ କଥାରେ କୌଣସି ସାରମର୍ମ ନାହିଁ; କାରଣ ଜାତିର ଜୀବନ କି ପ୍ରକାର ତାହା ଅବଧାରଣ କରିବା ସହଜ ନୁହେଁ । ଯେଉଁମାନେ ଏପରି ଆପତ୍ତି ଉତ୍‌ଥାପନ କରିବେ ସେମାନଙ୍କର ଆପତ୍ତି ନିତାନ୍ତ ଅମୂଳକ ବୋଲି ବୋଧ ହେଉନାହିଁ । କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ଜୀବନଚରିତ ସଂଗ୍ରହ କରି ଲେଖିବା ବଡ଼ ସହଜ ବିଷୟ ନୁହେଁ ।

Digitized by srujanika@gmail.com

ପ୍ରତ୍ୟେକ ଲୋକର ଚରିତ୍ରରେ ଯେଉଁ ବିଭିନ୍ନ ପ୍ରକାର କାର୍ଯ୍ୟାବଳୀ ଆମ୍ଭେମାନେ ଦେଖିବାକୁ ପାଉଁ ସେ ସମସ୍ତଙ୍କର ଏକତ୍ରୀକରଣରେ ଉକ୍ତ ଲୋକର ଗୋଟିଏ ସର୍ବାଙ୍ଗସୁନ୍ଦର ଚରିତ୍ର ପ୍ରସ୍ତୁତ କରିବା ବଡ଼ କଠିନ ବ୍ୟାପାର । ତାହାର ସାମାଜିକ, ପାରିବାରିକ ଏବଂ ରାଜନୈତିକ ଜୀବନ ଏକା ନୁହେଁ । ଜୀବନର କୌଣସି ଏକ ନିର୍ଦ୍ଦିଷ୍ଟ ଅଂଶରେ ତାହାର ଚରିତ୍ର ଯେପରି ଦେଖାଯାଉଥାଏ, ଅନ୍ୟ ଅଂଶରେ ତାହାର ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବାର ଦେଖାଯାଏ । ଏକା ଲୋକ ସକାଳେ ଏକପ୍ରକାର ଏବଂ ସନ୍ଧ୍ୟାବେଳେ ଭିନ୍ନ ପ୍ରକାର ଦେଖାଯାଏ । କଚେରୀରେ ସ୍ୱଭାବ ଏକପ୍ରକାର, ଗୃହ ମଧ୍ୟରେ ସ୍ୱଭାବ ଅନ୍ୟପ୍ରକାର, ସମାଜରେ ସ୍ୱଭାବ ସମ୍ପୂର୍ଣ୍ଣ ପୃଥକ୍; କେତେବେଳେ ଆନନ୍ଦରେ ପରିପୂର୍ଣ୍ଣ, କେତେବେଳେ ରୁଦ୍ର ମୂର୍ତ୍ତି, କେତେ-ବେଳେ ନରମ ଏବଂ କେତେବେଳେ ଗରମ । ଅତଏବ ବ୍ୟକ୍ତିଗତ ଜୀବନର ସାଧାରଣ ଚରିତ୍ର ଏବଂ ସ୍ୱଭାବ ସ୍ଥିର କରିବା ମାର୍ଗରେ ଏତେ ପ୍ରକାର ବାଧାବିଘ୍ନ ଦେଖାଯାଉଥିବା ସ୍ଥଳେ, ବିଭିନ୍ନ ଚରିତ୍ର ବିଶିଷ୍ଟ ଅସଂଖ୍ୟ ଲୋକଙ୍କର ସମଷ୍ଟି ଗୋଟିଏ ଜାତିର ସାଧାରଣ ଚରିତ୍ର, ଗୁଣ ଏବଂ ସ୍ୱଭାବ ସ୍ଥିରକରି କହିଦେବା ଯେ କେଡ଼େ ଗୁରୁତର ବ୍ୟାପାର ତାହା ପାଠକ ମହାଶୟମାନେ ସହଜରେ ଅନୁମାନ କରିପାରିବେ । ଭାରତର ଜାତୀୟ ଜୀବନ ସମ୍ବନ୍ଧରେ ଲେଖିବା, କହିବା ତତୋଽଧିକ କଷ୍ଟକର, କାରଣ ଏହାକୁ ଗୋଟିଏ ଜାତି ନ କହି ଜାତି-ପୁଞ୍ଜ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜନୈତିକ ଏକତା ବ୍ୟତୀତ ଅନ୍ୟ କୌଣସି ପ୍ରକାର ଏକତା ଭାରତବାସୀଙ୍କ ମଧ୍ୟରେ ଥିବାର ଦେଖାଯାଏନାହିଁ । ଭାରତବାସୀମାନେ ବିଭିନ୍ନ ଧର୍ମାବଲମ୍ବୀ, ବିଭିନ୍ନ ଆଚାର ବ୍ୟବହାରବିଶିଷ୍ଟ ଏବଂ ବିଭିନ୍ନ ଜାତିଭୁକ୍ତ । ସଭ୍ୟତା ସମସ୍ତଙ୍କୁ ସମଭାବରେ ସ୍ପର୍ଶ କରିନାହିଁ, ଶିକ୍ଷା ସମସ୍ତଙ୍କ ମଧ୍ୟରେ ସମାନ ଭାବରେ ବିସ୍ତୃତ ହୋଇ ନାହିଁ । ସମସ୍ତେ ସମଅବସ୍ଥାପନ୍ନ ନୁହନ୍ତି ଏବଂ ସମସ୍ତଙ୍କର ସ୍ୱାର୍ଥ ସମାନ ନୁହେ । ରାଜନୈତିକ ଏକତା ପାଶରେ ମଧ୍ୟ ସମସ୍ତ ଭାରତବାସୀ ଏକତ୍ର ଆବଦ୍ଧ ନୁହନ୍ତି, କାରଣ ଦେଶୀୟ ରାଜା ଏବଂ ସେମାନଙ୍କ ରାଜ୍ୟବାସୀମାନେ ବ୍ରିଟିଶ ଭାରତର ଅନ୍ତର୍ଗତ ନୁହନ୍ତି । ଏହି କାରଣମାନଙ୍କରୁ ଶାସନକାର୍ଯ୍ୟରେ ଅନେକ ପ୍ରକାର ଗଣ୍ଡଗୋଳ ସମୟ ସମୟରେ ଦେଖାଯାଏ । ଜାତୀୟ ଆକାଙ୍‌କ୍ଷା ଏବଂ ଜାତି ମିଶ୍ରଣ ସମ୍ବନ୍ଧରେ ଅନେକ ଦେଶହିତୈଷୀ କର୍ମବୀର ନାନା ପ୍ରକାର ପ୍ରବନ୍ଧମାନ ଲେଖୁଅଛନ୍ତି ଏବଂ ତଦୁଦ୍ଦେଶ୍ୟରେ କର୍ମ କରୁଅଛନ୍ତି ଏବଂ ମୋର ମଧ୍ୟ ସେମାନଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହାନୁଭୂତି ଅଛି; ମାତ୍ର ଏ ପର୍ଯ୍ୟନ୍ତ ପ୍ରକୃତ କାର୍ଯ୍ୟ କିଛି ହୋଇନାହିଁ । ଭାରତୀୟ ଜାତିର ଆକାଙ୍‌କ୍ଷା କ'ଣ ଏ କଥା ଭାରତବାସୀମାନେ ସମସ୍ବରରେ କହିବାକୁ ସମର୍ଥ ହୋଇନାହାନ୍ତି । ଏହାର ପ୍ରଧାନ କାରଣ ଏହି ଯେ, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସ୍ୱାର୍ଥ ଭାରତର ଉନ୍ନତିକଲେ ସମାନ ବୋଲି ସମଗ୍ର ଭାରତବାସୀ ଅନୁଭବ କରିବାକୁ ସମର୍ଥ ହୋଇନାହାନ୍ତି । ବଙ୍ଗାଳୀମାନେ ଭାବୁଛନ୍ତି ସେମାନଙ୍କ ସ୍ୱାର୍ଥ ଅନ୍ୟମାନଙ୍କଠାରୁ ପୃଥକ୍, ମୁସଲମାନମାନେ ଭାବୁଛନ୍ତି ସେମାନଙ୍କ ସ୍ୱାର୍ଥ ପୃଥକ୍, ଉତ୍କଳୀୟମାନେ ଭାବୁଛନ୍ତି ସେମାନଙ୍କ ସ୍ୱାର୍ଥ ପୃଥକ୍, ତୈଲଙ୍ଗୀୟମାନେ ଭାବୁଛନ୍ତି ସେମାନଙ୍କ ସ୍ୱାର୍ଥ ପୃଥକ୍; ଏହି ପ୍ରକାରେ ଭାରତରେ ଯେତେ ବିଭିନ୍ନ ପ୍ରକାର ଜାତିମାନେ ବସତି କରୁଛନ୍ତି, ସେମାନେ

Digitized by srujanika@gmail.com

ପ୍ରତ୍ୟେକର ସ୍ୱାର୍ଥ ପୃଥକ୍ ବୋଲି ଭାବୁଅଛନ୍ତି । ପ୍ରତ୍ୟେକ ଜାତିର ସମଗ୍ର ଲୋକମାନେ ସେମାନଙ୍କର ଏକ ସ୍ୱାର୍ଥ ବୋଲି ହୃଦୟଙ୍ଗମ କରିପାରୁନାହାନ୍ତି । ଯେପରି ସମସ୍ତ ଧାତୁମାନଙ୍କୁ ତରଳାଇଲେ ଅଷ୍ଟଧାତୁ ନିର୍ମିତ ହୁଏ ଏବଂ ସେହି ଅଷ୍ଟଧାତୁ ଅଧିକ ଶକ୍ତିସମ୍ପନ୍ନ ହୁଏ, ସେହିପରି ଭାରତରେ ଯେତେ ବିଭିନ୍ନ ସ୍ୱାର୍ଥବିଶିଷ୍ଟ ଜାତି ବାସ କରନ୍ତି, ସେମାନଙ୍କର ସମସ୍ତଙ୍କର ସ୍ୱାର୍ଥ ମିଶ୍ରିତ ହୋଇ ଯେଉଁ ଏକ ଭାରତୀୟ ସ୍ୱାର୍ଥ ଜାତ ହେବ, ତାହା ହିଁ ପ୍ରକୃତରେ ଶକ୍ତିସମ୍ପନ୍ନ ହୋଇ କାର୍ଯ୍ୟକାରୀ ହେବ । ତେତେବେଳେ ଭାରତବାସୀମାନଙ୍କର ଜାତୀୟ ଆକାଙ୍କ୍ଷା ଅଛି ବୋଲି କହିବାକୁ ହେବ ଏବଂ ତେତେବେଳେ ଭାରତର ଜାତୀୟଜୀବନ ପ୍ରବୃତ୍ତ ହେବ । ପ୍ରତ୍ୟେକ ପ୍ରାଦେଶିକ ଜାତିମାନଙ୍କ ସମ୍ବନ୍ଧରେ ମଧ୍ୟ ଉପରୋକ୍ତ ନିୟମ ପ୍ରୟୋଗ କରିଯାଇପାରେ । ଏହି ଭାବ କ୍ରମେ ପ୍ରତ୍ୟେକ ହୃଦୟରେ ଏବଂ ମନରେ ଉଦିତ ହେଉଥିବାର ଦେଖାଯାଏ । ସୁତରାଂ ବର୍ତ୍ତମାନ ଲୋକମାନଙ୍କୁ ଏହି ଶିକ୍ଷା ଦେବା ପ୍ରତ୍ୟେକ ଲୋକର କର୍ତ୍ତବ୍ୟ ଯେ ଆମ୍ଭେ ସମସ୍ତ ଭାରତବାସୀମାନଙ୍କର ସ୍ୱାର୍ଥ ସମାନ, ଉଦ୍ଦେଶ୍ୟ ସମାନ ଏବଂ ଭାରତର ଉନ୍ନତିକଲେ ଆମ୍ଭମାନଙ୍କର ଲକ୍ଷ୍ୟ ମଧ୍ୟ ସମାନ ।

ଏହି ଶିକ୍ଷା ବିସ୍ତୃତଭାବରେ କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ପ୍ରଚାରିତ ହେବା ଆବଶ୍ୟକ । ଏହି ଭାବ ପ୍ରତ୍ୟେକର ହୃଦୟତନ୍ତ୍ରୀ ସ୍ପର୍ଶ କରିବା ଆବଶ୍ୟକ । ଏହି ଶିକ୍ଷା ପୂର୍ଣ୍ଣଭାବେ ପ୍ରଚାରିତ ହୋଇ ଆମ୍ଭମାନଙ୍କ ମନରୁ ସଂକୀର୍ଣ୍ଣ ଭାବଗୁଡ଼ିକ ବିନାଶ କରି ଯେତେବେଳେ ଉଦାର ଭାବ ଜାତକରିବ ଏବଂ ଏହି ଉଦାର ଭାବରେ ଉନ୍ମାଦିତ ହୋଇ ଆମ୍ଭେମାନେ ସମସ୍ୱରରେ ଭାରତର ଉନ୍ନତି କାମନା କରିବା, ତେତେବେଳେ ଆମ୍ଭମାନଙ୍କର ଜାତୀୟ ଜୀବନର ବିକାଶ ହେଲା ବୋଲି କହିବାକୁ ହେବ । ସ୍ୱାର୍ଥକୁ ଜଳାଞ୍ଜଳି ଦେବାକୁ ହେବ । ଆମ୍ଭମାନଙ୍କର ମନରେ ଉଚ୍ଚତମ ଅଭିଳାଷ ପୋଷଣ କରିବାକୁ ହେବ ।

ଭାରତର ଜୀବନ—ଏହାର ଅର୍ଥ ନୁହେଁ ଯେ ଭାରତବାସୀମାନେ କିପରି ସମୟ ଏବଂ ଅର୍ଥ ବ୍ୟୟ କରନ୍ତି । ଏହାର ଅର୍ଥ ଏହି ଯେ, ଭାରତବାସୀମାନଙ୍କର ଆଦର୍ଶ ଚରିତ୍ର ଏବଂ ଆଦର୍ଶ ଜୀବନ କି ପ୍ରକାର ? ଯେଉଁ ଗୁଣ, ଚରିତ୍ର ବା ସ୍ୱଭାବ ଅଧିକାଂଶ ଭାରତବାସୀମାନଙ୍କଠାରେ ଦେଖାଯାଏ, ତାହାକୁ ହିଁ ଜାତୀୟ ସ୍ୱଭାବ ବୋଲି ଗ୍ରହଣ କରିବାକୁ ହେବ । ମାତ୍ର ଏକ ଗୁଣ ସ୍ୱଭାବ ଏକାଧାରରେ ଗୋଟିଏ ଜାତିର ଅଧିକାଂଶ ଲୋକଙ୍କଠାରେ ମିଳିବା କଠିନ । ଏ ସମ୍ବନ୍ଧରେ ମୋର ଜ୍ଞାନ ମଧ୍ୟ ସୀମାବଦ୍ଧ । ସାଧାରଣତଃ ଯାହା ଦେଖାଯାଏ, ଭାରତବାସୀମାନେ ବଡ଼ ଶିଷ୍ଟ । ଶିଷ୍ଟାଚାର ବା ସୌଜନ୍ୟ ଭାରତବାସୀମାନଙ୍କର ଧର୍ମ । ଶିଷ୍ଟତା ଦୁଇ ପ୍ରକାର ; ଯଥା—(୧) ବାହ୍ୟ ଶିଷ୍ଟତା, ଯାହାକୁ ଇଂରେଜୀରେ etiquette କହନ୍ତି ଓ (୨) ପ୍ରାକୃତିକ ଶିଷ୍ଟତା । ପ୍ରଥମଟି ଭାରତବାସୀମାନଙ୍କର ଗୁଣ ବା ଧର୍ମ ହୋଇ ନପାରେ, ମାତ୍ର ଦ୍ୱିତୀୟଟି ଭାରତର ସକଳ ସମାଜରେ ଦେଖାଯାଏ । ଆଜିକାଲି ସଭ୍ୟ ସମାଜରେ ଯେ ପ୍ରକାର ଶିଷ୍ଟାଚାର ଦେଖାଯାଏ, ଦ୍ୱିତୀୟଟି ସେ ପ୍ରକାର ନୁହେଁ । ଯେଉଁ ଶିଷ୍ଟତା ଅନ୍ୟମାନଙ୍କ ଅନୁକରଣ ଦ୍ୱାରା ଜାତ ନ ହୋଇ ସ୍ୱତଃ ଚରିତ୍ରର ଗୁଣସ୍ୱରୂପ ଜାତ

Digitized by srujanika@gmail.com

ହୋଇଥାଏ ତାହା ହିଁ ପ୍ରକୃତ ଶିଷ୍ଟତା । ଭାରତୀୟ ଶିଷ୍ଟାଚାର କୃତ୍ରିମ ନୁହେଁ, ଏହା ସ୍ୱାଭାବିକ । ନିଃସ୍ୱାର୍ଥ ଭାବରେ ଅନ୍ୟମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ହିଁ ପ୍ରକୃତ ଶିଷ୍ଟତା । ଏଥିରୁ ଏପରି ବୁଝିବାକୁ ହେବ ନାହିଁ ଯେ, ଭାରତରୁ ସ୍ୱାର୍ଥ ଏବଂ ଅଶିଷ୍ଟତା ଏକାବେଳକେ ସମୂଳେ ବିନାଶପ୍ରାପ୍ତ ହୋଇଅଛି । ସ୍ୱାର୍ଥ ଏବଂ ଅଶିଷ୍ଟତା ଅଛି; ମାତ୍ର ଶିଷ୍ଟତା ବହୁଳ ପରିମାଣରେ ଦେଖାଯାଏ ବୋଲି, ଏହା ଆମ୍ଭମାନଙ୍କର ଗୋଟିଏ ଜାତୀୟ ସ୍ୱଭାବ ବୋଲି କହିବାକୁ ହେବ । ଶିଷ୍ଟତା ଭାରତବାସୀମାନଙ୍କର ଗୋଟିଏ ମୂଲ୍ୟବାନ୍ ଜାତୀୟ ସମ୍ପତ୍ତି ।

ସନ୍ତୋଷ ଏବଂ ସହିଷ୍ଣୁତା ଭାରତବାସୀମାନଙ୍କର ଜାତୀୟ ଧର୍ମ ବୋଲି ଲୋକେ କହିଥାନ୍ତି । ଏ କଥା ସାର୍ବଭୌମିକ ନ ହେଲେ ସୁଦ୍ଧା ଅଧିକାଂଶରେ ସତ୍ୟ । କିନ୍ତୁ କେତେକ ଦିନ ହେଲା ଭାରତରେ ଯେଉଁ ଅଶାନ୍ତି ଏବଂ ଅଧୈର୍ଯ୍ୟ ଦେଖାଦେଇଅଛି ସେଥିରୁ କଣ ଜଣାଯାଏ ? ଯେଉଁ ଆକାରରେ ଅଶାନ୍ତିର ଆବିର୍ଭାବ ହୋଇଅଛି ଏବଂ ଯେଉଁ ଭାଷାରେ ତାହା ବ୍ୟକ୍ତ ହୋଇଅଛି ତାହାକୁ ମୁଁ ଅନୁମୋଦନ କରୁନାହିଁ । ମାତ୍ର ଯେଉଁ ସନ୍ତୋଷ ଭବିଷ୍ୟତ ଉନ୍ନତିର ଆଶା ନ ରଖି ଯାହା ଅଛି ସେଥିରେ କେବଳ ସନ୍ତୁଷ୍ଟ ଥାଏ ଏବଂ ଯେଉଁ ସହିଷ୍ଣୁତା ଉନ୍ନତି ମାର୍ଗରୁ କଣ୍ଟକଗୁଡ଼ିକ ପରିଷ୍କୃତ କରି ଉଚ୍ଚତମ ସୋପାନରେ ଆରୋହଣ କରିବାକୁ ଚେଷ୍ଟା ନ କରେ, ସେ ପ୍ରକାର ସନ୍ତୋଷ ଏବଂ ଧୈର୍ଯ୍ୟକୁ ଜାତୀୟ ଧର୍ମ କୁହାଯାଇ ନ ପାରେ । ସ୍ଥିରଭାବରେ ମନରେ ଉଚ୍ଚାଭିଳାଷ ପୋଷଣ କରିବା; ବାଧାବିଘ୍ନ ପ୍ରତି ଭ୍ରୂକ୍ଷେପ ନ କରିବା, ସମୟରେ ବାଞ୍ଛିତ ପଦାର୍ଥ ଅବଶ୍ୟ ଲାଭ ହେବ ବୋଲି ଦୃଢ଼ ବିଶ୍ୱାସ ଥିବା, 'ଶରୀରଂ ବା ପାତୟେତ୍ କାର୍ଯ୍ୟଂ ବା ସାଧୟେତ୍' ପ୍ରତିଜ୍ଞା କରି କାର୍ଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ହେବାକୁ ପ୍ରକୃତ ଧୈର୍ଯ୍ୟ ବା ସହିଷ୍ଣୁତା କୁହାଯାଏ । ଅସହିଷ୍ଣୁତା ବା ଅଧୈର୍ଯ୍ୟ ଦୁର୍ବଳତାର ଚିହ୍ନସ୍ୱରୂପ; କିନ୍ତୁ ବଳର ଲକ୍ଷଣ ନୁହେଁ । ଅସହିଷ୍ଣୁ ଲୋକ ବାଧାବିଘ୍ନ ପଡ଼ିଲେ ବିରକ୍ତ ହୁଏ, କ୍ରୋଧାଭିଭୂତ ହୁଏ; ମାତ୍ର ସେ ସମସ୍ତ ଅତିକ୍ରମ କରିବାକୁ ନିଶ୍ଚିତରୂପେ କାର୍ଯ୍ୟ କରିପାରେ ନାହିଁ । ବର୍ତ୍ତମାନ ଅବସ୍ଥାରେ ସନ୍ତୁଷ୍ଟ ରହି ଭବିଷ୍ୟତ୍ ଉନ୍ନତି ଚିନ୍ତା କରିବା ଏବଂ ତଦୁପଯୋଗୀ କର୍ମମାନ କରିବା ହିଁ ପ୍ରକୃତ ସନ୍ତୋଷର ଲକ୍ଷଣ । ଯାହା ଅଛି ଚିରକାଳ ତାହା ଥାଉ, ଏପରି ନିଶ୍ଚିନ୍ତତାକୁ ପ୍ରକୃତ ସନ୍ତୋଷ କୁହାଯାଇ ନ ପାରେ ।

ପୂର୍ବକାଳରେ ଭାରତବାସୀଙ୍କ ମନରେ ଯେ ପ୍ରକାର ସନ୍ତୋଷ ଥିଲା କିମ୍ବା ବର୍ତ୍ତମାନ କାଳରେ ଅଧିକାଂଶ ସାଧାରଣ ଲୋକଙ୍କ ମନରେ ଯେ ପ୍ରକାର ସନ୍ତୋଷ ଅଛି, ତାହା ଭବିଷ୍ୟତ ଭାରତ ପକ୍ଷରେ କେତେଦୂର ସ୍ପୃହଣୀୟ ଏହା ଉତ୍ତମରୂପେ ତୁଳନା କରିବା ଆବଶ୍ୟକ । ବର୍ତ୍ତମାନ ଯାହାକୁ ଆମ୍ଭେ ସହିଷ୍ଣୁତା ବୋଲି କହୁ ସେଥିରୁ ଅଧିକାଂଶକୁ ଉଦାସୀନତା ବା ମୂଲ୍ୟବାନ୍ ଜୀବନଶକ୍ତିର ଅଭାବ ବୋଲି କହିଲେ ଅଯୁକ୍ତ ହେବ ନାହିଁ; କିମ୍ବା ମନୁଷ୍ୟର ଉଚ୍ଚ ଭାଗ୍ୟ ଉପଲବ୍ଧି କରିପାରିବାର ଅକ୍ଷମତା କହିଲେ ଅଯୁକ୍ତ ହେବ ନାହିଁ । ପ୍ରକୃତ ଲକ୍ଷ୍ୟ ସ୍ଥିର ନ କରି, ଉପରୋକ୍ତ ବିଷୟମାନ ଭାରତବାସୀମାନେ ଜାଣି ନ ପାରିବାରୁ, ସେମାନେ ଅସନ୍ତୁଷ୍ଟ ହୋଇ ଅସହିଷ୍ଣୁତା ସହିତ କାର୍ଯ୍ୟ କରୁଅଛନ୍ତି । ମାତ୍ର

Digitized by srujanika@gmail.com

ହେହ୍ପର ଭ୍ରମରେ ନ ପଡ଼ି ସ୍ଥିର ଚିତ୍ତରେ ଆପଣାର ବାଞ୍ଛିତ ଲକ୍ଷ୍ୟ ସ୍ଥିରକରି ଈଶ୍ୱରଙ୍କଠାରେ ସମ୍ପୂର୍ଣ୍ଣ ବିଶ୍ୱାସସ୍ଥାପନପୂର୍ବକ ଧୀର ସ୍ଥିର ଭାବରେ କାର୍ଯ୍ୟ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଉଦ୍ଦେଶ୍ୟ ମହତ୍ ହେଲେ ଈଶ୍ୱର ନିଶ୍ଚୟ ଆମ୍ଭମାନଙ୍କୁ ବାଞ୍ଛିତ ଫଳ ପ୍ରଦାନ କରିବେ ।

ଜୀବନ ଜଳ-ସ୍ଫୋଟକ ସଦୃଶ କ୍ଷଣଭଙ୍ଗୁର । ସଂସାର ଏବଂ ସାଂସାରିକ ବିଷୟମାନ ମିଥ୍ୟା, ଏହା ହିଁ ଭାରତବାସୀଙ୍କର ଧାରଣା । ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ରମାନଙ୍କର ଉପଦେଶ ଏପରି ଧାରଣାର ମୂଳ କାରଣ ହୋଇପାରେ କିମ୍ବା ଏପରି ଧାରଣା ଆମ୍ଭମାନଙ୍କର ସ୍ୱାଭାବିକ । କାରଣ ଯାହାହେଉ ପଛକେ, ଉପରୋକ୍ତ ଭାବଟିକୁ ଜାତୀୟ ଭାବ ବୋଲି କୁହାଯାଇପାରେ । ଏହି ଧାରଣାର ଦାର୍ଶନିକ ସତ୍ୟତା ଏଠାରେ ଆଲୋଚନା କରିବାର ବିଷୟ ନୁହେଁ । କିନ୍ତୁ ଯାହା ଦେଖାଯାଏ, ସମସ୍ତ ଭାରତବାସୀଙ୍କର ସମସ୍ତ କାର୍ଯ୍ୟକଳାପ ଉପରେ ଉକ୍ତ ଧାରଣା ପ୍ରଭୂତ କ୍ଷମତା ବିସ୍ତାର କରିଅଛି ।

ଯେଉଁ ପାର୍ଥିବ ଜଗତ ସହିତ ଆମ୍ଭମାନଙ୍କର ଭାଗ୍ୟ ଆବଦ୍ଧ, ସେହି ସଂସାରକୁ ନଶ୍ୱର ଭାବି କୌଣସି ଅଦୃଶ୍ୟମାନ ବିଷୟକୁ ଆମ୍ଭମାନଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସ୍ଥିର କରିବା ଏବଂ ତଦ୍‌ଗତ ଚିତ୍ତରେ କାର୍ଯ୍ୟ କରିବା ଦ୍ୱାରା କେବଳ ଯେ ଆମ୍ଭମାନଙ୍କର ଇହଜୀବନରେ ବିଶେଷ କ୍ଷତି ଓ ଅନିଷ୍ଟ ହେବ ତାହା ନୁହେଁ, ଆମ୍ଭମାନଙ୍କର ଆଧ୍ୟାତ୍ମିକ ଜୀବନ ଉପରେ ମଧ୍ୟ କୁଠାରାଘାତ ହେବ ।

ସାଂସାରିକ ଉନ୍ନତି ପଥରେ ଉପରୋକ୍ତ ଭାବଟି ବଡ଼ ଅନିଷ୍ଟଜନକ । ଈଶ୍ୱର ସତ୍ୟ ଏବଂ ଆଉ ସମସ୍ତ ମିଥ୍ୟା ଏହା ହିଁ ଆମ୍ଭମାନଙ୍କର ଧାରଣା । ପରମାତ୍ମା ସହିତ ଜୀବାତ୍ମାଙ୍କର ସମ୍ମିଳନ ହିଁ ଯଦି ଆମ୍ଭମାନଙ୍କର ମୁଖ୍ୟ ଲକ୍ଷ୍ୟ, ତେବେ ଏଠାରେ ପ୍ରଶ୍ନ ହୋଇପାରେ ଯେ ଏହି ପରିଦୃଶ୍ୟମାନ ବାହ୍ୟଜଗତ ସହିତ ଈଶ୍ୱରଙ୍କର କୌଣସି ସମ୍ବନ୍ଧ ଅଛି କି ନା ? ଏହି ବାହ୍ୟଜଗତ ଈଶ୍ୱରଙ୍କ ବହିଃପ୍ରକାଶାବସ୍ଥା ମାତ୍ର । ଚିତ୍ତବୃତ୍ତି ସହିତ ସ୍ଥୂଳଶରୀରର ଯେଉଁ ସମ୍ବନ୍ଧ, ଈଶ୍ୱରଙ୍କ ସହିତ ବାହ୍ୟଜଗତର ସେହି ସମ୍ବନ୍ଧ । ଈଶ୍ୱରଙ୍କ ସତ୍ତା ସର୍ବତ୍ର ବିଦ୍ୟମାନ । ଈଶ୍ୱର ଯଦି ସତ୍ୟ, ବାହ୍ୟଜଗତ ମଧ୍ୟ ସତ୍ୟ । ସାଂସାରିକ ଉନ୍ନତି ଆମ୍ଭ-ମାନଙ୍କର ମୁଖ୍ୟ ଲକ୍ଷପ୍ରାପ୍ତିର ପନ୍ଥା । ଅତଏବ ସଂସାରକୁ ଅସତ୍ୟ ଭାବି ସାଂସାରିକ ଉନ୍ନତି ପ୍ରତି ଅବହେଳା ବା ଅନାଦର ପ୍ରକାଶ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ । ଜୀବନ କ୍ଷଣଭଙ୍ଗୁର ବୋଲି ତାହାର ଉନ୍ନତି ପକ୍ଷେ ଉଦାସଭାବ ଅବଲମ୍ବନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ । ଜୀବନ କେବଳ ଗୋଟିଏ ମାୟାସ୍ୱପ୍ନ ନୁହେଁ । ଏହାର ମହତ୍ ଉଦ୍ଦେଶ୍ୟ ଅଛି । ଯଦି ଭୂତ ସତ୍ୟ ଏବଂ ଭବିଷ୍ୟତ ସତ୍ୟ, ବର୍ତ୍ତମାନଟି କଥା ମିଥ୍ୟା ହୋଇ ନ ପାରେ । ବର୍ତ୍ତମାନ ଭୂତ ଗର୍ଭରୁ ଉଦ୍ଭୂତ ଏବଂ ଭବିଷ୍ୟତ୍ ଗର୍ଭରେ ଲୀନ ହେବ; ତେବେ ଏହା କିପରି ମିଥ୍ୟା ହୋଇପାରେ ? ଅର୍ଥାତ୍ ଏହି ବାହ୍ୟଜଗତ ଈଶ୍ୱରଙ୍କଠାରୁ ଆସିଅଛି ଏବଂ ଶେଷରେ ଈଶ୍ୱରଙ୍କଠାରେ ଲୀନ ହେବ । ଯଦି ଈଶ୍ୱର ସତ୍ୟ, ବାହ୍ୟଜଗତ ମିଥ୍ୟା ହୋଇ ନ ପାରେ । ବାହ୍ୟଜଗତର ଭୂତ ଓ ଭବିଷ୍ୟତ୍ ସହିତ ଘନିଷ୍ଠ ସମ୍ବନ୍ଧ ଅଛି ।

Digitized by srujanika@gmail.com

ଭାଗବତରେ ଅଛି, "ଧନ ଅର୍ଜିଲେ ଧର୍ମ କର, ଧର୍ମେ ପ୍ରାପତ ନରହରି" ଏବଂ ଗୀତାରେ ଅଛି "ଗୃହସ୍ଥାଶ୍ରମରେ ରହି ଯେ ଧର୍ମ ଆଚରି, ସେ କଥା ଶୋଚିଲୁ ପାର୍ଥ କେହି ନୁହେ ପରି।" ଗୀତା ଏବଂ ଭାଗବତ ଭଗବାନଙ୍କର ସ୍ୱମୁଖୋକ୍ତ ବୋଲି ଆମ୍ଭମାନଙ୍କର ଜାତୀୟ ବିଶ୍ୱାସ। ଅତଏବ ଆମ୍ଭେମାନେ ସେହି ଧର୍ମଶାସ୍ତ୍ରମାନଙ୍କ ଉପଦେଶରୁ ଦେଖୁଅଛୁଁ ଯେ ନରହରି ବା ଈଶ୍ୱରଙ୍କୁ ଦେଖିବା ପାଇଁ ସାଂସାରିକ ଏବଂ ଆର୍ଥିକ ଉନ୍ନତି କରିବା ଆମ୍ଭ-ମାନଙ୍କର ପ୍ରଧାନ କର୍ତ୍ତବ୍ୟ।

ସଂସାର ଶିକ୍ଷାମନ୍ଦିର ଏବଂ ଏହା ହିଁ ପ୍ରକୃତ ପରୀକ୍ଷାର ସ୍ଥଳ। ବ୍ୟାଘ୍ର ଭଲ୍ଲୁକ ପ୍ରଭୃତି ହିଂସ୍ରଜନ୍ତୁମାନଙ୍କୁ ନିଜର କର୍ମବୀରତ୍ୱଦ୍ୱାରା ପରାସ୍ତକରି ଜୟଲାଭ କରିବା ହିଁ ପ୍ରକୃତ ମନୁଷ୍ୟତା। ସେହିପରି ଷଡ଼ରିପୁ ପରିପୂର୍ଣ୍ଣ ସଂସାରରେ ନିଜର ଚରିତ୍ର ବଳଦ୍ୱାରା, ନିଜର ସଦ୍‌ଗୁଣଦ୍ୱାରା, ନିଜର ସତ୍‌କର୍ମାନୁଷ୍ଠାନଦ୍ୱାରା ରିପୁମାନଙ୍କୁ ଦମନ କରି ଆଧ୍ୟାତ୍ମିକ ଉନ୍ନତି ଲଭ କରିବାହିଁ ଶ୍ରେଷ୍ଠ ପନ୍ଥା। ସୁବର୍ଣ୍ଣକୁ ଅଗ୍ନିରେ ଦଗ୍ଧ କଲେ ତାହାର ମଳିନତ୍ୱ ନଷ୍ଟ ହୋଇ ପ୍ରକୃତ ତେଜପୁଞ୍ଜ ବିନିର୍ଗତ ହୁଏ। ସେହିପରି ମନୁଷ୍ୟ ସଂସାର ବିଷୟବାସନାରୂପ ଅଗ୍ନିରେ ଦଗ୍ଧ ନ ହେବା ପର୍ଯ୍ୟନ୍ତ ନିଜର ପ୍ରକୃତ ମନୁଷ୍ୟତ୍ୱ ପ୍ରକାଶ ହେବ ନାହିଁ। ଅତଏବ ସଂସାରକୁ ନିତାନ୍ତ ଅସାର ଏବଂ ଜୀବନକୁ କ୍ଷଣଭଙ୍ଗୁର ବୋଲି ବିଶ୍ୱାସ କଲେ ମନୁଷ୍ୟର ସ୍ୱତଃ ଉଦାସୀନ ଭାବ ଜାତ ହୁଏ। କିନ୍ତୁ ଏପରି ଭାବ ମନରେ ପୋଷଣ କରିବା ଆମ୍ଭମାନଙ୍କ ପକ୍ଷେ ଶ୍ରେୟସ୍କର ନୁହେଁ। ବିଜ୍ଞାନ, ଇତିହାସ ଓ ଦର୍ଶନଶାସ୍ତ୍ର ମଧ୍ୟରେ କୌଣସି ଶତ୍ରୁତା ନାହିଁ; ବରଂ ତିନିହିଁ ମଧ୍ୟରେ ମିତ୍ରତା ସମ୍ପାଦନ ହିଁ ଆମ୍ଭମାନଙ୍କ ପକ୍ଷେ ଉପକାରୀ। ସୁତରାଂ ଆଧ୍ୟାତ୍ମିକ ଉନ୍ନତି ହିଁ ମୁଖ୍ୟ ଉନ୍ନତି ଏବଂ ଈଶ୍ୱରପ୍ରାପ୍ତି ହିଁ ଆମ୍ଭମାନଙ୍କର 'ମୁଖ୍ୟ ଲକ୍ଷ୍ୟ' ହେଲେ ସୁଦ୍ଧା ଆର୍ଥିକ ଉନ୍ନତି ପକ୍ଷେ ଉଦାସଭାବ ଅବଲମ୍ବନ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ। ସୁତରାଂ ଭାରତବାସୀମାନଙ୍କ ମନରୁ ତଥା ଉତ୍କଳୀୟ ଭାଇମାନଙ୍କ ମନରୁ ଉକ୍ତ ଭାବ ବିଦୂରିତ ହେବା ଆବଶ୍ୟକ। ଭାରତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ଆର୍ଥିକ ଉନ୍ନତିର ଆବଶ୍ୟକତା ଅତ୍ୟନ୍ତ ବାଞ୍ଛନୀୟ। ଏହି ଉଦ୍ଦେଶ୍ୟରେ ହିନ୍ଦୁମାନେ ବର୍ଣ୍ଣାଶ୍ରମ ଧର୍ମ ସୃଷ୍ଟି କରିଥିଲେ ଏବଂ କର୍ମ ବିଭାଗ କରିଦେଇଥିଲେ। ବର୍ଣ୍ଣାଶ୍ରମ ଧର୍ମର ମୁଖ୍ୟ ଉଦ୍ଦେଶ୍ୟ ଏହି ଯେ କୌଣସି ପ୍ରକାର ଉନ୍ନତି ଅପୂର୍ଣ୍ଣାଙ୍ଗ ହେବ ନାହିଁ।

ଆଧ୍ୟାତ୍ମିକ ଉନ୍ନତି ସଙ୍ଗେ ସଙ୍ଗେ ଆର୍ଥିକ ଉନ୍ନତି କରିପିବ, ଏହାହିଁ ବର୍ଣ୍ଣାଶ୍ରମ ଧର୍ମର ଉଦ୍ଦେଶ୍ୟ। ମାତ୍ର ଏହି ମହତ୍ ଉଦ୍ଦେଶ୍ୟ କାଳକ୍ରମେ ରୂପାନ୍ତର ପ୍ରାପ୍ତ ହୋଇ ଜାତିରୂପ ବିଷବୃକ୍ଷ ଉତ୍ପାଦନପୂର୍ବକ ନନାପ୍ରକାର ପ୍ରଶାଖା ମେଲି ଅଜ୍ଞତାରୂପ ଗୁଳ୍ମଦ୍ୱାରା ସମସ୍ତ ହିନ୍ଦୁସମାଜକୁ ନିବିଡ଼ ତମସାଚ୍ଛନ୍ନ କରିପକାଇଅଛି। କାଳକ୍ରମେ ହିନ୍ଦୁମାନେ ପ୍ରକୃତ ପନ୍ଥା ବିସ୍ମୃତ ହୋଇ କର୍ମ-ବିମୁଖ ହେବାରୁ ମନରେ ଉଦାସଭାବ ପୋଷଣ କରୁଅଛନ୍ତି। ଆଳସ୍ୟପରିପୂର୍ଣ୍ଣ ଲୋକ ସଂସାରକୁ ଅସାର କହିବା ବ୍ୟତୀତ ଆଉ କଣ କହିପାରେ ? ଏହାକୁ ପ୍ରକୃତ ଧର୍ମଜ୍ଞାନ ନକହି କାପୁରୁଷତା, ଉଦ୍ୟମଶୂନ୍ୟତା ଓ କର୍ମବିମୁଖତା ବୋଲି କହିଲେ

Digitized by srujanika@gmail.com

ଅତ୍ୟକ୍ତ ହେବ ନାହିଁ । ବିଦେଶୀୟ ଜାତିମାନେ ଆମ୍ଭମାନଙ୍କର ଏହି କର୍ମବିମୁଖତାର ସୁଯୋଗ ନେଇ ସେମାନଙ୍କ କର୍ମପ୍ରସୂତ ଦ୍ରବ୍ୟଗୁଡ଼ିକ ଆମ୍ଭମାନଙ୍କୁ ଦେଇ ଆମ୍ଭ ପୁଞ୍ଜି ପାଣ୍ଠି ଯାକ କଲାକନା ବୁଲାଇ ନେଇଯାଉଅଛନ୍ତି । ଭାରତବାସୀମାନେ କେବଳ ହାଅନ୍ନ ହାଅନ୍ନ ବୋଲି ଡକା ପକାଉ ଅଛନ୍ତି । ଏଣେ ଉଦାସୀନତା, ତେଣେ ବିଦେଶୀ ଦ୍ରବ୍ୟର ମାୟାମମତା ଓ ଚାକଚକ୍ୟ ଦେଖି ଅନଳରେ ପତଙ୍ଗ ପଡ଼ିବା ନ୍ୟାୟରେ ଚୂଲିଚାଲି ବିକି କରି କ୍ରୟ କରିବାରେ ତ୍ରୁଟି ନାହିଁ ।

ସଂସାର ଯଦି ମିଥ୍ୟା, ବିଦେଶୀ ଦ୍ରବ୍ୟରେ ସତ୍ୟତା କାହିଁ ଅଇଲା ଯେ ତାକୁ କ୍ଷଣିକ ସୁଖ ଉପଭୋଗାର୍ଥେ କ୍ରୟ କରିବାକୁ ଏତେ ବ୍ୟସ୍ତ ? ଯଦି ବିଳାସ ସାମଗ୍ରୀମାନ ନ ହେଲେ ନ ଚଳେ, ନିଜର କର୍ମ କୁଶଳତା ଦେଖାଇ ସେ ସମସ୍ତ ପ୍ରସ୍ତୁତ କରୁନାହଁ କାହିଁକି ? କାପୁରୁଷ ପରି ବିଦେଶୀମାନଙ୍କର ଦୋଷ ଦେଖିବା ଏବଂ ସେମାନଙ୍କର ଅନିଷ୍ଟ ବାଞ୍ଛା କରିବା ଆମ୍ଭମାନଙ୍କର ଧର୍ମ ନୁହେଁ । ବିଦେଶୀମାନେ ନିଜ କର୍ମବଳରେ ନଦୀ, ସମୁଦ୍ର, ବନ, ପର୍ବତ ପାରହୋଇ ଅର୍ଥ ଖୋଜି ବୁଲୁଅଛନ୍ତି । କେଉଁ ଉପାୟରେ ପ୍ରଭୂତ ଅର୍ଥ ଲାଭ ହେବ, କି ପ୍ରକାର ବାଣିଜ୍ୟ ବ୍ୟବସାୟ ଅବଲମ୍ବନ କଲେ ଭାଗ୍ୟ-ଲକ୍ଷ୍ମୀ କରଗତ ହେବେ, ଏହାହିଁ ବିଦେଶୀ କର୍ମବୀରମାନଙ୍କର ଦୃଢ଼ ବ୍ରତ । ପ୍ରକୃତି ଗର୍ଭରେ କେଉଁ ସ୍ଥାନରେ କି ଅର୍ଥ ନିହିତ ଅଛି, ବିଜ୍ଞାନ ସାହାଯ୍ୟରେ ତାହା ଆବିଷ୍କାର କରିବାହିଁ ସେମାନଙ୍କର ସତତ ଚେଷ୍ଟା । ଯେଉଁ ଜାତି ଏତାଦୃଶ ବ୍ରତ ଅବଲମ୍ବନ କରି ଭାଗ୍ୟ-ଲକ୍ଷ୍ମୀ ପୂଜା କରୁଅଛନ୍ତି, ଅର୍ଥ ସେମାନଙ୍କ କରଗତ ନ ହୋଇ ଅମ୍ଭମାନଙ୍କର କିପରି କରଗତ ହେବ ? ଏପରି ଆଶା କରିବା ବିଡ଼ମ୍ବନା ମାତ୍ର । ବିଦେଶୀମାନେ ଭାରତରୁ ଯେବେ ସେମାନଙ୍କ କର୍ମବଳଦ୍ୱାରା ଅର୍ଥ ନେଇଯାଉଅଛନ୍ତି ତାହା ସେମାନଙ୍କର ଦୋଷ ନୁହେଁ; ବରଂ ଆମ୍ଭମାନଙ୍କର ଦୋଷ । ଯଦି ଭାରତ ତାହାର ଧନ ରକ୍ଷା କରିବାକୁ ଚାହେଁ, ଯଦି ଭାରତ ଅନ୍ୟ ଦେଶରୁ ଅର୍ଥ ଉପାର୍ଜନ କରିବାର ବାସନା କରେ, ଭାରତବାସୀମାନେ ଆଳସ୍ୟ ପରିତ୍ୟାଗ କରି ବିଦେଶୀୟମାନଙ୍କ ଭଳି ଦମ୍ଭ, ସାହସ, ଉଚ୍ଚାଭିଳାଷ ମନରେ ପୋଷଣ କରି କର୍ମବୀର ହେବା ଆବଶ୍ୟକ । ରତ୍ନପ୍ରସୂ ଭାରତର ସନ୍ତାନମାନେ କର୍ମଅସି ଧାରଣ କଲେ ଅଚିରେ ଅଜ୍ଞାନାନ୍ଧକାର ବିନାଶ ପାଇ ଜ୍ଞାନ-ବିଜ୍ଞାନାଲୋକରେ ଭାରତ ଆଲୋକିତ ହେବ ଏବଂ ଭାରତମାତା-ଗର୍ଭନିହିତ ନିଧିମାନ ଭାରତର କରଗତ ହେବ ଏବଂ ଅଦୂର ଭବିଷ୍ୟତରେ ଭାରତର ଆର୍ଥିକ ଉନ୍ନତି ହୋଇ ଭାରତକୁ ପରମୁଖାପେକ୍ଷୀ ହେବାକୁ ପଡ଼ିବ ନାହିଁ ।

ସୁତରାଂ ପାଠକ ମହାଶୟମାନଙ୍କର ଶିକ୍ଷା କରିବା ଉଚିତ ଯେ, ଆମ୍ଭମାନଙ୍କର ପର ଦୋଷ ନ ଦେଖି ନିଜ ଦୋଷ ଦେଖିବା ଉଚିତ । ନିଜ ଦୋଷଗୁଡ଼ିକ ପରିହାର କରି କର୍ମବୀର ହେବା ଉଚିତ । ବିଦେଶୀମାନେ ଯେବେ ଧନଶାଳୀ ଏବଂ ବିଜ୍ଞ, ତାହା ସେମାନଙ୍କର କର୍ମଫଳ । ଆମ୍ଭେମାନେ ଯେବେ ନିର୍ଦ୍ଧନ ଏବଂ ଅଜ୍ଞ, ତାହା ଆମ୍ଭମାନଙ୍କର କର୍ମଫଳ । ଯାହା ଅମ୍ଭମାନଙ୍କର ଅଭାବ ତାହା ପରଠାରୁ ଦେଖି ଶିକ୍ଷା କରିବାରେ କିଛି

Digitized by srujanika@gmail.com

ଦୋଷ ନାହିଁ । ଦୋଷ ପରିହାର କରି ଗୁଣ ଅନୁକରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ପ୍ରତ୍ୟେକ ବ୍ୟକ୍ତି ବା ପ୍ରତ୍ୟେକ ଜାତିର ଦୋଷ ଅଛି, ଏହା ମୁଁ ଅସ୍ୱୀକାର କରୁନାହିଁ । କିନ୍ତୁ ଦୋଷ ଖୋଜିବୁଲିବା ମକ୍ଷିକାର କାର୍ଯ୍ୟ । କୌଣସି ଲୋକର ଦୋଷ ପ୍ରତି ଭ୍ରୂକ୍ଷେପ ନ କରି ତାହାର ଯେ ଗୁଣଟି ଅଛି ତାକୁ ଅନୁକରଣ କର । ଏହି ନୀତି ଅବଲମ୍ବନ କରିବା ଆମ୍ଭମାନଙ୍କର ଏକାନ୍ତ କର୍ତ୍ତବ୍ୟ । ଉତ୍କଳୀୟ ଭାଇମାନେ ଗାଢ଼ନିଦ୍ରା ପରିତ୍ୟାଗ କର । ଆଳସ୍ୟର ମସ୍ତକ ଉପରେ ପଦାଘାତ କର ; ଚକ୍ଷୁ ଉନ୍ମୀଳନ କରି ସଭ୍ୟଜଗତ ପ୍ରତି ଦୃଷ୍ଟିପାତ କର । ଦେଖ, କର୍ମବୀରମାନେ କିପରି କର୍ମକ୍ଷେତ୍ରରେ କର୍ମ କରୁଅଛନ୍ତି । ଆମେରିକା ଆମ୍ଭମାନଙ୍କର ଆଦର୍ଶ କର୍ମକ୍ଷେତ୍ର ହେବା ଆବଶ୍ୟକ । ଯାହା ମନୁଷ୍ୟ କରିପାରେ, ତାହା ଆମ୍ଭମାନଙ୍କ ପ୍ରତି ଅସାଧ୍ୟ ନୁହେଁ । ଆମେରିକାର ଇତିହାସ ପାଠକର । ପରିବ୍ରାଜକ ନିହାଲ ସିଂହ ମହାଶୟ ଯେଉଁ 'Messages of Uplift for India' ବୋଲି ବହି ଲେଖିଅଛନ୍ତି, ତାହାକୁ ପାଠ କରିବାକୁ ପ୍ରତ୍ୟେକ ଶିକ୍ଷିତ ଉତ୍କଳୀୟ ଭାଇମାନଙ୍କୁ ଅନୁରୋଧ କରୁଅଛୁ । ଉକ୍ତ ବହିଖଣ୍ଡି ପାଠକରି ତାହାର ଭାବଗୁଡ଼ିକ ଯେପରି ଜନସାଧାରଣରେ ପ୍ରଚରିତ ହୁଏ ତହିଁ ପ୍ରତି ଦୃଷ୍ଟି ଦେବା କର୍ତ୍ତବ୍ୟ ।

ପ୍ରାଣପ୍ରାଚୁର୍ଯ୍ୟ

ପ୍ରାଣ ଜଡ଼ପିଣ୍ଡରେ ଆବଦ୍ଧ ନୁହେଁ । ଭୌତିକ ବିଗ୍ରହରେ ଆଣି ସୀମାବଦ୍ଧ ହୋଇ ନପାରେ । ପ୍ରାଣ ନିଜର ଅନନ୍ତ ଚିତ୍‌ଶକ୍ତିରେ ଜଗତରେ ବ୍ୟାପ୍ତ ହୁଏ, ଏହାହିଁ ପ୍ରାଣର ପ୍ରବୃତ୍ତି । ପ୍ରାଣପ୍ରାଚୁର୍ଯ୍ୟ ମାନବର ସ୍ୱାଭାବିକ । ସଂସାରର ଆବିଳତାରେ ତାହା ବିକୃତ ହୁଏ ମାତ୍ର ।

ଶିଶୁର ଦୋଷରେ କେହି କୋପ କରନ୍ତି ନାହିଁ । ଭଗ୍ନସ୍ୱାସ୍ଥ୍ୟରେ ସହାନୁଭୂତି ସହଜ ଦେଖାଯାଏ । ଖଞ୍ଜପ୍ରତି କରୁଣା, ଅନ୍ଧପ୍ରତି ଅନୁକମ୍ପା, ବାତୁଳପ୍ରତି କ୍ଷମା ସହଜଜାତ ଓ ସ୍ୱଭାବସିଦ୍ଧ । ଏଠାରେ ଜଗତର ଆବିଳତା ନାହିଁ । କିନ୍ତୁ ସହଜ ଏ କ୍ଷମା, ଏ କରୁଣା, ଏ ଅନୁକମ୍ପା, ଏ କୋପଶୂନତା ଦେଖାଯାଏ ନାହିଁ । ଅନ୍ୟର କାର୍ଯ୍ୟରେ ସାମାନ୍ୟ ତ୍ରୁଟି ଦେଖି ଆମ୍ଭେମାନେ ତୀବ୍ର ସମାଲୋଚନା କରିଥାଉଁ । କିନ୍ତୁ ଲୋକକୁ କେତେ ପ୍ରଲୋଭନ, କେତେ ପ୍ରଭାବ ସଙ୍ଗେ ସଂଗ୍ରାମ କରିବାକୁ ପଡ଼େ, ସମାଜର ଓ ସଂସର୍ଗର କେତେ ଅଲକ୍ଷିତ କ୍ରିୟା ତାର ଗତିରେ ବାଧା ଦିଏ, ସେ ସବୁ ଆମ୍ଭେମାନେ ଜାଣୁ କି ? ମନୁଷ୍ୟ ଘଟଣାର ଦାସ । ସମସ୍ତ ଘଟଣା ଯଥାଯଥ ଜାଣିପାରିଲେ ଲୋକର ଅଭାବ ସକାଶେ କ୍ଷମା ନକରି ରହିହେବନାହିଁ ।

ବାଳକମାନଙ୍କୁ କ୍ଷମା କରିବା ଉଚିତ୍, କାରଣ ସେମାନେ ଅପରିଣତ । ସ୍ତ୍ରୀମାନଙ୍କୁ କ୍ଷମା କରିବା ଉଚିତ୍, କାରଣ ସେମାନେ ଅବଳା । ଶାସକମାନଙ୍କୁ କ୍ଷମା କରିବା ଉଚିତ୍, କାରଣ ସେମାନେ ଶତପୋଷୀ; ସେମାନଙ୍କୁ ନାନା ବିଷୟରେ ନିଷ୍ପତ୍ତି କରିବାକୁ ପଡ଼େ— ସମୟସମୟରେ ଦୋଷ ରହିଯିବା ସ୍ୱାଭାବିକ । ସାଧୁଲୋକମାନଙ୍କୁ କ୍ଷମା କରିବା ଉଚିତ୍, କାରଣ ସେମାନଙ୍କର ଉଦ୍ଦେଶ୍ୟ ସାଧୁ । ଅସତ୍‌ମାନଙ୍କୁ କ୍ଷମା କରିବା ଉଚିତ୍, କାରଣ ସେମାନେ କୃପାର ପାତ୍ର—ଭୀଷଣ ଭବିଷ୍ୟତ ସେମାନଙ୍କ ପାଇଁ ରହିଛି ।

ମନୀଷୀବଚନ ଅଛି, "ସଂସାରରେ ନିଜକୁ ଜାଣିବା ସବୁଠାରୁ ଦୁଷ୍କର, ଆଉ ଅନ୍ୟର କାର୍ଯ୍ୟରେ ଦୋଷ ଦେଖାଇବା ସବୁଠାରୁ ସୁଗମ ।" ନିଜର କର୍ତ୍ତବ୍ୟ କଣ ଚିନ୍ତା କରିବା ଉଚିତ୍ । ଅନ୍ୟର କଣ କରିବା ଉଚିତ୍ ଥିଲା, ସେ ବିଷୟ ବିଚାର କରିବା ଭାର ଆମ୍ଭଙ୍କୁ ଦିଆଯାଇ ନାହିଁ । କ୍ଷମା ଓ ଦୟା ସଂସାରରେ ମାନବର ସ୍ୱଧର୍ମ—ମାନବାତ୍ମାର ଏହା ପରମ ଲକ୍ଷଣ । କିନ୍ତୁ ନିଜଠାରେ ତାହା ପ୍ରୟୋଗ କରିବା ଉଚିତ୍ ନୁହେଁ । ଅନ୍ୟଠାରେ ପ୍ରୟୋଗ କରିବାହିଁ ତାହାର ପ୍ରକୃତ ବ୍ୟବହାର । ମକ୍ଷିକା ପରି କ୍ଷତ ନ ଖୋଜି, ମଧୁକର ପରି

Digitized by srujanika@gmail.com

ପୁଷ୍ପରସ ଆହରଣ କରିବାକୁ ହେବ । ଦୋଷ ଖୋଜି ବୁଲିବାକୁ ସୁଖଲାଗେ, କିନ୍ତୁ ଗୁଣର ଆହରଣରେ ଆତ୍ମା ସାର୍ଥକ ହୁଏ । ମିତ୍ର ମିତ୍ରର ଦୋଷ ବାଛିପାରେ; କିନ୍ତୁ ମିତ୍ରର ଦୋଷ ଖୋଜିବାଠାରୁ ଶତ୍ରୁର ଗୁଣ ବାଛିବା ଉତ୍କୃଷ୍ଟତର । ଶତ୍ରୁର ଗୁଣ ବାଛିବାରେ ପ୍ରାଣର ଯଥାର୍ଥ ପ୍ରକୃତି ପ୍ରକାଶପାଏ ।

ଆମ୍ଭେମାନେ ଅନ୍ୟ ଉପରେ ଦୋଷ ଢାଳିଦେଉ; କିନ୍ତୁ ନିଜ ଦୋଷହିଁ ଆମ୍ଭମାନଙ୍କୁ ବିଶେଷ ଭୋଗିବାକୁ ପଡ଼େ । ଅନ୍ୟର ଦୋଷରେ ଆମ୍ଭର କ୍ଷମା ଦେବାର ଅଧିକାର ଅଛି; କିନ୍ତୁ ନିଜ ଦୋଷରେ ଆମ୍ଭେ ଆତ୍ମଯାଚୀ ହେଉ । ତଥାପି ନିଜର ଦୋଷଗୁଡ଼ିକ କେଡ଼େ ପ୍ରିୟ ! ସେଗୁଡ଼ିକ ପାଇଁ ଆମ୍ଭେମାନେ ସର୍ବସ୍ୱ ଛାଡ଼ିପାରୁ । ତୀବ୍ର ସମାଲୋଚନା, ଅବହେଳା, ଏମନ୍ତ କି ଦଣ୍ଡ ପର୍ଯ୍ୟନ୍ତ ସହ୍ୟ କରୁ; ତଥାପି ସେଗୁଡ଼ିକର ବିରହ ଅସହ୍ୟ । ସେଗୁଡ଼ିକ ଯେପରି କି ଦୁର୍ମୂଲ୍ୟ ସମ୍ପଦ ! ତାକୁ ରକ୍ଷିବାକୁ ଯାଇଁ ଆମ୍ଭେମାନେ କେତେ ସହ୍ୟ ନକରୁ, କେତେ ତ୍ୟାଗ ନକରୁ, ଜୀବନକୁ କେତେ ବିପନ୍ନ ନକରୁ ! ସେ ସବୁ କ୍ଲେଶ, ସବୁ ତ୍ୟାଗ ବିପଦ ସେତେବେଳେ ନିଦାଘ ଚନ୍ଦନ ପରି ବୋଧହୁଏ ।

ଆତ୍ମିକ ଉନ୍ନତି ଦୂରର କଥା, ଅନ୍ତତଃ ଆତ୍ମଶାନ୍ତି ନିମନ୍ତେ ଆମ୍ଭମାନଙ୍କୁ ଆତ୍ମପରତା ତ୍ୟାଗକରି ପରପ୍ରବଣ ହେବାକୁ ହେବ । ଦୋଷ ଚିନ୍ତା କରିବାର ପ୍ରସକ୍ତି କରନାହିଁ । ଯାହାଙ୍କ ସଙ୍ଗେ ବାସକର, ସେମାନଙ୍କର ଦୋଷ ଦୁର୍ବଳତା ପ୍ରତି ଉଦାର ହୁଅ । ସେମାନେ ଯାହା କହନ୍ତି ବା କରନ୍ତି ସେଥିରେ ସବୁବେଳେ ସଦ୍‌ଭାବ ଦେଖିବାକୁ ଚେଷ୍ଟାକର । ତାଙ୍କର ଅସୁବିଧା ପ୍ରତି ପ୍ରାଣକୁ ଉନ୍ମୁକ୍ତ ରଖ, ଦୋଷକୁ ଅଳ୍ପ ମଣ ଓ ଗୁଣର ଆଦର କର । ମାନବ ପୂର୍ଣ୍ଣ ନୁହେଁ । ନିଜେ ପୂର୍ଣ୍ଣ ନହୋଇ, ଅନ୍ୟଠାରୁ ପୂର୍ଣ୍ଣତା ଆଶା କରିବା ବିଡ଼ମ୍ବନା । ଦୁର୍ଦ୍ଦିନର ଧାରାପାତ ଓ ଶିଶିରର ଶୀତ-ବାତ୍ୟା ସହିତ କଳହ କଲାପରି, ଲୋକର ଦୋଷ ଦୁର୍ଗୁଣରେ କ୍ରୁଦ୍ଧ ହେବା ଯୁକ୍ତିଯୁକ୍ତ ନୁହେଁ । ଧାରାପାତ ଓ ବାତ୍ୟା ଆମ୍ଭର କ୍ରୋଧକୁ ଭ୍ରୂକ୍ଷେପ କରିବ ନାହିଁ, ସେ ଅପରିବର୍ତ୍ତିତ ରହିବ । ମାତ୍ର ଲୋକର ଦୋଷ ଦୁର୍ଗୁଣ ଆମ୍ଭ କ୍ରୋଧରେ ବରଂ ପ୍ରଦୀପ୍ତ ହେବାର ଆଶଙ୍କା ଅଛି । ଅନ୍ୟର ଅପକାର ପ୍ରାଣକୁ ବାଧିପାରେ, କିନ୍ତୁ ଅନ୍ୟ ପ୍ରତି ଅପକାର କରିବା ଅଧିକତର ଭୀଷଣ । ପୁଣି, ଆମ୍ଭେମାନେ ବେଳେବେଳେ ଆତ୍ମପ୍ରତି କେଡ଼େ ଅପକାର, ଅପମାନ ବୃଥାରେ କଳ୍ପନା କରି ବସୁ ଏବଂ ତାହାର ପ୍ରତିଶୋଧରେ ପ୍ରବୃତ୍ତ ହୋଇ ଅକାରଣ କଳହ ସୃଷ୍ଟି କରିଥାଉ । ହୋଇପାରେ, ଆମ୍ଭର ଆତ୍ମୀୟ ବନ୍ଧୁ ପରିଜନମାନେ ବେଳେ ବେଳେ ଆତ୍ମପ୍ରତି ବଡ଼ ନିଷ୍ଠୁର; କିନ୍ତୁ ଘଟଣାଗୁଡ଼ିକ ପରୀକ୍ଷା କରି ଦେଖିଲେ, ସମ୍ଭବତଃ ଦେଖାଯିବ, ଆମ୍ଭେମାନେ ସ୍ୱୀକାର କରୁ ବା ନ କରୁ ଅଧିକାଂଶ ସମୟରେ ଆମ୍ଭର ଦୋଷ ହିଁ ସେଥି ନିମନ୍ତେ ଦାୟୀ । ଯେତେବେଳେ ବାସ୍ତବିକ ଆମ୍ଭର ଦୋଷ ନୁହେଁ, ସେତେବେଳେ ବୁଝିବାକୁ ହେବ, ଏହା ବ୍ୟକ୍ତିତ୍ୱ ବିକାଶରେ ଗୋଟିଏ ପ୍ରତିବନ୍ଧକ—ଗୋଟିଏ ପରୀକ୍ଷା, ଏ ପ୍ରତିବନ୍ଧକ ଲଙ୍ଘନ କରିବାକୁ ହେବ, ଏ ପରୀକ୍ଷାରେ

Digitized by srujanika@gmail.com

ଉତ୍ତୀର୍ଣ୍ଣ ହେବାକୁ ହେବ—ଏହିପରି ଆମ୍ଭାକୁ ନଷ୍ଟ କରିବାକୁ ଜଗତରେ ବନ୍ଧୁ ଅର୍ଜିବାକୁ ହେବ ।

ଯାହାର ଅନୁକମ୍ପା ନାହିଁ, ସେ ଅନୁକମ୍ପାର ପାତ୍ର । ତୁମ୍ଭେ ଅନ୍ୟପ୍ରତି ନିର୍ମମ ହେଲେ ଅନ୍ୟ ସମ୍ଭବତଃ ତୁମ୍ଭପ୍ରତି ନିର୍ମମ ହେବ । ନ ହେଲେ ବି ସେମାନଙ୍କର ପ୍ରୀତି ତୁମ୍ଭର ଜୀବନକୁ ସରସ କରିବ ନାହିଁ, କାରଣ ତୁମ୍ଭର ସେ ପ୍ରୀତି ଭୋଗ କରିବାର ପ୍ରବଣତା ଆସିବ ନାହିଁ । ଏହା ତୁମ୍ଭର ହୃଦୟ ଶୀତଳ ନକରି,ଯେପରିକି ମସ୍ତକରେ କରକା ପାତ କରିବ । ଯେ ବାଡ଼ ପକାଏ, ସେ ଅଳ୍ପମାତ୍ର ଭୂମି ଗ୍ରହଣ କରି ବହୁତ ବାରଣ କରେ । ସେହିପରି ଆମ୍ଭେ ଅନ୍ୟକୁ ସୁଖ ନପାଇ ଆମ୍ଭାକୁ ବାରଣ କଲେ, ଅନ୍ୟର ପ୍ରୀତି ଆମ୍ଭ ପାଖେ ପହଞ୍ଚି ପାରିବ ନାହିଁ । ଫଳତଃ ପ୍ରୀତି ନ ଦେଲେ ପ୍ରୀତିର ମୂଲ୍ୟ ବୁଝିବା ଅସମ୍ଭବ । ପ୍ରୀତିର ଉପଯୁକ୍ତ ନ ହେଲେ, ପ୍ରୀତିର ଉପଭୋଗ ନାହିଁ । ପ୍ରୀତି-ହୀନ ହୃଦୟ ଅଶ୍ରୁସାର, ଜଡ଼ ଘଟନାର ସ୍ରୋତରେ ତାହା ଶୁଷ୍କ ବାଲୁକାରେ ପରିଣତ ହୋଇପାରେ; କିନ୍ତୁ ତରଳ ପ୍ରବାହିତ ହେବନାହିଁ । ପ୍ରୀତି ପ୍ରବାହରେ ବହୁଜନ ସଙ୍ଗେ ଜୀବନର ଅନୁଭୂତି ଉନ୍ନତ ଓ ମଧୁର; ମାତ୍ର ସ୍ୱାର୍ଥର କ୍ଷୀଣଧାରାରେ ଜୀବନ ସଙ୍କୁଚିତ ଓ ନୀରସ ହୁଏ । ବିଶ୍ୱଜନର ସହିତରେ ଆତ୍ମସୁଖର ଚିନ୍ତା କଲେ, ସେ ଚିନ୍ତାରେ ପ୍ରାଣ ଶ୍ରୀସମ୍ପନ୍ନ, ପୂର୍ଣ୍ଣ ଓ ମହୀୟାନ୍ ହୁଏ ।

ପରପ୍ରବଣତାରେ ଜୀବନ ପୂର୍ଣ୍ଣ କରିବା କେବଳ ଗୋଟିଏ କର୍ତ୍ତବ୍ୟ ନୁହେଁ । କର୍ତ୍ତବ୍ୟର ଆପାତଃ ନୀରସତା ଏଥିରେ ନାହିଁ । ଅନ୍ୟକୁ ସାହାଯ୍ୟ କରିବା ଯଥାର୍ଥରେ ଗୋଟିଏ ପବିତ୍ର ସୁଖ । ମାତ୍ର ସାହାଯ୍ୟ କରିବାକୁ ହେଲେ, ଲୋକକୁ ଜାଣିବାକୁ ହେବ, ସର୍ବୋପରି ତାହାକୁ ସୁଖ ପାଇବାକୁ ହେବ । ପରୋପକାର ପ୍ରବୃତ୍ତି ସମ୍ୟକ ଶୃଙ୍ଖଳିତ ନହେଲେ, ବେଳେ ବେଳେ ଅନିଷ୍ଟ କରେ । କେବଳ ସଦିଚ୍ଛାରେ ପ୍ରଣୋଦିତ ହୋଇ ଲୋକର ଉପକାର କରିବାକୁ ଯିବା ସଙ୍ଗତ ନୁହେଁ । ଜ୍ଞାନ ଓ ଅନୁଭବ ବଳରେ ସୁବିଚାର ପ୍ରୟୋଗ କରି କାର୍ଯ୍ୟ କରିବା ଉଚିତ ।

ଦରିଦ୍ରମାନଙ୍କ କଥା ଧର । ସେମାନଙ୍କୁ ଅଧିକତର ଆତ୍ମନିର୍ଭର କରାଇବା, ସେମାନଙ୍କ ପ୍ରତି କରୁଣାର ପ୍ରଧାନ ଲକ୍ଷ୍ୟ ହେବା ଉଚିତ । ଦୟା ଓ ଦାନର ଫଳରେ ସେମାନଙ୍କର ଅଧିକ ପରନିର୍ଭର ହୋଇଯିବାର ଆଶଙ୍କା ଅଛି । ଲୋକଙ୍କୁ ସୁଖସ୍ୱାଚ୍ଛନ୍ଦ୍ୟରେ ରଖିବା ଅବଶ୍ୟ ଗୋଟିଏ ଭଲ ଗୁଣ କିନ୍ତୁ ଚରିତ୍ର ସୁଖସ୍ୱାଚ୍ଛନ୍ଦ୍ୟଠାରୁ ଅଧିକ ମୂଲ୍ୟବାନ୍ ।

"ଅପାତ୍ରେ ଦୀୟତେ ଦାନଂ ତଦ୍ଦାନଂ ବିଫଳଂ ସ୍ମୃତଂ ।"

ଅବିଚାର ଦାନ ବାସ୍ତବିକ ଗୋଟିଏ ନିଷ୍ଠୁର କ୍ରିୟା । ସ୍ଥୂଳଜ୍ଞାନରେ ବିବେଚନାର ବିଶୃଙ୍ଖଳା ଅରୁଚିକର ଓ ନିଷ୍ଠୁର ବୋଧ ହୋଇପାରେ; କିନ୍ତୁ ଏହି ବିବେଚନା ହିଁ କରୁଣାର ସାରସତ୍ତ୍ୱ । ବଦାନ୍ୟତା ଦେଖି କାତରୋକ୍ତି ଶୁଣିବାକୁ ଉତ୍କଣ୍ଠ । କିନ୍ତୁ ଦେଖ

Digitized by srujanika@gmail.com

ସ୍ୱୀକାର କରିବାକୁ ତାଙ୍କ ଚକ୍ଷୁରେ ଯେପରିକି ଆବରଣ ପଡ଼ିଥାଏ । ମାତ୍ର ବସ୍ତୁ ଧନ ଦେଇ ଲୋକର ଯେ ଦାରିଦ୍ର୍ୟ ମୋଚନ କରିବା ଅସମ୍ଭବ ହୁଏ, ସାମାନ୍ୟ ଚିନ୍ତା ଓ ଚରିତ୍ର ଜାଗ୍ରତ କରାଇ ପାରିଲେ ତାହା କେବଳ ସୁଗମ ହୁଏ ଏମନ୍ତ ନୁହେଁ, ତାହା ବେଳେ ବେଳେ ଦାରିଦ୍ର୍ୟକୁ ଏକାବେଳକେ ଦୂରୀଭୂତ କରିଥାଏ ।

ଦାନ ତେବେ ଗୋଟିଏ ସମସ୍ୟା, ବଦାନ୍ୟତା ଗୋଟିଏ ଶୃଙ୍ଖଳା । ଦେଇ ପକାଇବା ବଡ଼ ସହଜ; କିନ୍ତୁ ଗ୍ରହୀତାର ଆତ୍ମସମ୍ମାନ ଓ ଆତ୍ମନିର୍ଭରତା ମୂଲ୍ୟରେ ଦାନ ବିଧେୟ କରିବା ଅନୁଚିତ । କେବଳ ଅଭାବ ଲଘୁ କରିବା ଦାନର ଉଦ୍ଦେଶ୍ୟ ନୁହେଁ । ଆତ୍ମନିର୍ଭରତା ଓ ସ୍ୱାଧୀନ ଭାବ ଜଗାଇବାକୁ ହେବ । ଆମ୍ଭର ଦାନ ଦ୍ୱାରା ଗ୍ରହୀତା ଯଦି ଅଧିକରେ ପରନିର୍ଭର ହୁଏ, ତେବେ ସେ ଦାନରେ ପୁଣ୍ୟ ଅପେକ୍ଷା ପାପର ମାତ୍ରା ବେଶୀ । ସେଥିରେ ଗ୍ରହୀତାର ଉନ୍ନତି ନ ହୋଇ ଅଧଃପାତ ହୁଏ । ପକ୍ଷାନ୍ତରେ ସ୍ନେହ ଦାନରେ ବିବେଚନାର କୁଣ୍ଠା ଅବାନ୍ତର । ସ୍ନେହର ଭଣ୍ଡାର ଅସୀମ । ବିଶ୍ୱମସ୍ତ ଗ୍ରହୀତାଙ୍କ ନିମନ୍ତେ ମଧ୍ୟ ତାହା ଯଥେଷ୍ଟ ଅଛି । ଦାନ ଯେତେ ଅଧିକ ହେଉ, ଦେବା ପାଇଁ ପୁଣି ତହିଁରୁ ଅଧିକ ବାକି ରହିବ । ବୁଦ୍ଧିର ବରଂ ସୀମା ଅଛି, କିନ୍ତୁ ପ୍ରୀତି ଅନନ୍ତ—ବ୍ୟୟରେ ଶେଷ କରି ହେବ ନାହିଁ ।

ମାତ୍ର ଅର୍ଥର ଭଣ୍ଡାର ଭାବର ଭଣ୍ଡାର ପରି ଅପରିମିତ ନୁହେଁ । ପୁଣି ଦାତବ୍ୟ ସମ୍ପଦ ଆହୁରି ନିର୍ଦ୍ଦିଷ୍ଟ ଓ ସୀମାବଦ୍ଧ । ଅପାତ୍ରରେ ଦାନକଲେ, ସୁପାତ୍ରକୁ ବଞ୍ଚିତ କରିବାକୁ ହେବ । ଦୟାର ବଶବର୍ତ୍ତୀ ହୋଇ ଅଯୁକ୍ତ ଲୋକକୁ ଉପାୟ ଦେଲେ, କୌଣସି ଯୁକ୍ତବ୍ୟକ୍ତି ନିଶ୍ଚୟ ପୂର୍ଣ୍ଣ ଭାବରେ ନ ହେଲେ ଅଂଶତଃ ଉପାୟହୀନ ହେବ । ଅପକର୍ମର ପ୍ରଶ୍ରୟ ଦେବା ମଧ୍ୟ ଅପାତ୍ର ଦାନର ଆଉ ଗୋଟିଏ ବିପଦ । ମଦ୍ୟପକୁ ଦାନ କଲେ ମଦ୍ୟପାନ ପ୍ରଶ୍ରୟ ପାଇବ । ଅର୍ଥଦାନ ଓ ଅନୁକମ୍ପା ବା କରୁଣାର ପ୍ରଭେଦ ଏହିପରି ସ୍ପଷ୍ଟ ବୁଝି ରଖିବାକୁ ହେବ । କରୁଣା ପ୍ରାଣର ଭାବ । ଦାନରେ ତାହାର କ୍ଷୟ ନାହିଁ, ବରଂ ବୃଦ୍ଧି ।

ଅମିତ ବ୍ୟୟୀର ରକ୍ଷାରେ ମିତବ୍ୟୟୀର ଅର୍ଥନାଶ । ଅଧମ ନିମନ୍ତେ ଉତ୍ତମର ପୀଡ଼ା, କେବଳ ଅବିଚାର ନୁହେଁ, ଫଳରେ ଏକ ନିଷ୍ଠୁରତା । ଏ ନିଷ୍ଠୁରତାରେ କେତେକଙ୍କୁ ଦରିଦ୍ର କରାଗଲା, ଅଥଚ ଅନ୍ୟର କିଛି ଲାଭ ହେଲା ନାହିଁ । କର୍ମ ବା ଚରିତ୍ରର ଫଳ ବିଶ୍ୱନିୟନ୍ତାଙ୍କର ବିଧି । ବ୍ୟକ୍ତି ବା ସମାଜର ମଙ୍ଗଳ କାମନାରେ ଏ ବିଧି ଭୁଲିଯିବା ଠିକ୍ ନୁହେଁ । ଅମିତବ୍ୟୟୀର ଅଯଥା ଆଦର, ମଦ୍ୟପର ପ୍ରଶ୍ରୟଦାନ, ମିତବ୍ୟୟୀର ନିର୍ଯ୍ୟାତନା, ଦାତବ୍ୟ ସମ୍ପଦର ଅପବ୍ୟୟ ପ୍ରକୃତରେ ଏ ବିଧିର ଅପଚାର ହୁଏ । ମାତ୍ର ମନେରଖିବାକୁ ହେବ, ମାନବ ପ୍ରକୃତି ବଡ଼ ଦୁର୍ବଳ । ଆଳସ୍ୟର ବିଳାସ ବଡ଼ ମୁଗ୍ଧ ଓ ପ୍ରୀତିକର । ଚିନ୍ତା—କର୍ମଠତା । ତେଣୁ ବିବେଚନା ସହଜ ନୁହେଁ । ସାହାଯ୍ୟ ଦେଇ, ଲୋକଙ୍କୁ ଅଧିକ ପରନିର୍ଭର କରାଇଦେବା ଯେ କୌଣସି ଲୋକ ପକ୍ଷରେ କିଛି ମାତ୍ର ଅସାଧ୍ୟ ନୁହେଁ—

Digitized by srujanika@gmail.com

କେବଳ ଇଚ୍ଛା ଥିଲେ ହେଲା । କିନ୍ତୁ ସାହାଯ୍ୟ ଦେଇ ସେମାନଙ୍କୁ ଆତ୍ମନିର୍ଭର କରାଇବା ବଡ଼ କଠିନ କାର୍ଯ୍ୟ । ସେଥିପାଇଁ ଯଥେଚ୍ଛାଦାନ ପ୍ରକୃତ ଦୟାର ଲକ୍ଷଣ ନୁହେଁ । ବିବେଚିତ ବଦାନ୍ୟତାହିଁ ସର୍ବଥା ଅବଲମ୍ବନୀୟ । ଶାସ୍ତ୍ରକାରମାନେ ଏହି ବିବେଚିତ ବଦାନ୍ୟତାକୁ ଅପ୍ରେୟ (ଅଶ୍ରେୟ) କହି ଅଛନ୍ତି । ଅପାତ୍ର ଦାନ ଫଳରେ ଗୋଟିଏ ଶ୍ରେୟ, କିନ୍ତୁ ଅପ୍ରେୟର ପ୍ରତ୍ୟବାୟ ନାହିଁ । ଅପ୍ରେୟ ଅବଲମ୍ବନ କଲେ, ଦାନ କଦାପି ଅପାତ୍ରନ୍ୟସ୍ତ ହୋଇ ନ ପାରେ; କିନ୍ତୁ ସାହାଯ୍ୟ, ସୁବିଧା, ଚିନ୍ତା, ପ୍ରୀତି ପ୍ରଭୃତିର ଦାନରେ ପ୍ରମାଦ ନାହିଁ । ବେଳେବେଳେ ଦେବାରେ ପ୍ରମାଦ ଅଛି; କିନ୍ତୁ କ୍ଷମା କରିବାରେ ପ୍ରମାଦ ରହି ନ ପାରେ । ଅତି କଠିନ ହେଲେ ମଧ୍ୟ, ଦୋଷ ବିସ୍ମୃତ ହେବାରେ ପ୍ରମାଦ ଅସମ୍ଭବ । ଦୋଷ ଦେଖି କ୍ଷମା ଦିଅ, ତାକୁ ବିସ୍ମୃତ ହୁଅ । ଦାନର ଦୟାଠାରୁ ଏ କ୍ଷମା, ଏ ବିସ୍ମୃତିର ଦୟା ଅଧିକ ନିଷ୍କଳଙ୍କ ଓ ମହନୀୟ ।

ଜଣେ ଦେଶନାୟକ ବହୁକାଳ ପୂର୍ବେ କହିଥିଲେ, "ଦରିଦ୍ରକୁ ସୁଖୀ କର, ଦୁର୍ବଳକୁ ରକ୍ଷାକର, ଆଶ୍ରୟ ଦିଅ, ସମସ୍ତ ଶକ୍ତି ପ୍ରୟୋଗ କରି ଅପରିଷ୍କାରର ପ୍ରତିକ୍ରିୟା କର; ଭଗବାନ ତୁମ୍ଭର ବତ୍ସଳ ହେବେ, ଚିତ୍ତପ୍ରାପ୍ତି ତୁମ୍ଭ କ୍ରିୟାର ପୁରସ୍କାର ହେବ ।"

ପକ୍ଷାନ୍ତରେ ସ୍ୱାର୍ଥପରତା ସମସ୍ତ ଅସୁଖର ନିଦାନ । ମାତ୍ର ସ୍ୱାର୍ଥପାଇଁ ଆଦୌ କ୍ଲେଶ କରିବାର ନୁହେଁ । ଯଦି ଅନ୍ୟର ଦୁଃଖ ଦୁର୍ଗତି ବିଷୟରେ ଆମ୍ଭେମାନେ ଚିନ୍ତାକରୁଁ; ଜୀବନ ଓ ମନ ତତ୍ପ୍ରତି ଜାଗ୍ରତ ରଖିପାରୁଁ, ତେବେ ଦେଖିବୁ, ସ୍ୱାର୍ଥଚିନ୍ତା ପ୍ରାୟ ସର୍ବତୋଭାବରେ ସ୍ୱତଃ ଅପସାରିତ ହୋଇଅଛି ।

ପ୍ରୀତି ଅନେକ ପରିମାଣରେ ଆତ୍ମପ୍ରସାଦ ଆଣେ । ଅବଶ୍ୟ ମାନବର ଏଥିରେ ଆନନ୍ଦ ହୁଏ; ମାତ୍ର ପ୍ରକାଶିତ ନ ହେଲେ, ପ୍ରୀତି ପ୍ରୀୟମାଣର ବିଶେଷ କୌଣସି ଉପକାର କରେ ନାହିଁ । ପ୍ରକାଶିତ ପ୍ରୀତି ଅମୂଲ୍ୟ । ମାତା ଏହି ପ୍ରୀତିର ଅବତାର । ମାତାର ଯତ୍ନ, ପ୍ରଭାବ, ବାତ୍ସଲ୍ୟ, ସର୍ବୋପରି ଅଗାଧ ପ୍ରୀତି କିଏ ଭୁଲିପାରେ ? ଜୀବନରେ ସେ ପ୍ରୀତିର କ୍ରିୟା କି ସ୍ଥାୟୀ, କି ସରସ, କି ଭାବୋଦ୍ଦୀପକ ! ଜୀବନରେ କେତେ ଉନ୍ନତ ଓ ମହତ୍ କ୍ରିୟା ଏହି ପ୍ରୀତି କୁଟ୍ମଲର ବିକାଶ, ତାହା କିଏ କଳ୍ପନା କରିବ ?

କଥା ଅଛି, ଜଣେ ପ୍ରସିଦ୍ଧ ଚିତ୍ରକର ତୁଳିର ଏକ କ୍ଷୀଣ ଇଙ୍ଗିତରେ ଗୋଟିଏ ଶିଶୁର ସ୍ମିତ ମୁଖକୁ କ୍ରନ୍ଦନଯୁକ୍ତ ମୁଖରେ ପରିଣତ କରିଥିଲେ । ମାନବ ବ୍ୟବହାରରେ ଏପରି ଘୋର ପରିବର୍ତ୍ତନ ନିମନ୍ତେ, ବାସ୍ତବିକ୍, କୌଣସି ପ୍ରସିଦ୍ଧ ଚିତ୍ରକରର କଳାକୌଶଳ ପ୍ରୟୋଜନ ନାହିଁ, ତୁଳି ଚାଳନାର ଇଙ୍ଗିତ ମଧ୍ୟ ଅନାବଶ୍ୟକ । ଗୋଟିଏ କର୍କଶ ଶବ୍ଦ ମୁହୂର୍ତ୍ତକେ ମିତ୍ରକୁ ଶତ୍ରୁ କରିପାରେ, ଆନନ୍ଦରେ ବିଷାଦ ଆଣିପାରେ, କ୍ରୀଡ଼ାରେ କ୍ରନ୍ଦନ ଦେଇପାରେ, ବିଳାସକୁ ଶୋକରେ ପରିଣତ କରେ, ଏମନ୍ତ କି ଦେବୋପମ ସାଧକକୁ ମୁହୂର୍ତ୍ତକେ ରକ୍ତପିପାସୁ ରାକ୍ଷସରେ ପରିଣତ କରିପାରେ ।

Digitized by srujanika@gmail.com

ଅନ୍ୟ ସକଳ ପ୍ରକାର କ୍ଷତର ଆରୋଗ୍ୟ ଅଛି; କିନ୍ତୁ ବାକ୍ୟର ଦଂଶନ ମାରାତ୍ମକ । ବାକ୍ୟବାଣ ଯେତେବେଳେ କ୍ରୋଧରେ ଶାଣିତ ହୁଏ, ଈର୍ଷାର ହଳାହଳ ଯେତେବେଳେ ଏଥିରେ ପ୍ରଲିପ୍ତ ହୁଏ, ଏହା ଜଗତ ଦହନ କରିପାରେ । ପକ୍ଷାନ୍ତରେ ପଦେ କଥାରେ ନରକ ସ୍ୱର୍ଗ ହୁଏ, ପାଷଣ୍ଡ ପ୍ରେମିକ ହୁଏ, ଘାତୁକ ସ୍ନିଗ୍ଧ ହୁଏ, ଜଡ ଜୀବନ୍ତ ହୁଏ ।

ଆଦାନଠାରୁ ପ୍ରଦାନରେ ପ୍ରେମ ମହନୀୟ । ମତେ କିଏ ସୁଖ ଦେଇବ, ଏକଥା ଖୋଜି ବୁଲିବାରେ ସ୍ୱାର୍ଥ ଅଛି । କିନ୍ତୁ ମୁଁ ସମସ୍ତଙ୍କୁ ସୁଖ ଦେଇବି, ଏ ଭାବ ସୁନ୍ଦର । ପ୍ରେମ ଲୋଡ଼ିବାରେ ପ୍ରାଣ ସଙ୍କୁଚିତ ହୁଏ, ପ୍ରେମର ପ୍ରଦାନ ହିଁ ପ୍ରାଣର ପ୍ରସାରଣ । ଶିଶୁର ଶାସନରେ କଠୋରତାଠାରୁ ଦୟାର କ୍ଷମତା ଅଧିକ । କଠୋରତା ଶିଶୁର କର୍ତ୍ତବ୍ୟ ପାଳନର ଅପେକ୍ଷା ରଖେ; ଦୟା ହିଁ ଶିଶୁପ୍ରତି ପ୍ରୀତି; ଦୟା ନିରପେକ୍ଷ ।

କାହାରିଠାରୁ ଅଧିକ ପାଇବାକୁ ଆଶା କର ନାହିଁ । କେତେ ଲୋକଙ୍କ ପ୍ରତି ଆମ୍ଭେମାନେ କର୍ତ୍ତବ୍ୟରେ ହେଳା ନକରୁ ? ଅନ୍ୟ ଆମ୍ଭପ୍ରତି କର୍ତ୍ତବ୍ୟ ନ କଲେ ଦୁଃଖ କରିବାର କଅଣ ଅଛି ? ଲୋକଙ୍କୁ ଆମ୍ଭେ ନିରାଶ କରିଥାଉଁ, ନିରାଶ ହେବାପାଇଁ ଆମ୍ଭେମାନେ ସର୍ବଦା ପ୍ରସ୍ତୁତ ଥିବା ଉଚିତ ।

ଭଗବାନ୍ ପାପର କ୍ଷମାବିଧାତା । ଭଗବାନଙ୍କର ଏହାହିଁ ବିଶେଷ ବ୍ୟକ୍ତିତ୍ୱ । ମାନବ ଭଗବାନଙ୍କର ଅବତାର, ଫଳତଃ ପାପର କ୍ଷମା ଦେବା ମାନବର ସ୍ୱତନ୍ତ୍ର ଅଧିକାର । କିନ୍ତୁ ନାହିଁ, ପାପର କ୍ଷମା ଦେବାକୁ ଆମ୍ଭର ଶକ୍ତି ନାହିଁ । ଏଠାରେ ଶକ୍ତିର ଅଭାବ ନୁହେଁ, ପରିଚ୍ଛନ୍ନତା ବା ଇଚ୍ଛାର ଅଭାବ ପ୍ରକୃତ ଅଭାବ ବୋଲି ଧରିବାକୁ ହେବ । କେହି ତୁମ୍ଭପ୍ରତି ରୁକ୍ଷ ବା ନିର୍ଦ୍ଦୟ ହେଲେ, ତୁମ୍ଭେ ଭାବ, ସେ ଅପକର୍ମରେ ତୁମ୍ଭଙ୍କୁ ଆଘାତ କଲା; କିନ୍ତୁ ଦେଖ ଦେଖି, ସେହି ଅପକର୍ମ ଫଳରେ କ୍ଷମା ଦେବାପାଇଁ ତୁମ୍ଭଙ୍କୁ ସେ ଗୋଟିଏ ସୁଯୋଗ ଦେଇ ନାହିଁ କି ? କ୍ଷମାସାଗରଙ୍କର କ୍ଷମାଗୁଣ ପରର ଅପକର୍ମରେ ହିଁ ତୁମ୍ଭ ଭିତରେ ପ୍ରକାଶ ପାଏ ।

ପ୍ରତିଶୋଧ ମାନବଧର୍ମ ହୋଇପାରେ, କିନ୍ତୁ କ୍ଷମା ଐଶୀ କଳା । ଯଦି ଆମ୍ଭେମାନେ ଅନ୍ୟକୁ କ୍ଷମା ନ ଦେବୁ, ଈଶ୍ୱର କିପରି ଆମ୍ଭମାନଙ୍କୁ କ୍ଷମା ଦେବେ ? ପଦେ କୋମଳ କଥା ଯଦି ସହଜରେ ଅନ୍ୟର କୋପ ନାଶ କରିପାରେ, ତେବେ ଉପହାସ ବା ପ୍ରତିକ୍ରୋଧରେ ଅନ୍ୟର କୋପ ପ୍ରଜ୍ୱଳିତ ଓ କଦର୍ଯ୍ୟ କରି ଆମ୍ଭର ଲାଭ କ'ଣ ? ପ୍ରତିଶୋଧ ସମ ବ୍ୟବହାର ହୋଇପାରେ, କିନ୍ତୁ କ୍ଷମାର ଶକ୍ତି ଅନନ୍ତ । ପ୍ରତିଶୋଧ ଅବଲମ୍ବନ କରି ତୁମ୍ଭେ ପରିପନ୍ଥୀ ସଙ୍ଗେ ସମାନ ହେଲ ବୋଲି ଅହଙ୍କାର କରିପାର; କିନ୍ତୁ କ୍ଷମାର ଉଦାରତାରେ ତୁମ୍ଭର ଗତି ଉପର ଆଡ଼କୁ ହେବ ଏବଂ ସମସ୍ତ ବିଷୟରେ ତୁମ୍ଭର ସେହି ଗୁଣରେ ପରିପନ୍ଥୀ ତୁମ୍ଭର ଅନୁଗାମୀ ହେବ—ଶତ୍ରୁ ବନ୍ଧୁରେ ପରିଣତ ହେବ । ପୁଣି ପ୍ରତିଶୋଧର ଜ୍ୱାଳାରେ କ୍ରୋଧ ପୋଷି ରଖିଲେ ଆଘାତ ସବୁବେଳେ ତୁମ୍ଭର ମନେରହିବ—କ୍ଳେଶ ବଢ଼ିବ—ପ୍ରାଣର

Digitized by srujanika@gmail.com

ସର୍ବପକ୍ଷରେ ଆରୋଗ୍ୟ ଲଭିବ ନାହିଁ । ପ୍ରତିଶୋଧରେ ଅନ୍ୟ ପ୍ରତି ଅପକର୍ମ କରିବାରେ ତୁମ୍ଭେ ଅକୃତକାର୍ଯ୍ୟ ହୋଇପାର, ମାତ୍ର ପ୍ରତିଶୋଧର ପ୍ରଯନ୍ତହିଁ ତୁମ୍ଭପ୍ରତି ଆଘାତ, ତୁମ୍ଭ ପକ୍ଷରେ କ୍ଳେଶକର ।

ଅନ୍ୟର ଦୋଷ ଦେଖି, ସେ କଥା ଭାବି ଭାବି, ତିଳକୁ ତାଳ କରି ବସିଲେ ଲାଭ କ'ଣ ? ପ୍ରତ୍ୟେକ ଲୋକର ସଦ୍‌ଗୁଣ ଅଛି—କେବଳ ଖୋଜି ଦେଖି ପାରିଲେ ହେଲା । ଖୋଜ, ପାଇବ । ଖୋଜିବସିଲେ ସବୁଠାରେ ତାହା ମିଳିବ । ବେଳେ ବେଳେ ବନ୍ଧୁର ଦୋଷ ଓ ଅଭାବ ସବୁ ଦେଖିଲେ ତାକୁ ଅଧିକ ସୁଖପାଇବାକୁ ଇଚ୍ଛା ହୁଏ । ସେହି ଦୋଷ, ଅଭାବରେ ଆମ୍ଭେମାନେ ତାହାର ମାନବସୁଲଭ ଭାବ ଓ ଜୀବନ ଅଧିକ ହୃଦୟଙ୍ଗମ କରୁ । ଗୁଣର ପ୍ରଶଂସାରେ ବନ୍ଧୁ ପ୍ରତି କେବଳ ଅତିମାନୁଷ ଭାବ ଆସିଥାଏ । ବାସ୍ତବିକ, ଅନୁଭବରେ ଜଣାଯାଏ, ସେ ଅତିମାନୁଷତା ଛିନ୍ନହେଲେ ସଖ୍ୟ ସୁଗମ ହୁଏ ।

ଲୋକ ଦୟାଳୁ ନହେଲେ ଆମ୍ଭେ ବେଳେ ବେଳେ ବ୍ୟଥିତ ହେଉ । ବିଶେଷରେ ଆମ୍ଭପ୍ରତି ବଦାନ୍ୟତା ପ୍ରକାଶ ନ କଲେ, କ୍ଷୁବ୍ଧ ହେଉ । ଏଥିରୁ କ'ଣ ବୁଝାଯାଏ ? ମନୁଷ୍ୟ ଆପଣାପ୍ରତି ଅନ୍ୟର ଦୟା ଓ ବଦାନ୍ୟତା ଲୋଡ଼େ । ଅତଏବ ଆମ୍ଭର ସମସ୍ତଙ୍କ ପ୍ରତି ଦୟାଳୁ ଓ ବଦାନ୍ୟ ହେବା ଉଚିତ । ପୁଣି ସଂସାରରେ ସ୍ୱତଃ ଏକ ଅପରକୁ ସାହାଯ୍ୟ କରନ୍ତି । ମୋର ବନ୍ଧୁ କୁଟୁମ୍ବ ମୋ ପ୍ରତି ଜୀବନରେ ବହୁତ କରିଅଛନ୍ତି—ସେମାନେ ଯାହା କରିଛନ୍ତି ମୁଁ କଦାପି ଜୀବନରେ ଶୁଝାଇ ପାରିବି ନାହିଁ । ପୁଣି କୌଣସି କାର୍ଯ୍ୟ ଯେତେ କରାଯାଏ, ସେହି କାର୍ଯ୍ୟ କରିବାର ଶକ୍ତି ସେତିକି ବଢ଼େ । ଅତଏବ ଅପର କର୍ମ ବା ଅନ୍ୟକୁ ସାହାଯ୍ୟ କରିବାର ପ୍ରବୃତ୍ତି ଓ କ୍ଷମତା ଆମ୍ଭମାନଙ୍କର ନାହିଁ, ଏକଥା କଦାପି ବୁଝାଯାଇନପାରେ ।

ସ୍ଥଳବିଶେଷରେ ଲୋକର ଅକାର୍ଯ୍ୟ, ମରଣ ପରେ ରହିଯାଏ ଏବଂ ସୁକର୍ମ ମରଣରେ ଲୀନ ହୁଏ ସତ, କିନ୍ତୁ ସାଧାରଣତଃ—"ଜୀବର ଭଲ ମନ୍ଦ ବାଣୀ, ମରଣକାଳେ ତାହା ଜାଣି,"—ଭଲ ମନ୍ଦ ଦୁଇ କଥା ମୃତ୍ୟୁ ପରେ ଜଗତରେ ରହିଯାଏ ।

ଟଙ୍କା ସୁନା ଜୀବନରେ ଆବଶ୍ୟକ । ସେଥିରେ ଭାତ, ଲୁଗା, ଜମିବାଡ଼ି ମିଳେ । କିନ୍ତୁ ଗେଟିଏ କରୁଣ କଟାକ୍ଷ ପାଇଲେ ଯେ ପ୍ରୀତି ଓ ଆହ୍ଲାଦ ମିଳେ, ଟଙ୍କା ସୁନା ତାହା ଦେଇପାରେ କି ? ଦାରିଦ୍ର୍ୟ କଦାପି ରୁକ୍ଷତା ପରି ପ୍ରାଣକୁ ଆଘାତ ଦେଇନପାରେ ।

ଅବଶ୍ୟ ଦୟାଳୁ ହେବା ବଡ଼ ସୁଗମ ନୁହେଁ । ଦାନ, ବିଶେଷରେ ଅର୍ଥ ବା ଅନ୍ନଦାନ ବେଳେ ବେଳେ ଉପଯୋଗୀ, କିନ୍ତୁ ପ୍ରାଣରେ ପ୍ରେମ ନ ଥିଲେ ତାହା ନିଷ୍ଫଳ । କେବଳ ବଦାନ୍ୟତା ପ୍ରକାଶ କରିବାକୁ ହେବ, ଅତଏବ ଦିଅ, ଏ ଧାରଣା ନୀତିର ବିଡ଼ମ୍ବନା । ଉପହାର ଏକ ପ୍ରକାର ଦାନ, ଏଥିରେ ଆତ୍ମୀୟ ବନ୍ଧୁମାନଙ୍କ ମଧ୍ୟରେ ପ୍ରୀତି ଜାଗ୍ରତ ରହେ ସତ, କିନ୍ତୁ ଏହା ନିରପେକ୍ଷ ନୁହେଁ । ଆଦରହିଁ ଦୟାର ଜୀବନ । କୌଣସି ସ୍ୱାର୍ଥ ବା ଆତ୍ମଶ୍ଳାଘାରେ ସେ ଆଦରର ସ୍ଥାନ ନାହିଁ । ଏହି ପ୍ରକାର ଆଦରରେହିଁ ଆତ୍ମପ୍ରସାଦ ଲାଭ

Digitized by srujanika@gmail.com

ହୁଏ, ଆନନ୍ଦ ମିଳେ । ପଦେ ଆଦରର କଥା ଶତ ସ୍ୱର୍ଣ୍ଣଦାନରୁ ଅଧିକ । ପଦେ ପ୍ରିୟ କଥା ସାମାନ୍ୟ ହେଲେହେଁ, ପ୍ରାଣ ଭେଦ କରେ । ଏହିପରି ପଦେ ପଦେ କଥା ଜୀବନରେ ଜୀବନ୍ତ ଥାଏ ଏବଂ ଚିରକାଳ ଜଗତରେ ଜୟଯୁକ୍ତ ହୁଏ । ବଚନ ଫିଟିଲେ ତାହାର ପ୍ରତ୍ୟାହାର ନାହିଁ । ସେଥିପାଇଁ ପଶ୍ଚାତ୍ତାପ କରିପାର, କ୍ଷମା ଭିକ୍ଷା କରିପାର, କିନ୍ତୁ ତାକୁ ଫେରାଇବାର କ୍ଷମତା ଆଉ କିଏ ଦେଲା ? ଏହି ବଚନ ହିଁ ଶତଜିହ୍ୱାର ପ୍ରାଣ—କରୁଣାର ପରମ ପୀଠ । ତୁମର ଯାହା ଅଛି ଜଗତରେ ବିକାଇଁ କର, ସର୍ବସ୍ୱ ଦାନ କରି କୃତାର୍ଥ ହୁଅ । ଏହି ଆତ୍ମଦାନ ହିଁ ସ୍ୱର୍ଗ । ଏହି ଆତ୍ମବିସ୍ମୃତି ହିଁ ମୋକ୍ଷ ।

କେହି ଆମ୍ଭପ୍ରତି କୌଣସି ଅପକର୍ମ କଲେ ଆମ୍ଭେମାନେ ବେଳେ ବେଳେ ସେହି ଅପକର୍ମର ସ୍ମୃତିକୁ ପ୍ରାଣରେ ପୋଷଣ କରି ରଖୁଁ । କୃପଣରେ ଧନ ପରି ତାହାକୁ ବାରମ୍ବାର ଦେଖୁ । ବାରମ୍ବାର ତାହାର ବିଷୟ ଚିନ୍ତା କରୁ କରୁ ରେଣୁ ପର୍ବତ ଆକାର ଧାରଣ କରେ । ପରର ଅପକର୍ମ, ଫଳରେ, ଆମ୍ଭର ଅଭାବ ବୃଦ୍ଧି କରି ଆମ୍ଭକୁ କଳୁଷିତ କରେ । ନିଜ ଘର କଥା ଭାବ । ଘର କଅଣ ? ପ୍ରାସାଦ ବା କୁଟୀର ଘର ନୁହେଁ । ଆତ୍ମୀୟମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ପ୍ରୀତି, ବାତ୍ସଲ୍ୟ ହିଁ ଘରକୁ ଘର କରେ । ଏହି ପ୍ରୀତିବଳରେହିଁ ଘର ସ୍ୱର୍ଗ ହୁଏ ।

ତେବେ ରୁକ୍ଷ ବା ଈର୍ଷାନ୍ୱିତ, ନିଷ୍ଠୁର ବା କ୍ଷମାହୀନ ହୋଇ ଫଳ କଅଣ ? ସେଥିରେ କେବଳ ଯେ ଅନ୍ୟକୁ ଅସୁଖୀ କରାଯାଏ ସେତିକି ନୁହେଁ, ସେ ଅସୁଖ ଶତଗୁଣରେ ନିଜ ଉପରେ ପ୍ରତିଫଳିତ ହୁଏ । ଈର୍ଷାର ଜ୍ୱାଳା ସର୍ପର ହଳାହଳ ଠାରୁ ମଧ୍ୟ ଅଧିକ ଭୟଙ୍କର । ହଳାହଳ ସର୍ପର ଅନିଷ୍ଟ କରେ ନାହିଁ, କିନ୍ତୁ ଈର୍ଷା ଈର୍ଷାଳୁକୁ ଜୀବନ୍ତ ଦଗ୍ଧ କରେ । ପରସ୍ପରର ଅଭାବ ପ୍ରତି ଆସ୍ଥା, ପରସ୍ପର ପ୍ରତି ସାହାଯ୍ୟ, ଶିଷ୍ଟାଚାର ଓ କରୁଣା, ପରସ୍ପର ପ୍ରତି ପ୍ରୀତି ଓ ବଦାନ୍ୟତା କି ମଧୁର ! ଏଥିରେ ସଂସାର କି ଶାନ୍ତିମୟ ! ଏହାହିଁ ଜଗତରେ ଆନନ୍ଦର ଲୀଳା । ସମଃ ଶତ୍ରୌଚ ମିତ୍ରେଚ ତଥା ମାନାପମାନୟୋଃ' ବ୍ୟକ୍ତି ଭଗବାନଙ୍କର ପ୍ରିୟ; କିନ୍ତୁ ଆହୁରି ସ୍ପଷ୍ଟକରି ମନେରଖିବାକୁ ହେବ—

"ତୃଣାଦପି ସୁନୀଚେନ, ତରୋରପି ସହିଷ୍ଣୁନା
ଅମାନିନ ମାନଦେନ କୀର୍ତ୍ତନୀୟଃ ସଦା ହରିଃ ।"

['ଶାନ୍ତିଧାରା']

Digitized by srujanika@gmail.com

ମନ

ମୁଁ ମନୋବିଜ୍ଞାନର ସୀମା ସ୍ପର୍ଶ କରିନାହିଁ ବୋଲିଲେ ଚଳେ, ଅଥଚ ମନ ସମ୍ବନ୍ଧରେ ପଦେ ଅଧେ ଲେଖିବାକୁ ବସିଛି—ହାସ୍ୟାସ୍ପଦ ହେବାର କଥା ନୁହେଁ କି ?

ଦୋହି ଦେବାଟା ଦୋଷାବହ—ଅନ୍ତତଃ ବାଇବଲ ଏ ମତ ବ୍ୟକ୍ତ କରେ । ଆମ ଦେଶରେ ଋଣ ପଳାଇବାର ବାରଣ ନାହିଁ, ବରଂ ଋଣଦ୍ୱାରା ଆତ୍ମମତ ପୋଷଣ କରିବାକୁ ପ୍ରଶ୍ରୟ ଦିଆଯାଇଛି । ଆତ୍ମମତ ବଜାୟ ରଖିବା ନିମନ୍ତେ ଈଶ୍ୱର, ପିତା, ମାତା ଓ ପୁତ୍ରର ମସ୍ତକରେ ହାତ ଦେବାକୁ ନିଷେଧ ନାହିଁ । ଅନୁଶାସନ, ଋଣ ପ୍ରମାଣ ପ୍ରଭୃତିକୁ ଏକ ପର୍ଯ୍ୟାୟଭୁକ୍ତ କରି ରଖାଯାଇଅଛି ବୋଲିଲେ ଚଳେ—ଅନ୍ତତଃ ଜାତି ଧର୍ମ ବଜାୟ ରଖିବା ନିମନ୍ତେ । ଧର୍ମଶାସ୍ତ୍ର ଲେଖକଗଣ କେବଳ ଶପଥଦ୍ୱାରା ଆବହମାନ କାଳରୁ ବିଶ୍ୱାସକୁ ଆଜିଯାଏ ରକ୍ଷା କରିବାକୁ ସମର୍ଥ ହୋଇଅଛନ୍ତି । ଆଶ୍ଚର୍ଯ୍ୟର କଥା, ସ୍ୱାଧୀନ ମନୋବୃତ୍ତିକୁ ମଧ୍ୟ ବିଶ୍ୱାସର ଗଣ୍ଡିରେ ଆବଦ୍ଧ ରଖିବାକୁ ଚେଷ୍ଟା କରିଅଛନ୍ତି, ମନର ସ୍ୱାତନ୍ତ୍ର୍ୟ ନଷ୍ଟ କରିବାକୁ ଯତ୍ନ କରିଅଛନ୍ତି । କୃତକାର୍ଯ୍ୟ ହେବା ନହେବା ଏଠାରେ ବିଚାର୍ଯ୍ୟ ନୁହେଁ ।

ଜୀବମାନଙ୍କର ମନ ଅଛି କି କେବଳ ମନୁଷ୍ୟର ମନ ବା ମନୋବୃତ୍ତି ଅଛି, ଏହା ଏକ କଠିନ ପ୍ରଶ୍ନ । ତେବେ ଜୀବମାନଙ୍କର ମନୋବୃତ୍ତି ନାହିଁ, ମନ ମନୁଷ୍ୟ ଜାତିର ନିଜସ୍ୱ ବୋଲିବା ସଙ୍ଗତ ନୁହେଁ । ଉତ୍କୃଷ୍ଟ ଜୀବମାନଙ୍କରହିଁ ମନ ଅଛି; ମାତ୍ର ମନୁଷ୍ୟର ମନ ସର୍ବତ ପ୍ରକାରରେ ଇତର ବିଶେଷ ଅଛି । ଏଠାରେ ଉତ୍କୃଷ୍ଟ ଜୀବ ଓ ନିକୃଷ୍ଟ ଜୀବ ମଧ୍ୟରେ ସୀମା ନିର୍ଦ୍ଦେଶ କରିବାର ଅବସର ନାହିଁ ।

ଏଠାରେ କେବଳ ମନୁଷ୍ୟର ମନ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରାଯାଉ । ଆବହମାନ କାଳରୁ ମନୋବୃତ୍ତି ଏକ ଏବଂ ପୂର୍ଣ୍ଣତା ପ୍ରାପ୍ତ ବୋଲିଯାଇ ନ ପାରେ—ଯେହେତୁ ଏହାର ହ୍ରାସ ସମୃଦ୍ଧି ପରିଲକ୍ଷିତ ହୁଏ । ମନ ଇନ୍ଦ୍ରିୟ ଘଟିତ ମସ୍ତିଷ୍କର କ୍ରିୟା । "କ୍ଷିତ୍ୟପତେଜ ମରୁତ ବ୍ୟୋମ କାଳାଦିକା ଦେହିନୋ ମନଃ ।"

ଏଠାରେ ମନକୁ ଗୋଟିଏ ସ୍ୱତନ୍ତ୍ର ତତ୍ତ୍ୱ ବୋଲି ଧରାଯାଇଛି । ମନକୁ ଚିରକାଳ ସ୍ଥିର ବୋଲି ସ୍ୱୀକାର ନ କଲେ ଗୋଟିଏ ସୃଷ୍ଟିକର୍ତ୍ତା ଦଣ୍ଡାୟମାନ କରିବାର ବିଘ୍ନ ଉପସ୍ଥିତ ହେବ । ତାର୍କିକମାନଙ୍କର ପ୍ରୟୋଜନ ନିମନ୍ତେ ମନ ଚିର ବିଦ୍ୟମାନ, ମାତ୍ର

Digitized by srujanika@gmail.com

ତାହା ନୁହେଁ । କ୍ଷିତି ଅପ୍ ତେଜ ପ୍ରଭୃତିର ମୌଳିକତ୍ୱ ନାଶ ସଙ୍ଗେ ସଙ୍ଗେ ମନର ଚିରନ୍ତନଧର୍ମମାନଙ୍କ ନଷ୍ଟ ହୋଇଅଛି ।

ଇନ୍ଦ୍ରିୟ ସହିତ ମନର ଦୃଢ଼ ସମ୍ବନ୍ଧ, ଇନ୍ଦ୍ରିୟ ବ୍ୟତିରେକେ ମନ ପଙ୍ଗୁ । ଯାହା ଇନ୍ଦ୍ରିୟଗ୍ରାହ୍ୟ ହୋଇନାହିଁ, ତାହା ମନ ସ୍ମରଣ କରି ନ ପାରେ—ଅତୀନ୍ଦ୍ରିୟ ଭାବନା ତ ଦୂରର କଥା ।

ବୁଦ୍ଧିବୃତ୍ତିର ବିକାଶ ନିମନ୍ତେ କେଉଁ ଇନ୍ଦ୍ରିୟର ପ୍ରାଧାନ୍ୟ ସ୍ୱୀକାର କରିବାକୁ ହେବ ? ପ୍ରତ୍ୟେକ ଇନ୍ଦ୍ରିୟ ମସ୍ତିଷ୍କକୁ ଜ୍ଞାନ ଖୋରାକ୍ ଯୋଗାନ୍ତି । ତେବେ ଜ୍ଞାନ ବିକାଶରେ ଦର୍ଶନେନ୍ଦ୍ରିୟର ଆବଶ୍ୟକତା ଯେ ବେଶି, ଏହା କହିବା ବାହୁଲ୍ୟ ମାତ୍ର । ଦର୍ଶନେନ୍ଦ୍ରିୟ ଦ୍ୱାରା ବାହ୍ୟବସ୍ତୁର ପ୍ରତିବିମ୍ବ ମସ୍ତକକୁ ନୀତହୋଇ ବସ୍ତୁର ପ୍ରକୃତ ରୂପର ଉପଲବ୍ଧି କରାଏ । ଚକ୍ଷୁ ମୁଦ୍ରିତ ଥିଲେ ମସ୍ତିଷ୍କ କୌଣସି ବସ୍ତୁର ଅସ୍ତିତ୍ୱ ଉପଲବ୍ଧି କରିପାରେ ନାହିଁ । ମନ ତାହା ସ୍ମରଣ ବା ଭାବନା କରିପାରେ ନାହିଁ । ମସ୍ତିଷ୍କ ଓ ମନ ବିଦ୍ୟମାନ ସତ୍ତ୍ୱେ ଯେବେ ଚକ୍ଷୁ ନ ଥାନ୍ତା, ତାହାହେଲେ ମନୁଷ୍ୟ ଦ୍ୱାରା ଏ ସଂସାରର ବୈଚିତ୍ର୍ୟ ଉପଲବ୍ଧି ହୁଅନ୍ତା ନାହିଁ—ଏ ସଭ୍ୟତା ବା ଉନ୍ନତିର ସ୍ଥାନ କାହିଁ ?

ଚକ୍ଷୁ ଯାହା ଦେଖେ, ମନ ତାହା ସ୍ମରଣ ଓ ଭାବନା କରିପାରେ । ଚକ୍ଷୁ ଏକାଥରକେ ଯେତିକି ଦେଖେ, ମନ କେବଳ ସେତିକି ମାତ୍ର ଭାବନା କରିପାରେ । ଧ୍ୟାନମଗ୍ନ ଧାର୍ମିକପ୍ରବର ସମ୍ମୁଖରେ କ୍ଷୁଦ୍ର କୃଷ୍ଣ ମୂର୍ତ୍ତିକୁ ରଖି ଯେତେ ଚେଷ୍ଟା କଲେ ସୁଦ୍ଧା ସେହି କ୍ଷୁଦ୍ର ମୂର୍ତ୍ତିର ଆଗ ପଛ ତଳ ଉପର ଏକ ସଙ୍ଗରେ ଧ୍ୟାନଚକ୍ଷୁରେ ଦେଖିପାରିବେ କି ? ନାହିଁ—କେବଳ ସମ୍ମୁଖଭାଗ ଦେଖିବେ । କାରଣ ତାଙ୍କର ଚକ୍ଷୁ ସେହି କ୍ଷୁଦ୍ର ମୂର୍ତ୍ତିର ସମଗ୍ର ଅଂଶ ଏକ ସଙ୍ଗରେ ଦେଖିବାକୁ କ୍ଷମ ହୋଇନାହିଁ । ପର୍ବତର ପାଦଦେଶରେ ଦଣ୍ଡାୟମାନ ହେଲେ ପର୍ବତର ଯେଉଁ ଅଂଶ ନେତ୍ର ଦ୍ୱାରରେ ପ୍ରବେଶ କରିବ, ଦର୍ଶକ ସିନା ସେତିକି ଅଂଶ ନିଜ ମନଃଚକ୍ଷୁରେ ଭାବନା କରିପାରିବ, ସମଗ୍ର ପର୍ବତର ଦୃଶ୍ୟକୁ ଭାବିପାରିବ କିପରି ?

ମନ ଅତି ବେଗଶାଳୀ । ତା ଠାରୁ ବଳି ବେଗଶାଳୀ ଆଉ କେହି ନାହିଁ ବୋଲି କହନ୍ତି । ଏହା ପୂର୍ବକାଳର ମୁନିଋଷିଙ୍କର ଉକ୍ତି । ଆମ୍ଭେମାନେ ଅନ୍ଧବିଶ୍ୱାସରେ ତାହା ସ୍ୱୀକାର କରିଆସୁଛେ । କେବେ ଗତିର ତୁଳନା କରିନାହୁଁ । ଯେଉଁ ବ୍ୟକ୍ତି ଆମେରିକା ଯାଇ ନାଏଗରା ପ୍ରପାତ ଦେଖିଅଛନ୍ତି, ସେ ଇଚ୍ଛା କଲାମାତ୍ରେ ତାଙ୍କର ମାନସ ଚକ୍ଷୁରେ ପ୍ରପାତର ଦୃଶ୍ୟ ସହସା ଦେଖିପାରନ୍ତି । ମାତ୍ର ଏହାକୁ ପ୍ରକୃତ ଗତି ବୋଲିବା ଯାହା, ପ୍ରତାରିତ ହେବା ଅର୍ଥ ତାହା । ଆଜିକାଲି ବିଦ୍ୟୁତ୍ ପୃଥିବୀକୁ ଏକ ସେକେଣ୍ଡରେ ସାତଥର ପ୍ରଦକ୍ଷିଣ କରିପାରେ । ଏହା ପ୍ରକୃତ ଗତି, ଯେହେତୁ ଥର ଥର ହୋଇ ସାତଥର ବିଦ୍ୟୁତ୍ ନଦୀ, ପର୍ବତ, ସାଗର, ଜନପଦ, ବନ ଉପବନର ଦୃଶ୍ୟ ମାନସପଟରେ ପକାଇଯିବ ତାହାହେଲେ ନାଏଗରାକୁ ପହଞ୍ଚିବାକୁ କେତେ ସେକେଣ୍ଡ ଲାଗିବ, ତାହା ପାଠକେ ବିଚାର

Digitized by srujanika@gmail.com

କରନ୍ତୁ । ନିଜ ପ୍ରକୋଷ୍ଠ ମଧ୍ୟରେ ନାଏଗରାର ଛାୟା ଦେଖିବା ଯାହା, ମନରେ ନାଏଗରାର ଭାବନା କରିବା ତାହା । ଗୋଟାଏ କାଗଜ ଉପରେ ଫଟୋଗ୍ରାଫ୍, ଅପରଟା ମସ୍ତିଷ୍କରେ ଫଟୋଗ୍ରାଫ୍ । ମନ ଦୃଶ୍ୟ ସମ୍ବନ୍ଧରେ ଚକ୍ଷୁର ଅଧୀନ ।

ପଣ୍ଡିତ ଗଟ୍ଟୁଲାଲ ୧୮୧୯ରେ ଉତ୍କଳକୁ ଆସିଥିଲେ । ସେ ଚକ୍ଷୁହୀନ । ଶ୍ରବଣେନ୍ଦ୍ରିୟ ସାହାଯ୍ୟରେ ସେ ଯେ ପାଣ୍ଡିତ୍ୟ ଉପାର୍ଜ୍ଜନ କରିଥିଲେ, ତାହା ଭାବିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ସେ ଥିଲେ ଅଷ୍ଟାବଧାନୀ । ତାଙ୍କର ପଦ୍ୟପୂରଣ ପଣ୍ଡିତଗଣଙ୍କୁ ବିସ୍ମିତ କରିଥିଲା । ତାଙ୍କର କଣ ମନ ନଥିଲା ? ଥିଲା । ଶ୍ରବଣେନ୍ଦ୍ରିୟ ସାହାଯ୍ୟରେ ମାନସିକ ସ୍ମରଣ ଶକ୍ତିର ଉତ୍କର୍ଷ ସଙ୍ଗେ ସଙ୍ଗେ ଦର୍ଶନେନ୍ଦ୍ରିୟର ସାହାଯ୍ୟ ଅଭାବରୁ ଦୃଶ୍ୟ ବର୍ଣ୍ଣନା କରିବା ଶକ୍ତି ପଙ୍ଗୁ ହେଲା ।

ଦର୍ଶନେନ୍ଦ୍ରିୟ ଯେପରି ମସ୍ତିଷ୍କରେ ଫଟୋଗ୍ରାଫ ରଖେ, ଶ୍ରବଣେନ୍ଦ୍ରିୟ ମସ୍ତିଷ୍କରେ ସେପରି ଫଟୋଗ୍ରାଫ୍ ରଖିପାରେ ନାହିଁ । ଅନ୍ୟ ଇନ୍ଦ୍ରିୟମାନେ ମଧ୍ୟ ସେପରି ସ୍ଥାୟୀ ଛାପ ରଖି ପାରନ୍ତି ନାହିଁ । ଏଣୁ ମନ ସ୍ମରଣ କଲାମାତ୍ରେ ଯେପରି ଗୋଟାଏ ପୂର୍ବଦୃଷ୍ଟ ଦୃଶ୍ୟର ଦର୍ଶନସୁଖ ଅନୁଭବ କରିପାରେ, ସେପରି ଶ୍ରବଣ ଓ ସ୍ପର୍ଶସୁଖ ଅନୁଭବ କରିପାରେ ନାହିଁ ।

ସ୍ମରଣ କରିବା ମନର ବା ମସ୍ତିଷ୍କର କାର୍ଯ୍ୟ; ମାତ୍ର ପରେ ଅନୁକରଣ କାର୍ଯ୍ୟ ନୁହେଁ । ଏଣୁ ପରେ ଦୃଶ୍ୟହିଁ କେବଳ ଠିକ୍ ରୂପେ ଅନୁଭୂତ ହୁଏ, ମାତ୍ର ଶବ୍ଦ ସ୍ପର୍ଶ ଇତ୍ୟାଦି ଅନୁଭୂତ ହୁଏ ନାହିଁ । ଭାବୁକ କୌଣସି ପୂର୍ବଦୃଷ୍ଟ ଥିଏଟରର ଦୃଶ୍ୟର ଭାବନା କଲେ ନର୍ତ୍ତକ ନର୍ତ୍ତକୀର ହାବଭାବ, ଭଙ୍ଗୀ, ମୁଖଭଙ୍ଗୀ, ହସ୍ତଚାଳନ ପ୍ରଭୃତି ମାନସପଟରେ ଦେଖିପାରିବ । ମାତ୍ର ଗୀତ ଓ ବାଦ୍ୟ ତାର କର୍ଣ୍ଣକୁ ଶୁଣାଯିବନାହିଁ । ସେହିପରି ସ୍ପର୍ଶେନ୍ଦ୍ରିୟର ପ୍ରକୃତ ସୁଖ ଅନୁଭୂତ ହୁଏ ନାହିଁ, କେବଳ ସ୍ମରଣ ମାତ୍ର ହୁଏ ।

ଚକ୍ଷୁର ପତା ଥିବାରୁ ଦର୍ଶନେନ୍ଦ୍ରିୟକୁ ନିରୋଧ କରାଯାଇପାରେ । ମାତ୍ର କର୍ଣ୍ଣେନ୍ଦ୍ରିୟକୁ ନିରୋଧ କରିବାର ଉପାୟ ନାହିଁ । ଧ୍ୟାନମଗ୍ନ ଥିଲେ ସୁଦ୍ଧା ଶବ୍ଦ ନିଶ୍ଚୟ କର୍ଣ୍ଣ ପଟହରେ ଆଘାତ କରିବ । ମାତ୍ର ଆଲୋକ ବା ଦୃଶ୍ୟ ଦର୍ଶନେନ୍ଦ୍ରିୟରେ ପ୍ରବେଶ କରି ମସ୍ତିଷ୍କରେ ଯେପରି ସ୍ଥାୟୀ ଛାପ ରଖିପାରେ, ଶବ୍ଦର ସହଜ ପ୍ରବେଶ ଦ୍ୱାର ସେପରି ଥିଲେ ସୁଦ୍ଧା ମସ୍ତିଷ୍କରେ ସ୍ଥାୟୀ ରୂପ ରଖିପାରେ ନାହିଁ । ରସନା ଓ ନାସିକା ଆସ୍ୱାଦନ ଓ ଗନ୍ଧର ପ୍ରବେଶ ଦ୍ୱାର ହେଲେ ସୁଦ୍ଧା ମସ୍ତିଷ୍କରେ ସ୍ଥାୟୀ ଛାପ ରଖିପାରନ୍ତି ନାହିଁ, ଯଦ୍ଦ୍ୱାରା କି ପରେ ଠିକ୍ ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଓ ସ୍ପର୍ଶସୁଖ ବା ଦୁଃଖ ଠିକ୍‌ରୂପେ ଅନୁଭୂତ ହୋଇପାରେ ।

ଯାହାହେଉ ମନ କୌଣସି ସ୍ଥାୟୀ ତତ୍ତ୍ୱ ନୁହେଁ, ମନ ଇନ୍ଦ୍ରିୟବ୍ୟାପାରଜନିତ । ମନ ଚିରବିଦ୍ୟମାନ ନଥିଲା କମ୍ବା ଜଡ଼ ଜଗତରୁ ସ୍ୱତନ୍ତ୍ର ନୁହେଁ । ଏକ ସମୟରେ ସୂର୍ଯ୍ୟ ଗ୍ରହ ପୃଥିବୀ ସମସ୍ତେ ଗ୍ୟାସର ସମଷ୍ଟି ଥିଲେ । ଏହାର ବିସ୍ତୃତ ପ୍ଲୁଟୋପ ଗ୍ରହରୁ ବହୁ ଲକ୍ଷ ଲକ୍ଷ ମାଇଲ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କ୍ରମେ ସଙ୍କୁଚିତ ହୋଇ ସୂର୍ଯ୍ୟ ଗ୍ରହ ଉପଗ୍ରହର ସମଷ୍ଟି

Digitized by srujanika@gmail.com

ହୋଇଅଛୁ । ପ୍ଳୁଟୋସ୍, ନେପଚୁନ, ୟୁରେନାସ୍, ଶନି, ବୃହସ୍ପତି, ଅନେକ କ୍ଷୁଦ୍ରଗ୍ରହ, ମଙ୍ଗଳ, ପୃଥିବୀ, ଶୁକ୍ର, ବୁଧ ଓ ସୂର୍ଯ୍ୟର ଉତ୍ପତ୍ତି ସେହି ଗ୍ୟାସରୁ । ଏହା କୋଟି କୋଟି ବର୍ଷର ବ୍ୟାପାର, ଏଠାରେ ମନର ଅସ୍ତିତ୍ୱ କାହିଁ ?

ପୃଥିବୀ ଗ୍ୟାସରୁ ଘନୀଭୂତ ହେଲା । ତାର ଗଠନ ଇତ୍ୟାଦି ଠିକ୍ ରୂପେ କିଏ କହିପାରିବ ? କି ଉତ୍ପାତ ! ପ୍ରତି ମୁହୂର୍ତ୍ତରେ ଉଲ୍‌କା ଧୂମକେତୁ ସୃଷ୍ଟି କରି ସେହି ଭ୍ରାମ୍ୟମାଣ ପିଣ୍ଡରେ ପତିତ ହେଉଥିଲେ । ତାର ପ୍ରଚଣ୍ଡ ଗତି ହେତୁ ତାର ଶରୀରରୁ ପ୍ରକାଣ୍ଡ ପ୍ରକାଣ୍ଡ ପିଣ୍ଡ ଊର୍ଦ୍ଧ୍ୱକୁ ଉତ୍କ୍ଷିପ୍ତ ହୋଇ ପୁଣି ସହଜରେ ଆସି ତାହା ଦେହରେ ପଡ଼ି ବିଲୀନ ହେଉଥିଲା । ଏହିରୂପେ କେତେ କାଳ ପୃଥିବୀର ଦେହର ଗଢ଼ା ଲାଗିଲା । ଜଡ଼ଜୀବର ପାର୍ଥକ୍ୟ ନାହିଁ, ସମସ୍ତହିଁ ଏକ । କ୍ରମେ ଘନ ଓ ତରଳ ବସ୍ତୁର ଉତ୍ପତ୍ତି, ଯୌଗିକ ପଦାର୍ଥର ସ୍ୱାତନ୍ତ୍ର୍ୟ ଓ ଜୈବିକ ଅଣୁର ଉତ୍ପତ୍ତି । କେତେ କୋଟି ବର୍ଷର ଘଟଣା । ଜୀବ ସୃଷ୍ଟିର ପୁଣି କେତେ ବର୍ଷ ପରେ ଉତ୍କୃଷ୍ଟ ଜୀବ ଓ କ୍ରମେ ମଣିଷର ଉଦ୍ଭବ ଓ ମନର ବିକାଶ । ଖ୍ରୀଷ୍ଟପୂର୍ବ ପ୍ରାୟ ୫୦୦୦ ବର୍ଷ ପୂର୍ବେ ଈଶ୍ୱର ମନୁଷ୍ୟର ବାସଯୋଗ୍ୟ କରି ଧରାକୁ ଗଢ଼ି ତହିଁରେ ଆଡ଼ମ୍ ଇଭ୍‌କୁ ବିଚରଣ କରିବାକୁ ଛାଡ଼ିଦେଲେ ଏବଂ ସେ ଦୁହିଁଙ୍କ ସର୍ବାବୟବ ଯଥାମନ୍ତ କରି ତାଙ୍କଠାରେ ମନକୁ ମଧ୍ୟ ନିହିତ କରିଥିଲେ ବୋଲି ଯେ ବିଶ୍ୱାସ ଥିଲା, ତାହା ଅମୂଳକ ବୋଲି ପ୍ରତିପନ୍ନ ହୋଇସାରିଅଛି । ଅନ୍ୟାନ୍ୟ ଧର୍ମର ଏତାଦୃଶ ଅମୂଳକ ମତ ମଧ୍ୟ ଅଧୁନା ଅଗ୍ରାହ୍ୟ ହୋଇଅଛି । ମନ ସ୍ୱତନ୍ତ୍ର ଓ ଚିରବିଦ୍ୟମାନ ନୁହେଁ ।

[ସହକାର—ସପ୍ତଦଶ ଭାଗ—ଏକାଦଶ ସଂଖ୍ୟା-ଫାଲ୍‌ଗୁନ ୧୩୪୪]

Digitized by srujanika@gmail.com

ସୌନ୍ଦର୍ଯ୍ୟ

ମାନବ ଜୀବନର କେଉଁ ଅବସ୍ଥାରେ ସୌନ୍ଦର୍ଯ୍ୟ-ପିପାସା ଜାଗ୍ରତ ହେଲା, କିପରି ଭାବରେ ତାର ତୃପ୍ତି ଚେଷ୍ଟାରେ ସେ ପ୍ରବୃତ୍ତ ହେଲା, ଏ ପ୍ରକାର ପ୍ରଶ୍ନର ଠିକ୍ ଉତ୍ତର ଦେବା ସହଜସାଧ୍ୟ ନୁହେଁ । ପ୍ରତ୍ୟେକ ଜାତିର ପୁରାତନ ଇତିହାସ ଆଲୋଚନା କଲେ ଦେଖାଯାଏ ଯେ, ସେଥିରେ କିଛି ନା କିଛି ସଙ୍ଗୀତ, କବିତା ବା ଦ୍ରବ୍ୟ-ସୃଷ୍ଟିର ମାତ୍ରା ରହିଅଛି । ଅବଶ୍ୟ କଳା ବିଦ୍ୟାର ଚିରନ୍ତନ ତଥା ଧାରାବାହିକ ପ୍ରବାହର ସୂଚନା କୌଣସି ସ୍ଥାନରେ ଆମ୍ଭେମାନେ ପାଉନାହୁଁ । ଅନେକ ସମୟରେ ଜାତି ନିଜର ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ସଂରକ୍ଷଣରେ ନିଯୁକ୍ତ ଥିବା ପ୍ରଯୁକ୍ତ ଯେଉଁ ପ୍ରବଳ ସଂଗ୍ରାମ-ସ୍ରୋତର ସୃଷ୍ଟି ହୁଏ, ତଦ୍ଦ୍ୱାରା କଳାଶିଳ୍ପର ଗତିରୋଧ ଘଟିଥାଏ । ପୁଣି ଆପେକ୍ଷିକ ଗୁରୁତର କାର୍ଯ୍ୟର ସମାଧାନ ହେବା ସଙ୍ଗେ, ଦେଶରେ ଶାନ୍ତି, ନିରାପତ୍ତା ଆସିବା ସଙ୍ଗେ କଳାସ୍ରୋତ କ୍ରମେ ବିସ୍ତୃତ ହୁଏ । ଏଥିରୁ ଅନୁମିତ ହୁଏ ଯେ ସୌନ୍ଦର୍ଯ୍ୟ ଆସ୍ୱାଦନ ମାନବର ଗୋଟିଏ ଜନ୍ମଗତ କ୍ଷମତା ଅଟେ । କେଉଁଠାରେ ସୌନ୍ଦର୍ଯ୍ୟବୋଧ ପ୍ରକଟିତ, କେଉଁଠାରେ ବା ଅପ୍ରକଟିତ, କେଉଁଠାରେ ସୌନ୍ଦର୍ଯ୍ୟ ଏକ ପ୍ରକାରରେ ପ୍ରକଟିତ, କେଉଁଠାରେ ବା ଅନ୍ୟ ପ୍ରକାରରେ ପ୍ରକଟିତ । ଇଜିପ୍ଟର ସ୍ଥପତି-ବିଦ୍ୟା ଭାରତଠାରୁ ଭିନ୍ନ । କିନ୍ତୁ ସୌନ୍ଦର୍ଯ୍ୟରସ ସଭ୍ୟ ଅସଭ୍ୟ ଉଭୟଙ୍କଠାରେ ବିଦ୍ୟମାନ । ସୌନ୍ଦର୍ଯ୍ୟ ରସକୁ ସଭ୍ୟତାର ଅନୁଷଙ୍ଗରୂପେ ଗ୍ରହଣ କରାଯାଇ ନପାରେ; କାରଣ ଅସଭ୍ୟ ଲୋକ ମଧ୍ୟ ସୌନ୍ଦର୍ଯ୍ୟର ଉପାସକ । ସଭ୍ୟତା କଳା-ବିଦ୍ୟାର ସୃଷ୍ଟି ପ୍ରତି କାରଣ ନୁହେଁ । ତାହାର ଉନ୍ନତି ପକ୍ଷରେ ସହାୟ । ସୌନ୍ଦର୍ଯ୍ୟ-ପିପାସା ଯେ ମାନବଠାରେ ନିତ୍ୟ ବିଦ୍ୟମାନ, ତାହା ଶିଶୁର ଆଚରଣରୁ ସ୍ପଷ୍ଟରୂପେ ଜଣାପଡ଼େ । ଶିଶୁର ସ୍ଥାନ ବ୍ୟକ୍ତିଗତ ଜୀବନରେ ଯେଉଁ ସ୍ତରରେ, ଅସଭ୍ୟର ସ୍ଥାନ ଜାତି ବିକାଶର ସେହି ସ୍ଥାନରେ । ଉଜ୍ଜ୍ୱଳ, ଚକଚକିଆ, ରଙ୍ଗରଙ୍ଗିଆ ବସ୍ତ୍ର ଭୂଷଣ, ଅଳଙ୍କାରରେ ଶିଶୁ ଯେପରି, ଆଦିମ ମନୁଷ୍ୟ ମଧ୍ୟ ସେହିପରି ଆନନ୍ଦ ପାଏ ।

ବସ୍ତୁ ବସ୍ତୁର ସମ୍ବନ୍ଧରୁ ସୌନ୍ଦର୍ଯ୍ୟ ଜନ୍ମେ । ପଦାର୍ଥର ନିରାଟ ଏକତ୍ୱ ବା ବିଚ୍ଛିନ୍ନ ଅନେକତ୍ୱ ପାଦାର୍ଥିକ ସୌନ୍ଦର୍ଯ୍ୟର ଭିତ୍ତି ନୁହେଁ । ଯେବେ ଗୋଟାଏ ମାତ୍ର ବସ୍ତୁ ଥାଏ ତେବେ ସୌନ୍ଦର୍ଯ୍ୟ ଥାଏ ନାହିଁ; କାରଣ ତାହା ସମ୍ବନ୍ଧଶୂନ୍ୟ । ପୁଣି ଯେବେ ଅନେକ ବସ୍ତୁ ଥାଏ, କିନ୍ତୁ ବସ୍ତୁ ବସ୍ତୁ ମଧ୍ୟରେ ମନ୍ତ୍ରିକ ସମ୍ପର୍କ ନଥାଏ, ଅଥବା ଏତେ ବିଷୟ ଥାଏ ଯେ ଆମ୍ଭେମାନେ ଅନେକତ୍ୱରେ ବ୍ୟଥିତ ହୋଇପଡୁଁ, ତେବେ ସେଠାରେ ମଧ୍ୟ

Digitized by srujanika@gmail.com

ସୌନ୍ଦର୍ଯ୍ୟ ଥାଏ ନାହିଁ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ, ଯେଉଁ ସଂସାରରେ ଏକ ବ୍ରହ୍ମ ମାତ୍ର ସତ୍ୟ ଅନ୍ୟ ସମସ୍ତ ଅସତ୍ୟ, ସେ ସଂସାର ଅସୁନ୍ଦର । ପୁଣି ଯେଉଁ ବିଶ୍ୱସଂସାର ଏକତ୍ୱ ବର୍ଜିତ ତାହା ମଧ୍ୟ ଅସୁନ୍ଦର । ସଂସାରରେ କେତେ ଘଟଣା ଘଟୁଛି । କେତେ ପଦାର୍ଥ ରହିଅଛି, ତହିଁର ଇୟତ୍ତା ନାହିଁ । କିନ୍ତୁ ସଂସାରରେ ସୌନ୍ଦର୍ଯ୍ୟ ବସ୍ତୁ-ବାହୁଲ୍ୟରେ ନାହିଁ । ବସ୍ତୁ ବସ୍ତୁର କ୍ରମ ଅନୁକ୍ରମରେ, ସନ୍ନି-ଅବସ୍ଥାନରେ ଅଛି । ନିର୍ମଳ ଆକାଶରେ ଗୋଟିଏ ମାତ୍ର ନକ୍ଷତ୍ର ଜାଜ୍ୱଲ୍ୟମାନ ହେଉଥିବା କି ଶୋଭନୀୟ ଦୃଶ୍ୟ ! ଏବଂ ଏ ପ୍ରକାର ଶୋଭନୀୟତା କେବଳ ନକ୍ଷତ୍ରଟି ଯେ ଘଟାଉଛି ତା'ନୁହେଁ; ନକ୍ଷତ୍ର ସହିତ ପ୍ରଚ୍ଛଦପଟର ସମ୍ପର୍କ ମଧ୍ୟ ରହିଛି । ଉକ୍ତ ପ୍ରଚ୍ଛଦପଟରୁ ଅନ୍ତର ହେଲେ ନକ୍ଷତ୍ରର ରୂପ ଅନ୍ୟପ୍ରକାର ହୁଏ । ସେହିପରି ଆକାଶ ନକ୍ଷତ୍ର ମାଳାରେ ଆଚ୍ଛନ୍ନ ଥିବା ମଧ୍ୟ ଗୋଟିଏ କମନୀୟ ଚିତ୍ର ଏବଂ ଏହାର କମନୀୟତା ନକ୍ଷତ୍ର ପରିମାଣ ଯୋଗୁଁ ନୁହେଁ, ଅନେକ ନକ୍ଷତ୍ରର ଏକାଧାର ଅବସ୍ଥିତି ଯୋଗୁ ଅଟେ ।

କିନ୍ତୁ ସମ୍ବନ୍ଧ-ମାତ୍ର ସୌନ୍ଦର୍ଯ୍ୟର ନିଦର୍ଶନ ନୁହେଁ, ସମ୍ବନ୍ଧ ଯୌଗିକ ହୋଇଥିବା ଆବଶ୍ୟକ । ଯେଉଁ ବିଷୟ ବସ୍ତୁ ବସ୍ତୁ ମଧ୍ୟରେ ବିରୁଦ୍ଧ ସମ୍ବନ୍ଧର ପରିଚୟ ଦିଏ, ଯାହା ଯାହା ମଧ୍ୟରେ ଅମେଳ ଥାଏ, ସେ ବିଷୟ ଅସୁନ୍ଦର । ବସ୍ତୁ ବସ୍ତୁର ଅନ୍ୱୟ ସମନ୍ୱୟ ସୁନ୍ଦରତାର ଲକ୍ଷଣ । ବ୍ୟତିରେକିତା ବା ଅସମନ୍ୱୟ ଅସୁନ୍ଦରତାର ଲକ୍ଷଣ । ତାହା ହିଁ ସୁନ୍ଦର, ଯାହା ଅନେକ ବସ୍ତୁର ପୁଣି ପାରସ୍ପରିକ ସାମଞ୍ଜସ୍ୟର ଆଧାର, ଯାହା ବିବିଧରେ ଏକବିଧତ୍ୱର ନିର୍ଦ୍ଦେଶକ । ବିଦ୍ୟାମନ୍ଦିରରେ ଅନେକ ବସ୍ତୁ ଆମ୍ଭେମାନେ ଦେଖିବାକୁ ପାଉଁ । ଚଉକି, ବେଞ୍ଚ, ଟେବୁଲ, ଆଲମାରି, ଦୁଆତ, କଲମ, ପୁସ୍ତକ ଓ ସମ୍ବାଦ ପତ୍ର ପ୍ରଭୃତିରେ ପାଠାଗାର ପରିପୂର୍ଣ୍ଣ ଏବଂ ଏ ସମସ୍ତ ବସ୍ତୁ ଏଣେ ତେଣେ ନ ଥାଇ, ଯେ ଯେଉଁ ସ୍ଥାନରେ ରହିବା ଉଚିତ୍ ସେ ସେହି ସ୍ଥାନରେ ଥିଲେ ସୌନ୍ଦର୍ଯ୍ୟ ଜାତ ହୁଏ । ପୃଥକ୍ ପୃଥକ୍ ପଦାର୍ଥର ପାରସ୍ପରିକ ସାମଞ୍ଜସ୍ୟରୁ ଯେପରି, ଏକ ବସ୍ତୁରେ ଅନେକ ଦ୍ରବ୍ୟର ସନ୍ନିବେଶରୁ ମଧ୍ୟ ସେହିପରି ସୌନ୍ଦର୍ଯ୍ୟ ଉତ୍ପାଦିତ ହୁଏ । ସାଧାରଣ କଥାରେ ଆମ୍ଭେମାନେ କହିଥାଉଁ—ଗୋଟିଏ ଶୃଙ୍ଖଳରେ ଗଢ଼ା । ଏହାର ଅର୍ଥ ଏହିକି, ବସ୍ତୁ ବସ୍ତୁ ଏପରି ଖଞ୍ଜାହୋଇଛି ଯେ ପଦାର୍ଥଟି ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଥିବାର ସ୍ପଷ୍ଟ ବୋଧଗମ୍ୟ ହେଉଅଛି, ଅର୍ଥାତ୍ ସୌନ୍ଦର୍ଯ୍ୟ ଫୁଟି-ଉଠେ ସେହିଠାରେ,ଯେଉଁଠାରେ ଅନେକ ବସ୍ତୁ,ଏକ ସତ୍ତ୍ୱର ପରିଚୟ ଦେଉଥାଏ । ପଦାର୍ଥଙ୍କ ସମନ୍ୱୟର ମାତ୍ରା ଭେଦ ଏକ ସୌନ୍ଦର୍ଯ୍ୟ ଅନ୍ୟଠାରୁ ଭିନ୍ନ । ଗୋଟିଏ ବେଶୀ ସୁନ୍ଦର ଅନ୍ୟଟି କମ୍ ସୁନ୍ଦର ଏବଂ ଯାହା ସମନ୍ୱୟରେ ପରିପୂର୍ଣ୍ଣ ତାହା ସୌନ୍ଦର୍ଯ୍ୟର ପରାକାଷ୍ଠା ।

ଏବଂ ପଦାର୍ଥଙ୍କ ସମନ୍ୱୟ ଚିନ୍ତା ଓ କଳ୍ପନାର କାର୍ଯ୍ୟ । ପଦାର୍ଥ ପଦାର୍ଥ ଆପେ ଆପେ ମିଶି ବା ଘଟଣାଚକ୍ରରେ ଏକତ୍ରୀକୃତ ହୋଇ ସୌନ୍ଦର୍ଯ୍ୟ ସୃଷ୍ଟି କରେ ନାହିଁ । ପଦାର୍ଥ ପଦାର୍ଥର ସାଜସଜ୍ଜା ବୁଦ୍ଧିର କାର୍ଯ୍ୟ । ସୌନ୍ଦର୍ଯ୍ୟରେ ପଦାର୍ଥ ଗୁଡ଼ିକ ଗୋଟିଏ ଗ୍ରନ୍ଥିରେ ଗ୍ରଥିତ । ସେହି ଗ୍ରନ୍ଥି ମାନସ-ରାଜ୍ୟର ବସ୍ତୁ । ସୌନ୍ଦର୍ଯ୍ୟ ପୁରୁଷର ସୃଷ୍ଟି । ତାହା ଗୋଟିଏ ଚିତ୍ର ଏବଂ ଚିତ୍ରର ଅନ୍ତରାଳରେ ଚିତ୍ରୀର ପ୍ରଭାବ ବିଦ୍ୟମାନ । ସୌନ୍ଦର୍ଯ୍ୟ ଥିଲେ ବୁଝିବାକୁ

Digitized by srujanika@gmail.com

ହେବ ଯେ, ସେଠାରେ ଚିନ୍ତା ଓ କଳ୍ପନାର ପ୍ରଭାବ ରହିଅଛି । କୋଣାର୍କ, ଭୁବନେଶ୍ୱର ମନ୍ଦିର ତତ୍ର ତନ୍ନିର୍ମିତ ଔପାଦାନିକ ସଂଯୋଗ ଓ କାରୁକାର୍ଯ୍ୟକୁ ଶିଳ୍ପୀ ପ୍ରଥମତଃ ମାନସ ପ୍ରଦେଶରେ ଅଙ୍କନ କରି ତତ୍ପରେ ସେ ଗୁଡ଼ିକର ବାସ୍ତବତା ଆନୟନରେ ସମର୍ଥ ହୁଏ । ସୌନ୍ଦର୍ଯ୍ୟ ଗଠନ ପୁରୁଷ ଶକ୍ତିର ପରିଚାୟକ ଏବଂ ଯାହାର ଶକ୍ତି ଯେତେ ଅଧିକ ତାର ସୃଷ୍ଟି ତେତେ ସୁନ୍ଦର । ସାରା ଜଗତ୍‌ର ପରିସ୍ଥିତିରେ ଯେ ଏକ ସର୍ବଶକ୍ତିମାନ୍ ପୁରୁଷ ବିଦ୍ୟମାନ୍, ତାହାର ପ୍ରଧାନ ନିଦର୍ଶନ ହେଉଛି ଜାଗତିକ ବିଚିତ୍ରତା—ପଦାର୍ଥ ପଦାର୍ଥର, ନିୟମ ନିୟମର ଅଲୌକିକ ସମନ୍ୱୟ ।

ପୁଣି ସୌନ୍ଦର୍ଯ୍ୟର ଉପଲବ୍ଧି ମଧ୍ୟ ପୁରୁଷର ସାମଗ୍ରୀ । ସୌନ୍ଦର୍ଯ୍ୟ ଘଟାଇବା, ସୌନ୍ଦର୍ଯ୍ୟ ଅନୁଭବ କରିବା ଏ ଉଭୟ ବିଷୟ ଜଡ଼ ତଥା ଇତର ପ୍ରାଣୀର ଶକ୍ତି-ବହିର୍ଭୂତ ।

ବହିର୍ଜଗତ ଓ ସୌନ୍ଦର୍ଯ୍ୟ ମଧ୍ୟରେ ସଂପର୍କ ରହିଅଛି ସତ୍ୟ, ପ୍ରକୃତି ଜଗତ ସୌନ୍ଦର୍ଯ୍ୟ ପ୍ରକାଶ କରୁଅଛି ସତ୍ୟ; ହେଲେହେଁ ଜଡ଼ ଆଧାର, ସୌନ୍ଦର୍ଯ୍ୟ ଆଧେୟ । ଯଦ୍ୟପି ସୌନ୍ଦର୍ଯ୍ୟ ଜଡ଼ପଦାର୍ଥରେ ପ୍ରକଟିତ, ତଥାପି ସୌନ୍ଦର୍ଯ୍ୟ-ରସ ଅଜଡ଼ । ତାହା ସ୍ପର୍ଶ-ଦର୍ଶନର କି ଘ୍ରାଣ-ଶ୍ରବଣର ବିଷୟ ନୁହେଁ, ଉପଲବ୍ଧିର ବିଷୟ ଅଟେ । କେବଳ ଜଡ଼-ପ୍ରକୃତିରୁ ସୌନ୍ଦର୍ଯ୍ୟ-ରସ ଆବିର୍ଭୂତ ହୁଏ ନାହିଁ, କାରଣ ଭୋଗ୍ୟବସ୍ତୁ ଥାଇ ଭୋକ୍ତାର ଅଭାବ ରହିଥାଏ ।

ପୁନଶ୍ଚ ପ୍ରକୃତି ପୁରୁଷ ଉଭୟର ସଂପର୍କରୁ ସୌନ୍ଦର୍ଯ୍ୟ ଜାତହୁଏ । ଏହି ସଂମ୍ପର୍କକୁ ପରିସ୍ଫୁଟ କରିବା କବିର କାର୍ଯ୍ୟ । କବି ପ୍ରକୃତି ବା ମାନବ-ଜଗତର ଚିତ୍ରଣରେ ପ୍ରବୃତ୍ତ ହୋଇ, ଏକ ପ୍ରଦେଶରେ ମାତ୍ର ନିବଦ୍ଧ ରହେ ନାହିଁ । ସେହି ସେହି ଜାଗତିକ ପ୍ରଦେଶ ଅତିକ୍ରମ ପୂର୍ବକ ସେ ସୌନ୍ଦର୍ଯ୍ୟ ସୃଷ୍ଟିରେ ସମର୍ଥ ହୁଏ । ସେ ପ୍ରକୃତି-ଜଗତରେ ପୁରୁଷର ଛାୟା, ପୁଣି ମାନସ-ଜଗତରେ ପ୍ରକୃତିର ଛାୟା ଅନୁଭବ କରେ ଏବଂ ଏହି ସମ୍ପର୍କାନୁଭୂତି ସଙ୍ଗେ ସୌନ୍ଦର୍ଯ୍ୟ-ରସ ସଙ୍ଘଟିତ ହୋଇଥାଏ ।

"ରେ ଆତ୍ମନ୍, ନିଦ୍ରା ପରିହରି
ଫେଡ଼ ଚିନ୍ତାର ଲୋଚନ   କରି କରି ନିରୀକ୍ଷଣ" (ଜୀବନଚିନ୍ତା)

ଏଥିରେ 'ଲୋଚନ' 'ନିରୀକ୍ଷଣ' ଉକ୍ତିର ବ୍ୟବହାର ଦ୍ୱାରା ପୁରୁଷଠାରେ ପ୍ରକୃତିର ରୂପ ଆରୋପିତ ହୋଇଅଛି ।

"ତୋ ଇଙ୍ଗିତେ ସଙ୍ଗେ ଯେନ ଉର୍ମିଥାଟ,
ଦଉଡ଼ି ଆସିଲେ ମାଲାମୁ ସମ୍ରାଟ ।
× × ×
ଯେଝା ରୂପଶୋଭା ବିପଣିରେ ବସି
ଦେଖାନ୍ତି ଗରବେ ପ୍ରାଚୀ ପ୍ରାଚେତସୀ ।" (ଚିଲିକା)

ଏଠାରେ 'ଇଙ୍ଗିତେ', 'ଦଉଡ଼ିଆସିଲେ' 'ଗରବେ'—ଏ ସମସ୍ତ ଶବ୍ଦରେ ପୁରୁଷର କାର୍ଯ୍ୟ ପ୍ରକୃତିଠାରେ ଆରୋପିତ ହୋଇଅଛି ।

Digitized by srujanika@gmail.com

ସେହିପରି ବିଦ୍ୟମାନ ଜଗତରେ ଆବଦ୍ଧ ଥାଇ, ତାହାର ଉପଯୁକ୍ତ ସୌନ୍ଦର୍ଯ୍ୟ କବି ଉପଲବ୍ଧି କରି ପାରେ ନାହିଁ । ସେ ଯେଉଁ ପରିମାଣରେ ବିଦ୍ୟମାନ ଜଗତକୁ ଲଙ୍ଘନ କରେ, ବିଦ୍ୟମାନ ସହିତ ଆଦର୍ଶର ସମ୍ବନ୍ଧ, ବିଦ୍ୟମାନ ଉପରେ ଆଦର୍ଶର ପ୍ରଭାବ ଅନୁଭବ କରେ, ସେହି ପରିମାଣରେ ବିଦ୍ୟମାନ ଜଗତରେ ସୌନ୍ଦର୍ଯ୍ୟ ଉଦ୍ଭୂତ ହୁଏ । ବିଶୁଦ୍ଧ ସୌନ୍ଦର୍ଯ୍ୟ ଆଦର୍ଶ ଜଗତର ପଦାର୍ଥ, ତାହା ଆଦର୍ଶ ସହିତ ବିଦ୍ୟମାନର ସମ୍ପର୍କଜ୍ଞାପକ । ଯେଉଁ ବିଦ୍ୟମାନ ବସ୍ତୁ ସୁନ୍ଦର ଯାହା ଆଦର୍ଶ ଛାଞ୍ଚରେ ନିର୍ମିତ, ଯାହା ଆଦର୍ଶର ଗୋଟିଏ କଳା । କବିତା ପ୍ରକୃତି-ପୁରୁଷ-ସମ୍ମେଳନର, ବର୍ତ୍ତମାନ-ଭବିଷ୍ୟତ୍ ସମନ୍ୱୟର ବିଚିତ୍ର କଳାବିଭବ ।

ସୌନ୍ଦର୍ଯ୍ୟ କଳା-ବିଦ୍ୟାର କଥାବସ୍ତୁ । କଳାବିଦ୍ୟା ଉପାଦାନ ଉପକରଣର ଆଶ୍ରୟ ନେଇଥାଏ, ଏବଂ ଏଗୁଡ଼ିକର ଅବଲମ୍ବନରେ ଅପଦାର୍ଥରେ ପଦାର୍ଥତ୍ୱ ସୃଷ୍ଟି କରେ ଏବଂ ତାହା ଏପରି ପଦାର୍ଥ ଯେ ତଦ୍ୱାରା ଅମୂର୍ତ୍ତ ମୂର୍ତ୍ତିମନ୍ତ, ନିର୍ଜୀବ ସଜୀବ, କାଳ୍ପନିକ ବାସ୍ତବ-ରୂପେ ପ୍ରକାଶ ପାଏ । ଚିତ୍ରକର ରଙ୍ଗ ବର୍ତ୍ତି ପ୍ରଭୃତି ବ୍ୟବହାର କରି ତୂଳିକା ସାହାଯ୍ୟରେ ଗୋଟିଏ ଚିତ୍ର ଅଙ୍କନ କରେ । ସେ ଚିତ୍ର ରଙ୍ଗବେରଙ୍ଗ ବା ରେଖା ପରିଧିର, ବୃତ୍ତ ଅର୍ଦ୍ଧବୃତ୍ତର ବିଷୟ ନୁହେଁ । ତାହା ଭିତରର ବସ୍ତୁ; ଗୋଟିଏ ସରସ ବସ୍ତୁ ।

ଯଥାର୍ଥ ସୌନ୍ଦର୍ଯ୍ୟ ପ୍ରଦର୍ଶନ ମାତ୍ରର ବିଷୟ ନୁହେଁ, କି କେବଳ ବହିଃପ୍ରକାଶରେ ଆବଦ୍ଧ ଥାଏନାହିଁ । ସୌନ୍ଦର୍ଯ୍ୟ ଗୋଟିଏ ସାର, ନିଗୂଢ଼ ପଦାର୍ଥ । ଯେଉଁଠାରେ ସାରର ଅଭାବ, ସେଠାରେ କୃତ୍ରିମ ଉପାୟର ଆଶ୍ରୟ ନେଇ, ତାହା ପ୍ରସ୍ତୁତ କରାଯାଇପାରେନାହିଁ । ଯେତେ ଭୂଷଣ ଆବରଣ ପ୍ରୟୋଗ କର, ଅସୁନ୍ଦରୀ କି କେବେ ସୁନ୍ଦରୀରେ ପାଲଟି ଯାଇ ପାରେ ? ସୌନ୍ଦର୍ଯ୍ୟ ପଦାରେ ପଡ଼ିଥାଏ ନାହିଁ; ପୁଣି ତାହା ଲୁଚିବାର ବିଷୟ ନୁହେଁ । କବିତାର ସୌନ୍ଦର୍ଯ୍ୟ ଅନ୍ତର୍ନିହିତ ଭାବନା ସମୁଚ୍ଚୟରେ ଏବଂ ଏହି ଭାବନାବଳୀ ଭାଷାର ମଧ୍ୟଦେଇ ପରିସ୍ଫୁଟ ହୋଇଉଠେ । ସୌନ୍ଦର୍ଯ୍ୟ ପ୍ରକାଶମାନ ବସ୍ତୁ । ଏହି ଦ୍ରବ୍ୟଗୁଡ଼ିକ ଯେ ସୁନ୍ଦର, ତାହାର କାରଣ ଏହି କି, ସେ ସମସ୍ତଙ୍କଠାରେ ଏକ ଅଦୃଶ୍ୟ ସମ୍ବନ୍ଧ ବିରାଜିତ । ଶିଳ୍ପୀ ଓ ବିଜ୍ଞାନୀ ଏହି ସମ୍ବନ୍ଧର ଆସ୍ୱାଦନ ପାଇ, ମୂର୍ତ୍ତି, ପ୍ରତିମୂର୍ତ୍ତି, ଚିତ୍ର, କାରୁକାର୍ଯ୍ୟ ପ୍ରଭୃତିରେ ତାହା ପ୍ରକାଶ କରିବାରେ ସମର୍ଥ ହୁଏ ।

ସୌନ୍ଦର୍ଯ୍ୟ ସାଧାରଣତଃ ଦୁଇ ଜାତୀୟ । କେତେକ ଇନ୍ଦ୍ରିୟ-ସଂଯୋଗରୁ, ଅନ୍ୟ କେତେକ କଳ୍ପନା-ପ୍ରୟୋଗରୁ ଜନ୍ମେ । ପ୍ରଥମୋକ୍ତ ସୌନ୍ଦର୍ଯ୍ୟ ବାହ୍ୟ ପ୍ରକୃତିର ସରଞ୍ଜାମ; ତାହାର କ୍ରିୟା ଶରୀର ଉପରେ । ଶେଷୋକ୍ତ ସୌନ୍ଦର୍ଯ୍ୟ ଅତୀନ୍ଦ୍ରିୟ ବସ୍ତୁ, ତାହାର ପ୍ରକ୍ରିୟା ଚିତ୍ତବୃତ୍ତି ଉପରେ । ପୁଣି ପ୍ରତ୍ୟେକ ଜାତୀୟ ସୌନ୍ଦର୍ଯ୍ୟ ଭିନ୍ନ ପ୍ରକାରରେ ଉଦ୍ରିକ୍ତ ହୁଏ । ରୂପ-ବର୍ଣ୍ଣ ଉପାଦାନ ଗଠନ-ପ୍ରଯୁକ୍ତ ସୌନ୍ଦର୍ଯ୍ୟ ଶାରୀରିକ ସୌନ୍ଦର୍ଯ୍ୟର ଅନ୍ତର୍ଗତ; ଗୁଣ, ଭାବନା, ପ୍ରେରଣା-ଘଟିତ ସୌନ୍ଦର୍ଯ୍ୟ ମାନସିକ କ୍ଷେତ୍ରର ଅନ୍ତର୍ଗତ । ସମ୍ଭବତଃ ସୌନ୍ଦର୍ଯ୍ୟର ପ୍ରାଥମିକ ଆକର୍ଷଣ ରୂପ-ମନୋହାରିତାରୁ ଘଟିଥାଏ । ବାଲ୍ୟ ଜୀବନରେ ଆମ୍ଭେମାନେ

Digitized by srujanika@gmail.com

ଚଙ୍ଗଚଙ୍ଗିଆ ବସ୍ତ୍ରଦ୍ୱାରା ଆକୃଷ୍ଟ ହୋଇଥାଉଁ । ପିଲାମାନଙ୍କର ଦୃଷ୍ଟି ବହିର୍ଭାଗରେ । ବିଷୟର ଅନ୍ତରରେ ପ୍ରବେଶ କରିବା, ଅନ୍ତର୍ବନ୍ଧ ସମ୍ପର୍କ ନିର୍ଣ୍ଣୟ କରିବାର କ୍ଷମତା ପିଲାମାନଙ୍କର ନାହିଁ । ବୟସ-ବୃଦ୍ଧି ତଥା ଅଭିଜ୍ଞତା ବଳରେ ଯେତେବେଳେ ଆମ୍ଭେମାନେ ପଦାର୍ଥର ଏ ପକ୍ଷ ସେ ପକ୍ଷକୁ ତୁଳନା କରି ସମୂହ-ଦୃଷ୍ଟିରେ ପ୍ରବୃତ୍ତ ହେଉଁ, ସେତେବେଳେ ରୂପର ପରିଚ୍ଛନ୍ନତା ସହିତ ଅଭ୍ୟନ୍ତରୀଣ ଆବିଳତା ଅନେକ ସ୍ଥଳରେ ଆମ୍ଭେମାନେ ଅନୁଭବ କରୁ । ମହାକାଳଫଳର ରୂପ ଯହିଁ, ମଜ୍ଜା ତାହାର ବିପରୀତ ଅଟେ । ପ୍ରବଞ୍ଚକର ବ୍ୟବହାର ସୁନ୍ଦର, ଚରିତ୍ର ଅସୁନ୍ଦର ।

ରୂପଜ ସୌନ୍ଦର୍ଯ୍ୟ ବ୍ୟକ୍ତିଗତ । ଏକ ରୂପରେ ସମସ୍ତେ ସମାନ ଭାବରେ ତୃପ୍ତ ହୁଅନ୍ତି ନାହିଁ । ପୁଣି ତାହା ଅନିତ୍ୟ । ରୂପ ପରିବର୍ତ୍ତନଶୀଳ, ସବୁ ସମୟରେ ସମାନ ଭାବରେ ଥାଏ ନାହିଁ । ଗୁଣଜ ସୌନ୍ଦର୍ଯ୍ୟ ନିତ୍ୟ ତଥା ସାର୍ବଜନୀନ । ରୂପବର୍ଣ୍ଣ ଅପେକ୍ଷା ପାଦାର୍ଥିକ ସୌନ୍ଦର୍ଯ୍ୟର, ଶରୀର ଅପେକ୍ଷା ଆଭ୍ୟନ୍ତରିକ ସୌନ୍ଦର୍ଯ୍ୟର ମାତ୍ରା ବେଶୀ, ସ୍ଥାୟିତ୍ୱ ମଧ୍ୟ ବେଶୀ ।

ପ୍ରତିମା ପୂଜା ସ୍ଥାନେ ସ୍ଥାନେ କାହାରି କାହାରି ପ୍ରତି ମନୋରମ ନ ହୋଇପାରେ; କିନ୍ତୁ ପ୍ରତିଭାପୂଜା ସର୍ବତ୍ର ବିଦ୍ୟମାନ । ଭାଗବତ-ଟୁଙ୍ଗୀ ଲୋପ ପାଇଯାଇପାରେ, କିନ୍ତୁ ଭାଗବତ-ପ୍ରତିଷ୍ଠା ଲୁପ୍ତ ହେବାର ପଦାର୍ଥ ନୁହେଁ ।

କେତେକ ବିଷୟରେ ସୌନ୍ଦର୍ଯ୍ୟ ବସ୍ତୁର ଉପାଦାନ, ଅନ୍ୟ କେତେକର ସୌନ୍ଦର୍ଯ୍ୟ ନିମ୍ନ ବସ୍ତୁର ସଂଯୋଜନ ଉପରେ ନିର୍ଭର କରେ । ସ୍ୱର୍ଣ୍ଣ-ଘଟିତ ଦ୍ରବ୍ୟ ପିତ୍ତଳ-ନିର୍ମିତ ବସ୍ତୁ ଅପେକ୍ଷା ସୁନ୍ଦର; କାରଣ ତାହା ବିଶିଷ୍ଟ ଧାତୁରେ ପ୍ରସ୍ତୁତ । ମାତ୍ର କୋଣାର୍କ-ଭୁବନେଶ୍ୱର ମନ୍ଦିର ଯେଉଁ ସୌନ୍ଦର୍ଯ୍ୟର ପରିପୂରକ, ତାହା ଔପାଦାନିକ ସୌନ୍ଦର୍ଯ୍ୟ ନୁହେଁ; ବିନ୍ୟାସିତ୍ୱର ସୌନ୍ଦର୍ଯ୍ୟ ଅଟେ । ତାହା ଦ୍ରବ୍ୟ-ଦ୍ରବ୍ୟ ମୂର୍ତ୍ତି-ମୂର୍ତ୍ତି-ସଂଯୋଗ-ସନ୍ନିବେଶର ନିଦର୍ଶନ ।

ଏତଦ୍‌ବ୍ୟତୀତ ଅନ୍ୟ ଏକ ସୌନ୍ଦର୍ଯ୍ୟ ଅନୁଭୂତ ହୁଏ, ଯାହା ଚିନ୍ତାପ୍ରସୂତ । ରୂପ-ବର୍ଣ୍ଣ ଗଠନର ବିଶେଷତ୍ୱ ନ ଥିଲେ ମଧ୍ୟ ଏ ଜାତୀୟ ସୌନ୍ଦର୍ଯ୍ୟ ଜାତ ହୋଇଥାଏ । ପ୍ରେମିକ ନିକଟରେ କୁରୂପା ପ୍ରେମିକା ସୁନ୍ଦରୀ ଅଟେ । ଅରୂପ ସୌନ୍ଦର୍ଯ୍ୟ ଭାବରାଜ୍ୟର ବସ୍ତୁ । ଭକ୍ତମାନେ ତାହାକୁ କେତେ ପ୍ରକାରରେ ବର୍ଣ୍ଣନା କରିଥାନ୍ତି । ବାସ୍ତବରେ ତାହାର ଯଥାଶେଷ ବର୍ଣ୍ଣନା ହୋଇପାରେନାହିଁ । ଏ ରସ-ମାଧୁର୍ଯ୍ୟ ବ୍ୟକ୍ତିଗତ ଅନୁଭୂତିର ଅପେକ୍ଷା ରଖେ । ନାୟକ ପକ୍ଷରେ ଅସୁନ୍ଦରୀ ନାୟିକା ଆଦରର ବସ୍ତୁ ହୋଇଥାଏ; କାରଣ ନାୟିକାର ଚିତ୍ର ସହିତ ଅନେକ ଆନୁଷଙ୍ଗିକ ବିଷୟ, ଅନେକ ଅତୀତର ସ୍ମୃତି, ଭବିଷ୍ୟତର କଳ୍ପନା ନାୟକର ହୃଦୟରେ ଜାଗ୍ରତ ହୋଇଉଠେ ।

ଯଦ୍ୟପି ଅନେକ ସ୍ଥଳରେ ଇନ୍ଦ୍ରିୟ-ସମ୍ପର୍କରୁ ସୌନ୍ଦର୍ଯ୍ୟ-ରସ ଉଦ୍ରିକ୍ତ ହୋଇଥାଏ, ରୂପ-ବର୍ଣ୍ଣ-ଆକୃତି ଗଠନରେ ତାହା ପ୍ରକାଶ ପାଇଥାଏ, ତଥାପି ସୌନ୍ଦର୍ଯ୍ୟକୁ ଇନ୍ଦ୍ରିୟର ବସ୍ତୁ ବୋଲିହୋଇ ନପାରେ । ଆମ୍ଭେମାନେ ସାଧାରଣତଃ କହୁଥାଉଁ ଏ ରୂପଟି ସୁନ୍ଦର, ସେ

Digitized by srujanika@gmail.com

ରୂପଟି ଅସୁନ୍ଦର; ଯେପରିକି ବସ୍ତୁର ସୁନ୍ଦରତା ବା ଅସୁନ୍ଦରତା ରୂପ ମଧ୍ୟରେ ସଂଲଗ୍ନ ଅଛି । ବାସ୍ତବରେ କିନ୍ତୁ ତାହା ନୁହେଁ । ରୂପ, ବର୍ଣ୍ଣ, ଆକୃତି ପରସ୍ପର ସହିତ, ପୁଣି ବର୍ଣ୍ଣ ସହିତ ବନ୍ଧନରେ ଜଡ଼ିତ । ବସ୍ତୁର ଏହି ସ୍ଥାନ ବା ସଂଗଠନାର ସେହି ନାମ ସୌନ୍ଦର୍ଯ୍ୟ ଧାରଣ କରିଅଛି, ଏ ପ୍ରକାର ପ୍ରୟୋଗ ଅଜ୍ଞାନତାରୁ ଜନ୍ମେ । 'ଏହି ପୁଷ୍ପଟି ସୁନ୍ଦର' ଏହାର ଅର୍ଥ ନୁହେଁ ଯେ, ପୁଷ୍ପର ସୌନ୍ଦର୍ଯ୍ୟ କେଶର କି ପାଖୁଡ଼ାରେ ଅବସ୍ଥିତ । ଏ ସୌନ୍ଦର୍ଯ୍ୟ ପୁଷ୍ପର ପୁଷ୍ପତ୍ୱ ସହିତ ଜଡ଼ିତ ଏବଂ ପୁଷ୍ପ ଯାହା ପ୍ରକାଶ କରେ, ତା ଅପେକ୍ଷା ବେଶୀ ଧାରଣ କରିଥାଏ । ଯେତେବେଳେ ସମଗ୍ର-ପୁଷ୍ପ ମସ୍ତିଷ୍କ ଗ୍ରହଣକରି, ଜ୍ଞାନବିଜ୍ଞାନର ବିଷୟ ନ ହୋଇ ହୃଦୟ ମାର୍ଗରେ ମଧୁରତା ଲାଭ କରଏ, ସେତେବେଳେ ସୌନ୍ଦର୍ଯ୍ୟ-ରସ ଉଚ୍ଛ୍ୱସିତ ହୋଇପଡେ ।

ସାହିତ୍ୟ କ୍ଷେତ୍ରରେ ଅମୂର୍ତ୍ତ ସୌନ୍ଦର୍ଯ୍ୟର ବହୁ ନିଦର୍ଶନ ମିଳେ । ଉତ୍ତମ ସାହିତ୍ୟର ସୌନ୍ଦର୍ଯ୍ୟ କଳ୍ପନାର ପରିପାଟୀ ଉପରେ ପ୍ରତିଷ୍ଠିତ । କଳ୍ପନାର ପରୀକ୍ଷା ସଂଗଠନରେ । ଭାଷା ବା ଅଳଙ୍କାର ବ୍ୟାବହାରିକ ଚତୁରତା ହେତୁରୁ କୌଣସି କୌଣସି ସାହିତ୍ୟ ସୌନ୍ଦର୍ଯ୍ୟ ଜଗତରେ ସ୍ଥାନ ପାଇପାରେ । କିନ୍ତୁ ଯେଉଁ ସାହିତ୍ୟ ମହତ୍ ଭାବ ସୃଷ୍ଟିକରେ, ଯାହା ନୂତନ ଚିନ୍ତା, ନୂତନ ଆଦର୍ଶ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରେ, ଯାହା ପୁରାତନକୁ ନୂତନ ଚିନ୍ତାରେ ଗଢ଼ିବାରେ ବାସ୍ତବକୁ ଆଦର୍ଶ ରୂପରେ ଦେଖାଇବାରେ ସହାୟତା କରେ, ସେ ସାହିତ୍ୟର ସ୍ଥାନ ଅନେକ ଉପରେ । ବାଲ୍ମୀକି ଗ୍ରନ୍ଥ ଏହି ଜାତୀୟ । ସତ୍ୟନିଷ୍ଠା, ପିତୃଭକ୍ତି, ଭାତୃପ୍ରେମ ପାତିବ୍ରତ୍ୟ, ମନ୍ଦର କ୍ଷୟ, ଭଲର ଜୟ ଏ ସମସ୍ତ ଅଲୌକିକ ଚିତ୍ର ରାମାୟଣରେ ଏକାଧାରରେ ଖଚିତ । ଏପରି ସାହିତ୍ୟର ମର୍ଯ୍ୟାଦା ସମସ୍ତଙ୍କ ପାଇଁ, ଚିରଦିନ ପାଇଁ ରହିଅଛି, ରହିଥିବ । କାରଣ ଭାବନାଶକ୍ତିର ପ୍ରଭାବ ଜଗଦ୍‌ବ୍ୟାପୀ । ଧନ୍ଦସ୍ତ ଗ୍ରହଣା ଯେବେ ମନୁଷ୍ୟ-ମନୁଷ୍ୟ ମଧ୍ୟରେ ବିଷମତା ଥିଲେହେଁ, ଚିନ୍ତା ରାଜ୍ୟରେ ସମତା ବିଦ୍ୟମାନ । ଯେଉଁ ସଙ୍ଗୀତ ବିଷୟର ଅବୃତ୍ତି ବା ପୁନରାବୃତ୍ତିରେ ନିଯୁକ୍ତ, ଯେଉଁ ସଙ୍ଗୀତର ମଧୁରତା ଶ୍ରୁତିମାତ୍ରରେ, ଯାହାର ସୌନ୍ଦର୍ଯ୍ୟ ସ୍ୱର ମିଶ୍ରଣରେ ମାତ୍ର ନିବଦ୍ଧ, ସେଥିରେ କେହି ସନ୍ତୁଷ୍ଟ ହୋଇପାରେ, କେହି ବା ନ ହୋଇ ପାରେ । କିନ୍ତୁ ଯହିଁରେ ପରିକଳ୍ପନାର ବିଶିଷ୍ଟତା ରହିଛି ତାହା ଜନସମୂହକୁ ଆକର୍ଷଣ କରିଥାଏ ଏବଂ ଯାହା ସର୍ବସାଧାରଣ ଆକର୍ଷଣରେ ସମର୍ଥ ତାହା ଚିରନ୍ତନ ଆକର୍ଷଣରେ ସମର୍ଥ ।

ସୌନ୍ଦର୍ଯ୍ୟ ସମୂହ ଉପଲବ୍ଧିର ବିଷୟ । ବସ୍ତୁର ଭାଗ ବିଭାଗରେ ସୌନ୍ଦର୍ଯ୍ୟ ଥାଏ ନାହିଁ; ବରଂ ଖଣ୍ଡବିଖଣ୍ଡ ହେବାଦ୍ୱାରା ତାହାର ସୌନ୍ଦର୍ଯ୍ୟ ନଷ୍ଟହୁଏ । ମନୋରମ ମୂର୍ତ୍ତି ଶିର, କଟି, ହସ୍ତ, ପଦ ପ୍ରଭୃତିରେ, ମନୋହର ପୁଷ୍ପବୃନ୍ତ କେଶର ଓ ପାଖୁଡ଼ାରେ ପୃଥକୀକୃତ ହେଲେ, ସୁନ୍ଦର ବସ୍ତୁ ଅସୁନ୍ଦରରେ ପରିଣତ ହୁଏ । ବିଶ୍ଳେଷଣ ବୈଜ୍ଞାନିକର କାର୍ଯ୍ୟ । ବସ୍ତୁ ବ୍ୟାଖ୍ୟା ପାଇଁ ଏହା ଆବଶ୍ୟକ ହୋଇଥାଏ । ଏହି ହେତୁରୁ ବସ୍ତୁ ବିଚାରର ଜ୍ଞାନ ଆହରଣରେ ନିଯୁକ୍ତ । ବୈଜ୍ଞାନିକ ବସ୍ତୁ ସୌନ୍ଦର୍ଯ୍ୟ ବିନାଶ ଘଟାଇବାର ପ୍ରଧାନ କାରଣ

Digitized by srujanika@gmail.com

ହୋଇପଡ଼େ ଏବଂ ଏହି ହେତୁରୁ ପଦାର୍ଥ ବିଜ୍ଞାନୀ ସୌନ୍ଦର୍ଯ୍ୟ ରସରୁ ଅନେକ ସମୟରେ ବଞ୍ଚିତ । ସତ୍ୟଲାଭ ଜ୍ଞାନ ବିଜ୍ଞାନର ଲକ୍ଷ୍ୟ, ସୌନ୍ଦର୍ଯ୍ୟ ଗଠନ ରସାନୁଭୂତିର ବିଷୟ । ଏକର କ୍ରିୟା, ଏକର ମାନସ-ପ୍ରଦେଶ ଅନ୍ୟଠାରୁ ଭିନ୍ନ । ଜ୍ଞାନର ଆକର୍ଷଣ ମସ୍ତିଷ୍କ ଉପରେ; ସୌନ୍ଦର୍ଯ୍ୟର ଚିତ୍ତ ଉପରେ । ବିଜ୍ଞାନ ଆବିଷ୍କାର କରେ, କଳା-ବିଦ୍ୟା ସୃଷ୍ଟି କରେ ।

ତଥାପି ଯାହା ସତ୍ୟ, ତାହା ସୁନ୍ଦର, ତାହା ଉତ୍ତମ । ସମଗ୍ର ମାନବସେବା ଏମାନଙ୍କର ଧର୍ମ । ସତ୍ୟ ପଦାର୍ଥ ଜଣଙ୍କଠାରେ ନୁହେଁ ଜନସମାଜରେ ବିସ୍ତୃତ । ସୁନ୍ଦର ବସ୍ତୁ ଏକ ମନୁଷ୍ୟକୁ ନୁହେଁ, ସାରା ମାନବକୁ ଆକର୍ଷଣରେ, ଉତ୍ତମ କର୍ମ ମାନବ ସମୂହ ମଙ୍ଗଳ ବିଧାନରେ ସମର୍ଥ । ପୁଣି ଆଦର୍ଶ ଜଗତରେ ଏମାନେ ଏକୀଭୂତ । ସୌନ୍ଦର୍ଯ୍ୟ ଯେପରି, ଜ୍ଞାନ ବିଜ୍ଞାନ ନୀତି ଧର୍ମ ମଧ୍ୟ ସେହିପରି ଆଦର୍ଶ ମାହାତ୍ମ୍ୟରେ ଅନୁପ୍ରାଣିତ; ଆଦର୍ଶ ଅନୁଧାବନରେ, ଆଦର୍ଶ ସୃଷ୍ଟିରେ ନିଯୁକ୍ତ । ପ୍ରତ୍ୟେକ ପକ୍ଷରେ ବିଦ୍ୟମାନ ଜଗତ ଅପୂର୍ଣ୍ଣ, ସେଥିରେ ଏଠି ସେଠି ମଳିନତା ରହିଛି । ଏଣୁ ସମସ୍ତଙ୍କ ଦୃଷ୍ଟି ଆଦର୍ଶ ଦିଗରେ । ଅପୂର୍ଣ୍ଣରେ ପରିପୂର୍ଣ୍ଣତା ସମ୍ପାଦନ ଏ ସମସ୍ତଙ୍କର ବିଚାର୍ଯ୍ୟ ବିଷୟ । ଏବଂ ଯେଉଁଠାରେ ବିଦ୍ୟମାନ ବିଷୟର ଆଦର୍ଶ ପ୍ରତି ସାମଞ୍ଜସ୍ୟ ଅଧିକରୁ ନିକଟତ୍ୱ ପ୍ରକାଶପାଏ, ସେଠାରେ ପାଦାର୍ଥିକ ଯଥାର୍ଥତା, ସୁନ୍ଦରତା, ଉତ୍ତମତା ଯୁଗପତ୍ ଅନ୍ତଗତ ହୁଏ । ପରମେଶ୍ୱର ଏକାଧାରରେ ସତ୍ୟ, ସୁନ୍ଦର ଓ ଉତ୍ତମ ପୁରୁଷ ।

ଜଣେ ଇଂରେଜ କୃଷକର ଖମାର କ୍ଷେତ୍ରରେ

ନିଉକାସଲ୍‌ର ସହରତଳି ଭିତର ଦେଇ ଯାଉଥିଲାବେଳେ ମୋର ଇଂରେଜ-ବନ୍ଧୁ ପୃଥିବୀ-ବିଖ୍ୟାତ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ ଭିକର୍ଜ ଆର୍ମଷ୍ଟ୍ରଙ୍ଗଙ୍କ କମ୍ପାନୀର ଫ୍ୟାକ୍ଟ୍ରୀର ଲମ୍ବା ଲମ୍ବା ଗୃହଶ୍ରେଣୀ ମତେ ଦେଖାଇଦେଲେ । ମୋ ମନରେ ହଠାତ୍ ଟିକିଏ ଧକ୍କା ଲାଗିଲା । କାରଣ ମୁଁ ମାରଣାସ୍ତ୍ର ନିର୍ମାତା ଇଂରେଜକୁ ଦେଖିବାକୁ ଚାହୁଁ ନ ଥିଲି ; ମୁଁ ଯାଉଥିଲି ଗୋଟିଏ ଇଂରେଜ କୃଷକ-ଗୃହସ୍ଥର ସାଧାରଣ ଖମାର-କ୍ଷେତ୍ର ଦେଖିବାକୁ, ଯେଉଁଠି ବ୍ରିଟିଶ୍‌ର ବୀର୍ଯ୍ୟ ଏ ପର୍ଯ୍ୟନ୍ତ ଜନନୀ ବସୁନ୍ଧରାଠାରୁ ଜୀବନର ପ୍ରାଣରସ ଆହରଣ କରିବାରେ ଲାଗିରହିଛି । କିନ୍ତୁ ସହସା ସହରର କୁତ୍ସିତ, ସମ-ଦୃଶ୍ୟ ଘର ଓ ରାସ୍ତା ସବୁ ପଛରେ ପଡ଼ିଲା ଏବଂ ଇଂଲଣ୍ଡର ମଧୁର ଶାରଦ ପ୍ରକୃତିର ଶୋଭା ରାଜ୍ୟରେ ପ୍ରବେଶ କଲୁ । ଉଚ୍ଚ ରାସ୍ତାରୁ ଆରମ୍ଭ କରି ବହୁ ନିମ୍ନରେ ପ୍ରବାହିତ ଟାଇନ୍ ନଦୀର ଧାର ପର୍ଯ୍ୟନ୍ତ ସମଗ୍ର ଉପତ୍ୟକା ବର୍ଣ୍ଣବହୁଳ ଏକ ଉପବନ ସେ ଢେଇ ହୋଇ ଶୋଇ ରହିଲାପରି ଦେଖା-ଯାଉଥିଲା । ଇଂଲଣ୍ଡର ଗ୍ରୀଷ୍ମ ଋତୁର ଏଇ ମାତ୍ର ଅବସାନ ହୋଇଛି ଏବଂ ପଲ୍ଲୀ ପ୍ରକୃତିର ଶ୍ୟାମାଭରଣ କ୍ରମେ ହରିଦ୍ରା ଓ ସ୍ୱର୍ଣ୍ଣାଭ ହୋଇଆସୁଛି । ବାଡ଼-ଘେରା ଲମ୍ବା ଲମ୍ବା ଜଆରିମାନଙ୍କରେ ଗହମର କ୍ଷେତ ଉପତ୍ୟକାର ଉପରୁ ତଳଯାଏ ପାଚି ପଡ଼ିରହିଛି । ମନେ ହେଲା ଜଗତର ଘନାୟମାନ ଦୈନନ୍ଦିନ ନୈରାଶ୍ୟ ଭିତରେ ସେ ସବୁ ଯେପରି ମା ବସୁନ୍ଧରାର ମୁଖରେ ଚିରନ୍ତନ ଆଶାର ସ୍ୱର୍ଣ୍ଣହାସ୍ୟ ।

ଆମେ ବସ୍‌ରୁ ଓହ୍ଲାଇ ଗୋଟିଏ ରାସ୍ତାରେ ଚାଲିବାକୁ ଲାଗିଲୁ—ଯାହା ଦିନେ ସମ୍ରାଟ ହେଡ୍ରିୟାନ ଓ ତାଙ୍କର ରୋମକବାହିନୀମାନଙ୍କ ଦ୍ୱାରା ଯାହାରେ ମୁଖରିତ ହୋଇ-ଥିବ । କାରଣ ଏଇ ରାସ୍ତା ହିଁ ଉତ୍ତର ଇଂଲଣ୍ଡରୁ ସିଧା ଲଣ୍ଡନ ଓ ସେଠୁ ରୋମ ପର୍ଯ୍ୟନ୍ତ ଯାଇଥିଲା । ଆମେ ଯେଉଁ ଖମାରକୁ ଯାଉଥିଲୁ ତାହା ଏଇ ରାସ୍ତାରୁ ପ୍ରାୟ ମାଇଲିଏ ଦୂରରେ ।

ଖମାରଟି ଗୋଟିଏ ଉଚ୍ଚ ସ୍ଥାନରେ ଅବସ୍ଥିତ, ଯେଉଁଠୁ ସମଗ୍ର କ୍ଷେତଟି ସୁନ୍ଦର ଭାବରେ ଦେଖାଯାଏ । ଗୋଟିଏ ଶ୍ରେଷ୍ଠ ପଦ-ପଥ ଦେଇ ଉପରକୁ ଉଠି ଉଠି ହଠାତ୍ ଯେତେବେଳେ ଖମାର ଘର ଆଗରେ ପହଞ୍ଚିଲୁ , ତାର ଆଧୁନିକତା ଓ ପରିପାଟିରେ ମୁଁ

Digitized by srujanika@gmail.com

ବର୍ଷି ତନ୍ଦ୍ରାଇଗଲା । ଯାହାଙ୍କର ଆତିଥ୍ୟ ଗ୍ରହଣ କରିବୁ ତାଙ୍କ ସଙ୍ଗେ ଦେଖା ଓ ପ୍ରାରମ୍ଭିକ ଶିଷ୍ଟାଚାର ପରେ ଆମେ ସମସ୍ତେ ବାହାରେ ଶୋଭନୀୟ ଭାବରେ ସଜ୍ଜିତ ଗୃହ ସମ୍ମୁଖର ଘାସ ଆସ୍ତରଣ ଉପରେ ବସି ଆଳାପ ଆରମ୍ଭକଲୁ । କଥା ହେଲା ଇଣ୍ଡିଆ ଓ ଗାନ୍ଧି ନେଇ, କାରଣ ଏବେ ଜଣଙ୍କ କଥା ପଡ଼ିଲେଇ ଅପରିହାର୍ଯ୍ୟ ଭାବରେ ଅନ୍ୟଟି ଆସି ପଡ଼େ । ଇତି ମଧ୍ୟରେ ଆମର କୃଷକ ବନ୍ଧୁଙ୍କର ଜ୍ୟେଷ୍ଠ କନ୍ୟା ଜୁନ୍ ତାର ସ୍ନାନ ସାରି ଆସି ଉପସ୍ଥିତହେଲା । ମୋର ସହଗାମୀ ଇଂରେଜ ବନ୍ଧୁ ଜଣେ ଆର୍ଟିଷ୍ଟ, ସେ ଜୁନ୍‌କୁ କହିଲେ ବୃକ୍ଷପରି ବସିବାକୁ । କାରଣ ସେ ସେଇ ଭଙ୍ଗୀରେ ତାର ଗୋଟିଏ ଛବି ଆଙ୍କିବାକୁ ଇଚ୍ଛା କରନ୍ତି, ପ୍ରଥମେ ଜ୍ୟେଷ୍ଠ ଜୁନ୍ ଭାରି ଉତ୍ସାହିତ ହୋଇ ଉଠିଲା, କିନ୍ତୁ ଆମେ ଯେପରି ଚକା ପକାଇ ବସୁ ତାର ସେ ଅଭ୍ୟାସ ନଥିବାରୁ ତାର ଶୈଶବର ଚଞ୍ଚଳ କୋମଳ ଅବୟବ ଗୁଡ଼ିକ କ୍ରମେ ଅସ୍ଥିର ହୋଇଉଠିଲା । ମୋର ବନ୍ଧୁଙ୍କୁ ଶେଷରେ ଚିତ୍ର ନେବାର ଚେଷ୍ଟା ଛାଡ଼ିବାକୁଇ ହେଲା । ଇତି ମଧ୍ୟରେ ଜୁନ୍‌କୁ ଅସ୍ଥିର କରୁଥିବାର ଆଉ ଏକ ଉପଦ୍ରବ ମୁଁ ଲକ୍ଷ କଲି—ତାହା ମାଛି । ଆମ ଭାରତୀୟମାନଙ୍କର ଧାରଣା ଯେ ଇଂଲଣ୍ଡରେ ମଶା ଓ ମାଛି ନାହାନ୍ତି—ଅନ୍ତତଃ ମୋର ସେଇ ଧାରଣା ଥିଲା । କିନ୍ତୁ ଆମର ପରିଚିତ ବନ୍ଧୁ ମଶକଙ୍କୁ ସେକ୍‌ସପିଅରଙ୍କ ଜନ୍ମସ୍ଥାନ ଷ୍ଟ୍ରାଟ୍‌ଫୋର୍ଡ-ଅନ୍-ଏଭନରେ ଭେଟିଥିଲି, ଏବଂ ମାଛି ତ ଦେଖିଛି ଅନେକ ଜାଗାରେ, ବିଶେଷତଃ ଗ୍ରୀଷ୍ମ କାଳରେ । କିନ୍ତୁ ଏହା ସତ୍ୟ ଯେ, ଭାରତବର୍ଷରେ ମାଛି ଯେପରି ଭାବରେ ମନୁଷ୍ୟର ଖାଦ୍ୟ ଓ ବାସର ଭାଗୀଦାର ଭାବରେ ବଞ୍ଚେ, ଇଂଲଣ୍ଡରେ ତା କରିବାକୁ ଦିଆଯାଏନାହିଁ । ଯେଉଁ କୁତ୍ସିତ ଭାବରେ ଅଦ୍ଭୁତାଦ୍ଭୁତ ମକ୍ଷିକା ଆମର ଗୃହ ଓ ବିପଣୀକୁ ମୁଖରିତ କଳୁଷୀକୃତ ଓ ବିଷାକ୍ତ କରନ୍ତି, ତାହା ସୁଏଜ କେନାଲ ଏ ପଟେ ଅଜ୍ଞାତ ଓ ଅଦୃଷ୍ଟ ।

କୃଷି ଓ ଖମାରରେ ମୋର ଯେ ଆଗ୍ରହ ତାହା ବ୍ୟାବସାୟିକ ନୁହେଁ, ତାହା ଏକାନ୍ତ ପୈତୃକ । ଭାରତବର୍ଷରେ ଏକ କୃଷକ ପରିବାରରେ ମୋର ଜନ୍ମ, ତେଣୁ ଇଂଲଣ୍ଡକୁ ଅସିବାଦିନୁ ମୁଁ ବ୍ରିଟିଶ୍ କୃଷି ଓ କୃଷକ ବିଷୟରେ ଜାଣିବା ପାଇଁ ବରାବର ଉତ୍ସୁକ । ମୁଁ ଅନେକ ବ୍ରିଟିଶ୍ ଖମାର କ୍ଷେତକୁ ଯାଇଛି ଏବଂ ଚାଷ ହେଉଥିବା ଜମିର ସିଆରରେ ଭୂଇଁ ନୂଆ ଓଲଟା ମୃତ୍ତିକାର ସୂକ୍ଷ୍ମ ସୌରଭ ଭୋଗକରିଛି । କିନ୍ତୁ ଏ ଖମାର ଅନ୍ୟମାନଙ୍କଠାରୁ ଟିକିଏ ଭିନ୍ନ । ଏଠି ଯେ ଚାଷୀ ସେ କେବଳ ଜମିର ଶ୍ରମିକ ମାତ୍ର ନୁହନ୍ତି, ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର କୃଷି ବିଜ୍ଞାନର ଗ୍ରାଜୁଏଟ୍ । ଇଂଲଣ୍ଡରେ କୃଷିବିଜ୍ଞାନରେ ଟ୍ରେନିଂ ପାଇଲା ପରେ ଜଣେ ଭାରତୀୟ ଦେଶକୁ ଫେରି ନିଜର ପୈତୃକ ଜମିଜମାର ରକ୍ଷଣାବେକ୍ଷଣ କରିବାର ଆମେ କଳ୍ପନା କରିପାରିବା କି ? ଯେତେ ଲାଞ୍ଛନା ଓ ଜଞ୍ଜାଳମୟ ହେଉ ପଛେ, ଇଣ୍ଡିୟାନ ପକ୍ଷରେ ସରକାରୀ ଚାକିରୀଟାଏ ପରି ଗୌରବମୟ ଲଭ୍ୟ ପଦାର୍ଥ ଆଉ ନାହିଁ । କିନ୍ତୁ ଯାହା ଅର୍ଥ ଓ ସ୍ୱାଚ୍ଛନ୍ଦ୍ୟ ଆଣିପାରିବ ଏପରି କୌଣସି କାମ ଇଂରେଜ ପକ୍ଷରେ ହେୟ ନୁହେଁ ।

Digitized by srujanika@gmail.com

ଇଂଲଣ୍ଡର କୃଷି ଓ କୃଷକ ସମ୍ବନ୍ଧରେ ସମ୍ୟକ ଧାରଣା ପାଇଁ ଆମକୁ ଇଂଲଣ୍ଡ ଓ ଇଣ୍ଡିଆରେ ଯେଉଁମାନେ ମାଟିରେ କାମ କରନ୍ତି ସେମାନଙ୍କର ପରିବେଶ ଓ ପରଂପରାର ପାର୍ଥକ୍ୟଟା ପ୍ରଥମେ ବୁଝିବାକୁ ହେବ । ଇଂଲଣ୍ଡରେ ଫାର୍ମର୍ ବା କ୍ଷେତପତି ଅଛନ୍ତି । କିନ୍ତୁ ଆମ ଭାରତବର୍ଷରେ ମୃତ୍ତିକା କର୍ଷଣକୁ ଜୀବନର ଏକମାତ୍ର ଆଶ୍ରୟ ଧରି ଗୋଟିଏ ଶ୍ରେଣୀର କୋଟି କୋଟି ଲୋକ ଯେପରି ସହସ୍ର ସହସ୍ର ବର୍ଷ ଧରି ମାଟି ସହିତ ଲାଗିରହିଛନ୍ତି ସେପରି କୌଣସି ଶ୍ରେଣୀ ଏଠାରେ ନାହିଁ । ଭାରତବର୍ଷର ଏଇ ଚଷା ଚାଷ ଛାଡ଼ି ଅନ୍ୟ କୌଣସି ବୃତ୍ତିର କଳ୍ପନା କରିବେ ନାହିଁ, ଏବଂ ମାଟି ତାଙ୍କୁ ପ୍ରତିଦାନ ଦେଉ ବା ନ ଦେଉ, ସେ ମାଟିକୁ ଛାଡ଼ିବେନାହିଁ । ଇଂଲଣ୍ଡରେ କିନ୍ତୁ ବହୁ ବ୍ୟବସାୟ ଭିତରେ କୃଷି ଏକ ବ୍ୟବସାୟ, ଏବଂ ଜଣେ ଇଂରେଜ କୃଷକ ହେବ ଯଦି କେବଳ ସେ ଦେଖେ ଯେ କୃଷି ତାକୁ ଉଦ୍‌ବୃତ୍ତ ଲାଭ ଦେଇପାରିବ । କୃଷି ଏଠି କାହା ପ୍ରତି ବାଧ୍ୟତାମୂଳକ ବା କୌଳିକ ନୁହେଁ । ତେଣୁ ଇଂଲଣ୍ଡରେ ଦର୍ଜି, ସ୍କୁଲମାଷ୍ଟର, ଦୋକାନୀ, କିରାଣୀ ପରି ତଥାକଥିତ କୃଷକ ମଧ୍ୟ ଏକ ଚିର-ପରିବର୍ତ୍ତିମାନ ଶ୍ରେଣୀ । ଭାରତୀୟ ଚାଷୀ ପରି ଏଠି ଇଂରେଜ ଚାଷୀ ଚିରକାଳ ଲାଗି ଅସହାୟ ଭାବରେ ମାଟି କାମୁଡ଼ି ପଡ଼ିରହେନାହିଁ ।

ଆମକୁ ଆଉରି ଏକ ବଡ଼ ପ୍ରଭେଦ ମଧ୍ୟ ମନେରଖିବାକୁ ହେବ । ଇଂଲଣ୍ଡରେ ୩୦୦ରୁ ୬୦୦ ଏକର ପର୍ଯ୍ୟନ୍ତ ବା ତାଠୁ ବେଶୀ ଜମିର ମାଲିକ ପ୍ରାୟଇ ଦେଖାଯାଆନ୍ତି । କୌଣସି କ୍ଷେତପତିର ଏଠି ୬୦ ଏକରରୁ କମ୍ ଜମି ନ ଥାଏ । କିନ୍ତୁ ଭାରତବର୍ଷରେ ହାରାହାରି କୃଷି ଜମିର ପରିମାଣ ପାଞ୍ଚ ଏକରରୁ ମଧ୍ୟ କମ୍ । ଇଂଲଣ୍ଡରେ ଜମିର ଆକାର ଏ ପର୍ଯ୍ୟନ୍ତ ବଡ଼ ରହିଛି ସେଠାର ସାମାଜିକ-ବିଧାନର ବିଶେଷତ୍ୱ ଯୋଗୁଁ; ଯା ଫଳରେ କେବଳ ବାପର ବଡ଼ପୁଅ ହିଁ ପୈତୃକ ସମ୍ପତ୍ତିର ଅଧିକାରୀ ହୁଏ; ଆମ ଭାରତବର୍ଷ ପରି ସେ ସମ୍ପତ୍ତି ସବୁ ଭାଇଙ୍କ ଭିତରେ ଟିକି ଟିକି କରି ବାଣ୍ଟି ଦିଆହୁଏନାହିଁ । କୃଷିକ୍ଷେତ୍ରର ପରିସର ବଡ଼ ଥିବାରୁ ଇଂଲଣ୍ଡର କୃଷକ କୃଷିର ନୂତନ ପରୀକ୍ଷା କରିପାରେ, ଶସ୍ୟର ପରିବର୍ତ୍ତନ କରିପାରେ ଏବଂ ଶସ୍ୟ ଜନ୍ମାଇବା ସଙ୍ଗେ ସଙ୍ଗେ ପଶୁପାଳନ ମଧ୍ୟ କରିପାରେ । ଭାରତବର୍ଷରେ ଜମି କ୍ରମାଗତ ଏପରି ଖଣ୍ଡବିଖଣ୍ଡିତ ହେବ ରେ ଲାଗିଛି ଯେ ଶେଷକୁ ତାହା କେବଳ ହିଡ଼ ମାଳାରେ ପରିଣତ ହେଉଛି, ଠିକ୍ ଯେମିତି ଆମର ଜାତିପ୍ରଥା ଆମକୁ ଏକ ବଳଶାଳୀ ଜାତି 'ସହିତ ଏକୀଭୂତ ଜାତିରେ ପରିଣତ ହେବାକୁ ନଦେଇ, କରିଛି ଆମର ସମାଜକୁ କୋଟିଧା ବିଭକ୍ତ ।

ବାସ୍ତବ ଦୃଷ୍ଟାନ୍ତକୁ ଅଣାଯାଉ । ମୁଁ ବର୍ତ୍ତମାନ ଯାହାଙ୍କର ଅତିଥି ସେ ବହୁ ଭାଇଙ୍କ ଭିତରେ ମାତ୍ର ଜଣେ ଯେ କି କୃଷକ ହୋଇଛନ୍ତି, ଅନ୍ୟ ଭାଇମାନେ ନିଜ ନିଜ ରୁଚି ଅନୁସାରେ ଅନ୍ୟ ବ୍ୟବସାୟ ସବୁ ଧରିଛନ୍ତି । ତାଙ୍କର କ୍ଷେତର ପରିସର ପ୍ରାୟ ୪୦୦ ଏକର ଏବଂ ସେ ଭଲରେ ଅଛନ୍ତି । କିନ୍ତୁ ହୁଏତ ତାଙ୍କର କୌଣସି ପିଲା କୃଷିକୁ ଆଦରିବେ ନାହିଁ । ତାହେଲେ ତାଙ୍କର ଜ୍ୟେଷ୍ଠ ସନ୍ତାନ ସ୍ତ୍ରୀକୁ କୃଷି-ପ୍ରେମୀ କୌଣସି ଭଦ୍ରଲୋକକୁ

Digitized by srujanika@gmail.com

ବିକିଦେବ । ଏଇପରି ଭାବରେ ଇଂଲଣ୍ଡର ଏଇ ଫାର୍ମ ବା ଖମାର-କ୍ଷେତ୍ର ଗୁଡ଼ିକ ଅଖଣ୍ଡିତ ଭାବରେ ପୁରୁଷ ପୁରୁଷ ଧରି ହାତରୁ ହାତକୁ ଆସୁଛନ୍ତି । ଅଖଣ୍ଡିତ ରହୁଥିବାରୁ ଏଇ ଖମାର କ୍ଷେତ୍ର ଗୁଡ଼ିକ ଇଂଲଣ୍ଡର ପଲ୍ଲୀ-ଅଞ୍ଚଳକୁ ଏକ ବିଶିଷ୍ଟ ସୌନ୍ଦର୍ଯ୍ୟ ଯୋଗାଇଥାନ୍ତି । ଆମେ ଭାରତବର୍ଷରେ ଧାଡ଼ି ଧାଡ଼ି ଘର ଏକାଠି ଜକାଜକି ହୋଇ ଠିଆ ହେବାର ଯେପରି ଦେଖୁ, ଇଂଲଣ୍ଡର ପଲ୍ଲୀ ଅଞ୍ଚଳରେ ତାହା ଦେଖିବାକୁ ମିଳେ ନାହିଁ । ଏଇଠି ସାଧାରଣ ଦୃଶ୍ୟ ହେଉଛି ଗୋଟିଏ ଗୋଟିଏ ବିଶାଳ ଖମାର-କ୍ଷେତ୍ର, ଯାହାର ଚାରିପଟେ ସବୁଜ ବାଡ଼ ଘେରି ରହିଛି ଏବଂ ତାରି ଭିତରେ ଠିଆ ହୋଇଛି କ୍ଷେତ୍ର ପତିର ଉଚ୍ଚ, ସୁନ୍ଦର, ସ୍ୱାଚ୍ଛନ୍ଦ୍ୟମୟ ଗୃହାବଳି ! ଗୋଟିଏ ଖମାର ଅନ୍ୟଠୁ ଅଲଗା, ହୁଏତ କୋଶ କୋଶ ଧରି ଦୂର । ଏପରି ଗୋଟିଏ ଫାର୍ମ ବା ଖମାର-ଘରର ବାତାୟନରୁ ଚାରିଆଡ଼କୁ ଦୃଷ୍ଟି ଦେଲେ ଏକ ଅବିସ୍ମରଣୀୟ ଚିତ୍ର ଦେଖାଯାଏ । ଶାନ୍ତ ପଲ୍ଲୀ ଅଞ୍ଚଳ, ଏଠି ସେଠି ଶାନ୍ତ ସୁନ୍ଦର କୁଟୀର ଯେଉଁଥିରୁ କୁଣ୍ଡଳୀକୃତ ଧୂମ ଚିମନି ଦେଇ ବାହାରି ଆସୁଛି । ସବୁଜ ବାଡ଼ର ରେଖା ଉପର ତଳ ହୋଇ ଧାଡ଼ି ଧାଡ଼ି ଲମ୍ବି ରହିଛି । ସବୁଜ ଚିକ୍‌କଣ ଘାସ ଉପରେ ଗୋରୁ ଗାଈ ଚରୁଛନ୍ତି ଏବଂ ଏମ୍, ସିକାମୃର, ପାଇନ୍, ଫର୍ ଏବଂ ଚେଶ୍‌ନଟ୍ ପ୍ରଭୃତି ଶୀତକଟିବନ୍ଧର ବୃକ୍ଷମାନଙ୍କର ସମାହାର ସମଗ୍ର ଚିତ୍ରକୁ ଦେଉଛି ଏକ ସୁନ୍ଦର ନୀଳ-ଶ୍ୟାମଳ ପଶ୍ଚାତ୍‌ଭୂମି । ପର୍ଯ୍ୟଟକ ମାନଙ୍କ ପାଇଁ ଇଂଲଣ୍ଡର ଶ୍ରେଷ୍ଠ ଆକର୍ଷଣ ତାର ଅକଳ୍ପନୀୟ ଭାବରେ ସୁନ୍ଦର ପଲ୍ଲୀଅଞ୍ଚଳ, ନୁହେଁ ତାର ଜନବହୁଳ ଶିଳ୍ପ-ପ୍ରାଣ ସହର; ଯଦିଓ ଏଇ ପଲ୍ଲୀ ପ୍ରାଣହୀନ ଓ ବିଭତ୍ସମାନ ଶିଳ୍ପ ସଂପ୍ରସାରଣ ଫଳରେ ଧ୍ୱଂସ ଓ କ୍ଷତ ବିକ୍ଷତ ହୋଇସାରିଛି ଓ ଏବେ ବି ହେଉଛି ।

(ପଶ୍ଚିମପଥିକ)

Digitized by srujanika@gmail.com

ସତ୍ୟଂ ଶିବଂ ସୁନ୍ଦରମ୍

ମାନବ ସଭ୍ୟତାର ଆଦି କାଳରୁ ଗୋଟିଏ ବସ୍ତୁ ଜଗତରେ ବିଜୟୀ ହୋଇ ଆସିଅଛି—ଚିନ୍ତା । କେତେ ରାଜ୍ୟର ସ୍ୱାଧୀନତା ଲୁପ୍ତ ହୋଇଅଛି, କେତେ ରାଜ୍ୟ ପୁଣି ସ୍ୱାଧୀନ ହୋଇ ମସ୍ତକ ଉତ୍ତୋଳନ କରିଅଛି, କେତେ ରାଜମୁକୁଟ ରାଜାର ମସ୍ତକ ସହ ଭୂଲୁଣ୍ଠିତ ହୋଇଅଛି, କେତେ ସିଂହାସନ ଦରିଦ୍ରର କୁଟୀର ଚଂଷାଣରେ ପରିଣତ ହୋଇଅଛି । କେଉଁ ରାଜପୁତ୍ର ଅଭିଷେକର ପୂର୍ବ ମୁହୂର୍ତ୍ତରେ ବଲ୍‌କଳ ପିନ୍ଧି ବନବାସୀ ହୋଇଅଛି, କିଏ ସୁନ୍ଦରୀ-ପ୍ରେୟସୀର ବାହୁବେଷ୍ଟନରୁ ମୁକ୍ତହୋଇ ଯେଉଁ ବସ୍ତୁର ପରିବର୍ତ୍ତନ ନାହିଁ, ଧ୍ୱଂସ ନାହିଁ ତାହାର ଅନ୍ୱେଷଣରେ ଭିକ୍ଷୁବ୍ରତ ଗ୍ରହଣକରିଅଛି । କିଏ ଗୋଟିଏ ନୀତି, ଗୋଟିଏ ଭାବକୁ ଏକାନ୍ତ ସତ୍ୟ ରୂପେ ଉପଲବ୍‌ଧି କରି ସେଥିପାଇଁ ଜୀବନ ପଣ କରୁଅଛି, ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟ ବିଳାସିତା ତାହାର ପାଇଁ ଉତ୍ସର୍ଗକରୁଅଛି; ଆଉ କିଏ ଏହି ନୀତିକୁ ଭ୍ରାନ୍ତ ଜ୍ଞାନକରି ଉପହାସ କରୁଅଛି । ଜଣେ ମାନବଜାତିର କଲ୍ୟାଣ କାମନାରେ କଠିନ ତପସ୍ୟା କରି ଏକ ସତ୍ୟ ପ୍ରଚାର କଲେ—"ଅହିଂସା ପରମୋ ଧର୍ମଃ ।" ଆଉ ଜଣେ ନିଜକୁ ସ୍ୱୟଂ ଭଗବାନ ବୋଲି ପରିଚୟ ଦେଇ ଉପଦେଶ ଦେଲେ—"ଯୁଦ୍ଧାସ୍ୱ କୃତନିଶ୍ଚୟଃ ।"

ଅଦ୍ଭୁତ ମାନବର ଗତି ! ବିଚିତ୍ର ତାହାର କାର୍ଯ୍ୟକଳାପ ! ସବୁ ବୈପରୀତ୍ୟ ବିଦ୍ରୋହ ମଧ୍ୟରେ, ହିଂସା ଅହିଂସା ମଧ୍ୟରେ ଜୟଲାଭ କରିଅଛି ସେହି ଏକମାତ୍ର ବସ୍ତୁ—ଚିନ୍ତା ।

ଅସଂଖ୍ୟ ମତ—ଅସଂଖ୍ୟ ଚିନ୍ତାର ଧାରା । ଏହା ମଧ୍ୟରେ ସତ୍ୟ କିଏ ? ସୁନ୍ଦର କିଏ ? ସତ୍ୟ ଯଥାର୍ଥ ହିନ୍ଦୁ ପକ୍ଷରେ ଯାହା ମୁସଲମାନ ପକ୍ଷରେ ତାହା, ଖ୍ରୀଷ୍ଟିଆନ ପକ୍ଷରେ ମଧ୍ୟ ତାହା—ବୌଦ୍ଧ, ଜୈନ. ଜୋରେଆଷ୍ଟ୍ରିୟାନ୍, ରାଜା, ଜମିଦାର, କୃଷକ ସୈନିକ, ଧନୀ, ନିର୍ଦ୍ଧନ, ରୁଗ୍‌ଣ, ସୁସ୍ଥ, ସମସ୍ତଙ୍କ ପକ୍ଷରେ ସମାନ । ସମଗ୍ର ମାନବଜାତି, ସମଗ୍ର ବିଶ୍ୱପାଇଁ ତାହା ସତ୍ୟ—ସେହିପରି ଶିବ, ସେହିପରି ସୁନ୍ଦର । କିନ୍ତୁ ଜାତି ଭେଦରେ, ରୁଚି ଭେଦରେ ଖ୍ରୀଷ୍ଟିଆନ ପକ୍ଷରେ ଯାହା ସତ୍ୟ, ହିନ୍ଦୁ ପକ୍ଷରେ ତାହା ମିଥ୍ୟା । ଯେପରି ଜନ୍ମାନ୍ତର ବାଦରେ ଖ୍ରୀଷ୍ଟିଆନ ଅବିଶ୍ୱାସକରେ, ହିନ୍ଦୁ ବିଶ୍ୱାସ କରେ । × × × ×

Digitized by srujanika@gmail.com

ଅନ୍ଧ କହିବ ସୂର୍ଯ୍ୟ ଚନ୍ଦ୍ର ତା ପକ୍ଷରେ ଅଖଣ୍ଡ ଅନ୍ଧକାର; ବଧିର କହିବ ଜଗତ୍ ତା ପକ୍ଷରେ ଶବ୍ଦହୀନ, ନୀରବ, ମୂକ ।

ଅନ୍ଧପାଇଁ ଗୋଟିଏ ସତ୍ୟ, ବଧିର ପାଇଁ ଗୋଟିଏ ସତ୍ୟ, ହିନ୍ଦୁ ଖ୍ରୀଷ୍ଟାନ୍ ମୁସଲମାନଙ୍କ ପାଇଁ ଗୋଟାଏ ଗୋଟାଏ ସତ୍ୟ । କିନ୍ତୁ ଯାହା ଯଥାର୍ଥ ସତ୍ୟ, ତାକୁ ହିନ୍ଦୁ, ଖ୍ରୀଷ୍ଟାନ୍, ମୁସଲମାନ, ବୌଦ୍ଧ, ଅନ୍ଧ, ବଧିର—ସମସ୍ତେ ସ୍ୱୀକାର କରିବେ ।

ସୂର୍ଯ୍ୟ ଚନ୍ଦ୍ରର ସତ୍ୟତା—ଆଲୋକ । ପୃଥିବୀର ଏକ ଲକ୍ଷ ଅନ୍ଧ ମିଶି ତାକୁ ଏପର୍ଯ୍ୟନ୍ତ ଅନ୍ଧକାର ବୋଲି ପ୍ରମାଣିତ କରିପାରି ନାହାନ୍ତି । ହିନ୍ଦୁ, ଖ୍ରୀଷ୍ଟାନ୍, ବୌଦ୍ଧ, ମୁସଲମାନ, ସବୁ ଜାତି, ସବୁ ଶ୍ରେଣୀର ଲୋକଙ୍କର ଜନ୍ମ ଅଛି, ମୃତ୍ୟୁ ଅଛି, ସୁଖ ଅଛି, ଦୁଃଖ ଅଛି, ଆଲୋକ ଅଛି, ଅନ୍ଧକାର ଅଛି, ନିଦ୍ରା ଅଛି, ଜାଗରଣ ଅଛି—ଏହାକୁ ମିଥ୍ୟା ବୋଲି କେହି ଅସ୍ୱୀକାର କରିବେନାହିଁ ।

ସତ୍ୟ ଶିବ ସୁନ୍ଦର—ଏହା ବ୍ୟକ୍ତି, ସମଷ୍ଟି ବା ଜାତିର ଏକଗୁଟିଆ ବସ୍ତୁ ନୁହେଁ । ସମଗ୍ର ଜଗତ ପାଇଁ ଯାହା ସତ୍ୟ ତାହାହିଁ ସତ୍ୟ; ଯାହା ଶିବ ତାହା ଶିବ; ଯାହା ସୁନ୍ଦର ତାହା ସୁନ୍ଦର ।

ବ୍ୟକ୍ତିର ସ୍ୱାର୍ଥ ସମଷ୍ଟିର ସ୍ୱାର୍ଥରେ ସଂଯୁକ୍ତ ନ ହେଲେ ଏ ସତ୍ୟ ଉପଲବ୍ଧ ହୁଏ ନାହିଁ । ମାନବ ନିଜର ସ୍ୱାର୍ଥକୁ ସମଗ୍ର ଜାତିର ସ୍ୱାର୍ଥରେ ଯୋଗ ନକରିପାରିଲେ, ନିଜକୁ ବିରାଟ ମାନବଜାତି ମଧ୍ୟରେ ଦେଖିବାର ସୁଯୋଗ ଲାଭ ନକଲେ—ମାନବଜାତିର ସୁଖ ଦୁଃଖ, ତାହାର ଐଶ୍ୱର୍ଯ୍ୟ, ତାହାର ମାଧୁର୍ଯ୍ୟ, ତାହାର ଦୀନତା ଓ ଅକିଞ୍ଚନତା ବୁଝିବାର ସାମର୍ଥ୍ୟ ନଥିଲେ, ଏ ସତ୍ୟ ହୃଦୟଙ୍ଗମ ହୁଏନାହିଁ—ଯୋ ବୈ ଭୂମା ତତ୍ ସୁଖମ୍, ନାଳ୍ପେ ସୁଖମସ୍ତି ।

ଯୁଗେ ଯୁଗେ ଜଣେ ଜଣେ ପୁରୁଷାବତାର ଏହି ସତ୍ୟ ଅନୁସନ୍ଧାନରେ ରାଜ୍ୟ ତ୍ୟାଗ, ବିଳାସ ତ୍ୟାଗ, ଦାରିଦ୍ର୍ୟ ଦୁଃଖକୁ ହାସ୍ୟମୁଖରେ ବହନକରି ଜଗତର ପଥପ୍ରଦର୍ଶକ ହୋଇଅଛନ୍ତି । ମାନବଜାତି ନୀରବରେ ସେମାନଙ୍କର ପଶ୍ଚାତ୍ ଅନୁସରଣ କରିଅଛି ।

ସତ୍ୟଂ ଶିବଂ ସୁନ୍ଦରମ୍—ସମଗ୍ର ଜଗତର ଏହି ତିନୋଟି ଲକ୍ଷ୍ୟବସ୍ତୁ—ତିନୋଟି ପ୍ରିୟ ଓ ଶ୍ରେୟ । ଏହା ମଧ୍ୟରେ ସୁଖ ସ୍ୱାଚ୍ଛନ୍ଦ୍ୟର ସ୍ଥାନ ନାହିଁ, ଦୁଃଖ ବେଦନାର କଳ୍ପନା ନାହିଁ, କେବଳ ସତ୍ୟଂ ଶିବଂ ସୁନ୍ଦରମ୍ ।

ମାନବର ସୁଖ ସ୍ୱାଚ୍ଛନ୍ଦ୍ୟ ବଢ଼ାଇବା ପାଇଁ ବିଜ୍ଞାନର ଏହି ଯେ ବିରାଟ ଆୟୋଜନ, ଏହାର ଚରମ ପରିଣତି କେଉଁଠାରେ ? କେଉଁଠାରେ ମାନବକଣ୍ଠରୁ ସ୍ତୁତିବାଚକ ଶୁଣାଯିବ—ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ । ନବ ନବ ଅଭାବର ଆବିଷ୍କରଣ ହିଁ ସଭ୍ୟତାର ଚିହ୍ନ ଏବଂ ତାହାର ପୂରଣରେ ବିଜ୍ଞାନର ଆନନ୍ଦ ।

Digitized by srujanika@gmail.com

କିନ୍ତୁ ଜଗତରେ ଏହି ସତ୍ୟ ଶିବ ସୁନ୍ଦରର ଯେଉଁଠାରେ ପ୍ରତିଷ୍ଠା, ସେଠାରେ ବିଜ୍ଞାନର ଦାନ ଅତ୍ୟନ୍ତ ମୂଲ୍ୟହୀନ, ବ୍ୟକ୍ତିର ସୁଖ ଦୁଃଖର ଆକାଙ୍‌କ୍ଷା ଅତ୍ୟନ୍ତ ତୁଚ୍ଛ । ସେଠାରେ ନିଜର ଅସ୍ଥି ଦାନ କରିବା ପାଇଁ ଦଧୀଚିର ଆତଙ୍କ ଜନ୍ମେ ନାହିଁ, ସମଗ୍ର ରାଜ୍ୟ ଦାନକରି ଆତ୍ମବିକ୍ରୟ କରିବାକୁ ମଧ୍ୟ ହରିଶ୍ଚନ୍ଦ୍ର କାର୍ପଣ୍ୟ ଜ୍ଞାନ କରନ୍ତିନାହିଁ, କାରଣ ସେଠାରେ ସମଷ୍ଟିର ଆନନ୍ଦରେ ବ୍ୟକ୍ତିର ଆନନ୍ଦ, ସମଷ୍ଟିର କଲ୍ୟାଣରେ ବ୍ୟକ୍ତିର କଲ୍ୟାଣ—ତାହାହିଁ ସତ୍ୟଂ ଶିବଂ ସୁନ୍ଦରମ୍ ।

ବିଶ୍ୱ ପକ୍ଷରେ ଯାହା ସତ୍ୟ, ମଙ୍ଗଳମୟ ଏବଂ ସୁନ୍ଦର, ବ୍ୟକ୍ତି ପକ୍ଷରେ ମଧ୍ୟ ତାହାହିଁ ସକଳ କଲ୍ୟାଣ ଓ ଆନନ୍ଦର ସମଷ୍ଟି । ସୂର୍ଯ୍ୟ ଯେପରି ଅନ୍ଧ ଓ ଚକ୍ଷୁଷ୍ମାନଙ୍କ ପାଇଁ ଆଲୋକ ଓ ଅନ୍ଧକାର ଉଭୟବିଧରୂପୀ ପ୍ରମାଣିତ ହୋଇନପାରେ, ସତ୍ୟ ସେହିପରି ବ୍ୟକ୍ତିଭେଦରେ, ସ୍ଥାନଭେଦରେ ମିଥ୍ୟା ବୋଲି ପ୍ରମାଣିତ ହୋଇପାରେନାହିଁ ।

ସତ୍ୟ ସାଧନାର ବସ୍ତୁ, ଶିବ ଆରାଧନାର ବସ୍ତୁ, ସୁନ୍ଦର ଦର୍ଶନ ବା ଜ୍ଞାନର ବସ୍ତୁ । ଏମାନେ ସମସ୍ତେ ପରସ୍ପରସାପେକ୍ଷ—ଗୋଟିଏ ଅନ୍ୟ ଦୁଇଟିର ସାପେକ୍ଷ ।

ସକଳ ଧର୍ମ, ସକଳ ମତରେ ଏହା ସମାନ—ଏହାର କ୍ଷୟ ବୃଦ୍ଧି ନାହିଁ, ପରିବର୍ତ୍ତନ ନାହିଁ । ଯିଶୁ କହିଲେ, "Other sheep I have, which are not of this fold." କେବଳ ଖ୍ରୀଷ୍ଟାନ ତାଙ୍କର ନୁହନ୍ତି, ହିନ୍ଦୁମାନେ ମଧ୍ୟ ତାଙ୍କର, ହିନ୍ଦୁ ସମସ୍ତେ ତାଙ୍କର । ସ୍ପିନୋଜା କହିଅଛନ୍ତି—'Religion is universal to the human race; wherever justice and charity have the force of law and ordinance, there is God's kindness." ଧର୍ମ ସମଗ୍ର ମାନବଜାତିଙ୍କ ପାଇଁ ସମଭାବରେ ପରିବ୍ୟାପ୍ତ । ଯେଉଁଠାରେ ନ୍ୟାୟ ଓ କରୁଣା ଆଇନକାନୁନ୍ ପରି ଶକ୍ତିଶାଳୀ, ସେଠାରେ ହିଁ ଭଗବାନଙ୍କର ରାଜ୍ୟ ବିଦ୍ୟମାନ ।

ନିଜର ସଂକୀର୍ଣ୍ଣ ସ୍ୱାର୍ଥରୁ ମୁକ୍ତ ନ ହେଲେ ସତ୍ୟଦର୍ଶନ ସମ୍ଭବପର ହୁଏନାହିଁ । ମହାଭାରତ ଯୁଦ୍ଧର ଆରମ୍ଭରେ ଅର୍ଜ୍ଜୁନଙ୍କର ବିଷାଦଯୋଗ ଜାତହେଲା କାହିଁକି ? ଅର୍ଜ୍ଜୁନ ଜାଣି—ନିଜର କ୍ଷୁଦ୍ର ସ୍ୱାର୍ଥ ପାଇଁ, ନିଜର ରାଜଭୋଗ ପାଇଁ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ପ୍ରଭୃତି ଆପଣାର ପ୍ରିୟଜନଙ୍କୁ ତାଙ୍କୁ ହତ୍ୟା କରିବାକୁ ହେବ ।

ଅର୍ଜ୍ଜୁନଙ୍କର ବୈରାଗ୍ୟ ଜନ୍ମିଲା । ସମସ୍ତ ଅଙ୍ଗରେ ଅବସାଦ ଜାତହେଲା । ଗାଣ୍ଡୀବ ହସ୍ତରୁ ସ୍ଖଳିତହେଲା ।

"ନ କାଂକ୍ଷେ ବିଜୟଂ କୃଷ୍ଣ ହତ୍ୱା ସ୍ୱଜନମାହବେ ।" ହେ କୃଷ୍ଣ, ଯୁଦ୍ଧରେ ସ୍ୱଜନ ନିଧନକରି ମୁଁ ବିଜୟର ଅଭିଳାଷୀ ନୁହେଁ । ଶେଷ ! ମହାଭାରତ ଯୁଦ୍ଧ ଏହିଠାରେ ସ୍ଥଗିତ ହେବ ! ଏତେ ବଡ଼ ବିପୁଳ ଆୟୋଜନ ଏହିଠାରେ ପଣ୍ଡ !

Digitized by srujanika@gmail.com

ସାରଥି ଯଦି ଏହିଠାରୁ ରଥ ଲେଉଟାଇ ନେଇଥାନ୍ତେ, ତେବେ ମଧ୍ୟ ମହାବୀର ଧନଞ୍ଜୟଙ୍କର ଏ ଆନନ୍ଦ ପୃଥିବୀର ଇତିହାସରେ ଅତ୍ୟୁଚ୍ଚ ଗୌରବମୟ ଚରିତ୍ରସ୍ୱରୂପ ବିବେଚିତ ହୋଇଥାନ୍ତା; "ଅହିଂସା ପରମୋ ଧର୍ମଃ" ପ୍ରଚାର କରିବାକୁ ଶାକ୍ୟସିଂହଙ୍କର ଆବିର୍ଭାବର ପ୍ରୟୋଜନ ନଥାନ୍ତା । କିନ୍ତୁ ସେଥିରେ ମଧ୍ୟ କ୍ଷତି ଘଟିଥାନ୍ତା—ଗୀତା ପରି ଗ୍ରନ୍ଥଲାଭରୁ ଜଗତ୍ ବଞ୍ଚିତ ହୋଇଥାନ୍ତା ।

ଅର୍ଜୁନଙ୍କ ଉପରେ ପ୍ରଥମ ଯୁକ୍ତି ବର୍ଷିତ ହେଲା—କ୍ଷତ୍ରିୟ ହୋଇ ଯୁଦ୍ଧଭୂମିରେ ତାଙ୍କର ଏପରି ଅବସାଦ ଅନାର୍ଯ୍ୟୋଚିତ ଓ କ୍ଲୀବତ୍ୱର ପରିଚାୟକ । ଅର୍ଜୁନଙ୍କ ସ୍ୱାର୍ଥ ସଂକୀର୍ଣ୍ଣତମ ନ ହେଲେ ମଧ୍ୟ ସଙ୍କୀର୍ଣ୍ଣତର । ସେ ନିଜର ଏବଂ ଅନ୍ୟ ପାଞ୍ଚ ଭାଇ ପ୍ରଭୃତି ଏକାନ୍ତ ଆତ୍ମୀୟମାନଙ୍କ ସ୍ୱାର୍ଥକୁ ଉପେକ୍ଷା କରିଅଛନ୍ତି ସତ୍ୟ, କିନ୍ତୁ ଗୁରୁଜନ ଓ ସ୍ୱଜନମାନଙ୍କ ପ୍ରତି ଯେ ସ୍ୱାଭାବିକ ମମତା ସେଥିରୁ ଉତ୍ତୀର୍ଣ୍ଣ ହୋଇପାରିନଥାନ୍ତେ । "ଅହିଂସା ପରମୋ ଧର୍ମଃ" ଏ ଦୀକ୍ଷାରେ ସେ ଦୀକ୍ଷିତ ନୁହନ୍ତି ।

ପିତାମହ ଭୀଷ୍ମ, ଅସ୍ତ୍ରଗୁରୁ ଦ୍ରୋଣ ଏବଂ ଜ୍ୟେଷ୍ଠଭ୍ରାତା କର୍ଣ୍ଣ, ଦୁର୍ଯ୍ୟୋଧନ ପ୍ରଭୃତିଙ୍କ ବିରୁଦ୍ଧରେ ସେ ଯୁଦ୍ଧଭୂମିରେ ଦଣ୍ଡାୟମାନ, ଏହାହିଁ ତାଙ୍କର ଆକ୍ଷେପର କାରଣ ।

କିନ୍ତୁ ଏହା କ୍ଷତ୍ରିୟୋଚିତ ନୁହେ, ପୁରୁଷୋଚିତ ନୁହେ, ଏହା ଅନାର୍ଯ୍ୟୋଚିତ—କ୍ଲୀବତ୍ୱ ।

ଜଳଦଗମ୍ଭୀର ସ୍ୱରରେ ଗୀତାର ନିଃସରଣ ହେଲା । ହେ ଧନଞ୍ଜୟ ! "ଉତ୍ତିଷ୍ଠ ଯୁଦ୍ଧାୟ କୃତନିଶ୍ଚୟଃ"—ହେ ଅନ୍ଧ ! ଚକ୍ଷୁ ଉନ୍ମୋଚନ କର । ଏ କେଉଁ ରୂପ ଦର୍ଶନ କରୁଅଛ ? ଏଠାରେ କାହା ସହିତ କି ସମ୍ପର୍କ ? ଭୀଷ୍ମ, ଦ୍ରୋଣ, କର୍ଣ୍ଣ—କିଏ କାହାର ? ଜନ୍ମ କରୁଅଛୁ କିଏ, ମାରୁଅଛୁ କିଏ ? ହେ ଅର୍ବାଚୀନ୍, ତୁମେ ନିମିତ୍ତ ମାତ୍ର--ଯଥାର୍ଥ କର୍ତ୍ତା ତୁମେ ନୁହଁ । ଏ ଅଭିମାନ ତୁମେ ତ୍ୟାଗ କର । ତୁମେ ହିଂସ୍ର ନୁହଁ, ଅହିଂସ ନୁହଁ, କର୍ତ୍ତା ନୁହଁ, କର୍ମ ନୁହଁ—ନିମିତ୍ତ ମାତ୍ର ତୁମେ ।

ଅର୍ଜୁନଙ୍କ ଦୃଷ୍ଟି ଖୋଲିଗଲା । ଚକ୍ଷୁ ସମକ୍ଷରେ ଯେ ସ୍ୱାର୍ଥ ମମତାର ଆବରଣ ଥିଲା, ତାହା ମୁହୂର୍ତ୍ତିକେ ଅପସାରିତହେଲା । ସମଗ୍ର ବିଶ୍ୱ ଚିତ୍ରପଟ ପରି ଉଦ୍ଭାସିତ । ଅର୍ଜୁନଙ୍କର ଅହଙ୍କାର କିଣ ? ସେ କାହାକୁ ହତ୍ୟା କରିବାକୁ ଯାଉଛନ୍ତି ?

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।"

ଆତ୍ମା ଅମର । ତାହାର ହତ୍ୟା ଅର୍ଜୁନଙ୍କ ହାତରେ ନାହିଁ, ସେ ବିଭିନ୍ନ ରୂପରେ ଜଗତରେ ଲୀଳାୟମାନ—ଏକ ରୂପ ପରିତ୍ୟାଗକରି ସ୍ୱଚ୍ଛନ୍ଦରେ ଅନ୍ୟ ରୂପରେ କ୍ରୀଡ଼ାକରେ । ମୃତ୍ୟୁ ଗୋଟାଏ ସାମାନ୍ୟ ପରିବର୍ତ୍ତନ ମାତ୍ର । ପୁରାତନ ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର

Digitized by srujanika@gmail.com

ଗ୍ରହଣ କରିବା ପରି ଆତ୍ମା ଏକ ଶରୀର ତ୍ୟାଗକରି ଅନ୍ୟ ଶରୀର ସୃଷ୍ଟିକରେ । ଟେମ୍‌ପେଷ୍ଟର ଜଳମଗ୍ନ ମୃତମାନଙ୍କୁ ଉଦ୍ଦେଶ୍ୟ କରି କବି ସେକ୍‌ସପିୟର କହିବା ପରି—But hath suffer a sea-change.

ଅର୍ଜୁନଙ୍କର ଯୁଦ୍ଧରେ ଉଦ୍ଦେଶ୍ୟ କଣ ? ସିଂହାସନ ଲାଭ, ରାଜ୍ୟଭୋଗ ? ଏହି ସ୍ୱାର୍ଥ ଆଶାରେ ସେ ରଣକ୍ଷେତ୍ରରେ ଅବତୀର୍ଣ୍ଣ ?

ନାହିଁ ! ଲାଭ ଅଲାଭ, ଜୟ ପରାଜୟ ସକଳ କ୍ଷେତ୍ରରେ ତାଙ୍କୁ ସମଭାବ ଗ୍ରହଣ କରିବାକୁ ହେବ । "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ ।" ଯୁଦ୍ଧ କରିବା ତୁମର କର୍ତ୍ତବ୍ୟ । ବାସ୍, ସେଇ ପର୍ଯ୍ୟନ୍ତ—ଆଉ କାହିଁରେ ତୁମର ଅଧିକାର ନାହିଁ । ଯୁଦ୍ଧରେ ଜୟଲାଭକରି ଅଥବା ପରାଜିତ ହୁଅ, ରାଜ୍ୟଲାଭକରି ବା ହରାଅ, ସେ ବିଷୟର ବିଚାର ତୁମ ହାତରେ ନାହିଁ ।

"ହତୋ ବା ପ୍ରାପ୍‌ସ୍ୟସେ ସ୍ୱର୍ଗଂ ଜିତ୍ୱାଂ ବା ଭୋକ୍ଷ୍ୟସେ ମହୀଂ !" ସୁତରାଂ ତୁମ ପକ୍ଷରେ ଜୟ ଯାହା, ପରାଜୟ ତଦପେକ୍ଷା ମହତ୍ତର । ମଲେ ସ୍ୱର୍ଗବାସ, ଜିତଲେ ପୃଥିବୀର ଅଧିପତି । ଏ ସମରରେ ତୁମର କାହାରି ପ୍ରତି ହିଂସା ନାହିଁ, ଈର୍ଷା ନାହିଁ, ଦ୍ୱେଷ ନାହିଁ । ତୁମେ ରକ୍ତପାତ କରିବ, ଅନ୍ୟର ହତ୍ୟାବିଧାନ କରିବ, ତଥାପି ତୁମେ ସମ୍ପୂର୍ଣ୍ଣ ଅହିଂସ । ରଣକ୍ଷେତ୍ରରେ ପୃଷ୍ଠଭଙ୍ଗଦେବା ଅହିଂସ ଭାବର ପରିଚୟକ ନୁହେଁ—ତାହା କ୍ଳୀବତ୍ୱ ।

କିନ୍ତୁ ତୁମେ ରକ୍ତପାତ କରିବ, ଅନ୍ୟର ହତ୍ୟାବିଧାନ କରିବ—ତଥାପି କହିବ "ଅହିଂସା ପରମୋ ଧର୍ମଃ" ?

ହଁ, ତଥାପି କହିବ ଅହିଂସା ପରମୋଧର୍ମଃ । କାରଣ ଏଠାରେ 'ତୁମେ' ହୋଇ କେହି ନାହିଁ, 'ଅନ୍ୟ' ହୋଇ କେହି ନାହିଁ । ତୁମେ ମୁକ୍ତ—ତୁମର ଆତ୍ମପର ନାହିଁ, ଭେଦବୁଦ୍ଧି ନାହିଁ । ତୁମେ ନିର୍ଲିପ୍ତ—ତୁମର କାହାରି ପ୍ରତି ହିଂସା ନାହିଁ ।

ଏ ଯୁଦ୍ଧରେ ତୁମର ନିଜର କୌଣସି ସ୍ୱାର୍ଥ ନାହିଁ—ଜୟ ପରାଜୟ, ଜୀବନ ମୃତ୍ୟୁ, ତୁମ ପକ୍ଷରେ ସମାନ । ତେବେ ଯୁଦ୍ଧର ପ୍ରୟୋଜନ କଣ ?

ଯୁଦ୍ଧର ପ୍ରୟୋଜନ ! ଯୁଦ୍ଧର ପ୍ରୟୋଜନ ତୁମ ସ୍ୱାର୍ଥ ପାଇଁ ନୁହେଁ, ବିଶ୍ୱର ସ୍ୱାର୍ଥ ପାଇଁ, ବିଶ୍ୱର କଲ୍ୟାଣ ପାଇଁ । ହେ ଧନଞ୍ଜୟ, ଗାଣ୍ଡୀବ ଉତ୍ତୋଳନକର—ଦୁର୍ଯ୍ୟୋଧନ, ଦ୍ରୋଣ, କର୍ଣ୍ଣ ବିରୁଦ୍ଧରେ ନୁହେ—ଅନ୍ୟାୟ ଅତ୍ୟାଚାରର କୁଶାସନ ବିରୁଦ୍ଧରେ । କୁରୁକ୍ଷେତ୍ର ଧର୍ମକ୍ଷେତ୍ର, ଭାରତଯୁଦ୍ଧ ଧର୍ମଯୁଦ୍ଧ, ସେଥିରେ ତୁମର ମୃତ୍ୟୁ ଶ୍ରେୟ, ଜୀବନ ଶ୍ରେୟ, ଜୟ ଶ୍ରେୟ, ପରାଜୟ ଶ୍ରେୟ ।

ଯେଉଁଠାରେ ଧର୍ମର ଗ୍ଳାନି, ଅସତ୍ୟର ରାଜତ୍ୱ—ସେଠାରେ ମୁଁ ଆପଣାକୁ ସୃଷ୍ଟିକରେ । ହେ ପାର୍ଥ, ଏଥିପାଇଁ ଆଜି ଯୁଦ୍ଧର ପ୍ରୟୋଜନ । ଯୁଦ୍ଧର ପ୍ରୟୋଜନ ଅସତ୍ୟ ଅନ୍ୟାୟର ଧ୍ୱଂସ—ସତ୍ୟ ଶିବ ସୁନ୍ଦର ପ୍ରତିଷ୍ଠା ପାଇଁ । ଏଠାରେ ଯୁଧିଷ୍ଠିର, ଭୀମ, ଅର୍ଜୁନ,

Digitized by srujanika@gmail.com

ନକୁଳ, ସହଦେବ, ଏକ ପକ୍ଷ, ଜମ୍ମା ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଜୟଦ୍ରଥ, ଦୁର୍ଯ୍ୟୋଧନ, ଦୁଃଶାସନ ଅନ୍ୟ ପକ୍ଷରେ ନାହାନ୍ତି । ଏଠାରେ ଏକ ପକ୍ଷରେ ସତ୍ୟ, ଅନ୍ୟ ପକ୍ଷରେ ଅସତ୍ୟ, ଏକ ପକ୍ଷରେ ଶିବ, ଅନ୍ୟ ପକ୍ଷରେ ଅଶିବ, ଏକ ପକ୍ଷରେ ସୁନ୍ଦର, ଅନ୍ୟ ପକ୍ଷରେ ଅସୁନ୍ଦର ।

ଯେତେବେଳେ ଧର୍ମର ଗ୍ଲାନି, ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେହି ସନ୍ଧି ସ୍ଥଳରେ ମୁଁ ଆତ୍ମପ୍ରକାଶ କରେ । କୁରୁସଭାତଳେ ଭାରତର ସାଧ୍ୱୀ ମହିମାମୟୀ ନାରୀର ମର୍ଯ୍ୟାଦା ଉପରେ ଯେତେବେଳେ ଆଘାତ ଆସେ, ସେତେବେଳେ ମୁଁହିଁ ତାର ସମ୍ମାନ ରକ୍ଷାକରେ । ଦୁଷ୍ଟର ବିନାଶ, ସାଧୁର ପରିତ୍ରାଣ, ସତ୍ୟ ଓ ଧର୍ମର ପ୍ରତିଷ୍ଠା—ଏଥିପାଇଁ ଯୁଗେ ଯୁଗେ ମୋତେ ଧରିତ୍ରୀବକ୍ଷରେ ଅବତୀର୍ଣ୍ଣ ହେବାକୁ ହୁଏ । ହେ ସବ୍ୟସାଚୀନ୍, ତୁମେ ନିମିତ୍ତମାତ୍ର — ଧନୁଶର ଉତ୍ତୋଳନକର ।

ଅର୍ଜୁନଙ୍କ ଦୃଷ୍ଟି ଫେରିଗଲା । ସେ ଯେଉଁ ରୂପ ସନ୍ଦର୍ଶନ କଲେ, ତାହା ନିକଟରେ ସିଂହାସନ, ରାଜ୍ୟ, ଭୋଗ, ବିଳାସ, ଜୟ ପରାଜୟ ସମସ୍ତ ତୁଚ୍ଛ । ଆଶ୍ଚର୍ଯ୍ୟ !

ଯେଉଁ ସତ୍ୟ, ଯେଉଁ ଶିବ ଓ ସୁନ୍ଦରର ପ୍ରତିଷ୍ଠା ପାଇଁ ଅର୍ଜୁନଙ୍କର ଅବସାଦ ଦୂରହେଲା, ସେ ଆରବନ୍ଦମରେ ଧନୁଶର ଉତ୍ତୋଳନ କରି ସମରପ୍ରାଙ୍ଗଣରେ ଅବତୀର୍ଣ୍ଣ ହେଲେ, ସେହି ସତ୍ୟର ପ୍ରତିଷ୍ଠା ପାଇଁ ଯୁଧିଷ୍ଠିରଙ୍କୁ ମିଥ୍ୟା କହିବାକୁ ହେଲା ।

ସତ୍ୟର ଅତି ନିକଟତମ ମିଥ୍ୟା—ହଁ, ଅଶ୍ୱତ୍ଥାମା ମରିଛି—ସେ କିନ୍ତୁ ମନୁଷ୍ୟ ହୋଇପାରେ ଅଥବା ସେହି ନାମର ହସ୍ତୀ ହୋଇପାରେ—ସନ୍ଦେହାତ୍ମକ—ସମ୍ପୂର୍ଣ୍ଣ ମିଥ୍ୟା ନୁହେଁ । ବୃହତ୍ତର ସତ୍ୟ ପାଇଁ କ୍ଷୁଦ୍ରତର ସତ୍ୟକୁ ଧର୍ମରାଜ ଯୁଧିଷ୍ଠିର ଉତ୍ସର୍ଗ କଲେ । ନିଜେ ଆଜୀବନ ମିଥ୍ୟା କହିନାହାନ୍ତି । କିନ୍ତୁ ଏହି ଯେ ବିଶ୍ୱର କଲ୍ୟାଣ ପାଇଁ ତାଙ୍କୁ ମଧ୍ୟ ମିଥ୍ୟା କହିବାକୁ ହେଲା, ଏହା ତାଙ୍କ ପକ୍ଷରେ ଅଳ୍ପ ତ୍ୟାଗ ନୁହେଁ । ଯୁଧିଷ୍ଠିରଙ୍କ ମିଥ୍ୟା ବାକ୍ୟରେ, ଜଗତରେ ମଙ୍ଗଳର ପ୍ରତିଷ୍ଠା, ସତ୍ୟର ପ୍ରତିଷ୍ଠା ହେଲା । ବ୍ୟକ୍ତିଗତଭାବରେ ଏହି ମିଥ୍ୟା ଭାଷଣ ପାଇଁ ତାଙ୍କୁ ପୁରସ୍କାର ମିଳିଲା ନରକଦର୍ଶନ, ଅପର ଦିଗରେ ଦେଶରେ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା । ଦୁଇ ଦିଗ ତୁଳନା କଲେ ମନେହୁଏ, ସମୂହର କଲ୍ୟାଣ ଉଦ୍ଦେଶ୍ୟରେ ଅଧିକ ମିଥ୍ୟା କହି ତାଙ୍କୁ ଯଦି ନରକପତନ ଦଶା ଘଟିଥାନ୍ତା, ତେବେ ମଧ୍ୟ ସେ ତାହା ବରଣ କରିବାକୁ ପଶ୍ଚାତ୍ପଦ ହୋଇନଥାନ୍ତେ ।

ଅଗସ୍ତ୍ୟ

ଅଗସ୍ତ୍ୟ ଜଣେ ଋଷିଙ୍କ ନାମ । ତାଙ୍କ ଜୀବନୀ ଓ କାର୍ଯ୍ୟକଳାପ କେତେ ପୁରାଣରେ ବର୍ଣ୍ଣିତ ହୋଇଅଛି । ତାଙ୍କ ପିତାଙ୍କ ନାମ ମିତ୍ରାବରୁଣ ଓ ମାତାଙ୍କ ନାମ ଉର୍ବଶୀ । ତାଙ୍କ ସ୍ତ୍ରୀଙ୍କ ନାମ ଲୋପାମୁଦ୍ରା ଓ ପୁତ୍ରଙ୍କ ନାମ ଦୃଢ଼ । ଅଗସ୍ତ୍ୟଙ୍କର ଅନ୍ୟ ଏକ ନାମ କୁମ୍ଭସମ୍ଭବ । ଏହି ନାମରୁ ସେ କୁମ୍ଭରୁ ଜାତ ହେବା କିମ୍ବଦନ୍ତୀ ପୁରାଣରେ ରହିଅଛି । ଅଗସ୍ତ୍ୟଙ୍କ ଉଦ୍ଦେଶ୍ୟରେ ହୋଇଥିବା ଗୋଟିଏ ସ୍ତୁତିରେ ତାଙ୍କୁ ଲଙ୍କାବାସୀ ବୋଲି କୁହାଯାଇଅଛି । ଅଗସ୍ତ୍ୟ ଶବ୍ଦର ବ୍ୟୁତ୍ପତ୍ତି ହେଉଛି, ଅଗ ଅର୍ଥାତ୍ ପର୍ବତକୁ ଯେ ସ୍ତମ୍ଭନ କରେ । ଜ୍ୟୋତିଷଶାସ୍ତ୍ରରେ କେତେକ ନକ୍ଷତ୍ର ବିଭିନ୍ନ ଋଷିଙ୍କ ନାମରେ ଅଭିହିତ, ଯଥା ଶୁକ୍ର, ବୃହସ୍ପତି ଓ ବଶିଷ୍ଠ । ସେହିପରି ଅନ୍ୟ ଏକ ନକ୍ଷତ୍ରର ନାମ ଅଗସ୍ତ୍ୟ । ଏହି ନକ୍ଷତ୍ର ସିଂହ ସଂକ୍ରମଣର ଏକୋଇଶଦିନ ପରେ ବା କନ୍ୟା ସଂକ୍ରାନ୍ତିର ସାତଦିନ ପୂର୍ବେ ଦକ୍ଷିଣ ଦିଗରେ ଉଦୟହୁଏ ଓ ବୃଷ ସଂକ୍ରାନ୍ତି ବେଳକୁ ସେହି ଦିଗରେ କେବଳ ଅସ୍ତହୁଏ । ଅଗସ୍ତ୍ୟ ଉଦୟ ହେଲେ ଜଳ ନିର୍ମଳହୁଏ, ଅର୍ଥାତ୍ ବର୍ଷାକାଳର ଶେଷହୁଏ ଏବଂ ଶରତ୍ ଋତୁର ଆରମ୍ଭ ହୁଏ । ଏହି ନକ୍ଷତ୍ର ଉଦୟ ହେବାର ସାତଦିନ ନ ରେତ୍ ସତରଦିନ ଭିତରେ ଅଗସ୍ତ୍ୟପୂଜା କରିବା ବିଧି ବିଭିନ୍ନ ସ୍ମୃତିରେ କୁହାଯାଇଅଛି । ସେ ସବୁ ବିଧି ଅନୁସାରେ ଗୋଟିଏ କୁମ୍ଭ କରାଯାଏ ଓ ଗୋଟିଏ ସୁବର୍ଣ୍ଣ ପ୍ରତିମା କରି, କାଶତଣ୍ଡିଫୁଲ ପ୍ରଭୃତିରେ ସେହି ପ୍ରତିମାକୁ ବେଦୋକ୍ତ ଅଗସ୍ତ୍ୟମନ୍ତ୍ର ଅନୁସାରେ ପୂଜା କରିବାକୁହୁଏ । ସେହି ପୂଜାରେ ସାତଗୋଟି ଧାନଗଜା କୁମ୍ଭ ଆଗରେ ରଖିବାକୁ ହୁଏ । ରାତି ଜାଗରତ ରହି ପ୍ରତ୍ୟୁଷରେ କୁମ୍ଭ ଇତ୍ୟାଦି ଜଳରେ ବିସର୍ଜନ କରିବାକୁ ହୁଏ ଓ ବ୍ରାହ୍ମଣଙ୍କୁ ଦୁଗ୍ଧବତୀ ଗାଭୀ ସହିତ ସ୍ୱର୍ଣ୍ଣ ପ୍ରତିମା ଦାନ କରାଯାଏ । ଅଗସ୍ତ୍ୟପୂଜାର ଇହ ଓ ପରକାଳ ପାଇଁ ବିଭିନ୍ନ ଫଳ ସ୍ମୃତିଗୁଡ଼ିକରେ ଲେଖାଯାଇଅଛି । ଆଜୀବନ ଯେଉଁ ବ୍ୟକ୍ତି ଏହି ପୂଜା କରେ, ସେ ବ୍ରହ୍ମଲୋକ ପ୍ରାପ୍ତ ହେବାର ଆଶା ମଧ୍ୟ ସ୍ମୃତିରେ ଦିଆଯାଇଛି ।

ଜ୍ୟୋତିଷ ଓ ସ୍ମୃତି ବ୍ୟତୀତ ପୁରାଣରେ ଅଗସ୍ତ୍ୟଙ୍କ ସମ୍ବନ୍ଧରେ କୁହାଯାଇଛି । ରାମାୟଣର ଅରଣ୍ୟକାଣ୍ଡ ଓ ଉତ୍ତରାକାଣ୍ଡରେ ଅଗସ୍ତ୍ୟଙ୍କ କଥା ଦେଖିବାକୁ ମିଳେ । ରାମଚନ୍ଦ୍ର ଭ୍ରାତା ଓ ପତ୍ନୀସହ ଦଣ୍ଡକ ଅରଣ୍ୟରେ ଦଶବର୍ଷ କଟାଇବା ପରେ ଗୋଦାବରୀ ତୀରକୁ ଗଲେ । ସେହି ନଦୀ ନିକଟରେ ଅଗସ୍ତ୍ୟ ଋଷିଙ୍କ ଆଶ୍ରମ ଥିଲା । ରାମ ଅଗସ୍ତ୍ୟଙ୍କ ଦର୍ଶନ

Digitized by srujanika@gmail.com

ସକାଶେ ପ୍ରଥମେ ଲକ୍ଷ୍ମଣଙ୍କୁ ପଠାଇଲେ । ପଛେ ସେ ଓ ସୀତା ଆଶ୍ରମରେ ପ୍ରବେଶ କଲେ । ଋଷିଙ୍କଠାରୁ ସେ ଉପଦେଶ ଲଭିକରି ଗୋଦାବରୀ ତୀରବର୍ତ୍ତୀ ପଞ୍ଚବଟୀରେ ଗୋଟିଏ ପର୍ଣ୍ଣଶାଳା ନିର୍ମାଣ କରି ଆଉ ଚାରିବର୍ଷ ତାଙ୍କ ବନବାସ କଟାଇବାକୁ ଠିକ୍ କଲେ । ସେ ସେଠାରୁ ଋଷିଙ୍କ ଆଶୀର୍ବାଦ ଗ୍ରହଣ କରି ପଞ୍ଚବଟୀ ଆଡ଼େ ଗଲେ । ରାମଚନ୍ଦ୍ର ଲଙ୍କାରୁ ଫେରିଲାବେଳେ ପୁଷ୍ପକଯାନରୁ ସୀତାଙ୍କୁ ଅଗସ୍ତ୍ୟଙ୍କ ଆଶ୍ରମ ଚିହ୍ନାଇଦେଇ ପୂର୍ବବନବାସ କଥା ମନେପକାଇଥିଲେ ।

ସୀତାଙ୍କର ଦ୍ୱିତୀୟ ବନବାସ ସମୟରେ ରାମଚନ୍ଦ୍ରଙ୍କୁ ଦଣ୍ଡକ ବନକୁ ଯିବାକୁ ହୋଇଥିଲା । କାରଣ ସେଠାରେ ଜଣେ ଶୂଦ୍ରମୁନି ତପସ୍ୟା ଆରମ୍ଭ କରିବାରୁ ଅଯୋଧ୍ୟାରେ ଜଣେ ବ୍ରାହ୍ମଣପୁତ୍ରର ଅକାଳ ମୃତ୍ୟୁ ଘଟିଲା । ତେଣୁ ରାମଚନ୍ଦ୍ର ସେହି ତପସ୍ୟା ସ୍ଥାନକୁ ଯାଇ ଶୂଦ୍ରମୁନିଙ୍କୁ ହତ୍ୟାକଲେ । ଏହି ଘଟଣା ପରେ ସେ ସେହି ନିକଟରେ ଥିବା ଅଗସ୍ତ୍ୟାଶ୍ରମକୁ ଯାଇ ସେଠାରେ ରାତି କଟାଇଲେ । ସେଠାରେ ସେ ଜାଣିଲେ ଯେ, ଅଗସ୍ତ୍ୟ ବାରବର୍ଷ ପର୍ଯ୍ୟନ୍ତ ଜଳଶଯ୍ୟାରେ ରହି ସେତେବେଳେ ଉଠି ଆଶ୍ରମକୁ ଫେରିଛନ୍ତି । ଅଗସ୍ତ୍ୟ ରାମଚନ୍ଦ୍ରଙ୍କୁ ଗୋଟିଏ ମୂଲ୍ୟବାନ୍ ଆଭରଣ ପ୍ରଦାନକଲେ ଓ ସେ କିପରି ସେ ଆଭରଣଟି ପାଇଥିଲେ ତାହାର ଇତିହାସ କହିଲେ । ସେହି କଥାରେ ଦଣ୍ଡକଅରଣ୍ୟର ଉତ୍ପତ୍ତି ବିଷୟ ଥିଲା । ରାମଚନ୍ଦ୍ର ଅଗସ୍ତ୍ୟଙ୍କଠାରୁ ବିଦାୟ ନେଇ ଆରଦିନ ସକାଳୁ ଅଯୋଧ୍ୟାକୁ ଫେରିଲେ ।

ଅଗସ୍ତ୍ୟଙ୍କର ସମୁଦ୍ର ଶୋଷଣ ବୃତ୍ତାନ୍ତ ଓ ଆତାପି ବାତାପି ବଧ ବୃତ୍ତାନ୍ତ ଅତି ଚମତ୍କାର । ଦଧୀଚି ଅସ୍ଥିରେ ବୃତ୍ର ବଧ ପରେ ସୁଦ୍ଧା ଦେବତାମାନଙ୍କର ଶାନ୍ତି ରହିଲାନାହିଁ । କାରଣ କାଳକେୟ ନାମକ ଅନ୍ୟ ଏକ ରାକ୍ଷସ ଓ ତାହାର ସହଚରମାନେ ସମୁଦ୍ରରେ ଲୁଚି ରହି ଦେବତାମାନଙ୍କୁ ହଇରାଣକଲେ । ଦେବତାମାନେ ଭାବିଲେ ସମୁଦ୍ରରୁ ସମସ୍ତ ଜଳ ନିଷ୍କାଶିତ ହେଲେ କେବଳ ଶତ୍ରୁମାନଙ୍କ ବଧ ସହଜ ହେବ । ଏହି ଅଦ୍ଭୁତ କାର୍ଯ୍ୟ ଅଗସ୍ତ୍ୟଙ୍କ ଦ୍ୱାରା କେବଳ ସମ୍ଭବ ଭାବି ଦେବତାମାନେ ତାଙ୍କର ସାହାଯ୍ୟ ଭିକ୍ଷାକଲେ । ଅଗସ୍ତ୍ୟ ସମୁଦ୍ର ନିକଟକୁ ଯାଇ ଚଳୁରେ ସମୁଦ୍ର ଜଳ ଶୋଷଣକଲେ । ସମଗ୍ର ସମୁଦ୍ର ଶୁଷ୍କ ହୋଇଗଲା । ପରେ ଭଗୀରଥଙ୍କ ଦ୍ୱାରା ଜାହ୍ନବୀ ଆସି କିପରି ପୁନର୍ବାର ଜଳପୂର୍ଣ୍ଣକଲେ ତାହା ଅନ୍ୟ ଏକ ପୌରାଣିକ କଥା ।

ଅଗସ୍ତ୍ୟଙ୍କ ଜୀବନରେ ଅନ୍ୟ ଏକ ଅଲୌକିକ କାର୍ଯ୍ୟ ଘଟିଥିଲା, ଯାହାଦ୍ୱାରା ଅଗସ୍ତ୍ୟ ନାମ ସାର୍ଥକ ହୋଇଥିଲା; ତାହା ଅଟେ ବିନ୍ଧ୍ୟ ପର୍ବତର ଦର୍ପ ଦମନ । ବିନ୍ଧ୍ୟପର୍ବତ ଗର୍ବରେ ଅନ୍ଧହୋଇ ସୂର୍ଯ୍ୟଙ୍କ ସଙ୍ଗେ ମଧ୍ୟ କଳି ଆରମ୍ଭକଲା । ସେ ସୂର୍ଯ୍ୟଙ୍କର ଗତି ଅଟକାଇବା ଉଦ୍ଦେଶ୍ୟରେ କ୍ରମେ କ୍ରମେ ବଢ଼ିବାକୁ ଲାଗିଲା । ତେଣୁ ସୂର୍ଯ୍ୟ ଗୋଟିଏ ପାଖରେ ରହିବାକୁ ବାଧ୍ୟ ହେଲେ । ଏଥିରେ ଲୋକେ ପ୍ରମାଦ ଗଣି ଅଗସ୍ତ୍ୟଙ୍କର ଶରଣାପନ୍ନ ହେଲେ । ଅଗସ୍ତ୍ୟ ଯେତେବେଳେ ବିନ୍ଧ୍ୟ ନିକଟରେ ପହଞ୍ଚିଲେ ଗୁରୁଭକ୍ତି ଦେଖାଇ ବିନ୍ଧ୍ୟ ଅଗସ୍ତ୍ୟଙ୍କ

Digitized by srujanika@gmail.com

ନିକଟରେ ନତମସ୍ତକ ହୋଇ ଠିଆହେଲା । ଅଗସ୍ତ୍ୟ ବିନ୍ଧ୍ୟକୁ ସେ ଦକ୍ଷିଣରୁ ଫେରିବା ପର୍ଯ୍ୟନ୍ତ ସେହିପରି ଠିଆ ରହିବାକୁ କହି ଚାଲିଗଲେ । ମାତ୍ର "ଗଲାପୁଅ ବାହୁଡ଼ି ନୋହିଲା" ପରି ଅଗସ୍ତ୍ୟ ଦକ୍ଷିଣରୁ ଫେରିଲେ ନାହିଁ ଓ ବିନ୍ଧ୍ୟ ପର୍ବତକୁ ଆଉ ମୁଣ୍ଡ ଟେକିବାକୁ ହେଲାନାହିଁ । ଆଦ୍ୟକାବ୍ୟ ରାମାୟଣ ତିନିଗୋଟି ପ୍ରଧାନ ଉଦ୍ଦେଶ୍ୟରେ ବାଲ୍ମୀକିଙ୍କଦ୍ୱାରା ରଚିତ ହୋଇଥିଲା । ତିନିଗୋଟି ଉଦ୍ଦେଶ୍ୟ ହେଉଛି, ରାମଚନ୍ଦ୍ର ପ୍ରଭୃତିଙ୍କ ଆଦର୍ଶକୁ ନେଇ ସାମାଜିକ, ବିଶେଷତଃ ପାରିବାରିକ ଆଦର୍ଶ ଗଠନ କରିବା, ରାମ ରାବଣ ଯୁଦ୍ଧରେ ଦେବାସୁର ଗୁଣକୁ ପ୍ରକଟନ କରି ଧର୍ମର ଜୟ ପ୍ରମାଣ କରିବା ଓ ଦାକ୍ଷିଣାତ୍ୟରେ ଆର୍ଯ୍ୟ ସଭ୍ୟତା, ଆର୍ଯ୍ୟ ଧର୍ମ ଓ ଆର୍ଯ୍ୟ ସଂସ୍କୃତିର ପ୍ରାଦୁର୍ଭାବ ଓ ପ୍ରସାର କିପରି ହୋଇଥିଲା ତାହା ଦର୍ଶାଇବା । ଆର୍ଯ୍ୟମାନେ ସିନ୍ଧୁ ଓ ଗଙ୍ଗା ଅବବାହିକାରେ ସେମାନଙ୍କର ନିବାସ ପ୍ରତିଷ୍ଠା କଲା ପରେ ସେମାନଙ୍କୁ ଦକ୍ଷିଣ ଦିଗକୁ ଯିବାକୁ ହୋଇଥିଲା । ପୁଣି ଦାକ୍ଷିଣାତ୍ୟରେ ଆର୍ଯ୍ୟ ସଭ୍ୟତା ପ୍ରସାର କରିବାକୁ, ବଣ ଜଙ୍ଗଲ କାଟି କୃଷି ଇତ୍ୟାଦି ସଭ୍ୟତା-ସୁଲଭ ବୃତ୍ତି ଆରମ୍ଭ କରିବାକୁ, ପୁଣି ବୈଦିକ ଧର୍ମ, ଅଗ୍ନିପୂଜା, ସୂର୍ଯ୍ୟପୂଜା ପ୍ରଭୃତି ବୈଦିକ ରୀତିନୀତି ଅନାର୍ଯ୍ୟ ଦେଶରେ ପ୍ରବର୍ତ୍ତିନ କରିବାକୁ ସେମାନଙ୍କୁ ବହୁ ପରିଶ୍ରମ, ବହୁ ସୁଖ ତ୍ୟାଗ ଓ ବହୁ ଯୁଦ୍ଧ କରିବାକୁ, ହୋଇଥିଲା । ରାମାୟଣର ଅରଣ୍ୟକାଣ୍ଡରେ ଏହିସବୁ କାର୍ଯ୍ୟର ବିଶଦ ବିବରଣୀ ଦେଖିବାକୁ ମିଳେ । ସୀତା ଶବ୍ଦର ଅର୍ଥ ଭୂମିରେ ଲଙ୍ଗଳର ଗାର । ଅରଣ୍ୟପୂର୍ଣ୍ଣ ଦାକ୍ଷିଣାତ୍ୟରେ ଆର୍ଯ୍ୟମାନେ ପ୍ରବେଶ କରି, ସେଠାରେ ନିବାସ କରି, କୃଷିକାର୍ଯ୍ୟ ଆରମ୍ଭ କରିଥିଲେ—ଏହା ହେଉଛି ଇତିହାସର ଗୋଟିଏ ପ୍ରଧାନ ଘଟଣା । ରାମଚନ୍ଦ୍ରଙ୍କର ସୀତାଙ୍କ ସହିତ ଚଉଦବର୍ଷ ବନବାସ ଏହି କୃଷିପ୍ରବର୍ତ୍ତିନ ଘଟଣାର ଗୋଟିଏ ରୂପକ ହୋଇପାରେ । ଜନଶୂନ୍ୟ ଅରଣ୍ୟକୁ ଯାଇ ତପସ୍ୟା କରିବା, ପୁଣି ତପୋବନ ପ୍ରତିଷ୍ଠା କରି ଶିଷ୍ୟ ଗହଣରେ ଗୁରୁକୁଳ ଜୀବନ ନିର୍ବାହ କରିବା ଆର୍ଯ୍ୟ ଋଷିମାନଙ୍କର ଚିରନ୍ତନ ପଦ୍ଧତି ଥିଲା । ଯେ କୌଣସି ସ୍ଥାନକୁ ସେମାନେ ଆଗ ଯାଉଥିଲେ, ସେମାନଙ୍କ ପଛେ ଯାଉଥିଲେ ଆର୍ଯ୍ୟ ସମାଜର ଅନ୍ୟ ଲୋକମାନେ । ଏହା ମାନବ ଇତିହାସର ସାଧାରଣ ଘଟଣା । ପ୍ରଥମେ ଧର୍ମ, ତା'ପରେ କୃଷି ବା ବାଣିଜ୍ୟ, ତା'ପରେ ରାଜ୍ୟ, ଏହି ଉପାୟରେ ସବୁ ଜାତି ନୂଆ ଦେଶରେ ଯାଇ ଉପନିବେଶ ସ୍ଥାପନ କରନ୍ତି । ପ୍ରଥମେ ଆର୍ଯ୍ୟଋଷିମାନେ ଦାକ୍ଷିଣାତ୍ୟ ବିଜୟ, ଧର୍ମ ସ୍ଥାପନ ରୂପେ ଆରମ୍ଭ କଲେ । ତତ୍ପରେ ସେମାନଙ୍କୁ ରାମଚନ୍ଦ୍ରଙ୍କ ପରି କ୍ଷତ୍ରିୟମାନଙ୍କର ସାହାଯ୍ୟ ନେବାକୁ ହୋଇଥିଲା ସେହି ନୂଆ ସ୍ଥାନରେ ଆର୍ଯ୍ୟ ସମାଜ ଓ ଆର୍ଯ୍ୟ ରାଜତନ୍ତ୍ର ଚଳାଇବାକୁ । ଏହି ଋଷିମାନେ ହେଲେ ଆର୍ଯ୍ୟ ଅଭିଯାନର ପ୍ରଥମ ବା ସମ୍ମୁଖଭାଗ । ସେମାନଙ୍କ ମଧ୍ୟରେ ଅଗ୍ରଗାମୀ ଋଷି ଥିଲେ ଅଗସ୍ତ୍ୟ । ଅଗସ୍ତ୍ୟ-ବିନ୍ଧ୍ୟ ଉପାଖ୍ୟାନ ଏହି ଐତିହାସିକ ଘଟଣାର ଗୋଟିଏ ରୂପକ କାହାଣୀ ।

ଅଗସ୍ତ୍ୟ ଦାକ୍ଷିଣାତ୍ୟକୁ ଯାଇ ଆଉ ଫେରିଲେ ନାହିଁ, ସେତିକି ନୁହେଁ, ବିନ୍ଧ୍ୟପର୍ବତ ମୁଣ୍ଡ ନୁଆଁଇ ରହିବାର ସୁଯୋଗ ପାଇ ଅନ୍ୟ ଋଷିମାନେ ଅଗସ୍ତ୍ୟଙ୍କ ପଛେ ଯାଇ

Digitized by srujanika@gmail.com

ଦକ୍ଷିଣାତ୍ୟର ବିଭିନ୍ନ ସ୍ଥାନରେ ଆଶ୍ରମ ସ୍ଥାପନ କରିବାକୁ ଲାଗିଲେ । ଅନାର୍ଯ୍ୟମାନଙ୍କୁ ଦମନ କରିବାକୁ ପଛେ ସେମାନଙ୍କୁ ଆର୍ଯ୍ୟ ଯୋଦ୍ଧା, ଯଥା ରାମଚନ୍ଦ୍ର, ଲକ୍ଷ୍ମଣଙ୍କ ସାହାଯ୍ୟ ନେବାକୁ ହୋଇଥିଲା । ଅଗ୍ନିପୂଜା ସୂର୍ଯ୍ୟପୂଜା, ଇତ୍ୟାଦି ବୈଦିକ ରୀତିନୀତି ପ୍ରଚଳନ କରି ସେହିସବୁ ନୂଆ ସ୍ଥାନରେ ଶାନ୍ତି ସ୍ଥାପନ କରିବା ପରେ ଆର୍ଯ୍ୟମାନେ କୃଷି କାର୍ଯ୍ୟ ଆରମ୍ଭକଲେ । ତେଣୁ ଦାକ୍ଷିଣାତ୍ୟରେ ମଧ୍ୟ ସୀତାଙ୍କର ଆବିର୍ଭାବ ହେଲା । ଅଗସ୍ତ୍ୟ ପୂଜାରେ ସାତଗୋଟି ଧାନଗଛ ବ୍ୟବହାର କରିବାର ନିର୍ଦ୍ଦେଶ ସ୍ମୃତିରେ ଅଛି । ଅଗସ୍ତ୍ୟଙ୍କୁ ଲଙ୍କାବାସୀ ବୋଲି ସ୍ମୃତିରେ ବର୍ଣ୍ଣନାକରାଯାଇଛି । ଅଗସ୍ତ୍ୟ ନକ୍ଷତ୍ର ଦକ୍ଷିଣ ଦିଗରେ ଉଦୟ ଓ ଦକ୍ଷିଣ ଦିଗରେ କେବଳ ଅସ୍ତହୁଏ । ପୁଣି ଅଗସ୍ତ୍ୟ ପୂଜା ବର୍ଷାରତୁ ପରେ ଆରମ୍ଭ ହୁଏ । ଏହି ସବୁ ସାମାଜିକ ରୀତିର ଭିତ୍ତି ଆର୍ଯ୍ୟମାନଙ୍କର ଦାକ୍ଷିଣାତ୍ୟରେ ଉପନିବେଶ ସ୍ଥାପନ ଘଟଣାଭଳି ମନେହୁଏ । ଏହି କାର୍ଯ୍ୟର ପ୍ରବର୍ତ୍ତକ, ଉଦ୍ୟୋକ୍ତା ଓ ପଥପ୍ରଦର୍ଶକ ଥିଲେ ଅଗସ୍ତ୍ୟଋଷି । ତେଣୁ ତାଙ୍କର ପୂଜାବିଧାନ ଆର୍ଯ୍ୟମାନଙ୍କର ଗୋଟିଏ ସ୍ମୃତିସମ୍ମତ ରୀତି ହୋଇ ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କ ଦେଶରେ ରହିଅଛି ।

ଅଗସ୍ତ୍ୟ ଋଷିଙ୍କ ଜୀବନୀରେ ସମୁଦ୍ର ସହିତ ବେଶୀ ସମ୍ବନ୍ଧ ଥିବା ଦେଖାଯାଏ । ସେ ଦେବତାମାନଙ୍କୁ ସାହାଯ୍ୟ କରିବାକୁ ସମଗ୍ର ସମୁଦ୍ରକୁ ଶୋଷଣ କରି ଜଳଶୂନ୍ୟ କରିଦେଇଥିଲେ । ଅଗସ୍ତ୍ୟଙ୍କ ପରି ଜଣେ ଋଷି ଥାଉ ଥାଉ ରାମଚନ୍ଦ୍ର କାହିଁକି ତାଙ୍କର ଆଶ୍ରୟ ନ ନେଇ ଗୋଟିଏ ସେତୁ ବାନ୍ଧିଥିଲେ ଜଣାଯାଏ ନାହିଁ । ଅଗସ୍ତ୍ୟ ବାରବର୍ଷ ପର୍ଯ୍ୟନ୍ତ ଜଳଶଯ୍ୟାରେ ରହିଥିବା କଥା ରାମାୟଣର ଉତ୍ତରାକାଣ୍ଡରେ ବର୍ଣ୍ଣିତ ହୋଇଅଛି । ଭାରତବର୍ଷର ଉତ୍ତରଭାଗ ସହିତ ସମୁଦ୍ରର କୌଣସି ସମ୍ବନ୍ଧ ନାହିଁ କହିଲେ ଚଳେ । ମାତ୍ର ସମଗ୍ର ଦାକ୍ଷିଣାତ୍ୟ ସାଗରଦ୍ୱାରା ପରିବେଷ୍ଟିତ । ଭାରତ ଇତିହାସରେ ସାମୁଦ୍ରିକ ପ୍ରଭାବ ଦାକ୍ଷିଣାତ୍ୟରେ କେବଳ ଦେଖାଯାଏ । ପରବର୍ତ୍ତୀ କାଳରେ କଳିଙ୍ଗ, ଚୋଳ, ପାଣ୍ଡ୍ୟ ଓ ଚେର ରାଜ୍ୟଗୁଡ଼ିକ ସାମୁଦ୍ରିକ ବଳରେ ବଳଶାଳୀ ଥିବା କଥା ଇତିହାସରୁ ଜଣାଯାଏ । ଆର୍ଯ୍ୟମାନଙ୍କର ସମୁଦ୍ର ସହିତ ପ୍ରଥମ ସମ୍ବନ୍ଧ ହୋଇଥିଲା, ସେମାନଙ୍କର ଦାକ୍ଷିଣାତ୍ୟ ପ୍ରବେଶ ପରେ । ବିଜୟସିଂହ ପରବର୍ତ୍ତୀ କାଳରେ ସିଂହଳ ଜୟ କରିଥିଲେ ଓ ଅଶୋକ ଧର୍ମପ୍ରଚାର ନିମନ୍ତେ ସଙ୍ଘମିତ୍ରା ଓ ମହେନ୍ଦ୍ରଙ୍କୁ ପଠାଇଥିଲେ । ଏହିସବୁ ପରବର୍ତ୍ତୀ ଐତିହାସିକ ଘଟଣାର କ୍ଷୀଣ ସୂତ୍ରପାତ ହୋଇଥିଲା ପୌରାଣିକ ସେତୁବନ୍ଧନ ଓ ସମୁଦ୍ର ଶୋଷଣ ଉପାଖ୍ୟାନରେ ।

ଅଗସ୍ତ୍ୟଙ୍କ ଜୀବନୀ ଉଲ୍ଲିଖିତ ଐତିହାସିକ ତତ୍ତ୍ୱ ନିମନ୍ତେ ଉପାଦେୟ ବୋଲି ମନେହୁଏ । ମାତ୍ର ତାଙ୍କ ଜୀବନୀର ସମସ୍ତ ଘଟଣାକୁ ଐତିହାସିକ ସତ୍ୟ ବୋଲି ଭାବିବା ଠିକ୍ ନୁହେଁ ।

ପିତୃପୁରୁଷ ମାନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧପିଣ୍ଡ ପ୍ରଦାନ କରିବା ଗୋଟିଏ ଅତି ପୁରାତନ ବେଦସମ୍ମତ ଅନୁଷ୍ଠାନ । ଅନାର୍ଯ୍ୟମାନେ ପିତୃପୁରୁଷଙ୍କୁ ଏହିପରି ପିଣ୍ଡଦାନ

Digitized by srujanika@gmail.com

କରୁନଥିଲେ । ଆର୍ଯ୍ୟମାନଙ୍କର ଏହି ଅନୁଷ୍ଠାନକୁ ସେମାନେ ପ୍ରଥମେ ଘୃଣା କରିବା ସ୍ୱାଭାବିକ । ଦୁଇଜଣ ଅନାର୍ଯ୍ୟ ଭ୍ରାତା ଏହି ଆର୍ଯ୍ୟ ରୀତି ବିରୁଦ୍ଧରେ ଯାଇ ଆର୍ଯ୍ୟ ବ୍ରାହ୍ମଣମାନଙ୍କୁ ଭୋଜନ ନିମନ୍ତେ ନିମନ୍ତ୍ରଣ କରି ସେମାନଙ୍କୁ ବଧ କରୁଥିଲେ । ଅଗସ୍ତ୍ୟ ସେହିପରି ଦିନେ ନିମନ୍ତ୍ରଣ ପାଇ ଆତାପିଙ୍କ ଗୃହରେ ପ୍ରବେଶକଲେ । ମାତ୍ର ତାଙ୍କୁ ଅନାର୍ଯ୍ୟଦ୍ୱୟ ହତ୍ୟା କରିପାରିନଥିଲେ । ବରଂ ତାଙ୍କର ଆଧ୍ୟାତ୍ମିକ ପ୍ରଭାବ ସେମାନଙ୍କୁ ହରାଇ ଦେଇଥିଲା । ସେମାନେ ପରିଶେଷରେ ବୈଦିକ କ୍ରିୟାନୁଷ୍ଠାନ ଗ୍ରହଣ କଲେ । ବୋଧହୁଏ ଆତାପି ବାତାପି ଉପାଖ୍ୟାନ ଏହି ଐତିହାସିକ ସତ୍ୟ ଉପରେ ପ୍ରତିଷ୍ଠିତ ।

ପୁରାଣ ଇତିହାସକୁ ବାଦ୍ ଦେଲେ, ଅଗସ୍ତ୍ୟ ସମ୍ବନ୍ଧେ ଖାଣ୍ଟି ସତ୍ୟ ଜ୍ୟୋତିଷ ଶାସ୍ତ୍ରରେ କେବଳ ମିଳେ । ଅଗସ୍ତ୍ୟ ଗୋଟିଏ ଅତି ବୃହତ ନକ୍ଷତ୍ର । ତାହାର ଜ୍ୟୋତି ସୂର୍ଯ୍ୟର ଜ୍ୟୋତି ଅପେକ୍ଷା ଅଶୀହଜାର ଗୁଣ ଅଧିକ । ଆୟତନରେ ସୂର୍ଯ୍ୟର ବ୍ୟାସାର୍ଦ୍ଧ ଅପେକ୍ଷା ଅଗସ୍ତ୍ୟର ବ୍ୟାସାର୍ଦ୍ଧ ଶହେଅଶୀଗୁଣ ଦୀର୍ଘତର । ଅଗସ୍ତ୍ୟ ପୃଥିବୀର ବହୁଦୂରରେ ଅବସ୍ଥିତ । ଜ୍ୟୋତିଷ ଶାସ୍ତ୍ରର ପରିଭାଷାରେ କହିବାକୁ ଗଲେ ଏହି ଦୂରତା ଛଅଶହ ପଚିଶ ଆଲୋକବର୍ଷ ବା କାଳସମ୍ବତ୍ସର । ଅଗସ୍ତ୍ୟ ଋଷିଙ୍କର ସମୁଦ୍ର ଶୋଷଣ ଉପାଖ୍ୟାନ ସଙ୍ଗେ ଅଗସ୍ତ୍ୟ ତାରକାର ଆୟତନ ଓ ତେଜ ବିଚାର କଲେ ମନେହୁଏ ଅଗସ୍ତ୍ୟ ଯଦି କୌଣସି କାଳେ ପୃଥିବୀର ପାର୍ଶ୍ୱବର୍ତ୍ତୀ ହୁଏ ତେବେ ସମୁଦ୍ରର ସମସ୍ତ ଜଳ ଶୋଷିତ ହେବା କିଛି ବିଚିତ୍ର ନୁହେଁ ।

ଜ୍ୟୋତିଷ, ଧର୍ମ ଓ ଐତିହାସିକ ଘଟଣାବଳୀର ସମ୍ମିଶ୍ରଣରେ ସବୁ ଦେଶର ପୌରାଣିକ ଉପାଖ୍ୟାନଗୁଡ଼ିକ ଅତ୍ୟନ୍ତ ଜଟିଳ । ଠିକ୍ ସେହିପରି ଏହି ଅଗସ୍ତ୍ୟଋଷିଙ୍କ କଥା ଓ ଅଗସ୍ତ୍ୟ ତାରକାର ବିଷୟ । ଅବିଶ୍ୱାସୀ ଏହିପରି ଉପାଖ୍ୟାନଗୁଡ଼ିକୁ ଏକାବେଳେକେ ଅସତ୍ୟ, ଅଳୀକ ଓ କାଳ୍ପନିକ ବୋଲି କାଟିଦିଏ । ପୁଣି ସରଳବିଶ୍ୱାସୀ ଏଗୁଡ଼ିକୁ ଅକ୍ଷରିକ ସତ୍ୟ ବୋଲି ଧରିନିଏ । ମାତ୍ର ସେଗୁଡ଼ିକର ପ୍ରକୃତ ସତ୍ୟ ନିର୍ଦ୍ଧାରିତ ହୁଏ, ମଧ୍ୟମପନ୍ଥା ଅର୍ଥାତ୍ ଗବେଷଣାର ଅବଲମ୍ବନ କଲେ ।

[ଚନ୍ଦ୍ରାଧାରା]

Digitized by srujanika@gmail.com

ଆକାଂକ୍ଷା ଓ ସମ୍ମାନ

ଚଞ୍ଚଳ ମନ ଓ ଉଦ୍ଦୀପନା ଆଶା ମୋର ଜୀବନ ସ୍ରୋତ ଖରତର ଗତିରେ ଚାଲିଛି । ଅଜସ୍ର ବାଧାବିଘ୍ନ ଅଛି, ସେଥିପ୍ରତି କାହାର ଦୃକ୍‌ପାତ ନାହିଁ । ଗୋଟାଏ ଆଶ୍ୱାସନା ସୁଦୂର ଭବିଷ୍ୟତ ଗର୍ଭରେ ଥାଇ ମାନବୀୟ ଭାବନାରାଶିକୁ ସର୍ବଦା ତାର ଇଙ୍ଗିତରେ ଚାଳିତ କରୁଛି । ସମସ୍ତଙ୍କର ଲକ୍ଷ୍ୟ ସମାନ ନୁହେଁ । ଜୀବର ଧର୍ମ ଉପରେ ସ୍ୱଭାବର କ୍ରିୟା ବୈଷମ୍ୟ ସୃଷ୍ଟି କରି ସେହି ଆଶା ସବୁକୁ ବିଭିନ୍ନ ଆକାରରେ କଳ୍ପନା-ତୂଳିକାରେ ଚିତ୍ରିତ କରେ । ଅବଲମ୍ବନ ଓ ଆକାଂକ୍ଷା ଶୂନ୍ୟ ଜୀବନରେ ଏହିପରି ଚରିତ୍ର ଉତ୍ଥାପାତ ହୁଏନାହିଁ । ସ୍ୱଭାବାନୁଯାୟୀ ଆକାଂକ୍ଷାର ଉତ୍ପତ୍ତି ହେଲେ ସାଧାରଣ ମନୁଷ୍ୟ ନିରନ୍ତର କର୍ମମାର୍ଗରେ ଅଭିନିବିଷ୍ଟ ଥାଇ ଗୋଟାଏ ସ୍ୱତନ୍ତ୍ରତା ସ୍ଥାପନ କରେ । ପ୍ରବୃତ୍ତିମାନଙ୍କର ବିକାଶ, କର୍ମନିପୁଣତା, ଓ ଉତ୍ସାହ ଅଧିକାଂଶ ସମୟରେ ମଣିଷର ଆକାଂକ୍ଷା ଉପରେ ନିର୍ଭର କରିଥାଏ ।

ଆକାଂକ୍ଷାର ଗତି ରୋଧ କରିଦେଲେ ଗୋଟାଏ ଆବିଳଧାରା ମନୋରାଜ୍ୟରେ ଆଧିପତ୍ୟ ବିସ୍ତାର କରେ ଓ ତତ୍‌ସଙ୍ଗେ କର୍ମପନ୍ଥା ଦୁର୍ଗମ ହୋଇଉଠେ । ବିଫଳ ମନୋରଥରେ ଯେଉଁ ବିରକ୍ତି ଜନ୍ମେ ତାହା ପାରିପାର୍ଶ୍ୱିକ ଅବସ୍ଥା ମାନଙ୍କରେ ପ୍ରତିଘାତ କରେ । ଯନ୍ତ୍ରର କୌଣସି ଅଙ୍ଗ ଅକର୍ମଣ୍ୟ ହେଲେ ଯନ୍ତ୍ର-ଚାଳନ ପକ୍ଷରେ ବାଧାଘଟେ । ସେହିପରି ସମାଜ ଓ ଦେଶର କୌଣସି ସାଂପ୍ରଦାୟିକ କିମ୍ବା ଜାତିଗତ ଆକାଂକ୍ଷାରେ ଆଘାତ ଆସିଲେ, ଗୋଟାଏ ବିରୁଦ୍ଧଭାବ ସର୍ବଦା ବିପରୀତ ଦିଗରେ କାର୍ଯ୍ୟ କରିବାକୁ ଚେଷ୍ଟା କରେ । ତଦ୍ୱାରା ଅଶାନ୍ତିର ବିଷ ସର୍ବତ୍ର ବ୍ୟାପିଯାଏ । ବ୍ୟକ୍ତିଗତ ଆକାଂକ୍ଷାର ଅସାମଞ୍ଜସ୍ୟ ଦୂର କରିବା ସହଜ ନୁହେଁ । ସ୍ୱତଃ ପ୍ରଣୋଦିତ ହୋଇ ମନୁଷ୍ୟମାନେ ବିଭିନ୍ନ ଶ୍ରେଣୀରେ ଆବଦ୍ଧ ରହନ୍ତି; କାରଣ ଆକାଂକ୍ଷାର ସାମ୍ୟାବସ୍ଥା ଅନେକ ସମୟରେ ସେମାନଙ୍କୁ ଏପରି ଶ୍ରେଣୀବଦ୍ଧ ହେବାକୁ ଉତ୍ତେଜନା ଦିଏ । ସମୂହ ମଙ୍ଗଳ କାମନା ଦେଶ ଓ ଜାତି ପକ୍ଷରେ କଲ୍ୟାଣକର; ସୁତରାଂ କୌଣସି ସମ୍ପ୍ରଦାୟର ଅନୁସୃତ ଆକାଂକ୍ଷାକୁ ଉପେକ୍ଷା କରିବା ସମୀଚୀନ ନୁହେଁ । ଜାତୀୟଜୀବନର ଚିନ୍ତା ସ୍ରୋତରୁ ଭାବୀ କର୍ମପନ୍ଥା ସ୍ଥିର କରାଯାଇପାରେ; କିନ୍ତୁ ବାହ୍ୟ ଚଞ୍ଚଳତା ଏହାର ପ୍ରଧାନ ପ୍ରତିବନ୍ଧକ । ହଠାତ୍ ଭାବାବେଶରେ ଯେଉଁ ସ୍ଫୂର୍ତ୍ତି ଦେଖାଯାଏ ତାହା ଅଳ୍ପ ସମୟ ସ୍ଥାୟୀ ହେବା ପରେ ପୁଣି ଲୋପପାଏ । କ୍ଷୁଦ୍ର ଅଙ୍କୁର ଆଲୋକ, ବାୟୁ ଓ ଜଳସେଚନରେ କ୍ରମଶଃ ବୃଦ୍ଧିପାଇ

Digitized by srujanika@gmail.com

ଶେଷରେ ସୁବିଶାଳ ମହୀରୁହ ଆକାର ଧାରଣକରେ । ସେହିପରି ଜାତୀୟ ଆକାଙ୍‌କ୍ଷାକୁ ପୁଷ୍ଟ କରିବାକୁ ହେଲେ ବିରୁଦ୍ଧଭାବକଳ୍ପକର ପ୍ରଥମେ ଉଦାହରଣ ଜନ୍ମାଇବା ଆବଶ୍ୟକ । ସ୍ୱାର୍ଥପର ପ୍ରବଳର ଆକାଙ୍‌କ୍ଷା ଦୁର୍ବଳର ଅଭାବ ଓ ଆଶା ପ୍ରତି ଦୃଷ୍ଟି ଦିଏ ନାହିଁ । ଦୁର୍ବଳ ନିଜକୁ ଅଭିଶପ୍ତ ମନେକରେ ଓ ଭେଦଭାବ ଧୀରେ ଧୀରେ ବିସ୍ତାରିତ ହୋଇ ଜାତୀୟ ଜୀବନକୁ ଗ୍ରାସକରେ । ଉଚ୍ଚ ନୀଚ ଭାବ ଯେଉଁ ଗୋଟାଏ ଆକାଙ୍‌କ୍ଷାର ଅଧୀନ ହୋଇ କାର୍ଯ୍ୟ କରିବା ଅସମ୍ଭବ ।

ବ୍ୟକ୍ତିବିଶେଷର ଉଚ୍ଚାକାଙ୍‌କ୍ଷା ବିଷୟ ଆଲୋଚନା କଲେ ଜଣାଯାଏ ଯେ, ସାମାନ୍ୟ ବିଷୟରେ ତାହା ଆବଦ୍ଧ ରହିପାରେ ନାହିଁ । ପଦୋନ୍ନତି କିମ୍ବା ଇପ୍‌ସିତ ବିଷୟ ସମ୍ପର୍କରେ ଏହାକୁ କାର୍ଯ୍ୟୋପଯୋଗୀ କରାଯାଇପାରେ । ଅବସ୍ଥା ଭେଦରେ ଏହିପରି ଆକାଂକ୍ଷାର ଅନୁକୂଳରେ ଯିବା ଉଚିତ୍ । ରାଜକାର୍ଯ୍ୟ ପରିଚାଳନାରେ ଉଚ୍ଚାକାଙ୍‌କ୍ଷା-ବଶବର୍ତ୍ତୀ ଲୋକଠାରୁ ଯଥେଷ୍ଟ ସାହାଯ୍ୟ ମିଳେ । ଦାମ୍ଭିକ ପାରିଷଦ ଗର୍ବିତ ପ୍ରଜାକୁ ରାଜଶକ୍ତି ବିରୁଦ୍ଧରେ ମସ୍ତକ ଉତ୍ତୋଳନ କରିବାକୁ ସୁବିଧା ଦିଏ ନାହିଁ । କାଳର ପ୍ରାଦୁର୍ଭାବ ଅନୁସାରେ ଅକପଟ ପ୍ରଜାରଞ୍ଜନ ପରିବର୍ତ୍ତେ କୂଟ ରାଜନୀତିର ଆଶ୍ରୟ ନେବାକୁ ପଡ଼େ । ଶାସନ ଯନ୍ତ୍ରରେ ଶକ୍ତି ପ୍ରୟୋଗ କରିବା ରାଜାଙ୍କର କାର୍ଯ୍ୟ । ଯନ୍ତ୍ରର ଗୋଟିଏ ବିଶିଷ୍ଟ ଅଙ୍ଗରେ ବଳ ସଞ୍ଚାର କରି ଅନ୍ୟଗୁଡ଼ିକୁ ଦୁର୍ବଳ ରଖିବା ତାଙ୍କର କର୍ତ୍ତବ୍ୟ ନୁହେଁ । ରାଜକର୍ମଚାରୀମାନଙ୍କୁ ସବୁବେଳେ ଅତ୍ୟଧିକ କ୍ଷମତା ଦେଲେ ତାର ଅପବ୍ୟବହାର ଘଟି ପ୍ରଜାବର୍ଗର ଅନିଷ୍ଟ ହୋଇପାରେ । ପାରିଷଦମାନଙ୍କର ଆକାଙ୍‌କ୍ଷାକୁ ସର୍ବଦା ସଂଯତ ରଖିବାକୁ ହେଲେ, ସେମାନଙ୍କର ବଂଶମର୍ଯ୍ୟାଦା ପ୍ରତି ଉଦାସୀନ ହେବା ଆବଶ୍ୟକ । ଅଧସ୍ତନ କର୍ମଚାରୀମାନଙ୍କୁ ଉଚ୍ଚପଦ ଦାନ କଲେ ସେମାନେ ସେଥିରେ ଗୌରବ ଅନୁଭବ କରନ୍ତି ଓ ଅବିଶ୍ୱାସର ମାତ୍ରା ଅନେକ ପରିମାଣରେ ଦୂରୀଭୂତ ହୁଏ । ଦମ୍ଭର ଅପକାରିତା ନିବାରଣ ପାଇଁ ଏହା ଗୋଟିଏ ସୁଗମ ଉପାୟ ।

ନିର୍ଦ୍ଦିଷ୍ଟ ଆକାଙ୍‌କ୍ଷାର ଅଧୀନ ହୋଇ ଯେଉଁମାନେ ମହତ୍ କାର୍ଯ୍ୟ ସାଧନରେ ବ୍ରତୀ ହୁଅନ୍ତି, ସେମାନଙ୍କଠାରୁ ଅନିଷ୍ଟର ଆଶଙ୍କା ନ ଥାଏ । ଶକ୍ତିଶାଳୀ ଲୋକମାନଙ୍କ ଭିତରେ ପ୍ରଭାବ ବିସ୍ତାର କରିବା ସେମାନଙ୍କର ଅଭିପ୍ରାୟ । କେବଳ ମହତ୍ ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନ କଲେ ଏ ଆକାଙ୍‌କ୍ଷା ପୂର୍ତ୍ତି ହୁଏ ନାହିଁ । ସ୍ୱଭାବଗତ ଗୁଣର ଉତ୍କର୍ଷ ଉପରେ ଏହାର ସାଫଲ୍ୟ ନିର୍ଭରକରେ ।

ସମ୍ମାନ ଓ ଆକାଙ୍‌କ୍ଷାର ସମ୍ପର୍କ ବଡ଼ ଘନିଷ୍ଠ । ସମ୍ମାନର ପ୍ରତିଷ୍ଠା ପାଇଁ ଉଚ୍ଚପଦବୀ, ସତ୍କାର୍ଯ୍ୟ ଓ ଐଶ୍ୱର୍ଯ୍ୟ ପ୍ରଭୃତି ଆବଶ୍ୟକ ହୁଅନ୍ତି । କେବଳ ଆତ୍ମସମ୍ମାନ ପ୍ରତି ଲକ୍ଷ ରଖିଲେ ସାଧାରଣ ହିତକର କାର୍ଯ୍ୟ ସାଧନରେ ଔଦାସୀନ୍ୟ ଜନ୍ମିପାରେ । ସମାଜ କିମ୍ବା ଦେଶର ମଙ୍ଗଳ ପ୍ରତି ଯେଉଁମାନେ ଉଦାସୀ, ସେମାନଙ୍କର ସମ୍ମାନ ସ୍ଥାୟୀ ହୁଏ ନାହିଁ । ନିଜ ସ୍ୱାର୍ଥରେ ସର୍ବଦା ବ୍ୟାପୃତ ରହିଲେ କ୍ଷୁଦ୍ରତ୍ୱ ପ୍ରକାଶିତ ହୁଏ ଓ ତତ୍‌ସଙ୍ଗେ ଆକାଙ୍‌କ୍ଷା ମଧ୍ୟ

Digitized by srujanika@gmail.com

ସଙ୍କୁଚିତ ହୁଏ । ସାମାନ୍ୟ ସ୍ୱାର୍ଥ ସକାଶେ ସାଧାରଣଙ୍କର କ୍ଷତି କରିବା ପ୍ରବୃତ୍ତି ସ୍ୱାର୍ଥପର ପକ୍ଷରେ ଅସମ୍ଭବ ନୁହେଁ । ରାଜକାର୍ଯ୍ୟରେ ଏପରି ଲୋକଙ୍କୁ ନିଯୁକ୍ତ କରିବା ଅନୁଚିତ । ସ୍ୱାର୍ଥପରତା ଅନେକ ସମୟରେ ସାଧାରଣ ଅଶାନ୍ତିର କାରଣ ହୁଏ । କେହି କେହି କେବଳ କାର୍ଯ୍ୟ ଦ୍ୱାରା ସମ୍ମାନ ଲାଭର ଆକାଙ୍କ୍ଷା ଦେଖାନ୍ତି । ଲୋକ ମୁଖରେ ସାଧାରଣତଃ ଏମାନଙ୍କର ପ୍ରଶଂସା ଶୁଣାଯାଏ, କିନ୍ତୁ ଆନ୍ତରିକ ସ୍ନେହ ଓ ଭକ୍ତିର ଅଧିକାରୀ ହେବା ଏମାନଙ୍କ ପକ୍ଷରେ ଦୁର୍ଲଭ । ଉଚ୍ଚାଶାବଶତଃ କେତେକ ଲୋକ ସମ୍ମାନ ଆଶାରେ ହୋଇ ସ୍ୱଗୁଣର ଅପବ୍ୟବହାର କରନ୍ତି । କାର୍ଯ୍ୟ ନିସ୍ପନ୍ନରେ ଯେ ଅନ୍ୟମାନଙ୍କର ବିବାଦ କିମ୍ବା ମନୋମାଳିନ୍ୟ ଦୂରକରି ସାମ୍ୟଭାବ ପ୍ରଚାର କରନ୍ତି, ତାଙ୍କଠାରେ ସମସ୍ତେ ଋଣୀ ହୁଅନ୍ତି । ଯେ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରିବା ସମ୍ମାନାର୍ହ ଲୋକର ଲକ୍ଷଣ ନୁହେଁ । ଈର୍ଷା ଅଧିକାଂଶ ସମୟରେ ସମ୍ମାନର ଅନୁସରଣ କରେ । ମନୁଷ୍ୟର ଆକାଂକ୍ଷା ଓ ଲକ୍ଷ ମହତ୍ତ୍ୱ ଥିଲେ ଏବଂ ସାଧାରଣ ଗୋଚରାର୍ଥ ସେହି ଉଦ୍ଦେଶ୍ୟରେ କାର୍ଯ୍ୟ କଲେ ଈର୍ଷା କୌଣସି ଅନିଷ୍ଟ ସାଧନ କରିପାରେ ନାହିଁ । କାର୍ଯ୍ୟରେ ସିଦ୍ଧି ଲାଭକଲେ ନିଜ ଉପରେ ପ୍ରଶଂସା ଆରୋପ ନ କରି ଭଗବାନଙ୍କର ଉଦ୍ଦେଶ୍ୟରେ ସେହି କର୍ମଫଳକୁ ଉତ୍ସର୍ଗ କରିବା ସମ୍ମାନିତ ବ୍ୟକ୍ତିର ପ୍ରଧାନ କର୍ତ୍ତବ୍ୟ ।

ଗୁଣର ପ୍ରତିବିମ୍ବ ପ୍ରଶଂସାରେ ପ୍ରତିଫଳିତ ହୋଇଥାଏ । ସାଧାରଣ ଲୋକର ପ୍ରଶଂସାରେ ଆସ୍ଥାସ୍ଥାପନ ପ୍ରଦର୍ଶନ ବାଞ୍ଛନୀୟ ନୁହେଁ । କାରଣ ସେମାନେ ଗୁଣର ମହତ୍ତ୍ୱ ଉପଲବ୍ଧି କରି ପାରନ୍ତି ନାହିଁ । ସାମାନ୍ୟ କାର୍ଯ୍ୟ ସମ୍ପାଦନରେ ବିସ୍ମୟାପନ୍ନ ହୋଇ ବୃଥା ପ୍ରଶଂସାରେ ମନୁଷ୍ୟ ମନକୁ ସେମାନେ ଆକର୍ଷଣ କରନ୍ତି । ଚାଟୁବାଦ ଓ ପ୍ରଶଂସା ମଧ୍ୟରେ ପାର୍ଥକ୍ୟ ଅନୁଭବ କରିବା ସମସ୍ତଙ୍କ ପକ୍ଷରେ ସହଜ ନୁହେଁ । ସତ୍ୟ ଓ ଅପ୍ରିୟ କଥା ଶୁଣିବା ପାଇଁ ଯେଉଁମାନେ ଅଭ୍ୟସ୍ତ ସେମାନେ ବୃଥାପ୍ରଶଂସାରେ ସ୍ଖଳିତ ହୁଅନ୍ତି ନାହିଁ । ବିଶେଷତଃ କ୍ଷମତାପନ୍ନ ଓ ବିଭବଶାଳୀ ଲୋକମାନେ ଚାଟୁକାରଙ୍କୁ ପ୍ରଶ୍ରୟ ଦେବାଦ୍ୱାରା ଜନସାଧାରଣଙ୍କର କ୍ଷତି ହୁଏ । ହିତସାଧନ ଯାହା ଜୀବନର ବ୍ରତ, ଉପଯୁକ୍ତ ଶକ୍ତିର ଅଧିକାରୀ ହେବା ତା ପକ୍ଷରେ କିଛି ଅସଙ୍ଗତ ନୁହେଁ । ଏଥିପ୍ରତି ଲକ୍ଷ୍ୟ ନ ରଖି ଅନେକେ ସେମାନଙ୍କର ପ୍ରାପ୍ତ କ୍ଷମତାର ଅପବ୍ୟବହାର କରନ୍ତି । ତଦ୍ୱାରା ସେମାନଙ୍କର ଖ୍ୟାତି ଓ ସମ୍ମାନ ନଷ୍ଟହୁଏ । ସାଧୁ ଉଦ୍ଦେଶ୍ୟରେ ମଧ୍ୟ ଶକ୍ତିସମ୍ପନ୍ନ ଲୋକମାନଙ୍କୁ ପ୍ରଶଂସା କରାଯାଏ । ସେଥିରେ ଲୋକର କର୍ତ୍ତବ୍ୟବୋଧ ଜାତ ହେବାର ଆଶାଥାଏ । ଘୃଣାମିଶ୍ରିତ ପ୍ରଶଂସାରେ ପ୍ରଶଂସିତ ବ୍ୟକ୍ତି ଲୋକ ଚକ୍ଷୁରେ ହେୟ ବିବେଚିତହୁଏ । ଯେ ଯେଉଁ ସମ୍ମାନର ଅଧିକାରୀ ତାଠାରୁ ବେଶୀ ସମାଜରେ ପ୍ରତିପନ୍ନ କରାଇବା ଦ୍ୱାରା ଈର୍ଷାର ଉଦ୍ଦେଶ୍ୟ ସାଧିତହୁଏ । କେହି କେହି ଏଥିରେ ମଧ୍ୟ ନିଜକୁ ଗୌରବାନ୍ୱିତ ମନେକରନ୍ତି; କିନ୍ତୁ ସେମାନଙ୍କର ସ୍ମରଣ ରଖିବା ଉଚିତ ଯେ, ପ୍ରକୃତ ଗୌରବ ଲାଭ ସହଜସାଧ୍ୟ ନୁହେଁ । ଅପ୍ରତିଦ୍ୱନ୍ଦ୍ୱୀ ହୋଇ କେହି କେବେ ଯଶ ଲାଭ କରିନାହିଁ । ଅହଙ୍କାର ତାର ନିଦର୍ଶନ ନୁହେଁ । ସମୟବିଶେଷରେ ଅଯଥା

Digitized by srujanika@gmail.com

ପ୍ରଶଂସା ଦ୍ୱାରା ଲୋକ ମନରେ ସମ୍ମାନଆଶା ଜାଗ୍ରତ କରାଯାଏ ଓ ତଦ୍ୱାରା ସେ ଉତ୍ସାହିତ ହୋଇ ମହତ୍ କାର୍ଯ୍ୟରେ ବ୍ରତୀହୁଏ ।

ମହତ୍ତ୍ୱରେ ଦେବତ୍ୱ ନିହିତଥାଏ । ମନୁଷ୍ୟ ତାକୁ ବାଦ୍ ଦେଇ ପଶୁତ୍ୱର ପରିଚୟ ଦିଏ । ନିର୍ବିରୋଧରେ ଯେଉଁମାନେ ଅପରିସୀମ କ୍ଷମତାଦ୍ୱାରା ଜଗତରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଚାହାନ୍ତି, ସେମାନଙ୍କର ଆକାଂକ୍ଷା ପୂର୍ଣ୍ଣ ହୁଏନାହିଁ । ମନୁଷ୍ୟର ଅନ୍ତର୍ନିହିତ ଶକ୍ତି ଉନ୍ମେଷିତ ହେଲେ ସାଂସାରିକ ଗୌରବ ପ୍ରାପ୍ତି ର ଆଶା କ୍ରମଶଃ ହ୍ରାସପାଏ । ପ୍ରଚ୍ଛନ୍ନ ଭାବରେ ଏ ଶକ୍ତି ସମସ୍ତଙ୍କର ହୃଦୟରେ କାର୍ଯ୍ୟ କରେ । ନିର୍ଦ୍ଦୟ ହିଂସ୍ରକ ସୁଦ୍ଧା ଏଥିରୁ ବଞ୍ଚିତ ନୁହେ । ସ୍ୱଭାବର ସାମ୍ୟାବସ୍ଥା ପ୍ରାୟ ଏଥିରେ ଦେଖାଯାଏ ନାହିଁ । କେହି ଭଲ କାର୍ଯ୍ୟ ପ୍ରତି ବା କେହି ମନ୍ଦ କାର୍ଯ୍ୟ ପ୍ରତି ସ୍ୱଭାବର ଅଧୀନ ହୋଇ ଆକୃଷ୍ଟ ହୁଅନ୍ତି । ମହତ୍ ସ୍ୱଭାବର ପରିଚୟ ଅନେକ ବିଷୟରୁ ଜଣାଯାଇପାରେ । ସେବା, ସହାନୁଭୂତି, କ୍ଷମା ଓ କୃତଜ୍ଞତା ପ୍ରଭୃତି ସଦ୍‌ଗୁଣଗୁଡ଼ିକ ସ୍ୱତଃ ବିକଶିତ ହୁଅନ୍ତି ।

କ୍ଷମତା ଓ ସମୟ ପ୍ରଭାବରେ ଅଦ୍ଭୁତ ସମ୍ମାନ ବିଭିନ୍ନ ବୋଧ ହୋଇପାରେ; କିନ୍ତୁ ସତ୍କାର୍ଯ୍ୟରେ ସମସ୍ତ ଜୀବନ ଅତିବାହିତ କଲେ ମନରେ ଆଦୌ ଗ୍ଳାନି ଆସେ ନାହିଁ । କେବଳ ସମ୍ମାନ ଆଶାୟୀ ହେଲେ ଭଲ ଓ ମନ୍ଦର ସମ୍ମିଶ୍ରଣରେ ନିଜର କର୍ମପନ୍ଥା ସ୍ଥିର କରିବାକୁ ହୁଏ ।

କାଳକ୍ରମେ ଯଶସ୍ୱୀ ଲୋକର ଭଲଗୁଣଗୁଡ଼ିକ ସମାଜରେ ପ୍ରସିଦ୍ଧି ଲାଭ କରିଥାଏ । ବଂଶମର୍ଯ୍ୟାଦା ଅନେକଙ୍କୁ ଆଳସ୍ୟପରାୟଣ କରାଏ; କାରଣ ସେମାନେ କୌଣସି କାର୍ଯ୍ୟ ସାଧନ ସମୟରେ ସର୍ବଦା ନିଜ ସମ୍ମାନହାନି ଉପରେ ଇତସ୍ତତଃ ହୁଅନ୍ତି । କର୍ମବିମୁଖ ହୋଇ ଅନ୍ୟର କର୍ମତତ୍ପରତା ଦେଖିଲେ କାତରତା ପ୍ରକାଶ କରିବା ସ୍ୱଭାବ । ଅପରର ସମୃଦ୍ଧିରେ ସେମାନଙ୍କର ଈର୍ଷା ଜାତହୁଏ । ବୃଥା ସମ୍ମାନ-ଦମ୍ଭରେ ଗୁଣହୀନ ଲୋକ କର୍ମୀକୁ ତୁଚ୍ଛ ମନେକରେ । ଆଳସ୍ୟପରାୟଣ ଓ ପରଶ୍ରୀକାତର ଜୀବନର ଆକାଂକ୍ଷା ଚରିତାର୍ଥ କରିବା ପାଇଁ ଅସଦୁପାୟ ଅବଲମ୍ବନ କରେ ।

ପଦସ୍ଥ ବ୍ୟକ୍ତିମାନଙ୍କର ସ୍ୱତନ୍ତ୍ରତା ରକ୍ଷା କରିବା ସହଜ ନୁହେଁ । ସେମାନେ ସର୍ବଦା ଦେଶ କର୍ମ ଓ ଖ୍ୟାତିର ଅଧୀନ ହୋଇଥାନ୍ତି; କାର୍ଯ୍ୟ ଓ ସମୟ ନିରୂପଣର ବ୍ୟବସ୍ଥା ଅଧିକାଂଶ ସମୟରେ ସେମାନଙ୍କର ସ୍ୱାଧୀନ ଭାବର ପରିଚୟ ଦିଏ ନାହିଁ । କ୍ଷମତା ଓ ସମ୍ମାନ ଆଶାରେ କିମ୍ବା ଅପର ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଉଦ୍ଦେଶ୍ୟରେ ନିଜର ସ୍ୱାଧୀନତା ହରାଇବା ସ୍ୱଭାବବିରୁଦ୍ଧ ହେଲେ ସୁଦ୍ଧା ପ୍ରବଳ ଆକାଂକ୍ଷା ସେଥିପ୍ରତି ଲକ୍ଷ୍ୟ ରଖେନାହିଁ । ବହୁ ସାଧନାରେ ଲୋକ ଉଚ୍ଚପଦ ଅଧିକାର କରେ ଓ ଅନେକ ସମୟରେ ଆତ୍ମସମ୍ମାନ ବିନିମୟରେ ଲୋକ ସମ୍ମାନ ଲାଭ କରିବା ତା ପକ୍ଷରେ ଗୌରବଜନକ ବୋଧହୁଏ । କେବଳ ସାଧାରଣଙ୍କର ପ୍ରଶଂସା ଉପରେ ଯାହାର ସୁଖ ନିର୍ଭରକରେ, ତାର

Digitized by srujanika@gmail.com

ଆତ୍ମବୃତ୍ତି ମଳିନ ହେବା ଆଶ୍ଚର୍ଯ୍ୟ ନୁହେଁ । ସମ୍ମାନଜନକ କାର୍ଯ୍ୟ ସମ୍ପାଦନରେ ସମୁଦାୟ ଉତ୍ସାହ ଓ ଶକ୍ତି ବ୍ୟୟ କରି ଶରୀର ଓ ମନର ଉତ୍କର୍ଷ ପ୍ରତି ଉଦାସୀନ ହେବା ତା ପକ୍ଷରେ ଅସମ୍ଭବ ନୁହେଁ । ଗୁଣଲଭ ସମ୍ମାନର ଉପଲକ୍ଷ ହେଲେ ଆତ୍ମପ୍ରସାଦ ଜନ୍ମିପାରେ ଓ ସେଥି ସଙ୍ଗେ ସମସ୍ତ ଦୁର୍ବଳତା ଅନ୍ତର କରାଯାଇପାରେ । ପ୍ରକୃତିଜାତବସ୍ତୁ ସ୍ୱଭାବସିଦ୍ଧ ଅବସ୍ଥା ଲାଭ କରିବା ପାଇଁ ସର୍ବଦା ବ୍ୟଗ୍ର ଭାବରେ ଗତି କରିଥାଏ; କିନ୍ତୁ ଯେତେବେଳେ ଉପଯୁକ୍ତ ଅବସ୍ଥାର ଅଧୀନ ହୁଏ, ସେତେବେଳେ ଆଉ କୌଣସି ଚଞ୍ଚଳତା ଦୃଷ୍ଟ ହୁଏନାହିଁ । ସମ୍ମାନ-ଶିଖର-ଆରୋହୀଙ୍କୁ ସର୍ବଦା ବଳ ଓ ମନ୍ତ୍ରର ଗତିରେ ଯିବାକୁପଡ଼େ ।

ମନୁଷ୍ୟର ଆକାଙ୍କ୍ଷା ଓ ସାଧନା ଉପରେ ତାର ସୌଭାଗ୍ୟ ନିର୍ଭର କରେ । ସୁଗୁଣ ପ୍ରକାଶ କରି ପ୍ରଶଂସାଭାଜନ ହେବା କିମ୍ବା ଖ୍ୟାତି ଲାଭକରିବା ଦ୍ୱାରା ଐଶ୍ୱର୍ଯ୍ୟପ୍ରାପ୍ତ ପକ୍ଷରେ ବିଶେଷ ସହାୟତା ମିଳେ ନାହିଁ । ଅନେକେ ଆତ୍ମଗୋପନ କରି କେବଳ ନିଭୃତ ସାଧନାଦ୍ୱାରା ଆତ୍ମତୃପ୍ତି ଲାଭ କରନ୍ତି । ଦେଶପ୍ରୀତିରେ ଯାହାର ହୃଦୟ ସର୍ବଦା ଉଦ୍‌ବେଳିତ, ତାର ଲକ୍ଷ୍ୟ ସ୍ୱାର୍ଥ-ସାଧନରେ ନିୟୋଜିତ ହୁଏନାହିଁ ଏବଂ ସେ ଐଶ୍ୱର୍ଯ୍ୟଲକ୍ଷ୍ମୀଙ୍କର କୃପା ଲାଭ କରିବାରେ ଅସମର୍ଥ ହୁଏ । ବିଜ୍ଞଲୋକ ଈର୍ଷା-ହସ୍ତରୁ ରକ୍ଷା ପାଇବା ପାଇଁ ନିଜର ଶ୍ରୀକୁ ବିଭୂପଦରେ ଅର୍ପଣକରେ; ପ୍ରକୃତ ମହତ୍ତ୍ୱ ଐଶୀ ଶକ୍ତିରୁ ଭିନ୍ନତା ଜନ୍ମାଏ ନାହିଁ; ସାଧାରଣତଃ ଯେଉଁମାନେ ଆପଣାର ଜ୍ଞାନ ଓ କୌଶଳ ଉପରେ ନିର୍ଭର କରି ପ୍ରତିଷ୍ଠା ସ୍ଥାପନ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କର ଶେଷ ଦଶା ନୈରାଶ୍ୟରେ ପରିଣତ ହୋଇଥାଏ । ଯଶୋଲିପ୍ସା ମହତ୍ତ୍ୱର ବିରୋଧୀ ହେବା ବାଞ୍ଛନୀୟ ନୁହେଁ । ବର୍ତ୍ତମାନର କାର୍ଯ୍ୟ ଓ ଭବିଷ୍ୟତରେ ଆଶା ମଧ୍ୟରେ ବାଧା ଆସିପାରେ, କିନ୍ତୁ ଆତ୍ମନିର୍ଭରଶୀଳ ପକ୍ଷରେ ତାକୁ ଅତିକ୍ରମ କରିବା କଷ୍ଟକର ନୁହେଁ । ମାନସିକ ସଂଯମରେ ଆକାଂକ୍ଷା ସ୍ୱଭାବର ବଶବର୍ତ୍ତୀ ହୁଏ ଏବଂ ଶକ୍ତିର ଅପଚୟ ନ ଘଟି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହୁଏ ।

Digitized by srujanika@gmail.com

ସମାଲୋଚନା

ମୋ ବହିର (ପୀରତ ପଥ ଖସଡ଼ା) ସମାଲୋଚନା କରିବାକୁ ଡରି ତୁ ଯେଉଁ କେତେଧାଡ଼ି ଲେଖିଦେଇଛୁ, ତା'ଠାରୁ ସଂକ୍ଷେପରେ ସୁନ୍ଦର ଆଲୋଚନା ମୁଁ କଳ୍ପନା କରିପାରୁନାହିଁ । 'ଡଗର'ର ସମ୍ପାଦକ ହିସାବରେ ତୁ ବୋଧହୁଏ ମନେ ମନେ ମୋତେ ବଡ଼ ଜଣେ ସମାଲୋଚକ ଭାବିନେଇଛୁ । ଅନେକେ ସେହି ଭୁଲ୍ କରିଥାନ୍ତି । ସାହିତ୍ୟ ଓ ସାହିତ୍ୟିକ—ସମାଲୋଚନା ଉପରେ କହିବାପାଇଁ ମୋତେ ନାନାଆଡ଼ୁ ଡାକରା ଆସେ । କେହି ମୋର ଦୁଃଖ ବୁଝନ୍ତି ନାହିଁ—ବୁଝାଇଲେ ବି ମାନନ୍ତି ନାହିଁ ଯେ ପିଠା ଖିଆଣିକଲା ଲୋକକୁ ପିଠାର ବନ୍ଧ ଗଣିବାର ଭାର ଦେଲେ 'ସାତେ ଚକୁଲି ଚଉଦ ଚୌ' ହେବନାହିଁ ।

ସାହିତ୍ୟ ଓ ସାହିତ୍ୟ ସମାଲୋଚନା ଏ ଦୁଇଟା କଥାରୁ କେଉଁ ଗୋଟାକ ମୋ ଅଧିକାର ଭିତରେ ନାହିଁ । ମୁଁ ଲେଖକ ବୋଲି ମୋତେ ସାହିତ୍ୟିକ ଭାବିବା ଟାଇପ୍ ରାଇଟର୍‌ର ଭୁଲ୍ ଭାବରେ ହାତ ପକାଇଲା ପରି 'କ' ଜାଗାରେ 'ବ' ହେବା ସୁନିଶ୍ଚିତ । ଲେଖକ ଦିଅଁ ଗଢ଼େ । କିନ୍ତୁ ସାହିତ୍ୟିକ ଦିଏ ସେବା ପୂଜା—ସମାଲୋଚକ ତାର ସମ୍ଭାର ଯୋଗାଏ । ଏକାଧାରରେ ସନ୍ନ୍ୟାସୀ, ସେବକ ଓ ଭକ୍ତ ହେବା ବଡ଼ କଠିନ । ଭକ୍ତ ଓ ସେବକ ଏକ ହୋଇପାରନ୍ତି, କିନ୍ତୁ ଯେଉଁ କାରିଗର ଦିଅଁ ଗଢ଼ିଦେଇ ଗଲା ସେ ଯେ ସେବା ପୂଜା ଜାଣିଥିବ ଏଭଳି କଳ୍ପନା କରିବା ଠିକ୍ ନୁହେଁ । ଅନେକେ ତାହାହିଁ କରିଥାନ୍ତି । ମୋତେ ତୁ ଶ୍ରେଷ୍ଠ ବା ବଡ଼ ଯାହାହେଉ ଗୋଟିଏ ନଉଛୁଣା ଲେଖକ କହିପାରୁ—ନକହୁ ବି ପାରୁ; କିନ୍ତୁ ସାହିତ୍ୟିକ ବା ସମାଲୋଚକ କହିବୁ ନାହିଁ ।

ଆଉ ଗୋଟିଏ ଉପମା ମନକୁ ପାଉଛି । ଲେଖକ ହେଲା କୁମ୍ଭାର । ସେ ହାଣ୍ଡି ଗଢ଼ିଦିଏ ବୋଲି ତା ଘରେ ଭୋଜି ଭାତ ଖୋଜିଲେ ମିଳେ ନାହିଁ । ସାହିତ୍ୟିକ ହେଲେ ରାନ୍ଧୁଣୀ, ପରିବେଷକ, ଆଉ ଖାଇବାବାଲାଙ୍କ ଭିତରେ ଜଣେ-ଜଣେ ରସିକ ଚଖାଳି, କିଏ ବା ଡାହାଣା ଆଉ କେହି କେହି ଗିଳୁ ବି ଥାଆନ୍ତି—ସେଇମାନେ ହିଁ ସମାଲୋଚକ । ପୁଣି ଭୋଜିଖାଇବା ଲୋକଙ୍କ ଭିତରୁ କେହି କେହି ଅଦିଆ ବନ୍ଧୁ ଥାଆନ୍ତି—ଯାହାଙ୍କ ଘରେ ଅକାଳେ ସକାଳେ କେବେ ପତର ପଡ଼େନାହିଁ । ଏଇମାନେଇ ସବୁଠୁଁ ବେଶି ପାଟିତୁଣ୍ଡ କରନ୍ତି—ଛେନାରୁ ଝେପା ଛଡ଼ାନ୍ତି—ଗୁଡ଼ରୁ ମାଛି କାଢ଼ନ୍ତି—କୋବିକୁ ପତରକହନ୍ତି ଆଉ

Digitized by srujanika@gmail.com

ମନ୍ତ୍ରାକୁ କାଠ; କିନ୍ତୁ ଯିଏ ଖାଇବାକୁ ଦେଉଛି ସେ ଜାଣେ ଖାଇବାଠାରୁ ଖୋଇବା କେତେ କଷ୍ଟ । ସେ ବୁଝେ ଗୋଟିଏ ଭୋଜଦେବା ଭିତରେ କେତେ ଭଜନ ସାଧନ ଭରିରହିଥାଏ ।

ଅଦଆ ବନ୍ଧୁମାନେ ଭଲ ଚଖା ହୋଇପାରନ୍ତି ନାହିଁ; ତାହାଣା ହୋଇଥିଲେ ଘରେ ଭଲକରି ଖାଆନ୍ତେ—ସେମାନେ ତା'ବ ପାରନ୍ତିନାହିଁ; ଆଉ ଗିଳୁ ହେବାରେ ଯେଉଁ ତୃପ୍ତି, ତାହା ତାଙ୍କ ଭାଗ୍ୟରେ ଲେଖା ନଥାଏ । ଗିଳୁ ସମାଲୋଚକ କେବଳ ଖାଇଯାଏ— ଆକଣ୍ଠ । ଯାହା ଦେଲେ ତା' ଖାଏ; ଭଲ ମନ୍ଦ ସେ ବାରେ ନାହିଁ । ତୃପ୍ତି ହିଁ ତାର ପରମଲକ୍ଷ୍ୟ । ତାହାଣା ସମାଲୋଚକ କେବଳ ସୁଆଦଆକେ ଧରିବସେ, ବାର ବାର ମାଗିଖାଏ । ଅନ୍ୟ ଚକଚକୁ ଛୁଏଁ ନାହିଁ । ଆଉ ଚଖା ଯେ, ସେ ରାନ୍ଧ ଜାଣିଥିବ ବା ରନ୍ଧେଇ ଜାଣିଥିବ, ଖାଇଜାଣିଥିବ, ଖୋଇଜାଣିଥିବ ମଧ୍ୟ । ତେବେ ଯାଇ ସେ ଭୋଜପନ୍ତିର ମଜା ବୁଝିବ । ତାର ଆନନ୍ଦ କେବଳେ ଗୃଷିବାରେ ନୁହେଁ । ଭଲ ମନ୍ଦ ଗୃଷି ସେ ମନ୍ଦଟାକୁ ବାଦ୍ ଦେବାକୁ କହେ । ଲୋକେ ଆଉ ମୁହଁକୁ 'କମ୍ପା' କରିବାର ଦୁରବକାଶ ପାଆନ୍ତି ନାହିଁ । ତାର ପ୍ରବୃତ୍ତି ଆନନ୍ଦ, ଭଲ ଚଳଟିକୁ ଅନ୍ୟକୁ ଖୁଆଇ ଆନନ୍ଦ ବାଢ଼ିବାରେ । ସେତେବେଳେ ସେ ଗୋଟିଏ ଜିଭରେ ଯାଏ ନାହିଁ ପେଟକୁ ଓ ତାହାଣାଙ୍କ ଭଳି—ସେ ସହସ୍ରଜିହ୍ୱ ହୋଇଯାଏ । ଯେତେ ଲୋକ ଭଲ ଜିନିଷ ଖାଇ ଆନନ୍ଦ ପାଆନ୍ତି, ସମସ୍ତଙ୍କ ଆନନ୍ଦରେ ସେ ଭାଗ ବସାଏ । ପେଟ ଯିନା ସହଜରେ ପୂରେ ବୋଲି ମଣିଷ ହାଇଁପାଇଁ ହୁଏ—ଆନନ୍ଦକୁ ଭରିବା ପାଇଁ ଯେଉଁ ପେଟ—ସେଟା ତ ଭାବ ସମୁଦ୍ର—ତାର ଥଳକୂଳ କାହିଁ ଯେ ଦୁଃଖ କରିବ ଖାଇ ନପାରି ମଣିଷ !

ଓଡ଼ିଆରେ ଏବେ ସମାଲୋଚନାର ସୁଅ ଖୁବ୍ ଛୁଟିଲାଣି । 'ଇନ୍ଦ୍ରଧନୁ' 'ବିଜୁଳି' ଯୁଗରୁ ସମାଲୋଚନା ପଶିଛି । କିନ୍ତୁ ଅଳ୍ପ କେତେଜଣ ଚଖାହୋଇ ବାହାରିଛନ୍ତି । ପତ୍ର ପତ୍ରିକାମାନେ ଏଣିକି ପୁସ୍ତକ ସମାଲୋଚନା କରୁଛନ୍ତି ।

କିନ୍ତୁ ଅଡ଼ୁଆ ହେଉଚି—ଏ ଦେଶରେ ଭୋଜ କାହିଁ ଯେ ଚଖାର ଆବଶ୍ୟକତା ପଡ଼ିବ ? ଏଠି ଗୋଟେ ପାଖରେ ଧନୀମାନଙ୍କୁ ଧର୍ମ ଦେବାପାଇଁ କାଙ୍ଗାଳ ଭୋଜନ ହେଉଛି ଓ ଆଉ ଗୋଟେ ଆଡ଼େ ମାନୀମାନଙ୍କୁ ଅଭିମାନ ଦେବାପାଇଁ ଟିପାର୍ଟି, ଗାର୍ଡ଼ନପାର୍ଟି, ଡ଼ିନରପାର୍ଟି ଆଦି ଚାଲିଛି, ପାଟି ଖୁବ୍ କମ୍ । କାଙ୍ଗାଲଭୋଜନ ହିଁ ସବଳ । ସେଥିପାଇଁ ଏଠି ଶସ୍ତା ଶାଗୁ ବୋଧ କଲି ସାଙ୍ଗରେ ଅନ୍ୟ ସାହିତ୍ୟର ଅଇଁଠା ଡ଼ିଟେକ୍‌ଟିଭ ଉପନ୍ୟାସ—ତା ଧାଙ୍ଗକୁ ବଜାରର ବଗ୍ ଗୁଲୁଗୁଲ ଭଳି କେତେକ ଯୌନଆକର୍ଷଣକାରୀ ପୁସ୍ତକ ବଣ୍ଟହୁଏ । ଆମ ଦେଶର ସାହିତ୍ୟକୁ ଯେ ସମାଲୋଚନା କରିବାକୁ ଯିବ ସେ କାଙ୍ଗାଳ-ଭୋଜନରେ ପଙ୍‌ତିରେ କଣା ଗଣୁ ଗଣୁ ତାର ଦିନ ସରିଯିବ—ଖାଇବା ଆଉ ହେବନାହିଁ ।

ଯେଉଁମାନେ ପଇସାବାଲା ଓ ପାଠୁଆ, ବଡ଼ ବଡ଼ ଅଫିସର, ଓକିଲ, ଡାକ୍ତର, ଇଞ୍ଜିନିୟର, ସେମାନେ ସମସ୍ତେ ପାର୍ଟିରେ ଭୋଜଖାଆନ୍ତି । ଏମାନେ ଇଂରାଜୀ ଖବରକାଗଜ,

Digitized by srujanika@gmail.com

ଇଂରେଜୀ ପୁସ୍ତକ ଓ ପତ୍ର ପତ୍ରିକା ପଢ଼ନ୍ତି । ପଢ଼ନ୍ତୁ ନ ପଢ଼ନ୍ତୁ, ଅନ୍ତତଃ ଟେବୁଲ୍ ଓ ଆଲମାରୀ ସଜାନ୍ତି, ଜଣେ ପାଠୁଆ ବ୍ୟକ୍ତି ହିସାବରେ, cultured ଲୋକ ବୋଲି ଆଭିଜାତ୍ୟ ବଜାୟ ରଖିବାକୁ । କେହି ଯଦି କେବେ କୌଣସି ଓଡ଼ିଆ ବହି ଓ ପତ୍ରିକା କିଣେ, ତେବେ ସ୍ତ୍ରୀ କନ୍ୟା ପୁଅ ଝିଅଙ୍କ ନାମ ପତ୍ରିକା ଅଫିସ୍ ଗ୍ରାହକ ଖାତା ବା ଏଜେଣ୍ଟ ଟିପା ବହିରେ ଦରଜ ହୋଇଥିବ ।

ଟିପାର୍ଟି, ଗାର୍ଡ଼େନପାର୍ଟି ବାଡ଼ରେ, ପାର୍ଟିରେ ଯାହାସବୁ ପରଷାଯାଏ ତାର ରନ୍ଧା ଠାଏ, ବଢ଼ା ଠାଏ, ଆଉ ଖିଆ ହୁଏ ଅନ୍ୟଠାଏ । 'ଠା ପୀଢ଼ା' ନୁହେଁ—ଏଇ 'ଠା ଚଉକି' ବସା କୁଣିଆମାନେ କଏ ଖାଉଛନ୍ତି, କେଉଁଠି ରନ୍ଧା ହୋଇଛି ଦେଖନ୍ତି ନାହିଁ—ଦରକାର ନଥାଏ ଦେଖିବାର । ଟେବୁଲ୍ ଉପରେ ଜିନିଷ ଥୁଆଥାଏ—ବାଛିନିଅନ୍ତି ଦରକାରମତେ । ଭଲ ମନ୍ଦ ବାଛବିଗ୍ଭର ପାଇଁ ଅବକାଶ ନାହିଁ । ଫିର୍‌ପୋ କମ୍ପାନୀ ତ କଲିକତାରେ !

ସାହିତ୍ୟ ସମାଲୋଚନା ସାପେକ୍ଷ ସେଥିକି ବେଳ ଯାଏ ସେତେବେଳ ଯାଏ ସେଠି ବ୍ୟକ୍ତିର ସ୍ପର୍ଶ ଥିବ । ନିର୍ବୈକ୍ତିକ ସାହିତ୍ୟ ସମାଲୋଚନାଶୀଳ ନୁହେଁ । ସାହିତ୍ୟ ସବୁବେଳେ ମମତାଧର୍ମୀ । ଯେଉଁ ସାହିତ୍ୟରେ ମମତା ନାହିଁ—ସେ ତ ଗତିଶୀଳ ନୁହେଁ—ସେ ପଥର । ତାର ସମାଲୋଚନାରେ କି ଦରକାର ?

ସମାଲୋଚନା ସବୁବେଳେ ତୁଳନାତ୍ମକ ଆଲୋଚନା । ବ୍ୟକ୍ତି ସାଙ୍ଗରେ ବ୍ୟକ୍ତିକୁ ଲଢ଼ାଇ ନ ଦେଲେ, କୁକୁଡ଼ାକୁ କୁକୁଡ଼ା ସାଙ୍ଗରେ ଲଗାଇଦେଲାପରି, ସମାଲୋଚନାରୁ ମଜା ମିଳେନାହିଁ । କଳ୍ପ ମଟର ଲଢ଼ିବାରେ ମଜା ନଥାଏ—ସେଟା accident, ଦୁର୍ଘଟଣା କୁହାଯାଇପାରେ । ଆଧୁନିକ ସାହିତ୍ୟ ତଳେ ବ୍ୟକ୍ତିର ଯେଉଁଠି ଆତ୍ମହତ୍ୟା ହୁଏ, ସେଠି ଚମତ୍କାରିତା ବା rensationalism ସାହିତ୍ୟର ସୃଷ୍ଟି ହୁଏ । ତାର ସମାଲୋଚନା କଲେ ସାହିତ୍ୟର ମର୍ଯ୍ୟାଦା କ୍ଷୁର୍ଣ୍ଣ ହୁଏ—ରସଭଙ୍ଗହୁଏ; ସାହିତ୍ୟକକୁ ଟେକିବା ପରିବର୍ତ୍ତେ ତଳକୁ ଖସାଇ ଦିଆଯାଏ । କାରଣ ଚମତ୍କାର-ଧର୍ମୀ ସାହିତ୍ୟ ମୁହୂର୍ତ୍ତିକଜୀବୀ, କିନ୍ତୁ ସମାଲୋଚନା-ଧର୍ମ ସବୁବେଳେ ସନାତନ ହେବା ଉଚିତ । ମୁହୂର୍ତ୍ତିକଜୀବୀ ସାହିତ୍ୟ—ସମାଲୋଚନା ଅନୁଚିତ ଉପଦ୍ରବ୍ୟାପ ।

ଏଇଟା ମୁଦ୍ରାଯନ୍ତ୍ରର ଯୁଗ । ଅକ୍ଷରଗୁଡ଼ିକ ଗ୍ରନ୍ଥ-ଷ୍ଟିରିଓଟାଇପ୍‌ଡ୍—stereiotyped-ଷ୍ଟିରିଓଟାଇପ୍ କଥାଟା ମୁଦ୍ରାଯନ୍ତ୍ର ବା ଗ୍ରେସ୍‌ଖାନାରୁ ଉତ୍ପତ୍ତି । ସାହିତ୍ୟକୁ stereiotyped କହିବାରେ ଏହା ମଧ୍ୟ ସାହାଯ୍ୟ କରିଛି ।

କବିତାରେ ପଦ ଯୋଡ଼ିବା ଆଉ ପ୍ରୟୋଗ କୌଶଳ ହୋଇ ନାହିଁ । କେତେକ ଭାଷାରେ, 'କଥା' ସାଙ୍ଗରେ 'ବ୍ୟଥା', 'ପ୍ରିୟା' ସାଙ୍ଗରେ 'ହିୟା' ପକାଇ—'ଅ' (ଥା)ରେ 'କଥା' ଓ 'ବ୍ୟଥା' ତଥା ୟା (ୟା)ରେ 'ପ୍ରିୟା' 'ହିୟା' ଶବ୍ଦଗୁଡ଼ିକୁ ଏଭଳି କ୍ରମରେ ସଜାଇ ଅଭିଧାନ ଛପା ହୋଇଗଲାଣି—ଯାହା ପାଇଲେ ପ୍ରତ୍ୟେକେ ଜଣେ ଜଣେ କବି ପାଲଟିଯିବା କଷ୍ଟକର ନୁହେଁ ।

Digitized by srujanika@gmail.com

ଏହା ଷ୍ଟିରିଓଟାଇପଡ୍ ହେଲେ ଗଦ୍ୟ କବିତା ଗ୍ରାହ୍ୟ । ଗଦ୍ୟ କୌଶଳ ବା technique ମଧ୍ୟ କ୍ରମେ ଏପରି steriotyped ମନେହେବ ଯେ ଏହାର ପ୍ରାଣ 'ଭାବ' ଯସରି ହୋଇଯିବ । କାରଣ ସାହିତ୍ୟର ବ୍ୟକ୍ତି ସ୍ଫୂର୍ତ୍ତି ହିଁ ଏକାଙ୍ଗିଆ (monotony) ଲାଗେ । ଆଧୁନିକ ଓଡ଼ିଆ ସାହିତ୍ୟ ତଳେ ବ୍ୟକ୍ତିର ବ୍ୟକ୍ତିତ୍ୱ ଏତେ ଅଳ୍ପ ଯେ ତାହା ସମାଲୋଚନାକୁ ସ୍ୱାଗତ କରୁନାହିଁ । ସମାଲୋଚକ ଗୋପୀନାଥ, କାହ୍ନୁ, କାଳିନ୍ଦୀ, ରାଜକିଶୋରଙ୍କ ଗୋଡ଼ାଇ କେବଳ ପ୍ରଦକ୍ଷିଣ କରିବାହିଁ ପାରହେଉଛି ।

ଏ ସମସ୍ୟା ଆଜି ଓଡ଼ିଆ ସମାଲୋଚକ ଆଗରେ ବିରାଟ ଆକାରରେ ଠିଆହୋଇଛି । ଏ କ୍ଷେତ୍ରରେ ସମାଲୋଚକର ଆତ୍ମରକ୍ଷା କରିବାର ଉପାୟ ବ୍ୟକ୍ତି-ସାହିତ୍ୟ ବିଷୟର ଛାଡ଼ି ବିଭିନ୍ନ କାଳ ଓ ବିଭିନ୍ନ ଶ୍ରେଣୀଗତ ସାହିତ୍ୟର ସମାଲୋଚନା କରିବା । ତା'ହେଲେ ଯାହି ଯନ୍ତ୍ରପୋଷିତ ଏ ନୀରସତାରୁ କିଞ୍ଚିତ୍ ମୁକ୍ତି ମିଳିବାର ସମ୍ଭାବନା ଅଛି ।

ଯନ୍ତ୍ର ଯୁଗରେ ଭାବ ମଧ୍ୟ ମୌଳିକତା ହରାଇ ଏକାନ୍ତ କୌଳିକ ହେବାକୁ ଯାଉଛି । ପ୍ରବୃତ୍ତି ଓ ଅନ୍ତର୍ବୃତ୍ତିର ଭିତରେ ପେଷିହୋଇ ସେ କମ୍ପୃତକମ୍ପ ଜାର ଧରୁଛି । ତଥାପି ଏକାବେଳକେ ଯେ ପ୍ରାଣ ପାଇଯାଇଛି ତା' ନୁହେଁ । ଏଇ ପ୍ରାଣର ସନ୍ଧାନ ପାଇବା ବଡ଼ କଷ୍ଟକର । ସେଥିପାଇଁ ସମାଲୋଚକର ଦାୟିତ୍ୱ ବଢ଼ିଯାଇଛି ବରଂ । 'ବ୍ୟଷ୍ଟି' ପ୍ରାଣ ସହିତ ସମଷ୍ଟିର ସମ୍ପର୍କ ନିର୍ଣ୍ଣୟ କରିଦେବା ବର୍ତ୍ତମାନ ସମାଲୋଚକର ଏକ କଠିନ କାର୍ଯ୍ୟ । ସେହି ଦୃଷ୍ଟିରୁ ଲାବଣ୍ୟବତୀ ଉପରେ ଆର୍ତ୍ତବଲ୍ଲଭ, କବିସୂର୍ଯ୍ୟ ଉପରେ ମାୟାଧର, ଫକୀରମୋହନ ଉପରେ ସୂର୍ଯ୍ୟଚନ୍ଦ୍ର, ଦୀନକୃଷ୍ଣ ଉପରେ ଗୌରୀକୁମାର ସମ୍ପୂର୍ଣ୍ଣ ନୁହନ୍ତି । ସେମାନେ ସେ କାଳର ସାହିତ୍ୟ ଭିତରୁ ବ୍ୟକ୍ତିର ଆବିଷ୍କାର କରିଛନ୍ତି ସତ୍ୟ—କିନ୍ତୁ ଏ ଯୁଗରେ ବ୍ୟକ୍ତିର ଅପମୃତ୍ୟୁ ଆଉ ସମଗ୍ର ନାମରେ ଉଗ୍ର ଯନ୍ତ୍ରର ବ୍ୟଗ୍ର ଅପଦ୍‌ଘାତକୁ ଉପେକ୍ଷା କରି ଏ ଯୁଗ ସାହିତ୍ୟ ଭିତରୁ ମନୁଷ୍ୟତ୍ୱ ଆବିଷ୍କାର କରିନାହାନ୍ତି କେହି ।

ସେଥିପାଇଁ ଯେ କେତୋଟି ସମାଲୋଚନା ପୁସ୍ତକ ଦେଖାଦେଇଛି ବା ପତ୍ରପତ୍ରିକାରେ ପ୍ରବନ୍ଧ ଦେଖାଦେଉଛି, ସେସବୁ ସମାଲୋଚନା ନୁହେଁ—ଟୀକା । କବିର ସାଧନା ଯେତେବେଳେ ବ୍ୟକ୍ତିଗତ ଥିଲା, ନିର୍ଜନ ଥିଲା, ସେତେବେଳେ ତାର ଦାନକୁ ସର୍ବସାଧାରଣରେ ବିତରଣ କରିବାପାଇଁ ଏଇ ଟୀକାର ପ୍ରୟୋଜନ ପଡ଼ୁଥିଲା; କିନ୍ତୁ ବର୍ତ୍ତମାନର ସାହିତ୍ୟିକ ଜୀବନ ବଡ଼ ବ୍ୟାପକ । ବ୍ୟାସ ବାଲ୍ମୀକିଙ୍କ ଭଳି ସେ ଅରଣ୍ୟକୁ ତପସ୍ୟା କରିବା ପାଇଁ ପ୍ରବ୍ରଜ୍ୟା ନିଏ ନାହିଁ । ଯାବତୀୟ ଅବର୍ଯ୍ୟା ଅଳିଆ ଅସନା ବା ପଙ୍କ ଭିତରେ ସେ ପଙ୍କଜ ସୃଷ୍ଟି କରିପାରିଲେ ସାହିତ୍ୟ ସାର୍ଥକ ହୁଏ । ସେଥିଯୋଗୁଁ ଏ ଯୁଗ ସାହିତ୍ୟର ଟୀକା ଦରକାର ନାହିଁ; ଆଲୋଚନା ମାତ୍ର ଆବଶ୍ୟକ ।

ସମାଲୋଚନାର ତିନୋଟି ଅଙ୍ଗ—ଗୋଟିଏ ଲୋକନ, ତା'ପରେ ଆଲୋକନ, ତା'ପରେ ସମାଲୋକନ । ଲୋକନରେ ଦ୍ରଷ୍ଟା ଆନନ୍ଦପାଏ, ଆଲୋକନରେ ଆନନ୍ଦର ହେତୁ

Digitized by srujanika@gmail.com

ସନ୍ଧାନକରେ, ଆଉ ସମାଲୋଚନାରେ ସେ ଆନନ୍ଦମୟ ବସ୍ତୁକୁ ପରିବ୍ୟାପ୍ତ କରିଦିଏ । ଠିକ୍ ଅନ୍ୟ ଦିଗରେ ମନ୍ଦ ଦେଖେ—ମନ୍ଦର ମୂଳକାରଣ ସନ୍ଧାନ କରି ପୁଣି ତର୍କଦ୍ୱାରା ଲୋକଙ୍କୁ ସତର୍କ କରାଇଦିଏ ।

ବର୍ତ୍ତମାନ ମୁଦ୍ରାଯୁଗରେ ସାହିତ୍ୟ ଓ ସାହିତ୍ୟିକର ଉଚ୍ଛୃଙ୍ଖଳତା ଓ ସ୍ୱେଚ୍ଛାଚାରିତା ପାଇଁ ସୁଯୋଗ ସୁବିଧା ଏତେ ଅପର୍ଯ୍ୟାପ୍ତ ଯେ, ଜଣେ ଜଣେ ମଲ୍ଲୀନାଥ କିମ୍ବା ବିଶ୍ୱନାଥ ଭଟ୍ଟାଚାର୍ଯ୍ୟଙ୍କ ଭଳି ଟୀକାକାରଙ୍କର ପୁନରାଗମନରେ ସମସ୍ୟା ସମାହିତ ହେବା ସମ୍ଭବ ନୁହେଁ । ଆଗେ ମଲ୍ଲୀନାଥ ବା ଭଟ୍ଟାଚାର୍ଯ୍ୟମାନଙ୍କର ନିକଷରେ କଷା ହେଲା ପରେ କେବଳ ସୁସାହିତ୍ୟ ହିଁ ପ୍ରକାଶ ପାଉଥିଲା ଏବଂ ବିଶ୍ୱନାଥ ମଲ୍ଲୀନାଥମାନେ ସୁସାହିତ୍ୟକୁ ସୁବୋଧ, ସୁବିସ୍ତାରଣ କରିବାର ଦାୟିତ୍ୱ ନେବାଟା ସେଥିପାଇଁ କର୍ତ୍ତବ୍ୟ ମନେକରୁଥିଲେ । ମାତ୍ର ଏବେ ଅର୍ଥହିଁ ସାହିତ୍ୟ ପ୍ରକାଶର କଷଟି । ସେଥିପାଇଁ ସମାଲୋଚକର କାର୍ଯ୍ୟ ଅପ୍ରୀତିକର, ଦୁଃସାଧ ହେଲେହେଁ ସର୍ବଥା କରଣୀୟ ।

ଲୋକେ ଯେତେବେଳେ ନିଜର ସ୍ୱାସ୍ଥ୍ୟ ନିଜେ ଜଗିନପାରିବେ, ଯେତେବେଳେ ପ୍ରେମ ଉପନ୍ୟାସ, ପ୍ରେମ ଚଳଚ୍ଚିତ୍ରରେ ଲୋକରୁଚି ବଢ଼ିବାକୁ ଲାଗିବ, ସେତେବେଳେ ସମାଲୋଚକର ଗୁରୁକ ଛଡ଼ା ଆଉ ଗତ୍ୟନ୍ତର ନାହିଁ ।

ମାତ୍ର ବିପଦ ହେଉଛି—ସାଧୁ, ସଚ୍ଚରିତ୍ର, ସକ୍ଷ ସମର୍ଥ ସମାଲୋଚକର ଅଭାବ । କେବଳ ଜ୍ଞାନୀ ହେଲେ ସୁସମାଲୋଚକ ହେବାର ସମ୍ଭାବନା ନାହିଁ ।

ସମାଲୋଚକ ସାଧୁ ନହେଲେ, ଅବ୍ୟାପାରକୁ ବ୍ୟାପାର କହିବାର ଭୟ ଅଛି—ଅଟ୍ଟହାସକୁ ଇତିହାସ କହିବାରେ ସଂଶୟ ଆଣିଦେବାର ସମ୍ଭାବନା ଯଥେଷ୍ଟ ।

ନିଜେ ଭଲ ନହୋଇ ଆନକୁ ଭଲ କରିବାର ପ୍ରୟାସ ବିପଦ ଆଣିଦିଏ ବରଂ ।

ସମାଲୋଚନା—ସବୃଦନେ ଦର୍ଶନ । ବର୍ତ୍ତମାନ ସାହିତ୍ୟରେ ଅଦର୍ଶନ-ବାଦ ହିଁ ବେଶି । ସାହିତ୍ୟରେ ଆଶୟ ନାହିଁ—ଅଛି କେବଳ ସଂଶୟ । ସଂଶୟ ଆଲୋକ ବିନା ଅପସାରିତ ହେବନାହିଁ । ସମାଲୋଚକହିଁ କେବଳ ଅଦର୍ଶନର ଦର୍ଶନ କରାଇପାରେ—ନିରାକାରକୁ ଆକାର ଦେଇପାରେ—ସଂଶୟୋକ୍ତିକୁ ଅତିଶୟୋକ୍ତିରେ ପରିଣତ କରିପାରେ ।

[ପତ୍ର ଓ ପ୍ରତିମା]

Digitized by srujanika@gmail.com

ଓଡ଼ିଶାର ମନ୍ଦିର

ଇତିହାସରେ କେଶରୀମାନଙ୍କର ସତ୍ତା କେବେଠାରୁ ନିଶ୍ଚିହ୍ନ ହୋଇଅଛି, ମାତ୍ର ଉତ୍କଳରେ ସେମାନଙ୍କ ପୂତ ପଦଚିହ୍ନ ଆଜି ସୁଦ୍ଧା ତୈଳନଦୀର ଉପତ୍ୟକାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସର୍ବତ୍ର ବହୁ ଦେବାୟତନରୂପେ ଶୋଭିତ ହେଉଅଛି । ମନ୍ଦିରମାଳିନୀ ଭୁବନେଶ୍ୱର, କେଶରୀମାନଙ୍କର ଏକ ବିଶିଷ୍ଟ କୀର୍ତ୍ତି । ଏକଦା ଭୁବନେଶ୍ୱରରେ ପାଞ୍ଚଶତ ମନ୍ଦିର ଥିଲା ବୋଲି ଶ୍ରୀ ମନମୋହନ ଗାଙ୍ଗୁଲିଙ୍କପରି ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନଙ୍କର ମତ । ଭୁବନେଶ୍ୱର ମନ୍ଦିର ନିର୍ମିତ ହେବା ପୂର୍ବରୁ, ପରଶୁରାମେଶ୍ୱର ଓ ଶତ୍ରୁଘ୍ନେଶ୍ୱର ପ୍ରଭୃତି ମନ୍ଦିରମାନ ନିର୍ମିତ ହୋଇସାରିଥିଲା । ପରଶୁରାମେଶ୍ୱର ମନ୍ଦିର ଖ୍ରୀ. ଅ. ୭ମ ଶତାବ୍ଦୀର କୀର୍ତ୍ତି, ଆଜି ସୁଦ୍ଧା ଏହା ଅବିକୃତ ଅବସ୍ଥାରେ କେଶରୀମାନଙ୍କର ଅମଳିନ କୀର୍ତ୍ତିର ସଙ୍କେତ ଧରି, ଶତାବ୍ଦୀ ପରେ ଶତାବ୍ଦୀ ବ୍ୟାପି ବହୁ ଦୁର୍ଦ୍ଦିନ, ଦୁର୍ଯୋଗ ଓ ବିପର୍ଯ୍ୟୟ ମଧ୍ୟରେ ଦଣ୍ଡାୟମାନ ରହିଅଛି । ପ୍ରସ୍ତର ଦେହରେ ସୂକ୍ଷ୍ମ ଭାସ୍କର୍ଯ୍ୟ ଦୃଷ୍ଟିରୁ କେବଳ ନୁହେଁ, ମନ୍ଦିର ନିର୍ମାଣ କଳାର ବିକାଶ ଦୃଷ୍ଟିରୁ ଭୁବନେଶ୍ୱରର ମନ୍ଦିରମାନ ଅନନ୍ୟସାଧାରଣ ।

ଭାରତୀୟ ମନ୍ଦିରମାନଙ୍କୁ ପ୍ରାଚୀନ "ଶିଳ୍ପଶାସ୍ତ୍ର" ଅନୁସାରେ ମୁଖ୍ୟତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଅଛି—

(୧) ଦ୍ରାବିଡ଼, ଓ (୨) ନାଗର ।

ମନ୍ଦିର ନିର୍ମାଣରେ ଦ୍ରାବିଡ଼ରୀତି ଦକ୍ଷିଣଭାରତରେ ଓ ନାଗର ରୀତି ଉତ୍ତର-ଭାରତ ବା ଆର୍ଯ୍ୟାବର୍ତ୍ତରେ ପ୍ରଚଳିତ ଥିଲା । ମାତ୍ର ଉତ୍କଳର ମନ୍ଦିରମାନ ଏ ଦୁଇ ରୀତିର ଅପୂର୍ବ ସମନ୍ୱୟରେ ନିର୍ମିତ ହୋଇଅଛି । ଉତ୍କଳର ମନ୍ଦିର ନିର୍ମାଣ ଶୈଳୀ ଉପରୋକ୍ତ ଦୁଇଗୋଟି ଶ୍ରେଣୀ ମଧ୍ୟରୁ କୌଣସି ଶ୍ରେଣୀର ଅନ୍ତର୍ଭୁକ୍ତ ନୁହେଁ । ଏହା ଉତ୍କଳୀୟ ସ୍ଥପତି ଓ ଶିଳ୍ପୀମାନଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ସ୍ୱକୀୟ ଅନନ୍ୟତାରେ ପୁଣି ଏହା ଉଜ୍ଜ୍ୱଳ ଓ ମହିମାନ୍ୱିତ ।

ଭାରତୀୟ ସଂସ୍କୃତିରେ ଉତ୍କଳୀୟ ସଂସ୍କୃତିର ଏକ ବିଶିଷ୍ଟ ସ୍ଥାନ ଅଛି । ଉତ୍କଳୀୟ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, କୃଷି, ସାହିତ୍ୟ ଓ ଧର୍ମସାଧନା ପ୍ରଭୃତି ସାଂସ୍କୃତିକ ଜୀବନର ପ୍ରତି ବିଭାବରେ, ଉତ୍କଳୀୟ ସଂସ୍କୃତିର ଏହି ବୈଶିଷ୍ଟ୍ୟ ଅତି ସମୁଜ୍ଜ୍ୱଳ ଭାବରେ ପ୍ରତିଫଳିତ ହୋଇଅଛି । ଚର୍ଚ୍ଚା, ପୃଷ୍ଠପୋଷକତା, ଉଦ୍ୟମ ଓ ସାଧନା ଅଭାବରୁ ଭାରତର ସାଂସ୍କୃତିକ ମାନଚିତ୍ରରେ ଉତ୍କଳ ସାମୟିକ ଭାବରେ ଏକ ଅନୁନ୍ନତ ଅଞ୍ଚଳ

Digitized by srujanika@gmail.com

ହୋଇପାରିଥାଏ; ମାତ୍ର ଉତ୍କଳୀୟର ସଂସ୍କୃତିସାଧନା, ତନେ ସମଗ୍ର ଭାରତକୁ ଧନ୍ୟ କରିଅଛି । ଯଥାର୍ଥରେ କୁହାଯାଇପାରେ, ଉତ୍କଳ ଭାରତୀୟ ସଂସ୍କୃତି ମନ୍ଦିରର ଉଜ୍ଜ୍ୱଳ "କୀର୍ତ୍ତିମୁଖ" ।

ମନ୍ଦିର ନିର୍ମାଣର ଦ୍ରାବିଡ଼-ଶୈଳୀରେ, ଲାଳିତ୍ୟ ଓ ସୌକୁମାର୍ଯ୍ୟ ଅପେକ୍ଷା ଗାମ୍ଭୀର୍ଯ୍ୟ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୋଇଥାଏ । ଦ୍ରାବିଡ଼ ଶୈଳୀର ମନ୍ଦିରମାନଙ୍କର ଭିତ୍ତିଭୂମି ଚତୁଷ୍କୋଣାକାର । ଏହି ଚତୁଷ୍କୋଣାକାର ଭିତ୍ତିଭୂମି ଉପରେ, ମନ୍ଦିରଟି ପ୍ରାଚୀନ ଇଜିପ୍ଟର ପିରାମିଡ୍ ଭଳିରେ ଉପରକୁ ଉଠଯାଇଥାଏ । ଭୁବନେଶ୍ୱରର ବୈତାଳ ମନ୍ଦିର ଏହି ର ଏକ ଉଜ୍ଜ୍ୱଳ ନିଦର୍ଶନ । ମାତ୍ର ନାଗର ଶୈଳୀରେ ଭିତ୍ତିଭୂମିଠାରୁ ମନ୍ଦିରଟି ଶିଖର ଆକାରରେ ଉପରକୁ ଉଠିଯାଏ ।

ଓଡ଼ିଶାର ମନ୍ଦିର ନିର୍ମାଣରେ ନାଗର ଭଳିର ଗୋଲାକାର ଶିଖର ଓ ଦ୍ରାବିଡ଼ ଭଳିର ଋଜୁରେଖ ପୀଢ଼ର ପ୍ରୟୋଗ ସମନ୍ୱିତ ହୋଇଥାଏ । ଓଡ଼ିଶାର ମନ୍ଦିରମାନଙ୍କର ସାଧାରଣତଃ ଦୁଇଗୋଟି ବିଶିଷ୍ଟ ବିଭାଗ ଥାଏ, 'ବିମାନ' ବା ବଡ଼-ଦେଉଳ ଓ 'ଜଗମୋହନ' । ବିମାନର ଅନ୍ୟ ନାମ ଗର୍ଭଗୃହ । ଏଥିରେ ଦେବବିଗ୍ରହ ସ୍ଥାପିତ ହୋଇଥାନ୍ତି । ଜଗମୋହନରେ ଭକ୍ତ ଓ ଦର୍ଶକମାନେ ସମବେତ ହୋଇ ଦେବଦର୍ଶନ କରିଥାନ୍ତି । ଉଭୟ ବିମାନ ଓ ଜଗମୋହନର ଭିତ୍ତିଭୂମି ବର୍ଗାକାର । ମାତ୍ର ବିମାନର ଉପର ଅଂଶ ବକ୍ର-ରେଖ ହୋଇ "କଳଶ" ବା ଚୂଡ଼ା ପର୍ଯ୍ୟନ୍ତ ଉଠିଯାଇଥାଏ । କିନ୍ତୁ ଜଗମୋହନର ଉପରଭାଗ ଦ୍ରାବିଡ଼ ଶୈଳୀର ପୀଢ଼ ବା ପିରାମିଡ୍ ଭଳିରେ ଉପରକୁ ଥାକ ଥାକ ହୋଇ ନିର୍ମିତ ହୋଇଥାଏ ।

ଏହି ମନ୍ଦିରମାନ ପୁଣି ବିଭିନ୍ନ ଅଂଶରେ ବିଭକ୍ତ । ପ୍ରତି ଅଂଶର ନାମ ସ୍ୱତନ୍ତ୍ର । ପ୍ରଥମେ ପିଷ୍ଟ ବା ଭିତ୍ତିଭୂମି । ପିଷ୍ଟ ଉପରେ ମନ୍ଦିରର ବାଡ଼ ଉଠିଥାଏ । ବାଡ଼ ଉପରେ ମନ୍ଦିରର ଗୋଲାକାର ଗଣ୍ଡି ବା ଶିଖର ନିର୍ମିତ ହୋଇଥାଏ । ବାଡ଼ ବା ଶିଖରର ନିମ୍ନ-ଦେଶ ତିନିଭାଗରେ ବିଭକ୍ତ; ଯଥା—ପାଭାଗ, ଜଙ୍ଘ ଓ ବରଣ୍ଡ । ବାଡ଼ ଉପରର ଶିଖର ପୁଣି ବିଭିନ୍ନ ଭାଗରେ ବିଭକ୍ତ ହୋଇଥାଏ । ଶିଖରର ପ୍ରତ୍ୟେକ ବିଭାଗର ନାମ ଭୂମି । ଶିଖର ଉପରେ ମସ୍ତକ ବା ଚୂଡ଼ା । ମସ୍ତକର ପୁଣି ତିନିଗୋଟି ବିଭାଗ ଅଛି, ଯଥା— ବେକି, ଆମଳକଶିଳା ବା ଅଁଳାଖପୁରି ଓ କଳଶ । କଳଶ ଉପରେ, ଧ୍ୱଜ ବା ଆୟୁଧ । ମନ୍ଦିରରେ ପ୍ରତିଷ୍ଠିତ ଦେବତାଙ୍କ ଆୟୁଧ ଅନୁସାରେ କଳଶ ଉପରେ ଧ୍ୱଜ ବା ଆୟୁଧ ନିରୂପିତ ହୋଇଥାଏ । ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ ଚକ୍ର ଥିବାରୁ, ବିଷ୍ଣୁ ମନ୍ଦିରମାନଙ୍କ କଳଶ ଉପରେ ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ ଚକ୍ର ସ୍ଥାପିତ ହୋଇଥାଏ । ସେହିପରି ଶିବମନ୍ଦିରମାନଙ୍କରେ କଳଶ ଉପରେ ଶିବଙ୍କ ଆୟୁଧ ତ୍ରିଶୂଳ ସ୍ଥାପିତ ହୁଏ । ଏହିପରି ଭାବରେ ମନ୍ଦିରର ଭିତ୍ତିଭୂମିଠାରୁ କଳଶ ପର୍ଯ୍ୟନ୍ତ ମନ୍ଦିରର ବିଭିନ୍ନ ଅଂଶ ନାନା ବିଭାଗ ଓ ଉପବିଭାଗରେ ବିଭକ୍ତ । ଆଜକୁ ଏକହଜାର ବର୍ଷରୁ ଊର୍ଦ୍ଧ୍ୱକାଳ ପୂର୍ବେ ସୁଦ୍ଧା, ଓଡ଼ିଶାରେ ନିର୍ମାଣଶୈଳୀରେ ଯେଉଁ ବୈଜ୍ଞାନିକ ଉତ୍କର୍ଷ ପ୍ରକାଶିତ ହୋଇଥିଲା, ତାହା ଭାବିଲେ ଆଜି ବିସ୍ମିତ ହେବାକୁ ପଡ଼େ ।

Digitized by srujanika@gmail.com

କେଶରୀମାନଙ୍କ କାଳରେ ଯେଉଁ ଶତ ଶତ ମନ୍ଦିର ନିର୍ମିତ ହୋଇଥିଲା, ତାହା ନିର୍ମାଣ କରିବା ପାଇଁ କେତେ ସ୍ଥପତି ଓ କାରିଗର ଯେ ନିଯୁକ୍ତ ହୋଇଥିବେ, ତାହା ଆଜି କଳନାର ବାହାରେ । ଏମାନଙ୍କୁ ମନ୍ଦିର ନିର୍ମାଣ ବିଦ୍ୟା ଶିକ୍ଷା ଦେବା ପାଇଁ ସେତେବେଳେ ହୁଏତ କୌଣସି ବିଦ୍ୟାଳୟ ନଥିଲା । ବଂଶପରମ୍ପରା-ଧର ଏକ କୌଳିକ ବିଦ୍ୟାରୂପେ ଏମାନେ ସମ୍ଭବତଃ ସ୍ଥାପତ୍ୟ ଶିକ୍ଷା କରୁଥିଲେ । ଏଥିପାଇଁ ବହୁ ଶିଳ୍ପଶାସ୍ତ୍ର ମଧ୍ୟ ରଚିତ ହୋଇଥିଲା । ଆଜି ସୁଦ୍ଧା ଓଡ଼ିଶାରେ କେଉଁଠି କେଉଁଠି କେଉଁ ମହାରଣା କୁଳରେ ସେ ଶାସ୍ତ୍ରମାନ ତଥାପି ହୁଏତ ତାଳପତ୍ର ପୋଥି ଆକାରରେ ରହିଥିବ ।

ମନ୍ଦିର ନିର୍ମାଣରେ, କେତେକ ସ୍ପଷ୍ଟ ନିୟମ ମଧ୍ୟ ଅନୁସୃତ ହେଉଥିଲା । ଓଡ଼ିଶାର ମନ୍ଦିରମାନ ସାଧାରଣତଃ ପୂର୍ବମୁଖା । ମନ୍ଦିର ମଧ୍ୟରେ ଦେବତାଙ୍କ ଦର୍ଶନ ପାଇଁ ଦର୍ଶକମାନଙ୍କୁ ପଶ୍ଚିମାଭିମୁଖୀ ହେବାପାଇଁ ପଡ଼େ । ମାତ୍ର ଏ ନିୟମ ସବୁ କ୍ଷେତ୍ରରେ ପ୍ରଯୁକ୍ତ ନୁହେଁ । ମୁକ୍ତେଶ୍ୱର ଓ ପରଶୁରାମେଶ୍ୱର ପରି କେତେକ ମନ୍ଦିର ପଶ୍ଚିମମୁଖା ହୋଇ ନିର୍ମିତ ହୋଇଅଛି ।

ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ସମ୍ପର୍କରେ ଜଣେ ଇଂରେଜ ପଣ୍ଡିତ ଫର୍ଗୁସନ "ଭାରତୀୟ ଓ ପ୍ରାଚ୍ୟ ସ୍ଥାପତ୍ୟର ଇତିହାସ" ନାମକ ଗ୍ରନ୍ଥରେ ଲେଖିଥିଲେ······"ଯଦି ଏପରି ଏକ ମନ୍ଦିର ନିର୍ମାଣ ପାଇଁ ଆନୁମାନିକ ଏକ ଲକ୍ଷ ପାଉଣ୍ଡ ବା ଟଙ୍କା ଖର୍ଚ୍ଚ ହେବ, ତାହେଲେ ମନ୍ଦିର ଦେହରେ ଉତ୍କୀର୍ଣ୍ଣ ହୋଇଥିବା ଭାସ୍କର୍ଯ୍ୟ ପାଇଁ ତାହାର ତିନିଗୁଣ ବ୍ୟୟ କରିବା ପାଇଁ ପଡ଼ିବ ।" ପରଶୁରାମେଶ୍ୱର ଓ ମୁକ୍ତେଶ୍ୱର ପରି ମନ୍ଦିରମାନଙ୍କରେ ପ୍ରତି ଇଞ୍ଚ ପରିମିତ ଭୂମି ଯେପରି ସୂକ୍ଷ୍ମ ଭାସ୍କର୍ଯ୍ୟରେ ମଣ୍ଡିତ ହୋଇଅଛି, ତାହା କଳାଜଗତରେ ପରମ ବିସ୍ମୟ । ବିଭିନ୍ନ ଦେବ ଦେବୀ, ନର୍ତ୍ତକ ନର୍ତ୍ତକୀ, ଯକ୍ଷ ଯକ୍ଷୀ, କିନ୍ନର କିନ୍ନରୀ, ପଶୁ ପକ୍ଷୀ ଓ ବୃକ୍ଷ ଲତା ପ୍ରଭୃତିର ଅପୂର୍ବ ରୂପାୟନରେ ଏହି ମନ୍ଦିରମାନ ପ୍ରସ୍ତରୀଭୂତ କାବ୍ୟରେ ପରିଣତ ହୋଇଅଛି । ସେ କାଳେ ଉତ୍କଳରେ ସ୍ଥାପତ୍ୟ ସଙ୍ଗେ ସଙ୍ଗେ ଭାସ୍କର୍ଯ୍ୟରେ ମଧ୍ୟ ଏ ଦେଶର ଶିଳ୍ପୀମାନେ ଯେଉଁ ନିପୁଣତା ଲାଭ କରିଥିଲେ, ତାହା ଏହି ମନ୍ଦିରମାନଙ୍କରୁହିଁ ସୂଚିତହୁଏ ।

ଦେବଦେବୀମାନଙ୍କର ମୂର୍ତ୍ତି ନିର୍ମାଣ, ମନ୍ଦିର ନିର୍ମାଣ ପରି ଏକ ବିଶିଷ୍ଟ ବିଦ୍ୟା ଥିଲା । ମୂର୍ତ୍ତି ନିର୍ମାଣ ପାଇଁ ଶିଳ୍ପୀମାନଙ୍କୁ ଗଠନରେ ଏକ ନିର୍ଦ୍ଦିଷ୍ଟ ରୀତି ଅବଲମ୍ବନ କରିବା ପାଇଁ ପଡ଼ୁଥିଲା । ପ୍ରତି ଦେବ ଦେବୀଙ୍କ ପୂଜା ପାଇଁ ଯେଉଁ ଧ୍ୟାନ ମନ୍ତ୍ର ଥିଲା, ସେହି ଧ୍ୟାନ ମନ୍ତ୍ରର ବର୍ଣ୍ଣନା ଅନୁସାରେ ଏ ମୂର୍ତ୍ତିମାନ ନିର୍ମିତ ହେଉଥିଲା । ଭୁବନେଶ୍ୱରର ଲିଙ୍ଗରାଜ ଓ ରାଜା-ରାଣୀ ପ୍ରଭୃତି ମନ୍ଦିରମାନଙ୍କ ଦେହରେ ଉତ୍କୀର୍ଣ୍ଣ ହୋଇଥିବା ବହୁ ମୂର୍ତ୍ତି ବିଶ୍ୱପ୍ରସିଦ୍ଧି ଲାଭକରିଅଛି ।

Digitized by srujanika@gmail.com

ମାତ୍ର ବିଶ୍ୱର ବିସ୍ମୟ, ଏହି ମନ୍ଦିରମାନ କେଉଁ ରାଜାଙ୍କ ଆଦେଶରେ, କେବେ, କେଉଁ ସ୍ଥପତିଙ୍କ ଦ୍ୱାରା ନିର୍ମିତ ହୋଇଥିଲା, ତାହା ନିର୍ଦ୍ଦିଷ୍ଟ ଭାବରେ ଜାଣିବାର କୌଣସି ଉପାୟ ନାହିଁ । ପରୋକ୍ଷ ପ୍ରମାଣ ଓ ଅନୁମାନଦ୍ୱାରା ତାହାର କଳନା ସମ୍ଭବ ହେଲେହେଁ, ସେଥିପାଇଁ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳେନାହିଁ । ମୃତ୍ୟୁହୀନ ସୌନ୍ଦର୍ଯ୍ୟର ଅପୌରୁଷେୟ ପ୍ରକାଶ ରୂପେ, ଏହି ମନ୍ଦିରମାନ କାଳେ କାଳେ ସ୍ରଷ୍ଟା ଅପେକ୍ଷା ସୃଷ୍ଟିର ମହିମା ଘୋଷଣା କରୁଅଛନ୍ତି ।

[ଉତ୍କଳ ଯୁଗେ ଯୁଗେ]

Digitized by srujanika@gmail.com

ଜନ୍ମଭୂମି

କାହାକୁ ମୋର ଜନ୍ମଭୂମି ବୋଲି କହିବି—ଏହି ବିଶାଳ ପୃଥିବୀ, ବିଶାଳ ଏସିଆ ମହାଦେଶ, ବିଶାଳ ଭାରତବର୍ଷ, ଓଡ଼ିଶା ଦେଶ ବା ମୋର ଜନ୍ମସ୍ଥାନ ପଲ୍ଲୀଗ୍ରାମ ? ଏମାନଙ୍କ ମଧ୍ୟରୁ କେହି କାହାଠାରୁ ବିଚ୍ଛିନ୍ନ ହୋଇନଥିବାରୁ ବ୍ୟାପକ ଅର୍ଥରେ ଏ ସମସ୍ତ ମୋର ଜନ୍ମଭୂମି ହେଲେହେଁ ମାତୃଗର୍ଭରୁ ପଡ଼ି ଯେଉଁଠାରେ ପ୍ରଥମେ ଭୂମି ସ୍ପର୍ଶକଲି—ଯେଉଁଠାରେ ରୂପ, ରସ, ଗନ୍ଧ, ସ୍ପର୍ଶର ପ୍ରଥମ ପରିଚୟ ପାଇଲି—ବିଷମ ବିପାକ ବେଳେ ଯେ ଅଞ୍ଚଳ ଫଳ, ପୁଷ୍ପ, ଶାକ, ତଣ୍ଡୁଳ ଢାଳିଦେଇ ଶିଶୁପ୍ରାଣକୁ ପରିପୁଷ୍ଟକଲା, ସେହି ପଲ୍ଲୀ ହିଁ ମୋର ଜନ୍ମଭୂମି; ସେହି ମୋର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ । ଆୟୁସୂର୍ଯ୍ୟ ଯେତେ ବେଶୀ ଗଡ଼ିଗଲାଣି, ତା ସହିତ ମୋର ସମ୍ବନ୍ଧ ସେତେ ବେଶୀ ଘନିଷ୍ଠ ହେବାର କଥା; କିନ୍ତୁ ଏ ସମ୍ବନ୍ଧ ଦିନକୁ ଦିନ କ୍ଷୀଣ ହୋଇ ଯେପରି କି ଲୀନ ହେବାକୁ ବସିଛି । ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସିଗଲିଣି । ମୋର ଜନ୍ମଭୂମିକୁ ଫେରିଯିବାପାଇଁ ନୈତିକ ସାହସ ନାହିଁ । ଏହା ଭିତରେ ମୋର ପୁନର୍ଜନ୍ମ ଘଟିଯାଇଛି । ଆଜି ମୁଁ ତାର ରୂପକୁ କାଚସ୍ତୂର ପରି ଖାଲି ସ୍ମରଣକରେ । ରାଶି ରାଶି ଶାଳତରୁ ମଧ୍ୟରେ ତଟିନୀ-ବେଷ୍ଟିତ ଭକ୍ତି-କୀର୍ତ୍ତି-କରିଷ୍ଠିନୀ ମୋର ଜନ୍ମଭୂମି ମୋ ଆଖି ଆଗରେ ଭାସିଯାଏ; କିନ୍ତୁ ତାର କୋଳକୁ ଫେରିଯିବା ପାଇଁ ମୋର ସାହସ ହୁଏ ନାହିଁ ।

ଏହା ବ୍ୟକ୍ତିଗତ ସମସ୍ୟା ନୁହେଁ; ଏହା ସମଗ୍ର ଶିକ୍ଷିତ ସମାଜର ସମସ୍ୟା । ଧର୍ମାନ୍ତର ଗ୍ରହଣ କଲା ପରେ ବହୁ ଧର୍ମାନ୍ତରର ଦୀକ୍ଷିତ ବ୍ୟକ୍ତି ଯେପରି ଧର୍ମ ପାଖରେ ସମସ୍ତ ମାନବିକତାକୁ ଉତ୍ସର୍ଗ କରି ସେମାନଙ୍କ ନାମ, ପଦବୀ, ଭାଷା, ଆହାର, ବ୍ୟବହାର, ବେଶଭୂଷା ଇତ୍ୟାଦି ସମସ୍ତ ବଦଳାଇଦିଅନ୍ତି ଓ ଶେଷବେଳକୁ ଜାତୀୟତା ଭୁଲି ଯେପରି ନିଜ ଜନ୍ମଭୂମିକୁ ସୁଦ୍ଧା ଅସ୍ୱୀକାର କରନ୍ତି, ଠିକ୍ ସେହିପରି ସଂଖ୍ୟାଗତ ଶିକ୍ଷିତ ବ୍ୟକ୍ତି ପ୍ରଚଳିତ ଶିକ୍ଷା ପାଖରେ ସେମାନଙ୍କର ସମସ୍ତ ମାନବିକତାକୁ ଉତ୍ସର୍ଗ କରି ଶେଷବେଳକୁ ନିଜର ଜନ୍ମଭୂମିକୁ ସୁଦ୍ଧା ପାଶୋରିପକାନ୍ତି । ଶିକ୍ଷା ସମାପନ ସଙ୍ଗେ ସଙ୍ଗେ ସେମାନଙ୍କର ଏକ ପ୍ରକାର ପୁନର୍ଜନ୍ମ ଘଟିଯାଏ ।

ପଲ୍ଲୀଗ୍ରାମକୁ ଫେରିଯାଇ ଜୀବିକାର୍ଜନ କରିବା ଦୂରେଥାଉ, ସେଠାରେ କିଛି କାଳ ଅବସ୍ଥାନ କରିବା ମଧ୍ୟ ସମ୍ଭବପର ହୁଏ ନାହିଁ । ଏଣୁ ଥରେ ଥରେ ଭାବେ—ଗ୍ରାମକୁ ଯାଇ

Digitized by srujanika@gmail.com

କଣ କରିବ ? ଯଦି ଗ୍ରାମର ଉନ୍ନତିକର କାର୍ଯ୍ୟ ପାଇଁ ଯଥାସାଧ୍ୟ ଅର୍ଥ ଦାନ ହିଁ ମୋର ଏକମାତ୍ର ଅବଶେଷ କର୍ତ୍ତବ୍ୟ, ଗ୍ରାମକୁ ନଯାଇ ମଧ୍ୟ ତାହା କରାଯାଇପାରେ । ଜନ୍ମଭୂମି ସହିତ ମୋର ଆଉ କି ପ୍ରକାର ସମ୍ବନ୍ଧ ଅଛି ?

ବହୁ ବାଦ ବିସମ୍ବାଦ ସତ୍ତ୍ୱେ ପଲ୍ଲୀ ଗ୍ରାମର ନରନାରୀଙ୍କ ମଧ୍ୟରେ ଜାତି-ଧର୍ମ ନିର୍ବିଶେଷରେ ଗୋଟାଏ ଏକପରିବାରତ୍ୱର ପରମ୍ପରା ଗଢ଼ିଉଠିଥାଏ । କେହି ଭାଇ, କେହି ଭଉଣୀ, କେହି କକା, କେହି ଖୁଡ଼ୀ ଇତ୍ୟାଦି ଭାବରେ ସମସ୍ତ ଗ୍ରାମବାସୀ ପରସ୍ପର ମଧ୍ୟରେ ପରିଚିତ ହୋଇଥାନ୍ତି । ମୋ ଜନ୍ମଭୂମି ସହିତ ଏ ମଧୁର ସମ୍ବନ୍ଧ ମୋର ଆଉ ନାହିଁ । ମୋ ମଝି-ଯାକର ଭାଇ ଭଉଣୀ, କକା ଖୁଡ଼ୀ, ମାମୁଁ ମାଈଁ, ମଉସା ମାଉସୀ ଇତ୍ୟାଦି ସବୁ ପର ହୋଇଗଲେଣି । ଚେଷ୍ଟା କଲେ ମଧ୍ୟ ଏ ମଧୁର ସମ୍ବନ୍ଧ ଆଉ ଫେରି ପାଇବା ସମ୍ଭବ ନୁହେଁ । ଗ୍ରାମ ମୁଣ୍ଡରେ 'ସାର' ମାଉସୀ ତାର ଗ୍ରେଟ ପିଣ୍ଡାଟିରେ ବହୁ ବର୍ଷ ଧରି ପ୍ରସ୍ତର ମୂର୍ତ୍ତିଟି ପରି ବସିଆସିଛି, ଆଜି ମଧ୍ୟ ବସିଥାଏ । ଆଗେ ଦେଖିବା ମାତ୍ରେ ପଚାରୁଥିଲା, "କେବେ ଆସିଲୁ ବାପା ?" ଆଜିକାଲି କହୁଛି—"କେବେ ଆସିଲ ବାବୁ ?" ଗ୍ରାମର ମଝିରେ ଗୋବିନ୍ଦ ଭାଇର କ୍ଷୁଦ୍ର କୁଟୀର । ଆଜୀବନ ଅକର୍ମା ଓ ଅବିବାହିତ ରହି ସେ ତାର ଏହି କ୍ଷୁଦ୍ର କୁଟୀରକୁ ଦୁର୍ଗ କରି ସମଗ୍ର ବିଶ୍ୱ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିଆସିଛି । ଆଗେ ଦେଖା-ହେଲେ ବହୁ ମାନ ସହିତ ସେ ମୋତେ ତାର କୁଟୀରରେ ବସାଇ ମନବୋଧ ଚଉତିଶାର ବ୍ୟାଖ୍ୟା କରୁଥିଲା । ଆଜି ମୁଁ ଶତଚେଷ୍ଟା କଲେ ମଧ୍ୟ ତାର ପୂର୍ବ ପ୍ରତ୍ୟୟ ଆଉ ଫେରି ପାଏ ନାହିଁ । ଗ୍ରାମଟିଯାକ ନବାଗତ ଅତିଥିରେ ପରିପୂର୍ଣ୍ଣ ହୋଇଗଲେଣି । ଯେଉଁ ଆଡ଼କୁ ଚାହିଁଲେ ଶୀର୍ଣ୍ଣ, ମଳିନ, ଉଲଗ୍ନ, କୃଶୋଦର, ଲମ୍ବୋଦର, ଅବାଞ୍ଛିତ, ଅବହେଳିତ ଶିଶୁମାନଙ୍କ ସମାବେଶ ଦେଖାଯାଏ ।

ଏମାନଙ୍କ ମଧ୍ୟରୁ କେହି ମୁଁଛା ମୋତେ ଜାଣନ୍ତି ନାହିଁ । କେବେ କେବେ ଦେଖାହେଲେ ଆଫ୍ରିକାରୁ ନବାଗତ ଜେବ୍ରା ବା ଜିରାଫ ଚାହିଁରହିଲା ପରି ସେମାନେ ମୋତେ ଖାଲି ଚାହିଁରହନ୍ତି । ଗ୍ରାମବାସୀମାନଙ୍କ ମଧ୍ୟରୁ ଯେଉଁ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ନବଯୁବକମାନେ ଚାକିରି ନ ପାଇ ଜନ୍ମଭୂମି ଛାଡ଼ିନାହାନ୍ତି, ସେମାନେ ରାଜନୀତିରେ ଆଶ୍ରୟ ନେଇଅଛନ୍ତି । ଏମାନଙ୍କ ମଧ୍ୟରୁ କେହି କଂଗ୍ରେସୀ, କେହି ଗଣତନ୍ତ୍ରୀ, କେହି କମ୍ୟୁନିଷ୍ଟ ଓ କେହି ସୋସିଆଲିଷ୍ଟ । ଯଦି କେହି ଏହି ରାଜନୈତିକ ମତବାଦ ମଧ୍ୟରୁ କୌଣସିଟିର ଅନ୍ତର୍ଭୁକ୍ତ ନୁହେଁ, ତାହାହେଲେ ସେ ଏମାନଙ୍କ ମଧ୍ୟରେ ମୁଁଛା ଅନ୍ତର୍ଭୁକ୍ତ ନୁହେଁ । ଅନ୍ୟ କଥା ଦୂରେଥାଉ, ଏମାନଙ୍କ ସହିତ ପଲ୍ଲୀ ପ୍ରକୃତିର ଶୋଭା ଉପଭୋଗ କରିବା କିମ୍ବା ସାହିତ୍ୟ ଚର୍ଚ୍ଚା କରିବା ମଧ୍ୟ ସମ୍ଭବପର ନୁହେଁ । ରାଜନୈତିକ ମତବାଦ ଅନୁସାରେ ଏମାନଙ୍କ ମାନସିକ ପରିବର୍ତ୍ତନ ମଧ୍ୟ ଘଟିଯାଇଛି । ଏମାନେ ପୁଷ୍ପିତ ପଳାଶ ବନରେ ଦେଖନ୍ତି ବିଦ୍ରୋହର ବହ୍ନି, ସ୍ଥଳପଦ୍ମରେ ଦେଖନ୍ତି ଆହବର ରକ୍ତ ଓ ଆନତ କୃଷ୍ଣଚୂଡ଼ାରେ ଦେଖନ୍ତି ଅନାଗତ ଯୁଗର ରକ୍ତକେତନ । ଏଣୁ ଏମାନଙ୍କ ମନ ସହିତ ଗତି କରି ଚାଲିବା ସମ୍ଭବ ହୁଏନାହିଁ ।

Digitized by srujanika@gmail.com

ଏହିପରି ସବୁ ଶ୍ରେଣୀର ଗ୍ରାମବାସୀଙ୍କ ମନରେ ମୋର ଆଉ ସ୍ଥାନ ନାହିଁ । ଏମାନଙ୍କ କର୍ମଯୋଜନାରେ ମଧ୍ୟ ସ୍ଥାନ ପାଇବା ସମ୍ଭବ ନୁହେଁ । ସ୍ୱାର୍ଥର ବିଭେଦ ସତ୍ତ୍ୱେ କର୍ମ ଓ କ୍ଳେଶ ମଧ୍ୟରେ ଗ୍ରାମବାସୀମାନଙ୍କ ଭିତରେ ଅନ୍ୟ ଏକପ୍ରକାର ଏକପରିବାରତ୍ୱର ଭାବ ଆପେ ଆପେ ଜାତହୋଇଥାଏ । ନିଦାଘର ବିରାଟ ଝାଞ୍ଜିରେ ଲଙ୍ଗଳ ମୁନରେ ଧରଣୀର ବକ୍ଷ ଚିରି ଏମାନେ ସମସ୍ତେ ନୂଆ ମେଘକୁ ଗୁହାରିରହନ୍ତି । ଜ୍ୟେଷ୍ଠର ଶେଷ ବେଳକୁ ସ୍ତୂପୀକୃତ ମେଘ ଘନ-ଶ୍ୟାମ ଗିରିରାଜର ମସ୍ତକରୁ ଧୀରେ ଧୀରେ ଅଗଣିତ ଶାଳତରୁ ଉପରକୁ ଆନତ ହୋଇଆସେ ଓ ଗର୍ଜନ ତର୍ଜନରେ ଦିଗନ୍ତ କମ୍ପାଇ ବାରିପାତରେ ପଲ୍ଲୀ ଭୂମିକୁ ସିକ୍ତ କରିଯାଏ । ସିକ୍ତ ଭୂମିର ସୁଗନ୍ଧ ଓ ବନ୍ୟଯୂଥିର ପରିମଳରେ ରଜପର୍ବର ଆରମ୍ଭ ହୁଏ । ଉଦ୍‌ବେଳ ମନରେ ଗ୍ରାମବାସୀମାନେ ଦୋଳଖେଳରେ ରତ ହୋଇପଡ଼ନ୍ତି । ମହାସମାରୋହରେ ରଜପର୍ବ ଶେଷ ହେବା ପରେ ନିଷ୍ଠୁର ବାସ୍ତବତା ଆସି ପଡ଼େ । କ୍ଳାନ୍ତ, ସିକ୍ତ ଓ ଧାରାହତ ଶ୍ରମଜୀବୀମାନଙ୍କ ସମବେତ ଯତ୍ନରେ ଧରଣୀ ଶସ୍ୟଶ୍ୟାମଳା ହୋଇଉଠେ ଓ ହେମନ୍ତରେ ସ୍ୱର୍ଣ୍ଣ-ଶୀର୍ଷ ଧାନ୍ୟରେ ଗ୍ରାମଭୂମି ପୂର୍ଣ୍ଣହୋଇଯାଏ । ଗ୍ରାମର ଏହି ଯେ ଶୃଙ୍ଖଳିତ କର୍ମଯୋଜନା ଅଛି, ସେଥିମଧ୍ୟରେ ମୋର ସ୍ଥାନ ନାହିଁ । ଗ୍ରୀଷ୍ମର ଝାଞ୍ଜିରେ, ବର୍ଷାର ଝଡ଼ରେ ବା ହେମନ୍ତର ଶୀତରେ ଏହି କର୍ମ-ଯୋଜନାର କୌଣସି ସ୍ଥାନରେ ଅଂଶ ନେବା ପାଇଁ ମୋର ଭୌତିକ ଶକ୍ତିର ଅଭାବ ନ ଥିଲେ ମଧ୍ୟ, ନୈତିକ ଶକ୍ତିର ଅଭାବ ରହିଛି । ଏଣୁ ମୁଁ ମୋର ଜନ୍ମଭୂମିର ଖାଲି ମନରୁ ନୁହେଁ, କର୍ମରୁ ମଧ୍ୟ ବିଚ୍ୟୁତ ହୋଇପଡ଼ିଛି ।

ମନୁଷ୍ୟକୁ ସବୁବେଳେ ଯୁକ୍ତିବାଦୀ ଜୀବ ବୋଲି କହିବା ଠିକ୍ ନୁହେ; ସେ ବହୁ ପରିମାଣରେ ଗତାନୁଗତିକତାର ଦାସ । ଆଭିଜାତ୍ୟର ଚିହ୍ନ ବୋଲି ବିବେଚିତ ହେଲେ, ସେ ଅଜାଗଳ ସ୍ତନ ପରି ନିରର୍ଥକ ନେକ୍‌ଟାଇକୁ ମଧ୍ୟ ଛାଡ଼େ ନାହିଁ । କାୟ-କ୍ଳେଶ ନ ସହିବା ଯଦି ଆଭିଜାତ୍ୟର ଚିହ୍ନ, ତାହାହେଲେ ଏପରି ଅର୍ଥପୂର୍ଣ୍ଣ ଆଭିଜାତ୍ୟର ଚିହ୍ନକୁ କିଏ ବା କାହିଁକି ଛାଡ଼ିବ ? ସମସ୍ତ ଶିକ୍ଷିତ କାୟ-କ୍ଳେଶ ସହିବାକୁ ଅକ୍ଷମ ନୁହନ୍ତି; କିନ୍ତୁ ସମସ୍ତ ଶିକ୍ଷିତ ଅଭିଜାତ ଶ୍ରେଣୀର ଅନ୍ତର୍ଭୁକ୍ତ । ଆଭିଜାତ୍ୟ ଛାଡ଼ିବା ସମ୍ଭବ ନୁହେ, ଏଣୁ ଶାରୀରିକ ଶ୍ରମ ଛାଡ଼ିବା ହିଁ ସମ୍ଭବ ହୋଇଥାଏ । ତା ଛଡ଼ା କୌଣସି ବ୍ୟକ୍ତିର ଦୈନିକ ଆୟ ପାଞ୍ଚଅଣା ବା ପଚିଶ ଲକ୍ଷ ଟଙ୍କା ହୋଇପାରେ, ସେଥିପାଇଁ ଆଇନର ବାଧା ନାହିଁ, କିମ୍ବା ଧର୍ମ ବା ସମାଜର ନିନ୍ଦା ନାହିଁ । ବରଞ୍ଚ ମାନବର ସମସ୍ତ ନୀତିକୁ ପଦରେ ଦଳିଦେଇ, ଊର୍ଦ୍ଧ୍ୱଶ୍ୱାସରେ ଧାଇଁ, ଯେ ଯେତେ ବେଶୀ ଏହି ଦୀର୍ଘ ବ୍ୟବଧାନକୁ କମ୍ କରିପାରେ, ସେ ସେତେ ବେଶୀ ଜୀବନ-ଯୁଦ୍ଧର ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ, ସେତେ ବେଶୀ ଆଦର ଓ ପ୍ରଶଂସାର ପାତ୍ର ହୁଏ । ଅଭିଜାତ ଶ୍ରେଣୀର ଅନ୍ତର୍ଭୁକ୍ତ ନ ହୋଇ ଖାଲି ଶାରୀରିକ ଶ୍ରମରେ ଏହି ଦୀର୍ଘ ବ୍ୟବଧାନକୁ କିଛିଲ୍ ମାତ୍ର କମ୍ କରିବା ମଧ୍ୟ ସମ୍ଭବ ନୁହେ ।

ଏହି ସବୁ କାରଣରୁ ବହୁ ପଲ୍ଲୀ-ଜନନୀ ଆଜି ସେମାନଙ୍କ ଶିକ୍ଷିତ ସନ୍ତାନଙ୍କୁ ହରାଇ ବସିଛନ୍ତି । ଅର୍ଥ ବଳରେ ହେଉ, ଭାଗ୍ୟବଳରେ ହେଉ ବା ଅଧ୍ୟବସାୟ ବଳରେ

Digitized by srujanika@gmail.com

ହେଉ, ଯେଉଁମାନେ ଶିକ୍ଷିତରୂପେ ଉଦୀୟମାନ ହୁଅନ୍ତି, ସେମାନଙ୍କ ସମ୍ବନ୍ଧରେ ପଲ୍ଲୀଗ୍ରାମରେ ବହୁ କଳ୍ପନା ଜଳ୍ପନା ଚାଲେ । ବିଦ୍ୟାର୍ଥୀ ଜୀବନରେ ସେମାନେ ପିତାମାତାଙ୍କ ଆଶା ଭରସାର ସ୍ଥଳ ହୋଇ, ଗ୍ରାମ ବୃଦ୍ଧମାନଙ୍କ ପ୍ରଶଂସାର ଦୃଷ୍ଟାନ୍ତ ହୋଇ ଓ କୁମାରୀମାନଙ୍କ ଅପାଙ୍ଗର କେନ୍ଦ୍ର ହୋଇ, ଗ୍ରାମଭୂମି ମଣ୍ଡନ କରିଥାନ୍ତି । କିନ୍ତୁ ସମୟ ଆସେ, ଯେତେବେଳେ କି ଗ୍ରାମବାସୀମାନେ ସେମାନଙ୍କୁ ଦେଖିବାର ସୁଦ୍ଧା ସୁବିଧା ପାଆନ୍ତିନାହିଁ । କୃଷ୍ଣ ରଥନନ୍ଦନଙ୍କୁ କଣ୍ଢ କରି ମଥୁରାକୁ ଚିରଦିନ ପାଇଁ ଚାଲିଗଲା ପରି, ସେମାନେ ସବୁଦିନ ପାଇଁ ଗ୍ରାମଭୂମି ଛାଡ଼ି ଚାଲିଆସନ୍ତି, କିନ୍ତୁ କେହି ଭାବନ୍ତି ନାହିଁ ଯେ, ଏହି ଅନୈତିକତା ବା ବିଶ୍ୱାସଘାତକତା କୃଷ୍ଣଙ୍କପରି ମହାପୁରୁଷମାନଙ୍କୁ ସୁଦ୍ଧା ପାରି ପାଇନଥିଲା । ନନ୍ଦ, ଯଶୋଦା ଓ ଗୋପୀ-ଗୋପାଳଙ୍କ ଅସୀମ ସ୍ନେହରେ ପରିପାଳିତ ହୋଇ ଶେଷବେଳକୁ ପ୍ରବଞ୍ଚନା କରି କୃଷ୍ଣ ଗୋପପୁର ଛାଡ଼ିଆସିଲେ । ନନ୍ଦ ଯଶୋଦାଙ୍କ ଚକ୍ଷୁ ଅନ୍ଧୀଭୂତ ହୋଇଗଲା, ପ୍ରେମମୟୀ ରାଧା ଶଶିକଳା ପରି ଦୀନା ଓ କ୍ଷୀଣା ହୋଇଗଲେ; କିନ୍ତୁ କୃଷ୍ଣ ଆଉ ଫେରିଲେ ନାହିଁ । ମହାଭାରତର ମହାସମରକୁ ଅଙ୍ଗୁଳି ନିର୍ଦ୍ଦେଶରେ ଚଲାଇ, ମଥୁରାଠାରୁ ଦ୍ୱାରକା ପର୍ଯ୍ୟନ୍ତ ଦୀର୍ଘ ପଥ ଅତିକ୍ରମ କରି, ସେ ବିପୁଳ ରାଜ୍ୟ, ଅପରିସୀମ ବିଭବ, ଅଭ୍ରଙ୍କଷ ପ୍ରାସାଦ, ଅଷ୍ଟପାଟବଂଶୀ ଓ ଅଗଣିତ ପୁତ୍ର କନ୍ୟାର ଅଧିକାରୀ ହୋଇ ଦ୍ୱାରକାରେ ବସିଗଲେ । କିନ୍ତୁ ପରିଣାମ କଣ ଭଲହେଲା ? କୃଷ୍ଣଙ୍କର ଅଭ୍ରଙ୍କଷ ପ୍ରାସାଦ ଅତଳ ଜଳଧି ତଳରେ ନିମଗ୍ନ ହୋଇଗଲା, ଆଉ ତାଙ୍କ ନବସଂସାରର ମଦ୍ୟପ ବଂଶଗୋଷ୍ଠୀ ଓ ସାଙ୍ଗସାଥୀ ମଧ୍ୟ ପ୍ରଭାସ ତୀର୍ଥର ଏରକାର ବନରେ ପରସ୍ପରକୁ ହାଣି ଧ୍ୱଂସ ହୋଇଗଲେ । ରାଜ୍ୟହୀନ, ବନ୍ଧୁହୀନ, ଧନହୀନ ଓ ପୁତ୍ର-କନ୍ୟାହୀନ ହୋଇ ଶେଷବେଳକୁ ମହାଭାରତର କର୍ଣ୍ଣଧାର ନିବିଡ଼ ଅରଣ୍ୟର ଲତିକା-ଦୋଳାରେ ଅବଶ ଅଙ୍ଗକୁ ଢାଳିଦେଲେ । କିନ୍ତୁ ଶେଷରେ ସୁଦ୍ଧା ଶାନ୍ତିରେ ରହି ପାରିଲେ ନାହିଁ । ଅଳ୍ପ କ୍ଷଣ ପରେ ତାଙ୍କର ଦୋଳାୟମାନ ପଦପଲ୍ଲବରେ ଅଭିଶାପ ପରି ନିଷ୍ଠୁର ଲୌହ-ଶରଟିଏ ଆସି ପଡ଼ିଲା । ଏହା ମଧ୍ୟ ତାଙ୍କର କୃତକର୍ମର ପରିଣାମ । ଯେଉଁ ପାଦ ଗୋପପୁରରେ ଗୋ-ଚାରଣ ଦ୍ୱାରା ଚର୍ମପାଦୁକାପରି କଠିନ ହୋଇଥିଲା, ତାହା ଦ୍ୱାରକାର ରାଜଭୋଗରେ ନବପଲ୍ଲବପରି ରକ୍ତାଭ ହୋଇପଡ଼ିଲା । ଏଣୁ ନିର୍ବୋଧ ବ୍ୟାଧ ମନରେ ଯେ ତାହା ହରିଣ କର୍ଣ୍ଣର ଭ୍ରମ ଆଣିଦେବ, ଏଥିରେ ବିଚିତ୍ରତା ବା କଣ ଥିଲା ?

ଏହି ପୁରାତନୀ ଗାଥାରେ ସତ୍ୟ ରହିଛି । ଏଣୁ ବହୁ ଶତାବ୍ଦୀର ବିସ୍ମୃତି ଭେଦ କରି ତାହା ଆଜି ଆମ୍ଭମାନଙ୍କ ପାଖରେ ପହଞ୍ଚିପାରିଛି । କୃଷ୍ଣଙ୍କ ନବରାଜ୍ୟର ଅଭ୍ରଙ୍କଷ ପ୍ରାସାଦ ଆଉ ନାହିଁ; କିନ୍ତୁ ତାଙ୍କ ମାତୃଭୂମିର ଗୋପ, ବୃନ୍ଦାବନ, ଯମୁନା, ଗୋପୀ ଗୋପାଳ ଇତ୍ୟାଦି ସବୁ ପୂର୍ବ ପରି ରହିଛନ୍ତି । ପୂର୍ବପରି ଆଜି ମଧ୍ୟ ଯମୁନା ବହିଚାଲିଛି, ବୃନ୍ଦାବନର ପୁଷ୍ପିତ କଦମ୍ବରେ ଆଜି ମଧ୍ୟ ମୟୂରର ଉଦ୍ଦାମ ନୃତ୍ୟ ଦେଖାଯାଏ ଓ ଆଜି ମଧ୍ୟ ଦୂର ବଂଶୀସ୍ୱନରେ ଅନୂଢ଼ା ଗୋପକନ୍ୟାର ମନ ଅହେତୁକ ଓ ଅନାହୂତ ବ୍ୟଥାରେ ଭାରାକ୍ରାନ୍ତ

Digitized by srujanika@gmail.com

ହୋଇଉଠେ । କୃଷ୍ଣଙ୍କର ଏହି ଅମରଗାଥାରୁ ବହୁ କଥା ଶିଖିବାର ଅଛି । ଏହା ସତ୍ୟ ଯେ, ଭାରତୀୟ ଅର୍ଥନୈତିକ ପରିବେଷ୍ଟନୀରେ ପାଶ୍ଚାତ୍ୟ ଶିକ୍ଷା ପଦ୍ଧତିକୁ ଯୋଗଦିଆହୋଇଛି । ଏଣୁ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତମାନେ 'ଯେ' ପାଶ୍ଚାତ୍ୟ 'ଜୀବନ ଧାରଣର ମାନ ଅନୁସରଣ କରିବେ, ଏହା ନିଶ୍ଚିତ କଥା । ତଥାପି ବହୁ ସହସ୍ର ଶିକ୍ଷିତ ମଧ୍ୟରୁ ଯେଉଁମାନେ ସେମାନଙ୍କ ମହାନୁଭବତାର ପରିଧିକୁ ପଲ୍ଲୀଗ୍ରାମରୁ ପ୍ରଥମେ ଆରମ୍ଭ କରି ବିଶ୍ୱ ପର୍ଯ୍ୟନ୍ତ ବ୍ୟାପ୍ତ କରି ପାରିଛନ୍ତି, ସେହିମାନେ ହିଁ ଆମ୍ଭମାନଙ୍କର ନମସ୍ୟ । କିନ୍ତୁ ଏହି ସ୍ୱାଭାବିକ ପନ୍ଥା ଛାଡ଼ି ଯେଉଁମାନେ ଗ୍ରୀସୀୟ ଦେବତା ଏଟ୍‌ଲସ୍ ପରି ସମସ୍ତ ବିଶ୍ୱର ଭାର ବହନ କରିଛନ୍ତି ବୋଲି କୁବ୍ଜ ହୋଇ ଚାଲନ୍ତି, ସେମାନେ ଖାଲି ପ୍ରବଞ୍ଚନା କରିଥାନ୍ତି । ଯେ ଭଲ ଗ୍ରାମବାସୀ ନୁହେଁ, ସେ ଭଲ ଓଡ଼ିଶାବାସୀ ନୁହେଁ; ଯେ ଭଲ ଓଡ଼ିଶାବାସୀ ନୁହେଁ, ସେ ଭାରତବାସୀ ନୁହେଁ ଓ ଯେ ଭଲ ଭାରତବାସୀ ନୁହେଁ ସେ ଭଲ ବିଶ୍ୱବାସୀ ହୋଇ ନ ପାରେ । ଯେଉଁମାନେ ପାଶ୍ଚାତ୍ୟ ଶିକ୍ଷାର ସମସ୍ତ ନିଗଡ ଛିନ୍ନ କରି ସେମାନଙ୍କ ମହାନୁଭବତାର ପରିଧିକୁ ପ୍ରଥମେ ପଲ୍ଲୀରୁ ଆରମ୍ଭ କରି ସମଗ୍ର ଓଡ଼ିଶା ଓ ଭାରତବର୍ଷକୁ ବ୍ୟାପ୍ତ କରିପାରନ୍ତି, ସେମାନେ ଆମ୍ଭମାନଙ୍କର ନମସ୍ୟ ହୁଅନ୍ତି ।

Digitized by srujanika@gmail.com

ତରଙ୍ଗ ଓ ତଡ଼ିତ୍

କଟକରୁ ଆଗ୍ରା—ରେଳଗାଡ଼ିରେ ଦୀର୍ଘ ଦୁଇଦିନର ବାଟ । ମୁଁ ଏଥର ବାପା ବୋଉଙ୍କ ସାଙ୍ଗରେ ଧରି ଓଡ଼ିଶାରୁ ଆସୁଥିଲି । କଲିକତା ପର୍ଯ୍ୟନ୍ତ ସେମାନଙ୍କ ସବୁ ଆପଣା ଘର ପରି ଲାଗିଲା । ସେଇ ଧାନବିଲ, ସେଇ ନଡ଼ିଆଗଛ ଆଉ ବାଉଁଶବଣ, ସେଇ ଦଳ ପୋଖରି ଆଉ ମେଞ୍ଚା ମେଞ୍ଚା ହୋଇ ଦେଖାଯାଉଥିବା ଚାଳଘର—ଆମ ଗାଆଁ ବାଗଲ-ପୁରରେ ଯେମିତି, କଲିକତାଯାଏ ମଧ୍ୟ ଠିକ୍ ସେମିତି । କିନ୍ତୁ କଲିକତାଠାରୁ ଅନ୍ୟ ଗାଡ଼ି ଚଢ଼ିବା ପରେ ତହିଁ ଆରଦିନ ଯେତେବେଳେ ସକାଳ ହେଲା, ସେତେବେଳେ ବାପା ଦୁଇ ପାଖକୁ ଅନାଇଦେଇ କହିଲେ, 'ଇଏତ ଜମାରୁ ଆମ ଓଡ଼ିଶା ପରି ଜଣାଯାଉନାହିଁ !' ଯହୁଁ ଯହୁଁ ଆମେ ଅଧିକ ପଶ୍ଚିମକୁ ଆସିଲୁ, ତହୁଁ ତହୁଁ ସବୁକଥା ଅଧିକ ବଦଳିଯିବାକୁ ଲାଗିଲା । ଏଣେ ପୁରୀରେ ରଥଯାତ୍ରା ପରି ବାହୁଡ଼ା ଗଲାଣି, କିନ୍ତୁ ଏଠୁ ଅଣସର ଗୁଳୁଗୁଳି ଯାଇନାହିଁ । ଦିନଯାକ ଆକାଶଟା ସାରା ମେଘ ଘୋଡ଼ାଇ ରହୁଚି, କିନ୍ତୁ ମେଘର ନାଆ ନାହିଁ । ଭଲ ଦେଶ ଏ ! ବୋଉ କହିଲା, 'ତୀର୍ଥ ଦେଖିବାକୁ ସିନା ଏହି ଦେଶକୁ ଆସିବା ଲାଗି ମନ ବଳାଇବା କଥା, ନ ହେଲେ ଏଣେ କାହିଁକି କିଏ ଆସନ୍ତା ?' ହଁ, ଦେଶଦେଶକେ ପାଣିରେ ଫରକ, ମଣିଷର ଫରକ, ମଣିଷଙ୍କର ବେଶଭୂଷା, ରୀତିନୀତି, ଚାହାଣି ଆଉ ଚଳଣିରେ ଫରକ । ପୁଣି ଯେଉଁମାନଙ୍କର ଜୀବନଟା ଗୋଟିଏ ଗାଆଁ ବା ଗୋଟିଏ ଭାଷା ମଧ୍ୟରେ ସୀମାବଦ୍ଧ ହୋଇ ରହେ, ସେମାନେ ଗୋଟାଏ ଅଞ୍ଚଳକୁ ଦେଶ ବୋଲି ଭାବିବା ଆଦୌ ବିଚିତ୍ର ନୁହେଁ । କାରଣ ଏଠି ଆଗ୍ରାରେ ଓଡ଼ିଆ ଭାଷା କହିଲେ କେହି ବୁଝନ୍ତି ନାହିଁ । ଏଠାରେ ଅନ୍ୟ ପ୍ରକାରେ ଲୁଗା ପିନ୍ଧନ୍ତି, ଅନ୍ୟ ପ୍ରକାରେ ଖାଆନ୍ତି, ବସ ବାସ କରନ୍ତି, ଇତ୍ୟାଦି ଇତ୍ୟାଦି । ଅବସ୍ଥା ସହିତ ଆପଣାକୁ ଖାପଖୁଆଇ ନ ପାରିଲେ ଏପରି ହୁଏ, ଆପଣାର ଅଭ୍ୟସ୍ତ ଜୀବନଠାରୁ ଭିନ୍ନ ଏକ ଅନ୍ୟ ପ୍ରକାର ଜୀବନ ସହିତ ଖାପ ଖୁଆଇ ନ ପାରିଲେ ଏପରି ହୁଏ ।

ଏହି ଖାପ ଖୁଆଇ ନେବାର ଜୀବନ ଗୁଣକୁ ସମାଜଶାସ୍ତ୍ରୀମାନେ adaptation ବୋଲି କହିଚନ୍ତି । ଚାର୍ଲସ ଡାର୍‌ୱିନ୍ ଏହାକୁ ଜୀବନଧାରଣର ଏକ ମୂଳଧର୍ମ ବୋଲି ମାନିଚନ୍ତି । ପଶୁ ଓ ଉଦ୍ଭିଦରାଜ୍ୟରୁ ନାନା ନଜିର ଦେଖାଇ ସେ ପ୍ରମାଣ କରିଚନ୍ତି ଯେ

Digitized by srujanika@gmail.com

ଯିଏ ଅବସ୍ଥା ଅନୁସାରେ ଆପଣାକୁ ବଦଳାଇ, ଅବସ୍ଥା ସହିତ ଆପଣାକୁ ଖାପଖୁଆଇନେଇ ପାରିଲା, ସେଇ ହେଉଛି ବୀର । ଜୀବନ ସଂଗ୍ରାମରେ କେବଳ ସେଇ ଜିତେ, ଅବଶିଷ୍ଟ ସମସ୍ତେ ନାଶପାଆନ୍ତି । ହଁ, କଥାଟା ଅବଶ୍ୟ ସତ, କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ମଣିଷ ଏପରି ସବୁ ମସଲାରେ ତିଆରି ହୋଇଛି ଯେ, ସେ ଆପଣାକୁ କୌଣସି ପରିସ୍ଥିତି ସହିତ ସମ୍ପୂର୍ଣ୍ଣରୂପେ ଖାପଖୁଆଇ ନେଇ ପାରେ ନାହିଁ । ହୁଏତ ଯନ୍ତ୍ର ହୋଇଥିଲେ ସେ ତାହା କରିପାରୁଥାନ୍ତା । କିନ୍ତୁ ମଣିଷ ଯନ୍ତ୍ର ନୁହେଁ । ତାର ମନ ଅଛି, ସେ ଭାବିପାରେ, ସେ ଇଚ୍ଛା କରିପାରେ । ଆପଣା ସମ୍ମୁଖରେ କୌଣସି ଲକ୍ଷ୍ୟ ରଖି ସେ ତାହାର ଉଦ୍ଦେଶ୍ୟରେ ଆପଣାକୁ ଚଳାଇନେଇପାରେ । ଗୋଟାଏ କଥାରେ କହିବାକୁ ଗଲେ, ମଣିଷ ସୃଷ୍ଟି କରିପାରେ, କିନ୍ତୁ ଯନ୍ତ୍ର ସୃଷ୍ଟି କରିପାରେ ନାହିଁ । ଅବଶ୍ୟ ଯେଉଁଠାରେ ଜଳବାୟୁ, ଭୌଗୋଳିକ ପରିସ୍ଥିତି, ସ୍ୱାସ୍ଥ୍ୟନୀତି ବା ଚେତେଟା ସାଧାରଣ ଆହାର ବା ନିୟମର ପ୍ରଶ୍ନ ଉଠୁଛି, ସେଠି ମଣିଷ ପକ୍ଷରେ ଅବସ୍ଥା ସହିତ ଆପଣାକୁ ଖାପଖୁଆଇବା ହୁଏତ ଜୀବନର ଅନୁକୂଳ ହୋଇପାରେ । କିନ୍ତୁ ସୃଜନ କ୍ଷେତ୍ରରେ, ଚିନ୍ତାର ଓ ଅନୁଭୂତିର କ୍ଷେତ୍ରରେ ଯିଏ ଯେତିକି ସ୍ୱକୀୟ ରୀତିରେ ଆପଣାକୁ ଚଳାଇବା ଲାଗି ସମର୍ଥ ହୁଏ, ସେତିକି ପରିମାଣରେ ସିଏ ଯଥାର୍ଥ ଜୀବନର ଅଧିକାରୀ ହୋଇଥାଏ ।

ଅନେକେ କହିଥାନ୍ତି, ଯୁଗ ଯେଉଁପରି ଚାହୁଁଛି ଆମକୁ ଠିକ୍ ସେହିପରି ଭାବରେ ତିଆରିକରିପାରିଲେ ଯାଇ ଆମେ ଉନ୍ନତି କରିପାରିବା । ସେମାନଙ୍କ ମତରେ ଶିକ୍ଷା ଯୁଗ ଅନୁସାରେ ହେବା ଉଚିତ । ଯୁଗ କହିଲେ ସେମାନେ କ'ଣ ବୁଝନ୍ତି, ମୁଁ ସେକଥା ଠିକ୍ କହିପାରିବି ନାହିଁ । କିନ୍ତୁ ମୁଁ ଅବଶ୍ୟ ଏତିକି କହିବି ଯେ, ଯୁଗ ମଧ୍ୟ ଯୁଗକେ ଯୁଗକେ ବଦଳିବାରେ ଲାଗିଥାଏ । ପୁଣି ମଣିଷ ହିଁ ଯୁଗକୁ ବଦଳାଏ । ଯେଉଁ ମଣିଷ ଯୁଗକୁ ଚରମ ସତ୍ୟ ବୋଲି ମାନିନିଏ, ଯୁଗ ଅନୁସାରେ ଆପଣାକୁ ତିଆରି କରିବାରେ ଯିଏ ଆପଣାର ସମସ୍ତ ଶକ୍ତି ଓ ବୃତ୍ତିଗୁଡ଼ିକୁ ଲଗାଇଦିଏ, ସେ ମଣିଷ ନୁହେଁ । ଯୁଗକୁ ନମାନିବା ମଣିଷହିଁ ଯୁଗକୁ ବଦଳାଏ । ଯାହା ଅଛି ବା ଯେତିକି ଅଛି, ତାହାକୁ ଅନିବାର୍ଯ୍ୟ ବା ଅବିନାଶୀ ବୋଲି ସ୍ୱୀକାର କରୁନଥିବା ମଣିଷ ହିଁ ଯୁଗକୁ ବଦଳାଏ ।

ଆମେ ଇତିହାସରୁ ଠିକ୍ ସେହିକଥା ଦେଖିବାକୁ ପାଇବା । ଇତିହାସର ଯୁଗ କୌଣସି ଧରାବନ୍ଧା ସ୍ୱତଃସିଦ୍ଧ ବା ଅପରିବର୍ତ୍ତନୀୟ ଏକ ପଦାର୍ଥ ନୁହେଁ । ମଣିଷ ଯୁଗେ ଯୁଗେ ତା'ର ଆପଣା ହାତରେ ଓ ଆପଣାର ମନ ଅନୁସାରେ ଆପଣାର ଯୁଗକୁ ତିଆରି କରିଛି । ତା' ଜୀବନଦୃଷ୍ଟିର ମୂଳରେ ଥିବା ଏକ ଦୁର୍ବାର ଅସନ୍ତୋଷହିଁ ତା'ର ସଂସାରକୁ ନୂଆ ନୂଆ ରୂପ ଦେଇଛି । ଇତିହାସର ଯାବତୀୟ ଆବିଷ୍କାର, ଉଦ୍ଭାବନ ଓ ପ୍ରଗତି ପଛରେ ଏହି ଅସନ୍ତୋଷହିଁ ମୂଳ ପ୍ରବୃତ୍ତି ହୋଇ ରହିଛି । ଯୁଗକୁ ମାନିନେବାକୁ ଓ ଯୁଗ ସହିତ ଖାପ ଖୁଆଇ ଚଳିବାକୁ ଯଦି ମଣିଷ ଆରମ୍ଭରୁ ହିଁ ନିଜ ଜୀବନର ପରମୋଧର୍ମ ବୋଲି ମାନି ନେଇଥାନ୍ତା, ତେବେ ଆଜି ମଧ୍ୟ ତା'ର ଜୀବନ ଠିକ୍ ମେହନ ଭଳି ଗିରିଗୁହାର ଜୀବନ

Digitized by srujanika@gmail.com

ହୋଇ ରହିଥାଆନ୍ତା, ତାହାର ଧର୍ମ ଆଜି ମଧ୍ୟ ଭୟର ଧର୍ମ ହୋଇ ରହିଥାନ୍ତା । ଆଜି ମଧ୍ୟ ତା'ର ସମାଜ ମତ୍ସ୍ୟନ୍ୟାୟର ଶାସନ ଅନୁସାରେ ଚାଲୁଥାନ୍ତା । ସଭ୍ୟତା, ସଂସ୍କୃତି ଓ ସାହିତ୍ୟ ନାମରେ ଆମେ ଆଜି ନାନା ଦେଶରେ ପ୍ରଚୁର ଜୀବନର ଯେଉଁସବୁ ପସରା ମେଲିଦେଇଛୁ ଓ ଶରୀରଟାକୁ ଜିଆଇ ରଖିବାର ଫନ୍ଦାଠାରୁ ଆମେ ଯେଉଁ ସବୁକୁ ହୁଏତ ଅଧିକ ଆବଶ୍ୟକ ଓ ମୂଲ୍ୟବାନ୍ ବୋଲି ମନେକରୁଛୁ, ଯୁଗକୁ ବଦଳେଇବାର ଅସନ୍ତୋଷ ବ୍ୟତୀତ ତାହା କଦାପି ସମ୍ଭବ ହୋଇନଥାନ୍ତା । ଯୁଗକୁ ବଦଳେଇବାର ସ୍ପୃହା ବ୍ୟତୀତ ତାହା କଦାପି ସମ୍ଭବ ହୋଇନଥାନ୍ତା ।

ଆମ ଇତିହାସକୁ କେଉଁମାନେ ତିଆରି କରିଛନ୍ତି ? ଆମର ସଭ୍ୟତା ଓ ସଂସ୍କୃତି ପଛରେ କେଉଁମାନଙ୍କର ଅବଦାନ ରହିଛି ? ଯେଉଁମାନେ ଯୁଗକୁ ପରମ ସତ୍ୟ ବୋଲି ମାନି ନେଇଛନ୍ତି ଓ ତାହାକୁ ହିଁ ଅପରିବର୍ତ୍ତନୀୟ ବୋଲି ଆଦରି ନେଇଛନ୍ତି, ସେମାନଙ୍କର ନୁହେଁ, ସମାଜ ସହିତ ବା ଯୁଗ ସହିତ ଯେଉଁମାନେ ଆପଣାକୁ ଖାପ ଖୁଆଇ ପାରି ନାହାନ୍ତି, ସେମାନଙ୍କର । ଗ୍ରୀସ୍‌ର ଯେଉଁ ଯୁଗରେ ସକ୍ରେଟିସ୍‌ଙ୍କର ଆବିର୍ଭାବ ହୋଇଥିଲା, ସେହି ଯୁଗ ଗ୍ରୀକ୍ ସମାଜ ଓ ନାଗରିକ ବ୍ୟବସ୍ଥାକୁ ସର୍ବଶ୍ରେଷ୍ଠ ବୋଲି ମାନୁଥିଲା; କିନ୍ତୁ ସକ୍ରେଟିସ୍ ସେପରି ମାନିଲେ ନାହିଁ । ଆପଣାର ଏହି ନମାନିବାକୁ ଲୁଚାଇ ରଖି ସେ ଗ୍ରୀକ୍ ଜୀବନର ବଜାରରେ ସୁନାପୁଅ ହୋଇ ସଉଦା କରି ବାହାରିଲେ ନାହିଁ । ଆପଣା ଉପରକୁ ସକଳ ପ୍ରମାଦ ଡାକିଆଣି ସେ ବାଟରେ ଘାଟରେ ଆପଣାର ନମାନିବାଟାକୁ ଜାହିର କରିବାକୁ ଲାଗିଲେ । ସେହିପରି କରି ସେ ଆପଣାର ଜୀବନ ଦେଲେ । ଆପଣା ହାତରେ ବିଷପାତ୍ର ଧରି ସେ ଯେତେବେଳେ ଜାଣିଶୁଣି ମୃତ୍ୟୁ ବରଣ କରିଥିବେ, ଗ୍ରୀସ୍‌ର ସେହି ଯୁଗ ଓ ତାହାର ସୁନାପୁଅମାନେ ସେତେବେଳେ ତାଙ୍କୁ ମହାମୂର୍ଖ ବୋଲି କହିଥିବେ । କିନ୍ତୁ ଅଢ଼େଇ ହଜାର ବର୍ଷ ପରେ ଆମେ ଆଜି ସକ୍ରେଟିସ୍‌ଙ୍କୁ ଇଉରୋପୀୟ ବିଜ୍ଞାନର ଜନକ ବୋଲି କହୁଛୁ । ମାତ୍ର ତାଙ୍କର ସେହି ଯୁଗର ସୁଧୀ, ଶ୍ରେଷ୍ଠୀ, ସାମନ୍ତ ଓ ପାରିଷଦମାନେ ଆଜି କୁଆଡ଼େ ବିସ୍ମୃତ ହୋଇ ମରିଯାଇଛନ୍ତି ।

ମଧ୍ୟଯୁଗରେ ଗୁଆର୍ଡ଼ିଆନୋ ବ୍ରୁନୋ କଣ କରିଥିଲେ ? ତାଙ୍କ କାଳର ବଡ଼ ବଡ଼ ପଣ୍ଡିତମାନେ ପୃଥିବୀକୁ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର ବୋଲି ବିଶ୍ୱାସ କରୁଥିଲେ । ସେମାନେ ଏହି ବିଶ୍ୱାସକୁ ଧର୍ମବିଶ୍ୱାସ ବୋଲି ମାନୁଥିଲେ । ସେମାନେ ବିଶ୍ୱାସ କରୁଥିଲେ ଯେ, ଭଗବାନ ମଣିଷକୁ ଆପଣାର ପ୍ରତିକୃତି ଅନୁସାରେ ତିଆରିକରିଛନ୍ତି । ମଣିଷର ସେବା ଖଟିବାକୁ ହିଁ ସେ ଚଉଦଭୁବନର ଯାବତୀୟ ପଦାର୍ଥ ଖଞ୍ଜିଦେଇଛନ୍ତି । ସେଇ ମଣିଷ ବାସ କରୁଥିବା ପୃଥିବୀରେ ଆଲୁଅ ଦେବାକୁ ସେ ସୂର୍ଯ୍ୟକୁ ସେବାଯୁକ୍ତ କରି ରଖିଛନ୍ତି । ସେଥିଲାଗି ସକାଳୁ ସଞ୍ଜଯାଏ ସୂର୍ଯ୍ୟ ପୃଥିବୀ ଚାରିପାଖରେ ବୁଲି ଆପଣାର କର୍ତ୍ତବ୍ୟ କରୁଛି । ଏପରି ଏକ ଯୁଗର ବିଶ୍ୱାସକୁ ଦୁଃସାହସୀ ବ୍ରୁନୋ କହିଲେ—ନାହିଁ, ସୂର୍ଯ୍ୟ ପୃଥିବୀ ଚାରିପାଖରେ ବୁଲୁନାହିଁ, ପୃଥିବୀହିଁ ସୂର୍ଯ୍ୟ ଚାରିପାଖରେ ବୁଲୁଛି । ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ର ନୁହେଁ, ସୌରମଣ୍ଡଳର

Digitized by srujanika@gmail.com

ଗୋଟିଏ ଶବ୍ଦ ମାତ୍ର । ତାଙ୍କର ଏତିକି କଥାରେ ସେଦିନ ତାଙ୍କର ଯୁଗ ସ୍ତବ୍ଧ ହୋଇଉଠିଲା । ରାଜା ସ୍ତବ୍ଧ ହୋଇଉଠିଲେ । ଭଗବାନଙ୍କ ପାଖେ ପାଖେ ରହୁଥିବା ପାଦ୍ରୀ ଓ ଧର୍ମଯାଜକମାନେ ସ୍ତବ୍ଧ ହୋଇ ଉଠିଲେ ଏବଂ ସେମାନଙ୍କ ସହିତ ଯୁଗ ଅନୁସାରେ ଆପଣାକୁ ଖାପ ଖୁଆଇ ରହୁଥିବା ଅସଂଖ୍ୟ ଲୋକ ମଧ୍ୟ ସ୍ତବ୍ଧ ହୋଇଉଠିଲେ । ସେମାନେ ସମସ୍ତେ ମିଶି ବ୍ରୁନୋଙ୍କୁ ବାନ୍ଧିଆଣିଲେ । ଅମାନିଆ ବ୍ରୁନୋ ତଥାପି ମାନିଲେ ନାହିଁ, ଜୀବନର ଭୟକୁ ମାନିଲେ ନାହିଁ । ରୋମ୍‌ର ରାଜଦାଣ୍ଡରେ ସେଦିନ ନିଆଁ ଜଳାଗଲା ଓ ଜିଅନ୍ତା ବ୍ରୁନୋଙ୍କୁ ସେହି ନିଆଁରେ ପୋଡ଼ି ମାରିଦିଆଗଲା । କିନ୍ତୁ ଇତିହାସ ମଣିଷ ପକ୍ଷରେ ରାୟ ଦେଲା । ସତ୍ୟ ଓ ସାତ୍ତ୍ୱିକତାର କ୍ରୋଧକୁ ସେ ମାନି ନେଇ ପାରିଲା ନାହିଁ । ନିଜର ଜୀବନ ଦେଇ ବ୍ରୁନୋ ବିଜ୍ଞାନରେ ଏକ ନୂତନ ଉଦ୍‌ଘାଟନ-ପର୍ଯ୍ୟାୟର ଶୁଭ ଦେଇଗଲେ ।

ଆମ ଏ ଯୁଗର ମହାତ୍ମା ଗାନ୍ଧୀ ଯଦି ଆପଣାକୁ ଯୁଗ ସହିତ ଖାପ୍ ଖୁଆଇ ନେଇଥାନ୍ତେ, ତେବେ ଆଜି ସିଏ ଜାତିର ଜନକ ବୋଲାଉନଥାନ୍ତେ । ଏହି ଦେଶର କେତେ ଗାନ୍ଧୀଙ୍କ ପରି ସିଏ ମଧ୍ୟ ବିସ୍ମୃତ ହୋଇ ରହିଥାନ୍ତେ । ହଁ, ଜଣେ ବଡ଼ ଓକିଲ ହୋଇ ଟଙ୍କା କମାଇଥାନ୍ତେ, ବାରି ହୋଇଥାନ୍ତେ—କିନ୍ତୁ ସେ ଆଜି ଯାହା ହୋଇଛନ୍ତି ତାହା କଦାପି ହୋଇପାରିନଥାନ୍ତେ । ସୁନାପୁଅ ହେବାକୁ ଚେଷ୍ଟା କରିଥିଲେ ତାଙ୍କୁ ମାଡ଼ ଖାଇବାକୁ ପଡ଼ିନଥାନ୍ତା, ଗୁଳିରେ ପ୍ରାଣ ଦେବାକୁ ପଡ଼ିନଥାନ୍ତା । ଭାରତବର୍ଷର ଆଧୁନିକ ଇତିହାସ ପଢ଼ିବାବେଳେ ମୁଁ ଅନେକ ସମୟରେ ଭାବେ, ଯଦି ଗାନ୍ଧୀ ଯୁଗକୁ ମାନି ନେଇଥାନ୍ତେ, ବିବେକାନନ୍ଦ ବା ରବୀନ୍ଦ୍ରନାଥ ଯଦି ଯୁଗକୁ ମାନିନେଇଥାନ୍ତେ, ତେବେ ଆଧୁନିକ ଭାରତବର୍ଷ କହିଲେ ଆମେ ସମସ୍ତେ ଆଜି ଯାହା ବୁଝୁଁଛୁ, ତାହା କ'ଣ କେବେହେଲେ ସମ୍ଭବ ହୋଇପାରିଥାନ୍ତା ? ଯଦି ମଧୁସୂଦନ କିମ୍ବା ଗୋପବନ୍ଧୁ ତାଙ୍କର ସମସାମୟିକ ଓଡ଼ିଶାକୁ ଯଥେଷ୍ଟ ବା ଯଥାର୍ଥ ବୋଲି ମାନିନେଇଥାନ୍ତେ, ତେବେ ଆଜି ଆମେ ଓଡ଼ିଶା ଓ ଓଡ଼ିଆ ବୋଲି ଯାହା କହୁଛୁ, ତାହା କ'ଣ ପ୍ରକୃତରେ ସମ୍ଭବ ହୋଇ ପାରିଥାନ୍ତା ? ଯଦି ଖଲିଲ୍ ଜିବ୍ରାନ୍ ତାଙ୍କର ସମସାମୟିକ ଲେବାନନ୍‌କୁ ମାନି ନେଇଥାନ୍ତେ, ଯଦି ପାସ୍ତରନାକ୍ ତାଙ୍କ ରୁଷିଆକୁ ମାନିନେଇ ଚୁପ୍ ହୋଇ ରହି ଯାଇଥାନ୍ତେ, ତେବେ କ'ଣ ବିଶ୍ୱସାହିତ୍ୟରେ ଜିବ୍ରାନ୍ ଓ ପାସ୍ତରନାକ୍ ସମ୍ଭବ ହୋଇ ପାରିଥାନ୍ତେ ?

ମାନିନେଉଥିବା ମଣିଷ ଏହି ସଂସାରକୁ ଗଢ଼ିନାହିଁ, ଅମାନିଆ ଗଢ଼ିଛି । ଯୁଗକୁ ମାନିନେବା ଓ ତାହାର ସହିତ ଖାପଖୁଆଇ ନେବାକୁ ଚେଷ୍ଟାକରୁଥିବା ମଣିଷ ଯୁଗର ସ୍ରୋତରେ ପଡ଼ିଯାଇଛି । ଯୁଗର ସୀମାକୁ ଏକମାତ୍ର ସୀମା ବୋଲି ମାନିନେବାକୁ ଅସ୍ୱୀକାର କରୁଥିବା ମଣିଷହିଁ ଯୁଗେ ଯୁଗେ ନୂଆ ଯୁଗର ଅବତାରଣା କରିଅଛି, କେବଳ ସେଇ ଭ୍ରମ ଭିତରୁ ବାଟ ବତାଇଛି, ଅନ୍ଧାର ଭିତରେ ଆଲୁଅର ସତର୍କବାଣୀ ଶୁଣାଇଛି । ମାନି ନେଉଥିବା ମଣିଷ ଭୋଗକରିଛି, ବଡ଼ଲୋକ ହୋଇଛି, କିନ୍ତୁ ସୁଖର ଅଠା ଭିତରେ ସେ

Digitized by srujanika@gmail.com

ଅଟକ ରହିଯାଇଛି । ଆପଣା ସହିତ ଅନ୍ୟମାନଙ୍କୁ ମଧ୍ୟ ସେ ପଛକୁ ଟାଣିନେଇଛି । ରାଜ୍ୟର ବ୍ୟବସ୍ଥାରେ ସେଇ ଶାସନର ଆସନରେ ବସିଛି, ଧର୍ମର ବ୍ୟବସ୍ଥାରେ ମଠାଧୀଶ ହୋଇ ରହିଛି, ଶିକ୍ଷାର ବ୍ୟବସ୍ଥାରେ ସେଇ ଶିଖ ଉପରକୁ ଉଠି ଜରଦ୍‌ଗବ ହୋଇ ବସିରହିଛି ।

ମାନିନେବା ସାହିତ୍ୟିକର ମଧ୍ୟ କାର୍ଯ୍ୟ ନୁହେଁ । ଭୁଚ୍ଛା ବାସ୍ତବକୁ ମାନିନେବାକୁ ଯେଉଁମାନେ ବାସ୍ତବବାଦ ବୋଲି କହନ୍ତି, ସେମାନଙ୍କୁ ମୁଁ କେବଳ ଅବାସ୍ତବବାଦୀ ହିଁ କହିବି, କାରଣ ସେମାନେ ଜୀବନର ସର୍ବମୂଳ ଧର୍ମକୁ ଆଦୌ ଜାଣିପାରନ୍ତି ନାହିଁ । ବାସ୍ତବକୁ ଅସ୍ୱୀକାର କରି ଯେଉଁମାନେ ଆପଣାର କଳ୍ପିତ ଆଦର୍ଶର ମକ୍କା ବା ମଦିନାରେ ବିଚରଣ କରୁଥାନ୍ତି, ସେମାନେ ଯେପରି ଅବାସ୍ତବବାଦୀ, ବାସ୍ତବକୁ ସତେ ଅବା ଗୋଟିଏ ଆବଦ୍ଧ ଘର ବୋଲି ଗ୍ରହଣ କରି ତାହାକୁ ହିଁ ସତ୍ୟ ସର୍ବସ୍ୱ ବୋଲି ମାନିନେଉଥିବା ସାହିତ୍ୟିକମାନେ ମଧ୍ୟ ଠିକ୍ ସେହିପରି ଅବାସ୍ତବବାଦୀ । ଆମ ଉପନିଷଦ୍‌ରେ କବିକୁ କ୍ରାନ୍ତଦର୍ଶୀ ବୋଲି କୁହାଯାଇଛି । ସାହିତ୍ୟିକ ବା କବି ସୃଷ୍ଟି କରେ । ବାସ୍ତବିକ ପରିସ୍ଥିତି ଯେତେ ବେଶୀ କବ୍ଜା କରି ମନେହେଉଥିଲେ ମଧ୍ୟ ସେ ତଥାପି ସେଥିରେ ନାନା ଦ୍ୱାରର ସନ୍ଧାନ କରି ବୁଲେ । ତା'ର ବିଶ୍ୱାସ ଓ ତା'ର ସୃଜନାନୁରାଗ ସ୍ୱୀକୃତ ସବୁ ସୀମାକୁ ଡେଇଁ ସେପାଖକୁ ଚାଲିଯାଏ । ସେଥିଲାଗି •ଦେଶଟାଯାକ ସମସ୍ତେ ଅନ୍ଧାରକୁ ମାନିନେଉଥିଲେ ମଧ୍ୟ ସେ ତଥାପି ଆଲୁଅ ଉପରେ ବିଶ୍ୱାସ ରଖିଥାଏ । ଯୁଗଟାଯାକ ନାନା ମରଣର ଷଡ଼ଯନ୍ତ୍ରକୁ ଜୀବନ ବୋଲି ଗ୍ରହଣ କରି ନେଉଥିଲେ ମଧ୍ୟ ତଥାପି ସେ ଆଉ କେଉଁଠି ଯଥାର୍ଥ ଜୀବନର ସନ୍ଧାନ କରି ବାହାରେ । ବିଶ୍ୱବ୍ୟାପୀ ଜୀବନର ଶ୍ରଦ୍ଧା ତା' ଭିତରେ ଏକ ଅସନ୍ତୋଷର ନିଆଁ ଜାଳି ଦେଇଥାଏ, ତା' ଭିତରେ 'ନାହିଁ' ବୋଲି କହିବାର ଦୁଃସାହସ ଭରି ନେଇଥାଏ । ଏହି ଅସନ୍ତୋଷ ଓ ଏହି ଦୁଃସାହସ ସକଳ ପ୍ରମାଦ ଏବଂ ସକଳ କ୍ଷତି ସତ୍ତ୍ୱେ ତାକୁ କବି କରି ଛିଆ କରେ, ତା'ଭିତରେ ସାହିତ୍ୟିକ ପରି ବଞ୍ଚିବାର ପ୍ରେରଣା ଭରି ଦେଇଯାଏ ।

ଆମ ଦେଶରେ ଆଜି ସବୁଠିଁ ଦୁର୍ଗନ୍ଧ ଭରିରହିଛି । ପାଠପଢ଼ା ହେଉଛି, ତଥାପି ପାଠ ନାହିଁ; ଦରବାର ବସିଛି, ତଥାପି ନ୍ୟାୟ ନାହିଁ । ସବୁଠାରେ ଶହ ଶହ ମନୀଷୀ ଭୁଣ୍ଡ ହୋଇ ନାନା ସାମୂହିକତାର ବାନା ଉଡ଼ାଇ ନାନା ଉଚ୍ଚ ଗାନ କରୁଛନ୍ତି, ତଥାପି ମାନବିକତା ନାହିଁ, ମଣିଷପଣିଆ ନାହିଁ । ଏ ଦେଶରେ ଅଜି ଅନ୍ଧାରର ରୋଷଣି ଜଳୁଛି, ସାମୂହିକ ଜୀବନର କରୁଣାହୀନ ଦାଣ୍ଡରେ ଖାଲି ଧୂର୍ତ୍ତ ଶାସକର କଟୁଣାମାନ ବାନ୍ଧି ହୋଇ ପଡ଼ୁଛି । ପୃଥିବୀଟା ବା କୋଉ ଅଧିକ ଭଲରେ ଅଛି ? ଆମ ପୃଥିବୀରେ ଭୟ ବଢ଼ୁଛି, ଡରିବା ଲୋକଙ୍କ ସଙ୍ଗେ ସଙ୍ଗେ ଡରାଇବା ଲୋକ ମଧ୍ୟ ବଢ଼ି ଚାଲିଛନ୍ତି । ପରସ୍ପରର ପାଖକୁ ଆସିବାର ସାଧନାମାନ ଯେତିକି ଯେତିକି ବଢ଼ିବାରେ ଲାଗିଛି, ମଣିଷ ପରସ୍ପରର ପାଖରୁ ସେତିକି ସେତିକି ଅଲଗା ହୋଇଯାଉଛି, ସେତିକି ସେତିକି ଦୂରକୁ ଚାଲିଯାଉଛି । କେତେ କେତେ ନୂଆ ଘୃଣାର ସୃଷ୍ଟି ହେଉଛି । ଜୀବନ ବିଷୟରେ ଅଧିକରୁ ଅଧିକ ଜ୍ଞାନ ଲାଭ କରିବା

Digitized by srujanika@gmail.com

ସଙ୍ଗେ ସଙ୍ଗେ ମଣିଷର ମର୍ମ ଉପରେ କଏ ଯେପରି ଜୀବନର ଚରମ ନିଃସାରତା ବିଷୟରେ ଅଧିକରୁ ଅଧିକ ନିର୍ମମ ହୋଇ ଅଙ୍କୁଶ ବିନ୍ଧ ଦେବାରେ ଲଗିଚି । ଆଜି ବିଶ୍ୱାସ ବଡ଼ୁ ନାହିଁ, ଅବିଶ୍ୱାସ ହିଁ ବଢ଼ୁଚି । ସେହି ଅବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ଦୂର ଶହ ଗୁଣ ଉତ୍ତେଜନାରେ ଯୁଦ୍ଧର ସଜବାଜ କରି ନିଗ୍ରହ ରହିବାକୁ ଇଚ୍ଛା କରୁଚି ଏବଂ ଏହି ସଜବାଜ ହେବାକୁ ଆବଶ୍ୟକ କର୍ତ୍ତବ୍ୟ ବୋଲି ଦେଖାଇବାକୁ ସେ ନିଲଠାଙ୍କପରି ଶାନ୍ତି ଓ ସ୍ୱାଧୀନତାର ଦୁହାଇ ଦେବାରେ ଲଗିଚି ।

ଏସବୁ ଯାହା ହେଉଚି, ତାହା ଯୁଗକୁ ମାନନେବା ଲୋକର କାମ । ଯୁଗର ସମ୍ମୁଖୀନ ହେବାକୁ ସେ ପ୍ରସ୍ତୁତ ନୁହେଁ । ତା'ର ଯେତକ ଅଛି, ସେତକ ଗୁଳିଯିବାର ଭୟରେ ମୋହଗ୍ରସ୍ତ ହୋଇ ସିଏ ଶଙ୍କୁ ଛକ ବସିବାକୁହିଁ ଆପଣାର ପରମ କର୍ତ୍ତବ୍ୟ ବୋଲି ଗ୍ରହଣ କରିଚି । ତେଣୁ ତା'ପାଖରେ ଆଉ ମିଳତା ବଢ଼ାଇବାର ବେଳ ନାହିଁ, ବିଶ୍ୱାସ ବଢ଼ାଇବାର ବେଳ ନାହିଁ । ଯେ ଏହି ଯୁଗକୁ ଏକମାତ୍ର ଯୁଗ ବୋଲି ମାନନେଇଚି, ଜର୍ମାନୀର ଲାଇବ୍‌ନିଟ୍‌ସ୍ ତାଙ୍କ ସମକାଳୀନ ଜଗତକୁ ଯେପରି ଏକମାତ୍ର ସମ୍ଭାବ୍ୟ ଜଗତବୋଲି ମାନନେଇଥିଲେ, ଠିକ୍ ସେହିପରି । ଏପରି ଏକ ସ୍ଥିତିରେ ସାହିତ୍ୟିକ କ'ଣ କରିବ ?

ଗତଯୁଗର କବିମାନେ ଆପଣାର ଯୁଗକୁ ସର୍ବ୍ବତଃ ଏକମାତ୍ର ଯୁଗ ବୋଲି ମାନ ନେଇଥିଲେ । ସେଥିଲାଗି ସେମାନେ ଅତ୍ୟନ୍ତ ସରଗ ଓ ନୈପୁଣ୍ୟ ସହିତ କାବ୍ୟର ଯୋଗ୍ୟର ଉପକ୍ଷରରେ ନାୟକ ଓ ନାୟିକା ସଜାଇବାରେ ମାତିରହିଥିଲେ, ସେମାନଙ୍କ ଲଗି ଯୋଗ ସହସ୍ର ସହଚରୀ ଖଞ୍ଜିଦେଇଥିଲେ; ସୂର୍ଯ୍ୟ, ଚନ୍ଦ୍ର, ଯମୁନାନଦୀ, କଦମ୍ବବନ, ମେଘ ଆଉ ମୟୂରଙ୍କୁ ଆଣି ସେହିମାନଙ୍କ ଭୋଗଦାଣ୍ଡର ଖୁଣ୍ଟରେ ବାନ୍ଧି ରଖିଥିଲେ । ସେଥିଲାଗି ଗତକାବ୍ୟରେ କେତେ ପ୍ରକାର ବନ୍ଧ ରହିଚି, କେତେ ପ୍ରକାର ରସ ରହିଛି; କିନ୍ତୁ ଅସନ୍ତୋଷ ନାହିଁ । ପରିଜ୍ଞାତ ଭୋଗପୀମାକୁ ଡେଇଁ ଯେଉଁଆଡ଼କୁ ଯିବା ଲାଗି କୌଣସି ମହତ୍ତ୍ୱାକାଙ୍କ୍ଷା ନାହିଁ; ମହତ୍ତର ଜୀବନ ଲାଗି ସେଥିରେ କୌଣସି ଉତ୍କଣ୍ଠା ନାହିଁ । ଏ ଯୁଗର କବି ବା ସାହିତ୍ୟିକ ଯଦି ଏହି ଯୁଗକୁ ମାନନେବ ଏବଂ ଏହା ମାନନେବାକୁ ଯଦି ସେ ବାସ୍ତବବାଦ-ବୋଲି ଭ୍ରମ କରି ବସିବ, ତେବେ ସେ କବିତା, ଉପନ୍ୟାସ ବା ପ୍ରବନ୍ଧ କ୍ଷେତ୍ରରେ ବିଚରଣ କରୁଥାଉ ପଛକେ, ଗତଯୁଗର ପୁନ ପୁଅମାନଙ୍କ ସହିତହିଁ ସେ ସମକକ୍ଷ ହୋଇ ରହିଯିବ ।

ଫରାସୀ ସାହିତ୍ୟ-ସମୀକ୍ଷକ ସାର୍ତ୍ର କହିଚନ୍ତି,—'ଲେଖିବା ହେଉଚି ଆପଣା ସ୍ୱାଧୀନତାର ଘୋଷଣା କରିବା ।' ମାତ୍ର ଏହି ସ୍ୱାଧୀନତା କେଉଁଥିପାଇଁ ? ପୂର୍ଣ୍ଣତର ଭାବାନୁଭୂତିର ତଥା ପୂର୍ଣ୍ଣତର ଉପଲବ୍‌ଧିର ସ୍ୱାଧୀନତା, ପୂର୍ଣ୍ଣତର ମଣିଷ ହେବାର ସ୍ୱାଧୀନତା, ନାନା ଅପୂର୍ଣ୍ଣତା ଓ ଅନ୍ଧତା ଭିତରେ ରହିଥିବା ଆମର ଏହି ପୃଥିବୀଟିକୁ ତଥାପି ପୂର୍ଣ୍ଣତର ଓ ସୁନ୍ଦରତର କରି ଗଢ଼ିବାର ସ୍ୱାଧୀନତା । ଏହି ସ୍ୱାଧୀନତା ପାଇବାକୁ ହେଲେ ଆମକୁ ଯୁଗର ସୁନାପୁଅ ବନିବାର ସବୁ ଲାଳସା ଛାଡ଼ିବାକୁ ପଡ଼ିବ, ସଂସାର ସ୍ୱୀକୃତ କବିପ୍ରତି କୌଣସି ବିଦ୍ୱେଷ ନ ରଖି ଆପଣା ବିଶ୍ୱାସରେ ବାଟ ଖୋଜିବାକୁ ପଡ଼ିବ । ସାନ ଓଡ଼ିଶା

Digitized by srujanika@gmail.com

ହେଉ କମ୍ବା ସାରୁମାନ ପୃଥିବୀ ହେଉ, ସବୁଠି ସ ହିତ୍ୟକର ବାଣୀ ହେଉଛି ଏହି ସ୍ୱାଧୀନତାର କାମନା ରକ୍ଷିବାର ବାଣୀ । ସେ ଯୁଗରେ ସକ୍ରେଟିସ୍ ଯେଉଁ ସ୍ୱାଧୀନତା ଗ୍ରହିଥିଲେ ଏବଂ ଏବେ ଇଂଲଣ୍ଡରେ ନବେବର୍ଷ ବୟସର ଯୁବକ ବର୍ଟ୍ରାଣ୍ଡ୍ ରସେଲ୍ ଯେଉଁ ସ୍ୱାଧୀନତାର କଥା କହୁଚନ୍ତି, ମୁଁ ଏଠାରେ ସେହି ସ୍ୱାଧୀନତାର କଥା କହୁଛି । ସାହିତ୍ୟକ୍ଷେତ୍ରରେ ହିଁ ଏହି ସ୍ୱାଧୀନତାର ସବୁଠାରୁ ଅଧିକ ଆବଶ୍ୟକତା ରହିଚି । ରାଜସଭାର ଗୋଲାମ ହୋଇ ମଧ୍ୟ ପଣ୍ଡିତ ପାଣ୍ଡିତ୍ୟ କରିପାରେ, ହୁକୁମଦେଲାବାଲାର ଗୋଲାମ ହୋଇ ବୈଜ୍ଞାନିକ ନୂଆ ବୋମା ତିଆରିକରିପାରେ ଓ ଯେଥିଲାଗି ପଦବୀ ଓ ଭୂଷଣମାନ ପିନ୍ଧିପାରେ । ମାତ୍ର ସାହିତ୍ୟିକକୁ ପ୍ରଥମେ ସ୍ୱାଧୀନ ହେବାକୁ ପଡ଼ିବ । ତେବେ ଯାଇ ଯୁଗ ଭିତରେ ଥାଇ ମଧ୍ୟ ସେ ଆମ ସମସ୍ତଙ୍କୁ ଯୁଗକୁ ଡେଇଁଯିବା ଅନୁପ୍ରେରଣା ଦେଇପାରିବ ।

ଦାର୍ଶନିକ ମାର୍ଟିନ୍ ବୁବର୍ ଜୀବନକୁ ଏକ dialogue ବା କଥୋପକଥନ ବୋଲି କହିଚନ୍ତି । ମୋର ଜୀବନ ହେଉଚି ମୋର ଯୁଗ ଓ ମୋର ପୃଥିବୀ ସହିତ ଏହି dialogueର ପରିଣାମ । ଯେତିକି ସାର୍ଥକତାର ସହିତ ଯିଏ ଏହି dialogueରେ ଯୋଗଦେଇ ପାରିବ, ତା'ର ଜୀବନ ସେତିକି ସାର୍ଥକ ଏବଂ ମୂଲ୍ୟବାନ୍ ହୋଇପାରିବ । ଯୁଗକୁ ପରମାଶ୍ରୟ ବୋଲି ମାନିନେଇ ଯିଏ ତାହାରି କୋରଡ଼ ଭିତରେ ପଶିଯାଇଚି, ସେ କଦାପି ଏହି କଥୋପକଥନର ଯୋଗ୍ୟ ହୋଇପାରିବ ନାହିଁ । କେବଳ ସ୍ୱାଧୀନ ହେବାର ଆକାଂକ୍ଷା ରଖିଥିବା ବ୍ୟକ୍ତି ଏହା କରିପାରିବ, କେବଳ କବି ଓ ସାହିତ୍ୟିକ ଏହା କରିପାରିବ । ସେ ପ୍ରକୃତି ସହିତ କଥୋପକଥନ କରିବ, ସୁନ୍ଦର ଓ ଅସୁନ୍ଦର ସହିତ କଥୋପକଥନ କରିବ । ଅତୀତ ଓ ଭବିଷ୍ୟତ ଉପରେ ଦୃଢ଼ ଚରଣ ରଖି ସେ ବର୍ତ୍ତମାନ ସହିତ କଥୋପକଥନ କରିବ । ସେ ବର୍ତ୍ତମାନର ସମ୍ମୁଖୀନ ହେବ, ଆପଣାର ସମ୍ମୁଖୀନ ହେବ, ତେବେ ଯାଇ ସେ ସୃଷ୍ଟି କରିପାରିବ । ସବୁ ସୀମା ଉପରେ ଜୀବନ ସୀମାର ଜୟ ହେବ । ଏହି କଥୋପକଥନର ଆକାଂକ୍ଷା ତାକୁ ନୂତନ ଦିଗନ୍ତର ସନ୍ଧାନ ଦେବ । ଦିଗନ୍ତର ଅର୍ଥ ଦିଗର ଅନ୍ତ ନୁହେଁ, ଦିଗ ଶେଷର ଅସ୍ୱୀକାର କରିବା ହେଉଚି ଦିଗନ୍ତର ଅଧିକ ପ୍ରାଣବନ୍ତ ଅର୍ଥ ।

ତରଙ୍ଗ ଓ ତଡ଼ିତ୍—ଏଗୁଡ଼ିକ ସ୍ଥିତିକୁ ବୁଝାନ୍ତି ନାହିଁ, ଏମାନେ ଗତିକୁ ବୁଝାନ୍ତି, ଜୀବନର ଆନ୍ଦୋଳନକୁ ବୁଝାନ୍ତି । ଏମାନେ ହେଉଚନ୍ତି ଉତ୍ତରଣର ପ୍ରତୀକ ।

ଜଳର ତରଙ୍ଗ ଏ କୂଳ ସହିତ ସେ କୂଳର ସ୍ପନ୍ଦନକୁ ଆଣି ଯୋଡ଼ିଦିଏ, ତଥାପି ସବୁ କୂଳକୁ ଡେଇଁଯିବାର ମୂର୍ଚ୍ଛନା ଜଗାଇଦେଇଯାଏ । ଆକାଶର ତଡ଼ିତ୍—ଯିଏ ମଧ୍ୟ ଶୂନ୍ୟର ଜଳଧି ଉପରେ ତରଙ୍ଗରେଖା ପରି ଉଦ୍ଭାସିତ ହୋଇଯାଇ ଆମ ଆଖିକୁ କେତେ ଆଡ଼େ କେତେ କଥୋପକଥନର ସୂତ୍ରରେ ଗଞ୍ଠାଇଦେବାଲାଗି ଆସିଥାଏ, କେତେ ଲଙ୍ଘିବାର ଦିଗ୍‌ଗକୁ ଉଦ୍‌ଭାସିତ କରିଦେଇଯାଏ !

Digitized by srujanika@gmail.com

ସଭ୍ୟତାର ଦୁଇଟି ଦିଗ

ଆଧୁନିକ ଅର୍ଥ ଦୃଷ୍ଟିରୁ ବିଚାରକଲେ ଜଣାପଡ଼େ 'ସଭ୍ୟତା' ଏକ ସଦ୍ୟୋଜାତ ଶବ୍ଦ । ଏହାର ଅର୍ଥ ଅତି ବ୍ୟାପକ । ଏଣୁ ତା'ର ଯଥାଯଥ ସ୍ୱରୂପ ନିର୍ଣ୍ଣୟ କରିବା ସହଜ ନୁହେଁ । ଫଳରେ ଏହାର ଅର୍ଥକୁ ଟିକିଏ ସଙ୍କୁଚିତ କରି ସମାଲୋଚକମାନେ ଅଗ୍ରସର ହୁଅନ୍ତି ଓ କହନ୍ତି—"ମାନବ ସଭ୍ୟତା ବୋଲିଲେ ପ୍ରଧାନତଃ ଦୁଇଟି ସଭ୍ୟତା ବା ସଭ୍ୟତାର ଦୁଇଟି ଦିଗ ଆଖି ଆଗରେ ପଡ଼େ । ଗୋଟିଏ ପ୍ରାଚ୍ୟ ସଭ୍ୟତା, ଅନ୍ୟଟି ହେଉଛି ପାଶ୍ଚାତ୍ୟ ସଭ୍ୟତା ।" ପ୍ରଥମେ ପାଶ୍ଚାତ୍ୟ ସଭ୍ୟତା କଥା ଦେଖାଯାଉ ।

ପାଶ୍ଚାତ୍ୟ ସଭ୍ୟତାର ସ୍ୱରୂପ କଣ ଏ ପ୍ରଶ୍ନ ଆଜିକାଲି ପାଶ୍ଚାତ୍ୟ ସମାଲୋଚକମାନେ ସୁଦ୍ଧା ପଚାରିବାକୁ ଆରମ୍ଭ କଲେଣି । ଗତ ମହାଯୁଦ୍ଧ ସେ ଦେଶର ଆତ୍ମତୃପ୍ତିରୂପ ସୁଖସ୍ୱପ୍ନ ଭାଙ୍ଗିଦେଇ ଚାଲିଯାଇଛି । ଉକ୍ତ ଯୁଦ୍ଧର ପ୍ରବଳ ଧକ୍କାରେ ହଠାତ୍ ଚେଇଁଉଠି, 'କଣ ଥିଲି ! କଣ ହେଲି !' ଏହିପରି ନାନାବିଧ ପ୍ରଶ୍ନ ସେ ଦେଶବାସୀଙ୍କ ମନ ଭିତରେ ଆପେ ଆପେ ଜାଗିଉଠିଛି । ସମସ୍ତ ପଶ୍ଚିମ ଭୂଖଣ୍ଡ ପରସ୍ପର ହଣାହଣି ମରାମରି ହୋଇ ଧ୍ୱଂସଦିଗକୁ ଅଗ୍ରସର ହେଲାପରେ ସେହି ଅଗ୍ନିପରୀକ୍ଷାରୁ ଯେଉଁମାନେ ମୁକ୍ତି ଲାଭ କଲେ, ବର୍ତ୍ତମାନ ସେମାନଙ୍କର ପ୍ରଧାନ ଚିନ୍ତାର ବିଷୟ ହେଉଛି କି ଉପାୟରେ ସେମାନେ ଭବିଷ୍ୟତ ବିପଦରୁ ଆତ୍ମରକ୍ଷା କରିପାରିବେ । ବହୁବିଧ ଭାବନା ଓ ଗବେଷଣା ଫଳରେ ସମସ୍ତ ଜାତିକୁ ଏକତାବଦ୍ଧ କରି ରଖିବାର ଅଭିଳାଷ ସେ ଦେଶର ରାଜନୀତିଜ୍ଞମାନଙ୍କ ମୁଣ୍ଡରେ ବର୍ତ୍ତମାନ ସ୍ଥାନ ପାଇଲା । କିନ୍ତୁ ମନୋଜଗତରେ ଐକ୍ୟ ସ୍ଥାପନ କରିନପାରିଲେ କି ୟୁରୋପୀୟ, କି ଆମେରିକୀୟ, କି ରୁଷୀୟ, ଯେ କେହି ହୁଅନ୍ତୁ, ଜାତୀୟଜୀବନରେ ଐକ୍ୟ ସ୍ଥାପନ କରିବା ଦୁଃସାଧ୍ୟ । ବଳପୂର୍ବକ ଧରି ବାନ୍ଧି କୌଣସି ଦେଶକୁ ଆୟତ୍ତ କରାଯାଇ ପାରିବନି—ଏଇ ସ୍ଥୂଳ ସତ୍ୟଟି ସୂକ୍ଷ୍ମଦର୍ଶୀ ରାଜନୀତିଜ୍ଞଙ୍କ ଆଖିରେ ଏବେ ପଡ଼ିଛି । ଏଣୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି—ପାଶ୍ଚାତ୍ୟ ସଭ୍ୟତାର ମାନେ କଣ ?

ପ୍ରାଚୀନକାଳରେ ଭାରତବର୍ଷର ବୈଦାନ୍ତିକମାନେ ଯେତେବେଳେ ଆରମ୍ଭ କଲେ —'ଅଥାତଃ ବ୍ରହ୍ମଜିଜ୍ଞାସା' ସେତେବେଳେ ମୀମାଂସକମାନେ ଉତ୍ତର କରିବାକୁ ଯାଇ ପ୍ରଶ୍ନ କଲେ—"ଏ ଜିଜ୍ଞାସାର ପ୍ରୟୋଜନ କଣ ? ପ୍ରକୃତରେ ଯଦି ବ୍ରହ୍ମ ଥାଏ, ତାହେଲେ ଏତେ ବଡ଼ ନିର୍ଦ୍ଦିଷ୍ଟ ସତ୍ୟ ସମ୍ବନ୍ଧରେ କାହାର ଜଣକର ସୁଦ୍ଧା ଜ୍ଞାନ ନ ରହିଲା କିମିତି ?

Digitized by srujanika@gmail.com

ହେଲା ବା ମଣିଷର କର୍ମମୟ ଜୀବନ ମଧ୍ୟରେ ବ୍ରହ୍ମଜ୍ଞାନର ବା ପ୍ରୟୋଜନ କଣ ?” ସେହିପରି ଏ ଯୁଗରେ ମଧ୍ୟ କର୍ମବାଦୀ ୟୁରୋପୀୟମାନେ, ପାଶ୍ଚାତ୍ୟ ସଭ୍ୟତା କହିଲେ କଣ ? —ଏହି ପ୍ରଶ୍ନର ଉତ୍ତର କରିବାକୁ ଯାଇ ପଚାରି ପାରନ୍ତି—“ପାଶ୍ଚାତ୍ୟ ସଭ୍ୟତା ନାଁ ରେ ଯଦି କିଛି ଥାଏ, ତାହେଲେ ସେହି ବିରାଟ ସତ୍ୟ ସମ୍ବନ୍ଧରେ ସମସ୍ତେ କିପରି ଅଜ୍ଞ ? ହେଲା ବା, ତା'ର ଗୂଢ଼ରହସ୍ୟ ଜାଣିକରି ଲାଭ କଣ ? ଦାର୍ଶନିକ ଦୃଷ୍ଟିରେ ହେଉ ବା ବୈଜ୍ଞାନିକ ଦୃଷ୍ଟିରେ ହେଉ, ଏହି ଜ୍ଞାନ ଆମର କର୍ମମୟ ଜୀବନରେ କି ଲକ୍ଷ୍ୟ ସାଧନ କରିପାରେ ?” ଏହାହିଁ ଜିଜ୍ଞାସା ।

ଉକ୍ତ ଜିଜ୍ଞାସାର ପ୍ରୟୋଜନୀୟତା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ କେତେକ ପାଶ୍ଚାତ୍ୟ ସମାଲୋଚକ କହନ୍ତି—ସକଳ ପ୍ରକାର ପାଶ୍ଚାତ୍ୟ ଅଧିବାସୀ ଯେ ଏକ ପରିବାରର ସନ୍ତାନ, ଏ ସମ୍ବନ୍ଧରେ ସମସ୍ତ ୟୁରୋପୀୟ ସଚେତ ରହିବା ଉଚିତ । ଅନ୍ୟଥା ପାଶ୍ଚାତ୍ୟ ସଭ୍ୟତାର ଧ୍ୱଂସ ଅନିବାର୍ଯ୍ୟ । ଏଣୁ ସେମାନେ ଜ୍ଞାତିଶତ୍ରୁତା କାର୍ଯ୍ୟରେ ଶକ୍ତି କ୍ଷୟ ନ କରି ସମ୍ମିଳିତ ଶକ୍ତି ସାହାଯ୍ୟରେ ବାହାର ପ୍ରତିଯୋଗୀକୁ ପରାଭୂତ କରିବା ହେଉଛି ସେମାନଙ୍କର ପ୍ରଥମ କର୍ତ୍ତବ୍ୟ । ଆଉ ସେହି ପ୍ରତିଯୋଗୀଟି ମଧ୍ୟ ଅନ୍ୟ କେହି ନୁହେଁ—ପ୍ରାଚ୍ୟ ସଭ୍ୟତା ।

ଉକ୍ତ ମତବାଦୀଙ୍କ ମତରେ ସମଗ୍ର ପାଶ୍ଚାତ୍ୟ ଭୂଖଣ୍ଡର ମନ ଓ ପ୍ରାଣ ଯେମିତି ଏକ, ସେମିତି ତାଙ୍କର ବିଶ୍ୱାସ । ସମସ୍ତ ପ୍ରାଚ୍ୟ ଅଧିବାସୀଙ୍କ ମନ ଓ ପ୍ରାଣ ମଧ୍ୟ ଅବିଚ୍ଛେଦ୍ୟ । ଆଉ ସେହି ମନ ଓ ପ୍ରାଣର ଏକମାତ୍ର ଲକ୍ଷ୍ୟ ପାଶ୍ଚାତ୍ୟ ସଭ୍ୟତାର ଆତ୍ମିକ ବିରୋଧ । ଏହା ହିଁ ଥିଲା ଭୂତପୂର୍ବ ଜର୍ମାନ ଶାସକ କାଇଜର୍ ଓ ହିଟଲର୍‌ଙ୍କ ମୌଳିକ ଆବିଷ୍କାର । ପୂର୍ବ ଭୂଖଣ୍ଡ ଯେ ପାଶ୍ଚାତ୍ୟ ସଭ୍ୟତାର ମାରାତ୍ମକ ଶତ୍ରୁ ସେ କଥାର କୌଣସି ପ୍ରମାଣ ଏ ଯାଏଁ ମିଳିନାହିଁ । କାରଣ, ଯେଉଁ ପ୍ରାଚ୍ୟସଭ୍ୟତା ପାଶ୍ଚାତ୍ୟ ଭୂଖଣ୍ଡ ଉପରେ ପ୍ରଭୁତ୍ୱ ବିସ୍ତାର କରିବ, ସେ ସଭ୍ୟତା ବୋଧହୁଏ ଆହୁରି ଭୂମିଷ୍ଠ ହୋଇନାହିଁ । ଫଳରେ ତାର ସନ୍ଧାନ ଆହୁରି କେହି ପାଇପାରି ନାହାନ୍ତି । ଯେ ଯାହାହେଉ, ପାଶ୍ଚାତ୍ୟ ସଭ୍ୟତାର ଅନ୍ତର୍ନିହିତ ରହସ୍ୟ ଏବେ ଇଂଲଣ୍ଡରେ ଭାରତୀୟ ପ୍ରବେଶ ନିଷେଧ ଆଇନ୍ ଓ ଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ଚର୍ଚ୍ଚ ସମ୍ମିଳନୀଦ୍ୱାରା ପଦାକୁ ଫୁଟି ବାହାରିପଡ଼ିଛି । ପୃଥିବୀର ଅପର ଭୂଖଣ୍ଡ ଉପରେ ସ୍ୱତ୍ୱାଧିକାର ବଜାୟ ରଖିବାକୁ ହେଲେ ପାଶ୍ଚାତ୍ୟ ଜାତି ଦଳବଦ୍ଧ ହେବା ଉଚିତ —ଏହି ଉଦ୍ଦେଶ୍ୟରେ ପୃଥିବୀ ପଞ୍ଚାୟତ୍, ଆର୍ଥନୀତିକ କନ୍‌ଫରେନ୍‌ସ, ବିଶ୍ୱଶାନ୍ତି ସମ୍ମିଳନୀ ଇତ୍ୟାଦିର ଯେ ସୃଷ୍ଟି, ଏହା ଏଥିରୁ ପ୍ରାଞ୍ଜଳ । ଏଣୁ ପାଶ୍ଚାତ୍ୟ ଜାତିର ସ୍ୱରୂପ ବୁଝିବାକୁ ପଡ଼ିବ ।

ଅଧ୍ୟାପକ ହାସ୍‌ଙ୍କ ମତରେ 'ପାଶ୍ଚାତ୍ୟ' ଅର୍ଥ ନିର୍ଦ୍ଦିଷ୍ଟ ଭୂଖଣ୍ଡ ନୁହେଁ । କାହିଁକି ନା, ପୂର୍ବ ଯୁଗରେ ଭୌଗୋଳିକ ମାନଦଣ୍ଡରେ ପଶ୍ଚିମ ଭୂଖଣ୍ଡର ସ୍ୱାତନ୍ତ୍ର୍ୟ ଥିଲା କି ନାହିଁ, ଯଦି ତ ଜଣାନାହିଁ, ତଥାପି 'ନାହିଁ' ଏହା ନିଶ୍ଚିତ କଥା । କାରଣ 'Everything connect-

Digitized by srujanika@gmail.com

ed with space, position and distance is steadily dwindling in importance. ଅବଶ୍ୟ ଏ ଉକ୍ତିର ଠିକ୍ ମାନେ ବୁଝାପଡୁନ । ଦେଶ କାଳ ବ୍ୟବଧାନ ଅତିକ୍ରମ କରିବା କୌଶଳ ଆଜି ମଣିଷର ହାତମୁଠାରେ । ଚନ୍ଦ୍ରପୃଷ୍ଠ ଆଜି ବହୁ।ର-କାନନ । ସୁଁ। ବୋଲି ସବୁଦେଶର 'ପୋଜିସନ୍' ବଦଳି ଯାଇଛି ତା ନୁହେଁ, ଅବଶ୍ୟ 'ପୋଜିସନ୍' ବୋଲି ପଦ କହୁଥାଏ, ବଳିତ ଭାରତ ହୋଇପାଇନ, ଭାରତବର୍ଷ ବି ବଳିତ ହୋଇପାରିନ । ଗୋଟିଏ ଦେଶ ସଙ୍ଗେ ଅନ୍ୟ ଦେଶର ଭୌତିକ (physical) ବ୍ୟବଧାନ କମ୍ ହୋଇଗଲେ ବି ମନସ୍ତାତ୍ତ୍ୱିକ (psychological) ବ୍ୟବଧାନ ବଢ଼ିବାର ପୂର୍ବପର ରହିବ—ଏହାହିଁ ଏ ଉକ୍ତିର ଉଦ୍ଦେଶ୍ୟ । ଏହି କାରଣ ଯୋଗୁଁ ପୂର୍ବ ସହିତ ପଶ୍ଚିମର ଅନ୍ତିମ ସଂଘର୍ଷ ସକାଶେ ଦେଶକୁ ସଂଗଠିତ କରିବା ପ୍ରୟୋଜନ ଦେଖାଯାଏ ।

ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ପାଶ୍ଚାତ୍ୟ ପଣ୍ଡିତମାନେ ମଣିଷ ପ୍ରକୃତିର ମୂଳ ଖୋଜିବାକୁ ଯାଇ ତାର ସନ୍ଧାନ ପାଇଥିଲେ ପୃଥିବୀ ଭିତରେ—ମାଟି ତଳେ । ଏଠାରେ ଅବଶ୍ୟ 'ମାଟି' ଶବ୍ଦ ପଞ୍ଚଭୂତ ଅର୍ଥରେ ବ୍ୟବହୃତ । ପରବର୍ତ୍ତୀ ପଣ୍ଡିତମାନେ କିନ୍ତୁ ଆବିଷ୍କାର କଲେ—ଏକମାତ୍ର ଜିଓଗ୍ରାଫି ଯେ ସଭ୍ୟତା ଗଠନ କରେ, ସେ କଥା ନୁହେଁ । କାରଣ, ତାହେଲେ ରେଡ଼୍-ଇଣ୍ଡିଆନ୍ ଓ ଆମେରିକାନ୍‌ମାନଙ୍କ ସଭ୍ୟତା ମଧ୍ୟରେ ଆକାଶ-ପାତାଳ ଭେଦ ରହନ୍ତା କିପରି ? ଏଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ସଭ୍ୟତା ଗଠନ ସକାଶେ Soil ଅପେକ୍ଷା Race, ଅର୍ଥାତ୍ କ୍ଷେତ୍ର ଅପେକ୍ଷା ବୀଜହିଁ ପ୍ରଧାନ । କ୍ଷେତ୍ର—ବୀଜ କଥା ବିଚାରବେଳେ ପ୍ରାଚୀନ ଯୁଗର ବୃଦ୍ଧ ମନୁ ବି ସେ କଥା କହିଛନ୍ତି । × × × ×

ଏଣୁ ଜଣାପଡ଼େ ଏ ସାମ୍ୟ ଏବର ଏକା ନୁହେଁ—ବହୁ ପୁରାତନ । ଯାହାହେଉ, ଏହି ବିଚାରହିଁ ଶେଷରେ ନୃ-ବିଜ୍ଞାନ, ପ୍ରାଣୀବିଜ୍ଞାନ ପ୍ରଭୃତି ନାଁରେ ନୂଆ ନୂଆ ରୂପ ଧରି ବିଜ୍ଞାନ ଶାସ୍ତ୍ରରେ ଅନ୍ତର୍ଭୁକ୍ତ ହୁଏ । ବୈଜ୍ଞାନିକମାନେ ପ୍ରମାଣ କରିବାକୁ ଲାଗିଲେ ଯେ ମାନବଗୋଷ୍ଠୀ ମଧ୍ୟରେ 'ଆର୍ଯ୍ୟ' ନାମରେ ଏକ ଦେବ ଜାତି ଥିଲା—ଅଛି ବି । ଅତୀତରେ ସେହି ଜାତି ସଭ୍ୟତା ଗଢ଼ିଥିଲା ଏବଂ ଭବିଷ୍ୟତରେ ମଧ୍ୟ ଗଢ଼ିବ । କାରଣ, ସେ ଜାତିର ଧର୍ମ ହେଉଛି ପ୍ରଗତି କରିବା । ସେହି ଜାତି ପ୍ରଥମେ ଉତ୍ପତ୍ତି ଲାଭ କରିଥିଲା ଉତ୍ତର-ଜର୍ମାନୀରେ । ତେଣୁ ପାଶ୍ଚାତ୍ୟବାସୀ ଭାବନ୍ତି, ସେମାନେ ହିଁ ମାନବ ଗୋଷ୍ଠୀ ମଧ୍ୟରେ ଶ୍ରେଷ୍ଠ, ତାଙ୍କର ଧର୍ମ ହିଁ ପୃଥିବୀରେ ଉତ୍କୃଷ୍ଟ, ଯେହେତୁ ଲୋହିତ ଆର୍ଯ୍ୟ ଶୋଣିତ ତାଙ୍କର ଧମନୀରେ ଏକା ପ୍ରବାହିତ । ମାତ୍ର ଏ ବିଷୟରେ ସେମାନଙ୍କ ମନରେ ଏବେ ବି ସନ୍ଦେହ ରହିଛି । ନେ ହଲେ ସେମାନେ, 'It is true that Europe is on the whole inhabited by Aryan peoples, but the same Aryans have produced quite a different culture in India' ବୋଲି କହନ୍ତେନି । ଅତଏବ କୁହାଯାଇପାରେ, ପାଶ୍ଚାତ୍ୟ ସଭ୍ୟତା ମୂଳ କ୍ଷେତ୍ର ନୁହେଁ କି ବୀଜ ନୁହେଁ ।

Digitized by srujanika@gmail.com

'ପାଶ୍ଚାତ୍ୟ' କହିଲେ ଆମେ ଯାହା ବୁଝୁ, ତା'ର ଗୂଢ଼ ମର୍ମ ପଶ୍ଚିମର ମାଟି କମ୍ବା ପଶ୍ଚିମର ଶରୀର କେଉଁଥିରେ ହେଲେ ଆମେ ଦେଖିବାକୁ ପାଉନୁ । ଜିଓଗ୍ରାଫି ମାନବ ସଭ୍ୟତାର ସୃଷ୍ଟି କରେନା—କରେ ହିଷ୍ଟ୍ରି । ମନୁଷ୍ୟର ଦେହ କରେନା—କରେ ତାର ମନ । ଏହି ହେତୁରୁ କୁହାଯାଏ—'It is only a spiritual and cultural entity that Europe can have a meaning for us !' ରୁସୋ, ଭଲ୍‌ଟିଅର୍ ପ୍ରଭୃତି ଫରାସୀ ଦାର୍ଶନିକମାନେ ବିଶ୍ୱାସ କରନ୍ତି—ପୃଥିବୀତମାମ ମଣିଷର ଗୋଟିଏ ସମାନ ଏବଂ ସେହି ଗୋଟିଏ ହେଉଛି 'ମଣିଷଗୋଷ୍ଠି'; କିନ୍ତୁ ଏବ ଯୁଗରେ—'Biology teaches us that every kind of living organism has a world of its own'. ଏଣୁ ମାନିବାକୁ ହେବ, ମଣିଷ ମଣିଷ ମଧ୍ୟରେ କେତେକାଂଶରେ ସାଦୃଶ୍ୟ ଥିଲେ ମଧ୍ୟ ଅନେକ ପରିମାଣରେ ବୈସାଦୃଶ୍ୟ ବି ରହିଛି । ସୁତରାଂ କେଉଁ ଗୁଣ ହେତୁରୁ ପାଶ୍ଚାତ୍ୟବାସୀ ଏକ ଓ ପାଶ୍ଚାତ୍ୟେତର ଲୋକ ପୃଥକ୍ ତା'ର ବିଚାର କରିବାକୁ ହେବ ।

ପାଶ୍ଚାତ୍ୟ ସଭ୍ୟତାର ସ୍ୱରୂପ କହିବାକୁ ଯାଇ ସେ ଦେଶର ପଣ୍ଡିତମାନେ କହନ୍ତି, ଏହି ସଭ୍ୟତା ପାଶ୍ଚାତ୍ୟ 'ସ୍ପିରିଟ୍' ଭିତ୍ତିରେ ଜନ୍ମଲାଭ କରିଥିବାରୁ ତା'ର ନାଁ ହେଉଛି 'ପାଶ୍ଚାତ୍ୟ ସଭ୍ୟତା'; ତେଣୁ ସେହି ସ୍ପିରିଟ୍ ଠିକ୍‌କର ଆତ୍ମପ୍ରକାଶ ବିଷୟରେ ପରିଚୟ ପାଇଗଲେ, ସେଥିରେ ବିଶେଷତ୍ୱ କଣ ସହଜରେ ବୁଝାଯାଇପାରିବ ।

ପାଶ୍ଚାତ୍ୟ ଆତ୍ମାର ପ୍ରଧାନ ଧର୍ମ ହେଲା—"To organise every thing with which it has to deal, to mould every thing whether it be material or spiritual, in such a way that it constitutes a unity in multiplicity." ଅର୍ଥାତ୍ ବହୁକୁ ଏକ ରୂପରେ ଦେଖିବା ଓ ବହୁକୁ ଏକ ସୂତ୍ରରେ ଗୁନ୍ଥିବା ପ୍ରବୃତ୍ତି, ସ୍ଥୂଳକଥାରେ ଭୌତିକ ଓ ଆଧ୍ୟାତ୍ମିକ ପ୍ରକୃତିକୁ ସଙ୍ଗଠିତ ଓ ଶୃଙ୍ଖଳିତ କରିବା ପ୍ରବୃତ୍ତି ବା ଶକ୍ତି ।

କିନ୍ତୁ ପ୍ରକୃତିକ ଜାଣିବା ଓ ଆୟତ୍ତ କରିବା କୌଶଳ ପ୍ରଥମେ ଗ୍ରୀକ୍‌ମାନେ ଉଦ୍‌ଭାବନ କରନ୍ତି । ମଣିଷ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଉପାୟ ପ୍ରଥମେ ଆବିଷ୍କାର କରିଥିଲେ ରୋମାନ୍‌ମାନେ, ତାପରେ ମଧ୍ୟଯୁଗର ୟୁରୋପୀୟମାନେ ପରଲୋକ ଜୟକରିବା ସକାଶେ ଯେଉଁ ଶକ୍ତି ସଞ୍ଚୟ କରିଥିଲେ ପରବର୍ତ୍ତୀ ଯୁଗରେ ତାହା ଇହଲୋକ ଜୟକରିବା ପାଇଁ ପ୍ରଯୁକ୍ତ ହେଲା । ଅର୍ଥାତ୍ ଗ୍ରୀକ୍ ଜ୍ଞାନ, ରୋମାନ୍ କର୍ମ ଓ ମଧ୍ୟଯୁଗର ଧର୍ମ ମିଶି ଆଜିର ଏ ବୈଜ୍ଞାନିକ ସଭ୍ୟତାର ଉତ୍ପତ୍ତି; ତେଣୁ ଏହି ପାଶ୍ଚାତ୍ୟ ସଭ୍ୟତାକୁ ଏକ ସାଂସ୍କୃତିକ ଗୀତା କହିଲେ ବି ଅସୁନ୍ଦର ହେବନି, କାରଣ ଗୀତା ପରି ଏଥିରେ ବି ଜ୍ଞାନ-କର୍ମ-ଭକ୍ତି (ଧର୍ମ) ର ଅପୂର୍ବ ସମନ୍ୱୟ ଦୃଷ୍ଟ ହୁଏ । ଏହା ହିଁ ପାଶ୍ଚାତ୍ୟ ଆତ୍ମାର ଚରମ ପରିଣତି ।

Digitized by srujanika@gmail.com

ମୋଟକଥା, ଗ୍ରୀକ୍ ସଭ୍ୟତା, ରୋମାନ୍ ସଂସ୍କୃତି ଏବଂ ଖ୍ରୀଷ୍ଟଧର୍ମ ତିନୋଟି ମିଶି ପାଶ୍ଚାତ୍ୟ ସଭ୍ୟତାର ସୃଷ୍ଟି । ଗ୍ରୀକ୍‌ଜାତି ପ୍ରଥମେ ବିଜ୍ଞାନର ଭିତ୍ତି ଦିଏ; ରୋମାନ୍ ଜାତି ସମାଜରକ୍ଷା ଓ ରାଜ୍ୟଶାସନ ନିୟମ ଶୃଙ୍ଖଳିତ କରେ ଏବଂ ଖ୍ରୀଷ୍ଟ ଧର୍ମ ପ୍ରେମର ଶ୍ରେଷ୍ଠତା ପ୍ରତିପାଦନ କରେ । ଅନ୍ୟ ଭାଷାରେ କହିଲେ—ଗ୍ରୀକ୍ ରେସନାଲିଜମ୍, ରୋମାନ୍ ଲିଗାଲିଜମ୍ ଓ ଖ୍ରୀଷ୍ଟୀୟ ଆଇଡ଼ିଆଲିଜମ୍ ମିଶ୍ରଣରେ ପାଶ୍ଚାତ୍ୟ ସଭ୍ୟତାର ଉତ୍ପତ୍ତି ।

କିନ୍ତୁ ରେନେସାଁ ବା ଧର୍ମସଂସ୍କାର ଯୁଗଠାରୁ ଗ୍ରୀକ୍ ବିଜ୍ଞାନ, ରୋମାନ୍ ରାଜନୀତି ଓ ଖ୍ରୀଷ୍ଟୀୟ ଧର୍ମନୀତି କ୍ରମଶଃ ପରସ୍ପରଠାରୁ ବିଚ୍ଛିନ୍ନ ହେବାକୁ ଲାଗେ; ପାଶ୍ଚାତ୍ୟ ସଭ୍ୟତାର କେନ୍ଦ୍ର-ବିନ୍ଦୁ ଅସ୍ଥିର ହୋଇପଡ଼େ । ପରିଶେଷରେ ରାଜନୈତିକ-ଜାତୀୟତା ରୂପକ ବିଷକୀଟ ପାଶ୍ଚାତ୍ୟ ମନରେ ଭ୍ରୂଣଧାରଣ କରିବା ଆରମ୍ଭ କଲା । ଫଳରେ ଗ୍ରୀକ୍ ବୁଦ୍ଧି ଓ ଖ୍ରୀଷ୍ଟନୀତି ପାଶ୍ଚାତ୍ୟ-ବାସୀଙ୍କ ମନରୁ ଧୀରେ ଧୀରେ ଦୂରେଇ ଆସିଲା । ବାହ୍ୟ ଚାକଚକ୍ୟ ଠିକ୍ ଥିଲେ ମଧ୍ୟ ଭିତର ଖଣ୍ଡିକ ସାରଶୂନ୍ୟ ହୋଇପଡ଼ିଲା । ଆଗେ ପାଶ୍ଚାତ୍ୟବାସୀ ପୃଥିବୀର ଅନ୍ୟାନ୍ୟ ଜାତି ଚକ୍ଷୁରେ ଗୋଟିଏ ବଡ଼ ସଭ୍ୟତାର ପ୍ରତିନିଧି ବୋଲି ଗର୍ବ କରୁଥିଲେ; କିନ୍ତୁ ଆଜିର ଏ ପ୍ରଗତିଶୀଳ ଯୁଗରେ ସେମାନେ ଉତ୍କୃଷ୍ଟ ବ୍ୟବସାୟୀ ବା ଉଚ୍ଚକୋଟିର କାରିଗର ବୋଲି ହିଁ ପରିଚିତ । ପୁଣି ମଧ୍ୟ, ସେତେବେଳେ ରାଜନୈତିକ-ଜାତୀୟତା—ବୋଧ ଏବଂ ଶିଳ୍ପୀକରଣ ପ୍ରବୃତ୍ତିର ମୂଳମନ୍ତ୍ର ହେଲା ଇତର ଜାତିର ସ୍ୱାର୍ଥ ବିନିମୟରେ ନିଜର ସ୍ୱାର୍ଥ ସିଦ୍ଧି ଏବଂ ଅପର ଜାତି ସହିତ ପ୍ରତିଯୋଗିତା, ଅର୍ଥାତ୍ କୌଶଳପୂର୍ବକ ଧନଶୋଷଣ, ସେତେବେଳେ ପାଶ୍ଚାତ୍ୟ ଜାତି ଅନ୍ୟାନ୍ୟ ଜାତିଙ୍କ ଏହି ମନ୍ତ୍ରରେ ଦୀକ୍ଷିତ କରି, ମନ୍ତ୍ରସିଦ୍ଧି ପାଇଁ ଯନ୍ତ୍ରପାତି ଯୋଗାଇ, ନିଜ ସଙ୍ଗେ ପ୍ରତିଯୋଗିତା କ୍ଷେତ୍ରକୁ ପ୍ରସ୍ତୁତ କରାଇବା ହେଲା ତା'ର ନବସଭ୍ୟତାର କର୍ମଫଳ ।

ଫଳତଃ, ଏବେ ପାଶ୍ଚାତ୍ୟ ସମାଲୋଚକଙ୍କ ଦୃଷ୍ଟିରେ, ଆଗରେ ମସ୍ତବଡ଼ ବିପଦ ରହିଛି, ଅର୍ଥାତ୍ ପାଶ୍ଚାତ୍ୟ ସଭ୍ୟତା ବର୍ତ୍ତମାନ ଟଳମଳ ଅବସ୍ଥାରେ ପହଞ୍ଚିଛି । ସଭ୍ୟତାର ଉତ୍ପତ୍ତି ସମ୍ବନ୍ଧରେ ଯଦିଚ କାହାର କିଛି ମତଭେଦ ନାହିଁ, ତଥାପି ତା'ର ପରିଣତି ନେଇ ମତଭେଦ ଦେଖାଯାଏ । କେତେକଙ୍କ ମତରେ ବୈଷୟିକ ସଭ୍ୟତା ସେ ସଭ୍ୟତାର ଉତ୍କୃଷ୍ଟ ପରିଣତି ବୋଲି ବିବେଚିତ ହେଉଥିବାବେଳେ ଆଉ କେତେକଙ୍କ ମତରେ ସେଇଥିରୁ ହିଁ ତା'ର ଚରମ ଅବନତି । କାରଣ, ଆଧ୍ୟାତ୍ମିକ ତଥା ନୈତିକ ପରମ୍ପରା, ଯାହା ସଭ୍ୟତାର ପ୍ରାଣକେନ୍ଦ୍ର, ତାହା ଆଜି ପଶ୍ଚିମ ସଭ୍ୟତାରେ ନାହିଁ ।

ୟୁରୋପ ଯେତେବେଳେ ଗ୍ରୀକ୍ ସାହିତ୍ୟ ଓ ରୋମାନ୍ ରାଜନୀତିର ସନ୍ଧାନ ପାଏ, ସେତେବେଳେ ମଧ୍ୟଯୁଗୀୟ ସଭ୍ୟତାର ଅବସାନ ଘଟେ; ଯେମିତି ଆଦିଯୁଗରେ ପ୍ରାଚ୍ୟସଭ୍ୟତା ପାଶ୍ଚାତ୍ୟଦେଶର ବିପଥଗାମୀ ଜ୍ଞାନମାର୍ଗ କର୍ମମାର୍ଗରେ ଆକୃଷ୍ଟ ହୋଇ ପିତୃ-ପିତାମହ-ଯୁଗୀୟ ପରିପକ୍ୱ ସଭ୍ୟତା ପାଖରୁ ଘୁଞ୍ଚି ଘୁଞ୍ଚି ଆସୁଛି ।

Digitized by srujanika@gmail.com

ଏଣୁ ପୁଣି ପ୍ରଶ୍ନ ଉଠେ, ପ୍ରାଚ୍ୟସଭ୍ୟତା କଅଣ ? ତାହାର ସ୍ୱରୂପ କଣ ? ଏହି ପ୍ରଶ୍ନର ଉତ୍ତର କିଏ ଦେବ—ଏ ପୁଣି ଆଉ ଏକ ବଡ଼ ପ୍ରଶ୍ନ; କାରଣ, ଏହାର ଉତ୍ତର ଦେବାକୁ କେହି ପ୍ରାଚ୍ୟଭୂଖଣ୍ଡରେ ବିଶ୍ୱାସ ସହିତ ଯତ୍ନ କରୁଥିଲା ପରି ମନେହୁଏନାହିଁ । ଯିଏ ବା କରୁଛନ୍ତି, ପାଶ୍ଚାତ୍ୟ ପରଦାର ଅନ୍ତରାଳରେ ଚିହ୍ନି କରିବାକୁ ଯାଉଛନ୍ତି । ଏଣୁ ଅନ୍ଧାର ଭିତରେ ଅନ୍ଧ ବୁଲି ଆଲୋକର ସ୍ୱରୂପ ନିର୍ଣ୍ଣୟ କରିବାକୁ ଚଳାପରି ବୈଷୟିକତାର ଅନୁପୁଙ୍ଖ ବାଛି ମୋଗଲ୍ ଟ୍ରେଡ଼ିସନ୍, ଇଣ୍ଟେଲେକ୍‌ଚୁଆଲ୍, ଆଧ୍ୟାତ୍ମିକ ମିତବାଦ ପ୍ରଭୃତିର ସ୍ୱରୂପ କହିବାକୁ ଯିବାରେ କୌଣସି ଫଳନାହିଁ । ବରଫାବୃତ ଶୀତଜଳରେ ରହି ଉଷ୍ଣ ତାପ ବହ୍ନିର କବୋଷ୍ଣତା ସମ୍ବନ୍ଧରେ କ୍ଷୀଣ ଧାରଣା ସୃଷ୍ଟି ହୋଇପାରେ, ମାତ୍ର ତା'ର ପ୍ରଚଣ୍ଡ ଦାହିକାଶକ୍ତି ସମ୍ବନ୍ଧରେ ନୁହେଁ ।

ପ୍ରାଚ୍ୟ ସଭ୍ୟତାର ମୂଳ ଭିତ୍ତି ହେଲା ଇଣ୍ଟେଲେକ୍‌ଚୁଆଲ୍ ବା ଆଧ୍ୟାତ୍ମିକ ମିତବାଦ । ତାହାର ଆଧୁନିକ ବିଶ୍ଳେଷଣ ବୋଇଲେ ଉଲ୍ଲିଖିତ ଦୃଷ୍ଟାନ୍ତ । ଏଣୁ ପ୍ରାଚ୍ୟ ସଭ୍ୟତା ଭିତର ନାସ୍ତି ବା ନିଷେଧମୂଳକ କ୍ରିୟାକଳାପ (ଯାହା ସାମାଜିକ ଶୃଙ୍ଖଳାର ଦୃଢ଼ବନ୍ଧ ଫିଟାଇ ଦିଏ) ର ବୈଧାନିକ ପ୍ରବର୍ତ୍ତନଦ୍ୱାରା ସମାଜ କି ପରିମାଣରେ ଶୃଙ୍ଖଳିତ ହେବ ଏବଂ ସୁସ୍ଥ ମନୋବୃତ୍ତିର ନିୟାମକ ହେବ, ଏ ଏକ ଚିନ୍ତାର ବିଷୟ । ଆଜିକାଲିର ସଙ୍ଗୀତ, ସାହିତ୍ୟ, ଚିତ୍ରକଳା, କଥାଚିତ୍ର ସବୁ ଏହାର ଦୃଷ୍ଟାନ୍ତସ୍ଥଳ । ସାଧାରଣ ଜନତା ମଧ୍ୟରୁ ସଂଗୃହୀତ ନରନାରୀଙ୍କର ସ୍ଥୂଳ ଅନୁଭୂତିକୁ ସଙ୍ଗୀତ, ସାହିତ୍ୟ ପ୍ରଭୃତିରେ ସୂକ୍ଷ୍ମରୂପ ଦେଇ ରସଗ୍ରାହୀଙ୍କ ମନରେ ସୃଷ୍ଟି ହେବା ପ୍ରତିକ୍ରିୟାକୁ ଯେଉଁ super-human ବା ଅତିମାନବ ଚରିତ୍ର ମାଧ୍ୟମରେ ପ୍ରକାଶ କରାଯାଉଥିଲା, ତାହା ସମାଜର ନୈତିକ ବାତାବରଣକୁ ସଯତ୍ନ ତଥା ମାର୍ଜିତ କରିବାରେ ସହାୟକ ଥିଲା । ଦୁର୍ବଳ ମନର ଆକର୍ଷଣ ପ୍ରାକୃତିକ ରସଗୀତାଦି କଳ୍ପନାର ଆଲମ୍ବନରେ ପ୍ରକାଶିତ ହେବା ହେତୁ ଚଳମାନ ସମାଜରେ ତାହା ପରୀକ୍ଷିତ ହେବାର ସୁଯୋଗ ପାଉନଥିଲା । ତା' ଛଡ଼ା, ଏହାର ସଫଳତାରେ ପୂର୍ଣ୍ଣତା ସମ୍ପାଦନ ଲାଗି ଆହାର ବିହାର, ଆଚାର ବିଚାର, ବେଶ ଭୂଷା ସବୁ ନିୟନ୍ତ୍ରିତ ଥିଲା । ସାତ୍ତ୍ୱିକ, ରାଜସ, ତାମସ ଭେଦରେ ଆହାର ବିଭକ୍ତ, ଭ୍ରମଣ ଓ ବିହାର ମଧ୍ୟରେ ଆଧ୍ୟାତ୍ମିକତାର ଲକ୍ଷ୍ୟ ନିର୍ଦ୍ଦେଶ ଏବଂ ଆଚାର ବିଚାର ସମ୍ବନ୍ଧରେ ସାର୍ବଜନୀନ ଚିନ୍ତାଧାରା ସଙ୍କେତ ପ୍ରାଚ୍ୟ ସଭ୍ୟତାର ଐକାନ୍ତିକ ଥିଲା । କିନ୍ତୁ ବର୍ତ୍ତମାନ ଯୁଗରେ ଏହା ଭିନ୍ନମୁଖୀ ହେବା ଫଳରେ ପଟ୍ଟ କି ପ୍ରକାର ପରିବର୍ତ୍ତନ ଦେଇ ଗତିକରୁଛି, ଲକ୍ଷ୍ୟ କରିବାର କଥା ।

ଆଜି କିନ୍ତୁ ଏହି ପରିବର୍ତ୍ତିତ ସଭ୍ୟତାର ବହୁ ସବେଦକ ପ୍ରାଚ୍ୟ ସଭ୍ୟତାର ଅସ୍ତିତ୍ୱ ସମ୍ବନ୍ଧରେ ବି ସନ୍ଦିହାନ, ଅବଶ୍ୟ ଏଥିପାଇଁ ଦୁଃଖିତ ହେବାର କାରଣ ନାହିଁ । କାହିଁକି ନା, ସେମାନେ—ପ୍ରାଚ୍ୟ ନୁହେଁ କି ପାଶ୍ଚାତ୍ୟ ନୁହେଁ—ମୂଳତଃ ସଭ୍ୟତାର ଅସ୍ତିତ୍ୱ ସମ୍ବନ୍ଧରେ ସନ୍ଦିହାନ । କାରଣ, ତାଙ୍କଠାରେ ପଶ୍ଚିମର ସ୍ପିରିଟ୍ ବା ପୂର୍ବର ଆତ୍ମିକତା କୌଣସିଟା ନାହିଁ; ଏବଂ ପଶ୍ଚିମର ବାହ୍ୟ ଛଟା ଅନ୍ତରଟା ବି ନାହିଁ । ଅବଶ୍ୟ ତାଙ୍କର ଅନ୍ତର ଯେ ନାହିଁ ତା'

Digitized by srujanika@gmail.com

ନୁହେଁ—ଅଛି; କିନ୍ତୁ ତାହା ଗାଣିତିକ ସମାଙ୍କ ଯୋଗ ବିଯୋଗର ଫଳ 'ଶୂନ' ବିନା ଆଉ କିଛି ନୁହେଁ । ଅଥଚ, ପୂର୍ବବର୍ଣ୍ଣନାମାନଙ୍କରୁ ହିଁ ସଭ୍ୟତା ପୃଷ୍ଠର ପ୍ରଥମ ଗନ୍ଧ ଗୃଣଧଗରେ ବିଚ୍ଛୁରିତ ଓ ତା'ର ମୋହନ ମନ୍ତ୍ରକରେ ପୃଥିବୀ ଆମୋଦିତ ବୋଲି ପଶ୍ଚିମ ଭୂଖଣ୍ଡ ଚିନ୍ତାଶୀଳଙ୍କ ମତ । କେଣସି ସମ୍ପ୍ରଦାୟଙ୍କ ମନରେ ଆଆନ୍ତା ଯଦି ପୂର୍ବ କିମ୍ବା ପଶ୍ଚିମ ମଧ୍ୟରୁ କୌଣସି ଗୋଟିକର ସୃଷ୍ଟି, ତାହେଲେ କିଛି କହିବାର ନଥିଲା; କାରଣ ସିଏ ହେଉ, ସତ୍ୟର ସନ୍ଧାନ ପାଇଲେ 'ସତ୍ୟ'ଟି ଏକା ତା'ର ନୁହେଁ—ସର୍ବସାଧାରଣର, ବିଶ୍ୱର । ଗ୍ରୀକ୍ ଜାତି ଆଉ ନାହିଁ; କିନ୍ତୁ ତାଙ୍କ ଦର୍ଶନ ବିଜ୍ଞାନର ଉତ୍ତରାଧିକାରୀ ହେଲା ବିଶ୍ୱମାନବ । ରୋମାନ୍ ଜାତି ବିନଷ୍ଟ ହୋଇଛି; କିନ୍ତୁ ସେହି ସଭ୍ୟତାର ସାହାଯ୍ୟ ନେଇ ଉତ୍ପତ୍ତି ଲଭିଲା ମଧ୍ୟ-ଯୁଗୀୟ ସଭ୍ୟତା । ମଧ୍ୟ-ଯୁଗୀୟ theology ଗଢ଼ାହୋଇଛି ଆରିଷ୍ଟୋଟଲ୍ ପ୍ରବର୍ତ୍ତିତ ଦର୍ଶନ ଉପରେ ଏବଂ ଖ୍ରୀଷ୍ଟଧର୍ମ ବା ଚର୍ଚ୍ଚ ଗଢ଼ାଯାଇଛି ରୋମାନ୍ ସାମ୍ରାଜ୍ୟ ଅନୁକରଣରେ ।

ଅତଏବ ଜଣାପଡ଼େ, ଗ୍ରୀକ୍ ଜାତିର ଦର୍ଶନ ଓ ରୋମାନ୍ ଜାତିର ଆଇନ ଯେମିତି କେବଳ ସେହି ଦୁଇ ଜାତିର ସମ୍ପତ୍ତି ନୁହେଁ, ସେହିପରି ଆଧୁନିକ ବିଜ୍ଞାନ ମଧ୍ୟ ଆମେରିକା କିମ୍ବା ରୁଷିଆର ସମ୍ପତ୍ତି ନୁହେଁ, କିମ୍ବା ନୈତିକତା ଓ ଆଧ୍ୟାତ୍ମିକତା ଏକା ଭାରତବର୍ଷର ନୁହେଁ । ଏ ସମ୍ପତ୍ତି ବିଶ୍ୱମାନବର—ମାନବ ଗୋଷ୍ଠୀର, ଏଥିରେ ସମସ୍ତଙ୍କର ଅଧିକାର—ଏହା ସମସ୍ତେ ଶିଖିବେ—ଗ୍ରହଣ କରିବେ । ତାହେଲେ ପୂର୍ବ ଓ ପଶ୍ଚିମ ନାମରେ ଆଉ କୌଣସି ଭେଦ ରହିବ ନାହିଁ । ପଶ୍ଚିମର ରୂପ ଆହରଣ କରି ପୂର୍ବ ରୂପବାନ୍ ହେବ ଓ ପୂର୍ବର ମନ୍ତ୍ର ପଢ଼ି ପଶ୍ଚିମ ସିଦ୍ଧି ଲାଭ କରିବ । ଏଥିପାଇଁ ପୂର୍ବ ବା ପଶ୍ଚିମ କେହିହେଲେ ଭୟ କରିବାର କାରଣ ନାହିଁ । କେଉଁ ସଭ୍ୟ ସମାଜ ଅନ୍ୟ କୌଣସି ସଭ୍ୟ ସମାଜକୁ ବିନଷ୍ଟ କରେ ନାହିଁ; ବରଂ ତା'ର ପରିପୋଷକ ହୁଏ । ସଭ୍ୟତାର ଶତ୍ରୁ ଯଦି କେହି ଥାଏ ସେ ହେଉଛି ଅସଭ୍ୟତା । ଏହା ଇତିହାସର ଛତେ ଛତେ ଲିପିବଦ୍ଧ । ସଭ୍ୟତାର ବିନାଶକାରୀ ହିଁ ଅସଭ୍ୟତା । ସେହି ଅସଭ୍ୟତାକୁ ଆମନ୍ତ୍ରଣ କରି ଧ୍ୱଂସର ପଥ ଉନ୍ମୁକ୍ତ କରିବା ଆଦୌ ବାଞ୍ଛନୀୟ ନୁହେଁ । ଏଣୁ ପୂର୍ବର ମନ ପ୍ରାଣ ସହିତ ପଶ୍ଚିମର ରୂପ ଲାବଣ୍ୟ ମିଶି ଏକ ମଣି-କାଞ୍ଚନ ସଭ୍ୟତା ସୃଷ୍ଟି ହେଲେ ତାହା ବିଶ୍ୱର ସମୂହ କଲ୍ୟାଣ ସାଧନ କରନ୍ତା, ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

ଅନ୍ତିମ ମୁହୂର୍ତ୍ତ

ମହାନଦୀର କୌଣସି ପୁରୁଣା ନିର୍ଜନ ଘାଟ ସେପାରି ଅନେକ ନୀରବ ଇତିହାସ ସହିତ ଜହ୍ନ ବୁଡ଼ିଗଲାବେଳେ କିମ୍ବା ସେଇ ନିର୍ବାକ୍ ସ୍ତବ୍ଧତା ଭିତରେ ନିଃସଙ୍ଗ ନିଶାଚର କୌଣସି ପକ୍ଷୀଟିର ଡାକ ଟୁପ ଟୁପ ବାଜି ଏବଂ ଅନ୍ଧକାରରେ ମିଳେଇଗଲାବେଳେ ଗୋଟାଏ ପ୍ରକାର ସ୍ତବ୍ଧ ବେଦନା ଗୁମୁରିଉଠେ । ସ୍ୱତଃ ହୁଏତ ମନେପଡ଼ିଯାଏ ଯେ, ଆନନ୍ଦ ଏବଂ ଦଶହଜାର ଶିଷ୍ୟଙ୍କୁ 'ପ୍ରଦୀପ ସୂତ୍ର' ବୁଝେଇ ସାରି ପରମବୁଦ୍ଧଙ୍କର ଦୁଇଟି କରୁଣାସିକ୍ତ ଆଖି ଘୋଡ଼ାଇ ହୋଇ ଆସୁଛି···ଅନନ୍ତ ଯାତନାର ଶେଷ ମୁହୂର୍ତ୍ତ ପୂର୍ବରୁ ସେଇ କଣ୍ଟାର ମୁକୁଟଟିକୁ ତଥାପି ପିନ୍ଧିଥିବା ସମ୍ରାଟ୍‌ର ମଥା ଝାଉଁଳିଲା ଫୁଲ ପରି ନଇଁଆସୁଛି, କିମ୍ବା ଖାଲି ରଥ ବାହୁଡ଼ାଇ ଆଣି ସୁମନ୍ତ୍ର ମୁହଁ ଟେକି ଚାହିଁପାରୁନାହାନ୍ତି ଦଶରଥଙ୍କୁ, ଘନୀଭୂତ ଦୀର୍ଘଶ୍ୱାସଟିଏ ପରି ଠିଆହୋଇଛନ୍ତି କେବଳ । ବିରାଟ କିଛି ଗୋଟାଏ ହୁଏତ ଘଟିଗଲା । ଏଇ ବୋଧହୁଏ ତାର ଅବସାନର ଶେଷ ପର୍ବ । କୌଣସି ଅନାମଧେୟ ଆବେଗର ପ୍ଲାବନରେ ନିମଜ୍ଜମାନ ଉଭୟ ଅତୀତ ଏବଂ ଭବିଷ୍ୟତ ! ଏହା ଗୋଟାଏ ମାତ୍ର ବାଷ୍ପାକୁଳ ସ୍ଥିର ମୁହୂର୍ତ୍ତର ବେଦନା ଏବଂ ସୁପ୍ରସାରିତ ସେ ମୁହୂର୍ତ୍ତ—ଅବସନ୍ନ ବିଦଗ୍ଧ ମୁହୂର୍ତ୍ତ ।

ବର୍ଷ ଏବଂ ମାସର ପ୍ରବାହରେ ଏ ଜ୍ୱଳନ୍ତ ବିନ୍ଦୁଟିକୁ ଚିହ୍ନଟ କରିବା କିଛି ପ୍ରୟାସସାପେକ୍ଷ ନୁହେଁ । ସ୍ତର ସ୍ତର ଅନାମଧେୟ ଶୀତଳ ଅନ୍ଧାର ଭିତରେ ସେ ସ୍ୱପ୍ରକାଶରେ ଜଳୁଥାଏ । ଅନିର୍ଦ୍ଦିଷ୍ଟ କୌଣସି ଭବିଷ୍ୟତରେ ତାକୁ କଳ୍ପନା କରିହୁଏ । କିଛି କିଛି ସହି ମଧ୍ୟ ହୁଏ ସ୍ମୃତିର ପ୍ରକୋଷ୍ଠରେ ତାକୁ ପୁନର୍ନିର୍ମିତ କରି; କିନ୍ତୁ ତା' ଭିତରୁ ଦେଇ ସତକୁ ସତ ପାରିହୋଇଗଲେ ଏବଂ ଥରେ ସେ ଅଗ୍ନିବଳୟ ଭେଦିଗଲେ, ଆରପାଖେ ଯାହା ଉଦ୍‌ବୃତ୍ତ ରହିଯାଏ, ସେଥିରେ ଜୀବନର ବର୍ଦ୍ଧିଷ୍ଣୁ ବିକାଶ ଆଉ ସମ୍ଭବପାରେନାହିଁ । ଅବଶିଷ୍ଟ କେବଳ ଫାଳେ ବା ଚଉଠେ ଦଗ୍ଧ ଦାରୁ, କିମ୍ବା ମୁଠାଏ ଖାର କେବଳ ଏବଂ ତା' ସାଙ୍ଗକୁ ଝଲକାଏ ଦୀର୍ଘଶ୍ୱାସ । ମହେଞ୍ଜୋଦାରୋ ମାଟି ଖପରା ଉପରେ ମଳିନ ଚିହ୍ନ ପରି, ଅରମା ବାଲି ଭିତରକୁ ଛିଟିକିପଡ଼ିଥିବା କୋଣାର୍କର ଦଧିନଉତି ପରି, ଜୀବନର ଏ ପଙ୍ଗୁ ଅବଶେଷଟିକୁ ନେଇ ସମସ୍ତ ସମୟରେ ବଞ୍ଚିହୁଏ ନାହିଁ—ଯେପରି, ଧରିଯାଉ ବଞ୍ଚିପାରିଲେ ନାହିଁ ଦଶରଥ । ବୃନ୍ଦାବନକୁ କୃଷ୍ଣ ନ ଥିଲେ ଗୋପୀ ମଧ୍ୟ ବଞ୍ଚିପାରିନଥାନ୍ତେ ବିଚ୍ଛିନ୍ନ ଅବୟବ ପରି ।

Digitized by srujanika@gmail.com

ଭିନ୍ନ ଭିନ୍ନ ପରିମାଣର ଜ୍ୱାଳା ନେଇ ଏ ଅନୁଭବଟି ସମସ୍ତଙ୍କ ଜୀବନରେ ପ୍ରାପ୍ତ ଅଟେ । ମମତା-ମେଖଳିତ ଜୀବନର କେନ୍ଦ୍ରରୁ ଯଦି ଅଲିଅଳ ପୁଅ ଚାଲିଯାଏ, ଚାଲିଯାଏ ବାଗ୍‌ଦତ୍ତା କନ୍ୟା କମ୍ବା ସୀମନ୍ତିନୀ ବଧୂ, ତେବେ ଏ ଅନୁଭବର ତୀବ୍ରତା କଣ ତା ବୁଝିହୁଏ । ଠଳ ଠଳ ହୋଇ ସରିଆସୁଥାଏ ସେଇ ମହାର୍ଘ ଜୀବନ । ପ୍ରୟାସ, ଉତ୍କଣ୍ଠା, ଉଦ୍‌ବେଗ ପ୍ରାଣେ ସଂଗ୍ରାମ କରିଚାଲିଥାନ୍ତି ତାକୁ ଏପରି ଭିଡ଼ି ଧରି ରଖିବା ପାଇଁ । ଧୂପ ଧୂପ ଆଶାର ଅନ୍ଧକାର ଉପରକୁ ମୁଣ୍ଡ ଟେକି ଉଠୁଥିବା ସେ ବିକଟାଳ ସତ୍ୟକୁ ଘୋଡେଇ ପକେଇବାକୁ ଯତ୍ନ ଚାଲିଥାଏ । ଏପରି ସମୟରେ ହଠାତ୍ ସ୍ତିମିତ ଶିଖା ଭିତରର ସମସ୍ତ ଦୀପନକ୍ରିୟା ସ୍ଥିର ହୋଇଉଠେ । ଭବ୍ୟ ବିଶାଳ ରୂପରେ ଠିଆହୁଏ ସେଇ ଶେଷ ନିଶ୍ୱାସ ଏବଂ ତା' ସହିତ ସେଇ ବିମୂଢ଼ ମୁହୂର୍ତ୍ତ, ଯାହାର ଏପାଖେ ଜୀବନ ଏବଂ ସେପାଖେ ମୃତ୍ୟୁ । ଉଭୟଙ୍କୁ ସ୍ପର୍ଶକରି, ଉଭୟଙ୍କୁ ଧାରଣା କରି ବାସ୍ତବମୂର୍ତ୍ତି ପରି ଠିଆ ହେଉ ହେଉ ଲେଉଟିପଡ଼େ ସେ ମୁହୂର୍ତ୍ତ । ତା'ର ବ୍ୟାପ୍ତି ହୁଏତ 'ମାତ୍ର ଗୋଟିଏ ନିମେଷ'; କିନ୍ତୁ ତା'ର ଗମ୍ଭୀରତା, ତା'ର ନୀରବତା ଜାଣିବା ସହଜ ନୁହେଁ । ସେଇଠି ଆଶା ଏବଂ ଉଦ୍‌ବେଗର କୋଳାହଳ ନ ଥାଏ, ଯାତନାର ବେଦନ ନ ଥାଏ—ଥାଏ କେବଳ ସ୍ତବ୍ଧତା, ନିଷ୍କ୍ରିୟତା, ମୂକ ନିଶ୍ଚଳ ଅସହାୟତା ।

ବୁଝିବାକୁ ଗଲେ ସେ ଗୋଟିଏ ଆବେଗହୀନ ନିଶ୍ଚଳ ଅନୁଭବ, ଗମ୍ଭୀର କାରୁଣ୍ୟରେ ରୂପାୟିତ ହୋଇ ରହସିବା ପୂର୍ବରୁ ନିର୍ବାକ ସ୍ତମ୍ଭିତ ଅନୁଭବ । ସେଥିରେ କାରୁଣ୍ୟ ନାହିଁ, ମମତ୍ୱ ନାହିଁ, ସମ୍ପର୍କ ନାହିଁ । ଦେଶ-କାଳ-ପାତ୍ରରୁ ଉତ୍ତୀର୍ଣ୍ଣ ଅନାମଧେୟ ସେ ଅନୁଭବ । ସେଥିରେ ଆକାଶର ସ୍ପର୍ଶ ଥାଏ । ପ୍ରଶାନ୍ତ ମହାସାଗର ବେଳାଭୂମି ପରି ତାହା କୌଣସି ମହାମହିମ ସମ୍ରାଟଙ୍କର ମାନସୀୟ ଝଲକ । ସେ ନିର୍ବେଦ ମୁହୂର୍ତ୍ତ ପରେ ସୃଷ୍ଟି ପୁଣି ଦୁଇ ଫାଳ ହୋଇଯାଏ । ବଣିଯାଏ ସେପାରି ମୃତ୍ୟୁ ଏବଂ ଏପାରି ଜୀବନ । ଫୁଲିଉଠେ ଯାତନା ଏବଂ ବିଚ୍ଛେଦର ଆବେଗ, ବିଳାପ ଓ ଅଶ୍ରୁ । କେହି ଜଣେ ଜାହାଜରେ ଚଢ଼ିବା ପୂର୍ବରୁ ହାତ ଧରି ଯଦି କହେ, 'ଯାଉଛି ବନ୍ଧୁ, ଆଉ ବୋଧହୁଏ ଦେଖାହେବ ନାହିଁ'—ମନ ଭାଙ୍ଗିହୁଏ । ହୁଏତ ଜାହାଜର ମାସ୍ତୁଲ୍ ଲବଣାକ୍ତ ଜଳରେ ଗାର ସେପାରି ବୁଡ଼ିଯିବା ପର୍ଯ୍ୟନ୍ତ ଚାହିଁରହିବାକୁ ମନହୁଏ । ଅଦୃଶ୍ୟ ପାଟଡୋରିଟିଏ ଟାଣିରଖିଥାଏ । ତା'ପରେ ଆସେ ସେଇ ମୁହୂର୍ତ୍ତ । ହେଇ, ମାସ୍ତୁଲ୍‌ର ଅଗଭାଗ ବୁଡ଼ିଗଲା । ରଜ୍ଜୁ ଛିଣ୍ଡିଗଲା । 'ଯାଉଛି ବନ୍ଧୁ, ଆଉ ଦେଖା ହେବ ନାହିଁ'···'ଦେଖା ହେବ ନାହିଁ'···'ନାହିଁ' କହି କହି ଲିଭିଯାଏ ଜାହାଜ । କ୍ରମଶଃ ତୀବ୍ରରୁ ତୀବ୍ରତର ହେଉଥାଏ ଉଦ୍‌ବେଗ ଓ ବିଚ୍ଛେଦର ଯାତନା । ···ତା'ପରେ ଆସେ ଅବିକମ୍ପିତ, ଅନିବାର୍ଯ୍ୟ ନିରୁଦ୍‌ବେଗ ପୂର୍ଣ୍ଣଚ୍ଛେଦଟିଏ । ତା'ର ପରବର୍ତ୍ତୀ ବାକ୍ୟଟି କେବଳ ତରଳ, ଲବଣାକ୍ତ ଅଶ୍ରୁର ସମୁଦ୍ର—ପାଣିରେ ବୋଝେଇ ହୋଇଥିବା ବତାସିଆ ଗୁଡ଼ିଏ ଦୀର୍ଘଶ୍ୱାସ ।

ରାଜନୀତିରେ ଆଜୀବନ ପ୍ରତିଦ୍ୱନ୍ଦ୍ୱୀ ଯଦି କୌଣସି ସଭାରେ କହିଦିଏ 'ବନ୍ଧୁଗଣ, ଏଇ ଥରକରେ ମରିଗଲି, ଅଉ ଆସିବି ନାହିଁ ।' ବା ଶତ୍ରୁ ହାତ ବରଣ ପରି ଚରଣହୀନ ଯୁଦ୍ଧଭୂମିରେ

Digitized by srujanika@gmail.com

ମୁମୂର୍ଷୁ ପଡ଼ିରହେ, ତା' ନୀରବ ଆଖି ଲାଗିଯାଏ ଶେଷଥର ପାଇଁ, ଶତ୍ରୁତା ହଠାତ୍ ଲିଭିଯାଏ । ନଇଁଯାଏ ପ୍ରତିଦ୍ୱନ୍ଦ୍ୱିତାର କ୍ଷୁରଧାର । ଆବେଗ ସରିଯାଏ । ଅବରୁଦ୍ଧ ହୋଇଯାଏ ମୁହୂର୍ତ୍ତିକ ପାଇଁ । ତା'ପରେ ହୁଏତ ଅନ୍ୟ ପ୍ରକାର ଆବେଗର ପ୍ଲାବନରେ ମନପ୍ରାଣ ବୁଡ଼ିଯାଇପାରେ; କିନ୍ତୁ ସେ ସନ୍ଧିସ୍ଥଳଟି ଝଡ଼ର ପୂର୍ବାଭାସ ପରି ସ୍ଥିର । ଗୋଟିଏ ତୃଙ୍ଗ ପାହାଡ଼ରୁ ଆଉ ଗୋଟିଏ ତୃଙ୍ଗ ପାହାଡ଼କୁ ଗୋଡ଼ ବଢ଼େଇ ଚାଲିଯିବାକୁ ହୁଏତ ବାଟ ପାହୁଣ୍ଡେ; କିନ୍ତୁ ସେଇ ନିଶ୍ଚଳ ଶୂନ୍ୟଟିକକ ପାରହେଲାବେଳକୁ ଛପ୍‌କିନା କଳ୍ପନା ବନ୍ଦ ହୋଇଯାଏ, ରକ୍ତର ସୁଅ ହଠାତ୍ ଥମିଯାଏ ।

ସେହିପରି କୌଣସି ବିପନ୍ନ ଇତିହାସ ପାଖରେ ଠିଆହେଲେ, ମନର ସବୁଯାକ ଆଲୋକିତ ଉପତ୍ୟକା ଉପରେ ଗୋଟାଏ ଛାଇ ଘୋଡ଼େଇ ହୋଇଆସେ । ପଥରକାନ୍ଥ ଭିତରୁ ଫିସ୍ ଫିସ୍ କଥା ଶୁଭେ; କାରଣ ତା'ଗର୍ଭରେ କାଠଯୋଡ଼ୀ ଉପରେ ମନ୍ଦୀ ପରି ନିସ୍ତେଜ ନିଃଶ୍ୱାସ ମରୁଥାଏ । ଶତାବ୍ଦୀଗୁଡ଼ିକ ପୁରୁଣା କାନ୍ଥ ଉପରେ ଲିଭିଯାଇଥିବା ଚିତ୍ର ଚିତ୍ର ଚନ୍ଦ ପରି ମଳିନ ହୋଇ ଠିଆହୁଅନ୍ତି । 'ସବୁ ତା'ହେଲେ ଏମିତି ମରିଯିବ ଦିନେ, ଏମିତି ନୀରବ ହୋଇଯିବ' ଭଳି ଭାବନାର ବୋଝତଳେ ନଇଁଯାଏ ଗୋଟିଏ ଦୀର୍ଘନିଃଶ୍ୱାସ । ଏଇଟା କିଛି ନୂଆ କଥା ନୁହେଁ । ଯେ କୌଣସି ସନ୍ଧ୍ୟାରେ ସ୍ୱର୍ଗଦ୍ୱାରର ଗମ୍ଭୀର ବାତାବରଣରେ ଏହାହିଁ ଶୁଭୁଥାଏ । ଜୀବନର ବିସ୍ତୀର୍ଣ୍ଣ ସତ୍ୟଟିକୁ ଅନୁଭବ କରି ସବୁ ଯୁଗର, ସବୁ ଦେଶର ସମାନ ଜୀବଧର୍ମ ଉପରେ ଦୀର୍ଘଶ୍ୱାସ ଛାଡ଼ିବାକୁ ପଡ଼େ । ଏଭଳି ମୌଳିକ ବିଷାଦ ପାଇଁ ସମସ୍ତଙ୍କୁ କୁରୁକ୍ଷେତ୍ରର ପ୍ରୟୋଜନ ହୁଏ ନାହିଁ । ଦେଖିଜାଣିଲେ ଊଣା ଅଧିକେ ସବୁଠାରେ ଏହାର ସ୍ୱାଦ ମିଳେ । ଏଇଟା ହୋଇପାରେ ଗୋଟାଏ ଦୃଷ୍ଟିଭଙ୍ଗୀ କେବଳ; କିନ୍ତୁ ଗୋଟିଏ ଗୋଟିଏ ବିଶେଷ ପରିବେଶ ସେଭଳି ଭାବନାକୁ ଉଦ୍ରେକିତ କରିଦିଅନ୍ତି । ପରିବେଶ ଘୁଞ୍ଚିଗଲେ ହୁଏତ ମେଘ ଆଡ଼େଇହୋଇଯାଏ ଏବଂ ପୁଣି ଆଲୋକର ସାତ ରଙ୍ଗରେ ମର୍ମରିତ ହୋଇଉଠେ ଉପତ୍ୟକା ।

ଏହି ସାର୍ବଜନୀନ ବିଷାଦର ଗୁରୁଭାରକୁ ବୁଝିହୁଏ, ବହନ କରିହୁଏ । କେହି କେହି ତାକୁ ଉପଭୋଗ ମଧ୍ୟ କରିଜାଣନ୍ତି । କିନ୍ତୁ ଯେତେବେଳେ ବିଶିଷ୍ଟ କୌଣସି ଆପଣାଜଣଙ୍କ ଅବସାନ ଘଟୁଥାଏ, ଆଉ ଥରେ ସେ ଜୀବନ ଉଭିବାର ଅବକାଶ ନ ଥାଏ, ସେତେବେଳେ ମନୋରଥ ସରିଯାଏ । ଅନୁଭବ ହୁଏ ଯେ ସୂର୍ଯ୍ୟ-ଚନ୍ଦ୍ର ହେବା ଦିନଠାରୁ ଏ ପର୍ଯ୍ୟନ୍ତ ସମଗ୍ର ଅତୀତରେ ଏହା ମିଳି ନ ଥିଲା ଏବଂ ଏହା ପରେ ସୂର୍ଯ୍ୟ ଚନ୍ଦ୍ର ଥିବା ପର୍ଯ୍ୟନ୍ତ ଆଉ ମିଳିବ ନାହିଁ । ଏ ଅପୂର୍ବ ମହାର୍ଘ ଅନୁଭବ କୌଣସି ଆତ୍ମୀୟଙ୍କୁ କେନ୍ଦ୍ର କରି ହୋଇପାରେ । ଏବଂ ସେଇ ଆତ୍ମୀୟଟିର ଆବେଗ-ମୂଲ୍ୟ ଉପରେ ଅନୁଭବର ଗଭୀରତା ନିର୍ଭର କରିପାରେ; କିନ୍ତୁ ଅନ୍ତର୍ଦ୍ଧାନ ପରି ଆତ୍ମୀୟର ବିଚ୍ଛେଦ କେବଳ ଯନ୍ତ୍ରଣା ଦିଏ ଏବଂ ଯନ୍ତ୍ରଣାକୁ ବୁଝିହୁଏ, ବହନ କରିହୁଏ । ସାର୍ବଜନୀନ ବିଷାଦ ବୋଝ ପରି ମଡ଼େଇହୋଇପଡ଼େ; କିନ୍ତୁ ଯନ୍ତ୍ରଣା ଅଗ୍ନିଶିଖା ପରି ଜାଳିଦିଏ, କ୍ଷୁରଧାରପରି ଘୋଷି ଘୋଷି କରିଦିଏ । ବିଷାଦରେ ନୀରବତା

Digitized by srujanika@gmail.com

ଅଛୁ । ଯନ୍ତ୍ରଣାରେ ଗଭୀର ଜ୍ୱାଳା ଅଛୁ । ଗୋଟିଏ ଉପରୁ ମଡ଼େଇହୋଇପଡ଼େ ଏବଂ ଅନ୍ୟଟି ଭିତରେ ପଶି କ୍ଷତବିକ୍ଷତ କରେ । ଉଭୟଙ୍କୁ ବୁଝିହୁଏ, ସହଜ କରିହୁଏ; ଅଥଚ ଉଭୟରେ ସେଇ ଅଧମୁହୂର୍ତ୍ତର ସ୍ପର୍ଶ ରହୁଛୁ—କଦାପି ବନ୍ଧୁଙ୍କୁ ନେଇ ତାହାଙ୍କର ମାସ୍କଲ୍ ବୁଡିଯାଉଥିଲବେଳେ ବା ତାସ୍-ଘରରେ ନଗ୍ନ କଥା କହୁଥିଲାବେଳେ । ସମୁଦ୍ରରେ କୋଟି କୋଟି ମୁହୂର୍ତ୍ତର ବୋଇତ ପାରହୋଇ ଯାଉଥାନ୍ତି । ଏ ଗୋଟିକର ବୋଝ କିନ୍ତୁ ଅପ୍ରମାଣ । ମନେହୁଏ ଯେ, ଏହା ପାରହୋଇ ପାରିବ ନାହିଁ; କିନ୍ତୁ ଏ ମଧ୍ୟ ସେଇ ନିର୍ଦ୍ଦିଷ୍ଟ ନିମିଷକ ମଧ୍ୟରେ ପାରହୋଇଯାଏ । ଦେଇଯାଏ ଗୋଟାଏ ବିସ୍ତୀର୍ଣ୍ଣ ପ୍ରବୁଦ୍ଧତାର ଅନୁଭବ ।

ଏହାର ବିଶୁଦ୍ଧ ଦୃଷ୍ଟାନ୍ତ ହୋଇପାରେ, ଯେତେବେଳେ ହିମାଳୟର ତୁଷାର ଗୁମ୍ଫା ଭିତରକୁ ଆଦି ଶଙ୍କର ପଛକୁ ନ ଗ୍ଭହିଁ ପ୍ରବେଶ କରିଯାଉଛନ୍ତି । ପଛରେ ସ୍ତବ୍ଧ ଚକିତ ହତବାକ୍ ଗ୍ଭହିଁରହୁଛନ୍ତି ପଦ୍ମପାଦ । ହିମାଦ୍ରିର ଜଡ଼ ପିଣ୍ଡ ଭିତରେ ଅନୁପ୍ରବେଶ କରିଯାଉଛୁ ତା'ର ଦେବତାତ୍ମା ଚିରଦିନପାଇଁ । ହୋଇପାରେ ପରମବୁଦ୍ଧ ଅପସାରିନେଉଛନ୍ତି ତାଙ୍କର ଦୀପାଲୋକ ଏବଂ କୁଶୀନଗର ଉପାନ୍ତରେ ଦଶହଜାର ଭିକ୍ଷୁ ନିର୍ବାକ ବସିରହୁଛନ୍ତି । ଏମାନେ ଆତ୍ମୀୟ ନୁହନ୍ତି, କିନ୍ତୁ ଯେ କୌଣସି ଆତ୍ମୀୟଠାରୁ ଆହୁରି ଘନିଷ୍ଠ । ଏମାନେ ମଧ୍ୟ ବ୍ୟକ୍ତି; କିନ୍ତୁ ଦେଶକାଳରେ ଅନନ୍ତପ୍ରସାରୀ ଏମାନଙ୍କର ବ୍ୟକ୍ତିତ୍ୱ । ଏମାନଙ୍କର ମହାପ୍ରସ୍ଥାନରେ ଯେତିକି ସ୍ତବ୍ଧତା, ଯେତିକି ବିଷାଦ, ଯେତିକି ଯନ୍ତ୍ରଣା, ଏକାଠି ଘନୀଭୂତ ହୋଇଯାଏ ଗୋଟିଏ ମାତ୍ର ମୁହୂର୍ତ୍ତରେ । ଯଦି କେହି କେବେ ଶେଷ ସୂର୍ଯ୍ୟ ବୁଡ଼ିଯିବାର ପ୍ରତ୍ୟକ୍ଷ ଦେଖିପାରେ—ଆଉ ସୂର୍ଯ୍ୟ ଉଇଁବନାହିଁ ବୋଲି ଜାଣିଯାଏ, ସେ ହିଁ ଭାଗ୍ୟବାନ୍ ହୋଇଯାଏ ଏଇ ଅଧ-ମୁହୂର୍ତ୍ତରେ । ତା'ର ଦିଗ୍‌ବଳୟରୁ ଯେ କେବଳ ସୂର୍ଯ୍ୟ ଲିଭିଗଲା, ତା' ନୁହେଁ, ସମଗ୍ର ସୃଷ୍ଟିରୁ ଲିଭିଗଲା, ସାରା ଜୀବଜଗତ୍ ପାଇଁ ଲିଭିଗଲା ଏବଂ ଚିରକାଳ ପାଇଁ ଲିଭିଗଲା ।

ଏ ବିସ୍ତୀର୍ଣ୍ଣ, ପରିବ୍ୟାପ୍ତ, ନିରୁଦ୍‌ବେଗ ମୁହୂର୍ତ୍ତରେ କ୍ରନ୍ଦନ ନାହିଁ; କ୍ରନ୍ଦନ ସମ୍ଭବ ନୁହେଁ । ଏଥିରେ ଆବେଗ ନାହିଁ; ଆବେଗ ସମ୍ଭବ ନୁହେଁ । ତାହା କୌଣସି ଜୀବନଧାରାର ବିନ୍ଦୁ ନୁହେଁ । ତାହା ଏକ ବ୍ୟାପ୍ତି, ଯାହାର ଉଦାର ପରିସର ଭିତରେ ସମଗ୍ର ଜୀବନ, ତା'ର ଅତୀତ ଏବଂ ଭବିଷ୍ୟତ ବୁଡ଼ିଯା'ନ୍ତି । ଏ ଅଧ-ମୁହୂର୍ତ୍ତଟି ଆତ୍ମାର ମୁହୂର୍ତ୍ତ । ସେଥିରେ ଅସୀମ କାରୁଣ୍ୟ ସହିତ ଅହେତୁକୀ ଆନନ୍ଦ ମଧ୍ୟ ମିଶିଥାଏ । ଉଭୟଙ୍କୁ ଆଚ୍ଛନ୍ନ କରି ରଖିଥାଏ ଘନ-ଘୋର ବିଷାଦର ସ୍ତବ୍ଧତା । ଅନ୍ୟ ପକ୍ଷେ ସେଥିରେ ଆନନ୍ଦ ନାହିଁ, ଯନ୍ତ୍ରଣା ନାହିଁ, ବିଷାଦ ମଧ୍ୟ ନାହିଁ । ଏ ସମସ୍ତ ସନ୍ତୁଳିତ ହୋଇ ଗୋଟାଏ ଗଭୀର କେନ୍ଦ୍ରରେ ମୌନ ହୋଇଯାଇଛନ୍ତି । କାଳକୁ ଅତିକ୍ରମ କରିଯାଏ ଏଇ ଅଧମୁହୂର୍ତ୍ତ । କାଳ ତାକୁ ସମ୍ମାନକରି ଆଡ଼ହୋଇଯାଏ ।

Digitized by srujanika@gmail.com

ପ୍ରାବନ୍ଧିକ ପରିଚୟ

ରାଧାନାଥ ରାୟ

ରାଧାନାଥ ମୁଖ୍ୟତଃ କବି । ଓଡ଼ିଆ କାବ୍ୟ ସାହିତ୍ୟରେ ନୂତନତାର ବାର୍ତ୍ତାବହ ରୂପେ ସେ ଚିରସ୍ମରଣୀୟ । ସ୍ୱୀୟ ରଚନାର ପ୍ରାବଲ୍ୟରେ ରୀତିଯୁଗର ଗତାନୁଗତିକ କାବ୍ୟକ୍ରମରେ ବିପ୍ଳବ ସଂଘଟନ କରି ଓଡ଼ିଆ କାବ୍ୟ ସାହିତ୍ୟକୁ ସେ ନବ ନବ ବୈଭବରେ ସମୃଦ୍ଧ କରିଛନ୍ତି । ଏକ ନୂତନ ଯୁଗର ପ୍ରବର୍ତ୍ତକ ରୂପେ ଆମ ସାହିତ୍ୟର ଇତିହାସରେ ସେ ଅକ୍ଷୟ ଗୌରବର ଅଧିକାରୀ । ୧୮୭୩ ମସିହାରେ ତାଙ୍କ ରଚିତ 'ବିବେକୀ' ପ୍ରବନ୍ଧ ତାତ୍କାଳିକ ପ୍ରଖ୍ୟାତ 'ଉତ୍କଳ ଦର୍ପଣ' ପତ୍ରିକାରେ ଆତ୍ମପ୍ରକାଶ କରିଥିଲା । ଏହି ପ୍ରବନ୍ଧରେ ଲେଖକଙ୍କର ଉଚ୍ଚଚିନ୍ତା ପ୍ରକଟିତ ହୋଇଛି । ତାଙ୍କ ତିରୋଭାବ ପରେ ଜଣେ ଲେଖକ ଏହି ପ୍ରବନ୍ଧ ଉପରେ ଅଭିମତ ଦେବାକୁ ଯାଇ ଲେଖିଥିଲେ···"ରାଧାନାଥ ଏଥିରେ ତାଙ୍କ ପ୍ରାଣର ଆକୁଳ ଅନୁଭୂତି ଓ ମସ୍ତିଷ୍କର ସାରବାନ୍ ଚିନ୍ତା ଗୁନ୍ଥିଯାଇଛନ୍ତି । ସେହିହେତୁରୁ ଉତ୍କଳ ସାହିତ୍ୟ ଏପରି ଲେଖାକୁ ଇଂରାଜୀ ସାହିତ୍ୟର 'Imitation of Christ', ଇଟାଲୀୟ ସାହିତ୍ୟର Marcus Aureliusଙ୍କ Meditations ଓ ବଙ୍ଗ ସାହିତ୍ୟର 'ଭକ୍ତିଯୋଗ' ପ୍ରଭୃତି ଧରଣର ପୁସ୍ତକ ସଙ୍ଗେ ସ୍ଥାନ ଦେଲେ କିଛି କ୍ଷତି ହେବନାହିଁ ।" [ଓଡ଼ିଆ ସାହିତ୍ୟର ଇତିହାସ—ଡକ୍ଟର ମାୟାଧର ମାନସିଂହ]

'ସୁଭଗମ୍ମନ୍ୟତା' ସେହି ପ୍ରଖ୍ୟାତ 'ବିବେକୀ' ପ୍ରବନ୍ଧର ଅଂଶବିଶେଷ । ଚିନ୍ତାତ୍ମକ ପ୍ରବନ୍ଧ ରଚନାରେ ରାଧାନାଥଙ୍କର କିଭଳି ପ୍ରଚଣ୍ଡ ପ୍ରତିଭା ଥିଲା, ତାହା ଏଥିରୁ ସହଜରେ ଅନୁମେୟ । ରାଧାନାଥ ପ୍ରବନ୍ଧ ରଚନାରେ ଅଧିକ ମନୋନିବେଶ କରିପାରିଥିଲେ ଆମ ସାହିତ୍ୟର ଏହି ବିଭାଗ ସମୃଦ୍ଧତର ହୋଇପାରିଥାନ୍ତା ।

ମଧୁସୂଦନ ରାଓ

ଉତ୍କଳରେ ମଧୁସୂଦନ ଭକ୍ତକବି ରୂପେ ପ୍ରଖ୍ୟାତ । 'ଆଧୁନିକ ଗୀତି କବିତା' ଓଡ଼ିଆ ସାହିତ୍ୟକୁ ତାଙ୍କର ବିଶିଷ୍ଟ ଅବଦାନ । ଆଧ୍ୟାତ୍ମିକତା ଆଧାରିତ ତାଙ୍କ କବିତାରେ ତାଙ୍କ ପ୍ରାଣବୀଣାର ସକଳ ତାର ମନ୍ଦ୍ରିତ ହୋଇଉଠିଛି । ଉଭୟ ଗଦ୍ୟ ଓ ପଦ୍ୟ ରଚନାରେ ସେ ସିଦ୍ଧହସ୍ତ ଥିଲେ । ତାଙ୍କ 'ପ୍ରବନ୍ଧମାଳା' ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବର ଏକ ଅବିସ୍ମରଣୀୟ ସୃଷ୍ଟି । ଓଡ଼ିଆ ଗଦ୍ୟସାହିତ୍ୟକୁ ସେ ନବଜୀବନ ପ୍ରଦାନ କରିଛନ୍ତି । ତାଙ୍କ ପ୍ରବନ୍ଧରେ ଦୀର୍ଘ ସମାସ-ନିଷ୍ପନ୍ନ ଓ ତତ୍ସମ ଶବ୍ଦର ପ୍ରାଚୁର୍ଯ୍ୟ ଏହି ସତ୍ୟର ସନ୍ଧାନ ଦିଏ ଯେ, ଓଡ଼ିଆ ଗଦ୍ୟକୁ ନୂତନ ରକ୍ତ ପ୍ରଦାନ କଲେ ସେ ତାକୁ ସଂସ୍କୃତାଭିମୁଖୀ କରିଛନ୍ତି ।

Digitized by srujanika@gmail.com

'ପୁରୁଷଭାବ ଓ ନାରୀଭାବ' 'ପ୍ରବନ୍ଧମାଳା'ର ଅନ୍ୟତମ ପୁଷ୍ପ । ବିଷୟ ବିଶ୍ଳେଷଣରେ ଚମତ୍କାରିତା ମଧୁସୂଦନଙ୍କ ପ୍ରବନ୍ଧସାହିତ୍ୟର ଏକ ଆଲୋକମୟ ଦିଗ । ଏହି ପ୍ରବନ୍ଧରେ ତାହାର ପ୍ରମାଣ ଭାସ୍ୱର…"ମାନବ ହୃଦୟକୁ ଅଭିନିବେଶପୂର୍ବକ ଆଲୋଚନା କଲେ ଏହା ସ୍ପଷ୍ଟରୂପେ ପ୍ରତୀୟମାନ ହେବ ଯେ, ତାହା ପରସ୍ପରବିରୋଧୀ ଭାବମାନଙ୍କର ଆଧାର ଅଟେ । ସେହି ଭାବମାନଙ୍କ ମଧ୍ୟରୁ କେତେଗୁଡ଼ିଏ ପୁରୁଷଭାବ ନାମରେ ଆଖ୍ୟାତ ହେବାର ଯୋଗ୍ୟ । ଅବଶିଷ୍ଟଗୁଡ଼ିକୁ ନାରୀବୃତ୍ତି ବୋଲି ନିର୍ଦ୍ଦେଶ କରାଯାଇପାରେ । କ୍ରୋଧ, ଗର୍ବ, ବୀର୍ଯ୍ୟ, ଅଧ୍ୟବସାୟ, ଆତ୍ମନିର୍ଭରତା ଏମାନ ପୁରୁଷଭାବ ଶ୍ରେଣୀର ଅନ୍ତର୍ଗତ, ଏବଂ ଦୟା, ପ୍ରୀତି, ଭକ୍ତି, ଲଜ୍ଜା, ଧୃତି, ନମ୍ରତା ଏହି ଭାବମାନ ନାରୀଭାବ ମଧ୍ୟରେ ଗଣନୀୟ ।"

ଫକୀରମୋହନ ସେନାପତି

ଓଡ଼ିଆ ଭାଷା ଓ ସାହିତ୍ୟର ଏକ ସଙ୍କଟଜନକ ମୁହୂର୍ତ୍ତରେ ସାଂସ୍କୃତିକ କ୍ଷେତ୍ରରେ ଏ ଜାତିକୁ ନେତୃତ୍ୱ ଦେବାପାଇଁ ଆବିର୍ଭୂତ ହୋଇଥିଲେ ଫକୀରମୋହନ ସେନାପତି । ସେ ଓଡ଼ିଆ କ୍ଷୁଦ୍ରଗଳ୍ପର ଜନକ ଓ ଓଡ଼ିଆ ଉପନ୍ୟାସର ଆଦିପର୍ବର ସର୍ବଶ୍ରେଷ୍ଠ ପ୍ରତିଭା । ମୁଖ୍ୟତଃ ଗାଳ୍ପିକ ଓ ଔପନ୍ୟାସିକରୂପେ ସେ ପ୍ରଖ୍ୟାତ ହେଲେହେଁ ତାଙ୍କ ସାଧନାର ପରିସର ଅଧିକ ଦୀର୍ଘାସ୍ତୃତ ଥିଲା । କବି, ଅନୁବାଦକ, ପ୍ରାବନ୍ଧିକରୂପେ ମଧ୍ୟ ତାଙ୍କ ବହୁମୁଖୀ ପ୍ରତିଭାର ସୁପରିଚୟ ସେ ଦେଇପାରିଛନ୍ତି । ଅଧୁନାତନ ସାହିତ୍ୟରେ ବିପୁଳ ଆଦୃତି ଲାଭକରିଥିବା ରମ୍ୟରଚନାର ମଧ୍ୟ ସେ ଭିତ୍ତି ସ୍ଥାପନ କରିଥିଲେ । ତାଙ୍କ 'ଆତ୍ମଜୀବନ ଚରିତ' କେବଳ ବ୍ୟକ୍ତିଗତ ଜୀବନର ଇତିହାସ ନୁହେଁ—ତାତ୍କାଳିକ ଉତ୍କଳର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଜୀବନର ମଧ୍ୟ ନିଷ୍କପଟ ଆଲେଖ୍ୟ । 'ବାଲେଶ୍ୱରରେ ପ୍ରଥମ ଛାପାଖାନା' ତାଙ୍କର ସେହି ଆତ୍ମଜୀବନୀର ଏକ ସ୍ମରଣୀୟ ଅଧ୍ୟାୟ ।

ବିଶ୍ୱନାଥ କର

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଦିପର୍ବର ପ୍ରଚଣ୍ଡ ସୌରରଶ୍ମି, ବିଶ୍ୱନାଥ କରଙ୍କର 'ବିବିଧ ପ୍ରବନ୍ଧ' । ବାଗ୍ମୀ ବିଶ୍ୱନାଥ ଯୁକ୍ତିନିଷ୍ଠ ପ୍ରବନ୍ଧ ରଚନାରେ ଅସାଧାରଣ କୃତିତ୍ୱ ପ୍ରଦର୍ଶନ କରିଯାଇଛନ୍ତି । ପ୍ରଖ୍ୟାତ 'ଉତ୍କଳ ସାହିତ୍ୟ'ର ସମ୍ପାଦକ ରୂପେ ସେ ଚିରସ୍ମରଣୀୟ । 'ଅନନ୍ତପ୍ରେମ' ତାଙ୍କର ଅମର କୃତି 'ବିବିଧ ପ୍ରବନ୍ଧ'ରୁ ଆନୀତ ହୋଇଛି । ତାଙ୍କ ପ୍ରବନ୍ଧ ତାଙ୍କ ପ୍ରଜ୍ଞା ଓ ପ୍ରତିଭାର ମଧୁର ସମନ୍ୱୟ । ସମାଲୋଚକ ନଟବର ସାମନ୍ତରାୟଙ୍କ ଭାଷାରେ …"ସତ୍ୟ ପ୍ରଖ୍ୟ ପଥରେ ନିର୍ଭୀକତା, ବିଷୟବସ୍ତୁ ଉପସ୍ଥାପନାରେ ଚମତ୍କାରିତା, ତାର ଅଭିବ୍ୟକ୍ତିରେ ନୂତନତା, ସର୍ବୋପରି ବିଷୟ ଆଲୋଚନାରେ ଯଥାର୍ଥ ବିଚାରବୋଧ, ଔଚିତ୍ୟଜ୍ଞାନ ଓ କ୍ଷିପ୍ରତା ଏସବୁ ତାଙ୍କ ପ୍ରବନ୍ଧର ଏକ ଏକ ବିଶିଷ୍ଟ ପ୍ରକୃତି । ତାଙ୍କ ପ୍ରବନ୍ଧର ଭାଷା, ଭାବ, ପ୍ରକାଶ ଆଭିମୁଖ୍ୟ ସମ୍ପୂର୍ଣ୍ଣ ନୂତନ ଓ ତାହା ବିଶ୍ୱନାଥଙ୍କର ନିଜସ୍ୱ ।"

Digitized by srujanika@gmail.com

ରଚନାର ଏପରି ମନୋଜ୍ଞଶୈଳୀ ଓ କଳାପାରିପାଟ୍ୟ ସେ ସମୟର ଅନ୍ୟ କାହାରି ଲେଖାରେ ଦେଖିବାକୁ ମିଳେନାହିଁ ।”

ଶଶିଭୂଷଣ ରାୟ

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ମଧ୍ୟପର୍ବର ଅନ୍ୟତମ ବରେଣ୍ୟ ପ୍ରତିଭା ହେଉଛନ୍ତି ଶଶିଭୂଷଣ ରାୟ । ‘ଦାକ୍ଷିଣାତ୍ୟ ଭ୍ରମଣ (୧୮୯୭), ଉତ୍କଳର ପ୍ରକୃତ (୧୯୧୩), ଉତ୍କଳ ପ୍ରକୃତି (୧୯୧୪), ‘ଶିକ୍ଷା’, ‘ପଲ୍ଲୀ’ ଓ ‘ପ୍ରବନ୍ଧପ୍ରବାହ’ ତାଙ୍କୁ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକରୂପେ ପରିଚିତ କରିପାରିଛି । ‘ଉଚ୍ଚାଭିଳାଷ’ ତାଙ୍କର ଉନ୍ନତ ଚିନ୍ତାଶୀଳ ପ୍ରବନ୍ଧ ।

ସମାଲୋଚକ ଅଧ୍ୟାପକ କର୍ଣ୍ଣଙ୍କ ଭାଷାରେ···“ତାଙ୍କର ବର୍ଣ୍ଣନୀୟ ବିଷୟ ଯେଉଁଠାରେ ସଂସ୍କୃତି କିମ୍ବା ସ୍ୱଦେଶପ୍ରୀତିସମ୍ବଳିତ ସେଠାରେ ଆମେ ତାଙ୍କ ପ୍ରବନ୍ଧରେ କବିସୁଲଭ ଭାବପ୍ରବଣତା ଲକ୍ଷ୍ୟ କରିଥାଉ । × × ଯେଉଁଠାରେ ଶଶିଭୂଷଣ ସଂସ୍କାର ପ୍ରୟାସୀ ସେଠାରେ ତାଙ୍କର ଲେଖନୀ ସ୍ଥିତପ୍ରଜ୍ଞ । ତାଙ୍କର ସଂରବାନ୍ ଚିନ୍ତାର ସମାହାରରେ ସେଠାରେ ତାଙ୍କର ଆଲୋଚନା ଓଡ଼ିଆ ସାହିତ୍ୟର ସମ୍ପଦରେ ପରିଣତ ହୋଇଛି । ତାଙ୍କ ପ୍ରବନ୍ଧର ଶୈଳୀ ମାର୍ଜିତ ଓ ସୁଷମାନ୍ୱିତ । ଭାବର ସୁସଂଯତ ଅଭିବ୍ୟକ୍ତି ସହ ସ୍ଥାପତ୍ୟର କଳାତ୍ମକ ପରିପାଟୀ ତାଙ୍କ ପ୍ରବନ୍ଧକୁ ଉଚ୍ଚକୋଟୀର କରିପାରିଛି ।”

ଜଗବନ୍ଧୁ ସିଂହ

‘ପ୍ରାଚୀନ ଉତ୍କଳ’, ‘ପ୍ରବନ୍ଧ ସାର’ ଓ ‘ଉତ୍କଳ ଗୃହଲକ୍ଷ୍ମୀ’ର ରଚୟିତା ରୂପେ ଜଗବନ୍ଧୁ ସିଂହ ଓଡ଼ିଆ ସାହିତ୍ୟରେ ପରିଚିତ । ଗଭୀର ଦେଶାତ୍ମବୋଧ ତାଙ୍କ ସାହିତ୍ୟ ସୃଷ୍ଟିର ଆଦି ପ୍ରେରଣା । ‘ପ୍ରବନ୍ଧସାର’ରୁ ‘ଜାତୀୟ ଜୀବନ’ ପ୍ରବନ୍ଧଟି ଆନୀତ ହୋଇଛି । ଉତ୍କଳର ଜାତୀୟ ଜୀବନରେ ନୂତନ ଚେତନା ସୃଷ୍ଟି ତାଙ୍କର ଲକ୍ଷ୍ୟ ଥିଲା । ଆଲୋଚ୍ୟ ପ୍ରବନ୍ଧରେ ତେଣୁ ଯାହା ଆମର କରଣୀୟ ତତ୍ପ୍ରତି ସେ ଅଙ୍ଗୁଳି ସଙ୍କେତ କରିଛନ୍ତି··· “ଆମ୍ଭମାନଙ୍କର ପରର ଦୋଷ ନଦେଖି ନିଜ ଦୋଷ ଦେଖିବା ଉଚିତ । ନିଜ ଦୋଷଗୁଡ଼ିକ ପରିଷ୍କାର କରି କର୍ମବୀର ହେବା ଉଚିତ । × × ଯାହା ଆମ୍ଭମାନଙ୍କର ଅଭାବ ତାହା ପରଠାରୁ ଦେଖି ଶିକ୍ଷା କରିବାରେ କିଛି ଦୋଷ ନାହିଁ । ଦୋଷ ପରିହାର କରି ଗୁଣ ଅନୁକରଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।”

ପଣ୍ଡିତ ବାସୁଦେବ ମହାପାତ୍ର

ପଣ୍ଡିତ ବାସୁଦେବ ମହାପାତ୍ର ଜଣେ ବିଶିଷ୍ଟ ପ୍ରାବନ୍ଧିକ ରୂପେ ସୁଖ୍ୟାତ । ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଦୀନତା ତାଙ୍କୁ କ୍ଷୁବ୍ଧ କରିଥିଲା । ତେଣୁ ପ୍ରବନ୍ଧ ରଚନାରେ ସେ ପ୍ରବୃତ୍ତ ହୋଇଥିଲେ । ତାଙ୍କର ଭାଷାରେ···“ଉତ୍କଳ ସାହିତ୍ୟରେ ଚିନ୍ତାପୂର୍ଣ୍ଣ ଗଦ୍ୟଗ୍ରନ୍ଥର ନିତାନ୍ତ

Digitized by srujanika@gmail.com

ଅଭାବ । × × ଏ ଜାତୀୟକଳଙ୍କ ପ୍ରକ୍ଷାଳନ କରିବାପାଇଁ ଉତ୍କଳର ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନେ ଲେଖନୀ ଚାଳନା କରିବା ଉଚିତ ।" 'ପ୍ରାଣପ୍ରାଚୁର୍ଯ୍ୟ' ପ୍ରବନ୍ଧଟି ଲେଖକଙ୍କର 'ଶାନ୍ତିଧାରା' ପୁସ୍ତକରୁ ଆନୀତ ହୋଇଛି ।

ଜଳନ୍ଧର ଦେବ

ସ୍ୱାଧୀନଚନ୍ଦ୍ରିକା ଓ ମତପ୍ରକାଶରେ ନିର୍ଗତ ହେବା ପାଇଁ ଜଳନ୍ଧର ଦେବଙ୍କ ପ୍ରବନ୍ଧଗୁଡ଼ିକ ଏକଦା ଉତ୍କଳର ସାଂସ୍କୃତିକ କ୍ଷେତ୍ରରେ ଚମକ ସୃଷ୍ଟି କରିଥିଲା । ଜଣେ ପ୍ରଭାବଶାଳୀ ଗଦ୍ୟ ଲେଖକ ରୂପେ ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ସୁପ୍ରତିଷ୍ଠ । 'ଆଲୋଚନା'ର ସମ୍ପାଦକ ରୂପେ ମଧ୍ୟ ସେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ ।

ବିପିନ ବିହାରୀ ରାୟ

'ସୌନ୍ଦର୍ଯ୍ୟ' ପ୍ରବନ୍ଧ ଦାର୍ଶନିକ ବିପିନ ବିହାରୀ ରାୟଙ୍କ 'ପ୍ରବନ୍ଧ ସୋପାନ' ପ୍ରବନ୍ଧ ସଂଚୟନରୁ ସଂଗୃହୀତ ହୋଇଛି । ଲେଖକଙ୍କର ଅନ୍ୟ ଦୁଇଟି ପୁସ୍ତକ ହେଉଛି 'ସାମାଜିକ ପ୍ରବନ୍ଧ' ପ୍ରଥମ ଭାଗ ଓ 'ସାମାଜିକ ପ୍ରବନ୍ଧ'—ଦ୍ୱିତୀୟ ଭାଗ । 'ପ୍ରବନ୍ଧ ସୋପାନ'ରେ 'ନିବେଦନ' ଶୀର୍ଷନାମାରେ ଲେଖକ ଲେଖିଅଛନ୍ତି···"ଓଡ଼ିଆ ଭାଷାରେ ଗଦ୍ୟ ସାହିତ୍ୟର ଅଭାବ ଅନୁଭବ କରି ଓ କେତେକ ବନ୍ଧୁଙ୍କ ସହାନୁଭୂତି ପାଇ, ଏ ପୁସ୍ତକ ପ୍ରଣୟନରେ ମୁଁ ସାହସ କରିଅଛି । ଦାର୍ଶନିକତାର ସ୍ପର୍ଶରେ ତାଙ୍କ ପ୍ରବନ୍ଧ ସାହିତ୍ୟ ଜ୍ୟୋତିର୍ମୟ । ତାଙ୍କ ପ୍ରବନ୍ଧରେ ପ୍ରଜ୍ଞା ସହିତ ଆବେଗ ଓ ଭାବୁକତାର ମଧୁର ସମନ୍ୱୟ ଦେଖିବାକୁ ମିଳେ ।

ଡ: ମାୟାଧର ମାନସିଂହ

ଓଡ଼ିଆ ସାହିତ୍ୟରେ ଡ: ମାୟାଧର ମାନସିଂହ ଏକ ବହୁମୁଖୀ ପ୍ରତିଭା । ମୁଖ୍ୟତଃ ଜଣେ ରୋମାଣ୍ଟିକ କବି ରୂପେ ସେ ପ୍ରଖ୍ୟାତ ହେଲେହେଁ ଚଳିତ ଶତାବ୍ଦୀର ଏହି ପ୍ରଚଣ୍ଡ ପ୍ରତିଭା ସାହିତ୍ୟର ବିଭିନ୍ନ ବିଭାଗରେ ଦକ୍ଷତାର ସହିତ ଲେଖନୀ ଚାଳନା କରି ମୃତ୍ୟୁଞ୍ଜୟୀ ହୋଇପାରିଛନ୍ତି । କବିତା ପରି ତାଙ୍କ ଗଦ୍ୟ ରଚନା ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ । 'ଜଣେ ଇଂରେଜ କୃଷକର ଖମାର କ୍ଷେତ୍ରରେ' ତାଙ୍କର ବହୁପ୍ରଶଂସିତ ଭ୍ରମଣକାହାଣୀ 'ପଶ୍ଚିମ ପଥିକ'ରୁ ସଂଗୃହୀତ ହୋଇଛି ।

କାଳନ୍ଦୀଚରଣ ପାଣିଗ୍ରାହୀ

'ମାଟିର ମଣିଷ' ଉପନ୍ୟାସର ରଚୟିତା ରୂପେ କେବଳ ଉତ୍କଳରେ ନୁହେଁ ସାରା ଭାରତରେ କାଳିନ୍ଦୀଚରଣ ସୁପରିଚିତ । ଓଡ଼ିଆ ସାହିତ୍ୟର ଏହି ସବ୍ୟସାଚୀ ଦୀର୍ଘ ନିରଳସ ନିରବଚ୍ଛିନ୍ନ ସାଧନାରେ ସାହିତ୍ୟର ବିଭିନ୍ନ ବିଭାଗକୁ ସମୃଦ୍ଧ କରିଅଛନ୍ତି । କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ପରି ତାଙ୍କର ପ୍ରବନ୍ଧ ଓ ସମାଲୋଚନାରେ ମଧ୍ୟ ନିଜସ୍ୱ ଭଙ୍ଗୀ ପ୍ରତିଫଳିତ ହୋଇଛି । 'ସତ୍ୟଂ ଶିବଂ ସୁନ୍ଦରଂ' ତାଙ୍କର 'ସାହିତ୍ୟିକା' ପ୍ରବନ୍ଧ ସଞ୍ଚୟନରୁ ଗୃହୀତ ହୋଇଛି ।

Digitized by srujanika@gmail.com

କାଳିଆ ପାଣିଗ୍ରାହୀ

ଜଣେ ବିଶିଷ୍ଟ ପ୍ରାବନ୍ଧିକ ରୂପେ କାଳିଆ ପାଣିଗ୍ରାହୀ ସୁପରିଚିତ । ତାଙ୍କର 'ଅଗତ୍ୟ' ପ୍ରବନ୍ଧଟି 'ଚିନ୍ତାଧାରା' ପ୍ରବନ୍ଧ ସଂକଳନରୁ ସଂଗୃହୀତ ହୋଇଛି । 'ଚିନ୍ତାଧାରା'ରେ 'ପୁସ୍ତକ ପରିଚୟ' ଶିରୋନାମାରେ ଲେଖକ ଲେଖିଛନ୍ତି···"ମନୁଷ୍ୟର ଚିନ୍ତା ଐତିହାସିକ ଭାବରେ କ୍ରମବିକାଶମୂଳକ ଓ ପରସ୍ପର ସହାୟକ । ତାହାର ଜ୍ଞାନ ସମ୍ପାଦନ, ଜୀବନ ନିର୍ବାହ, ସୁଯୋଗ ଲାଭ, ଶ୍ରଦ୍ଧା ଓ ଅଧ୍ୟବସାୟ ଉପରେ ତାହାର ଚିନ୍ତା ବରାବର ନିର୍ଭର କରେ । ତେବେ କିପରି କିଏ କହିବ ଯେ ତାହାର ଚିନ୍ତା ମୌଳିକ ! ମନୁଷ୍ୟର ଚିନ୍ତାଧାରା ସବୁବେଳେ ବେଷ୍ଟନୀ ଓ ଇତିହାସ ଦ୍ୱାରା ପ୍ରଭାବାନ୍ୱିତ । ଏଥିକି ଦେଖିବା ଆବଶ୍ୟକ, ଲେଖକର ଚିନ୍ତାରେ ତାହାର ବ୍ୟକ୍ତିତ୍ୱ କେତେଦୂର ପ୍ରକାଶ ପାଇ ପାରିଛି ଓ ତାହାର ଲେଖାରେ କିଛି ବିଶିଷ୍ଟତା ଅଛି କି ନାହିଁ ।" କାଳିଆ ପାଣିଗ୍ରାହୀଙ୍କ ପ୍ରତ୍ୟେକଟି ପ୍ରବନ୍ଧରେ ତାଙ୍କର ବୈଶିଷ୍ଟ୍ୟ ଆଭାସିତ ହୋଇଛି ।

ଡଃ ବ୍ରଜବିହାରୀ ମହାନ୍ତି

'ଆକାଙ୍କ୍ଷା ଓ ସମ୍ମାନ' ପ୍ରବନ୍ଧଟି ଡଃ ବ୍ରଜବିହାରୀ ମହାନ୍ତିଙ୍କର ଅନୁପମ ସୃଷ୍ଟି 'ଚିନ୍ତା' ପୁସ୍ତକରୁ ସଂଗୃହୀତ ହୋଇଛି । ତାଙ୍କର ଅନ୍ୟତମ ଉଲ୍ଲେଖଯୋଗ୍ୟ ସୃଷ୍ଟି ହେଉଛି 'ସାଧନା' । ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ବ୍ରଜବିହାରୀଙ୍କ ଦାନ ଅନବଦ୍ୟ । ତାଙ୍କ ଲେଖାରେ ଉଚ୍ଚକୋଟୀର ଭାବୁକତା ପ୍ରକଟିତ ହୋଇଛି ।

ନିତ୍ୟାନନ୍ଦ ମହାପାତ୍ର

ଓଡ଼ିଆ ସାହିତ୍ୟରେ ଜଣେ ବିଶିଷ୍ଟ କବି, ଔପନ୍ୟାସିକ ଓ ଗାଳ୍ପିକ ରୂପେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ସୁପରିଚିତ । ଜଣେ ଉଚ୍ଚକୋଟିର ପ୍ରାବନ୍ଧିକ ରୂପେ ମଧ୍ୟ ତାଙ୍କର ଖ୍ୟାତି ରହିଛି । ମାସିକ 'ଡଗର' ପତ୍ରିକା ତାଙ୍କର ରୁଚିବୋଧର ପରିଚାୟକ । ଏହି ପତ୍ରିକାର ସମ୍ପାଦକ ରୂପେ ସାହିତ୍ୟକୁ ନୂତନ ଦିକ୍‌ଦର୍ଶନ ଦେବାକୁ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଭୁଲିବାର ନୁହେଁ । ରମ୍ୟରଚନାରେ ତାଙ୍କର ଅସାଧାରଣ କୃତିତ୍ୱ ତାଙ୍କ ସାହିତ୍ୟିକ ପ୍ରସିଦ୍ଧିକୁ ବହୁଗୁଣିତ କରିଛି । ଏହି ସଂକଳନରେ ସନ୍ନିବିଷ୍ଟ 'ସମାଲୋଚନା' ତାଙ୍କର 'ପଞ୍ଚମୀ ଓ ପ୍ରତିମା'ରୁ ସଂଗୃହୀତ ହୋଇଛି ।

ସୁରେନ୍ଦ୍ର ମହାନ୍ତି

ଯେଉଁ କେତେକ ମୁଷ୍ଟିମେୟ ବରେଣ୍ୟ ପ୍ରତିଭା ଆଧୁନିକ ଓଡ଼ିଆ ସାହିତ୍ୟରେ ନିଜର ମୌଳିକତା ପାଇଁ ବହୁପ୍ରଶଂସିତ, ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଜଣେ ଉଚ୍ଚକୋଟୀର ଗାଳ୍ପିକ ଓ ଔପନ୍ୟାସିକ ରୂପେ ଓଡ଼ିଆ ସାହିତ୍ୟରେ ସେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟକୁ ମଧ୍ୟ ତାଙ୍କର ଅବଦାନ ଅନବଦ୍ୟ । 'ଫକୀରମୋହନ' ଓ 'ଫକୀରମୋହନ

Digitized by srujanika@gmail.com

ଅଭାବ । × × ଏ ଜାତୀୟକଳଙ୍କ ପ୍ରକ୍ଷାଳନ କରିବାପାଇଁ ଉତ୍କଳର ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନେ ଲେଖନୀ ଚାଳନା କରିବା ଉଚିତ ।'' 'ପ୍ରାଣପ୍ରାଚୁର୍ଯ୍ୟ' ପ୍ରବନ୍ଧଟି ଲେଖକଙ୍କର 'ଶାନ୍ତିଧାରା' ପୁସ୍ତକରୁ ଆନୀତ ହୋଇଛି ।

ଜଳନ୍ଧର ଦେବ

ସ୍ୱାଧୀନଚିନ୍ତା ଓ ମତପ୍ରକାଶରେ ନିର୍ଭୀକତା ପାଇଁ ଜଳନ୍ଧର ଦେବଙ୍କ ପ୍ରବନ୍ଧଗୁଡ଼ିକ ଏକଦା ଉତ୍କଳର ସାଂସ୍କୃତିକ କ୍ଷେତ୍ରରେ ଚମକ ସୃଷ୍ଟି କରିଥିଲା । ଜଣେ ପ୍ରଭାବଶାଳୀ ଗଦ୍ୟ ଲେଖକ ରୂପେ ଓଡ଼ିଆ ସାହିତ୍ୟରେ ତାଙ୍କର ସ୍ଥାନ ସୁପ୍ରତିଷ୍ଠ । 'ଆଲୋଚନା'ର ସମ୍ପାଦକ ରୂପେ ମଧ୍ୟ ସେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ ।

ବିପିନ ବିହାରୀ ରାୟ

'ସୌନ୍ଦର୍ଯ୍ୟ' ପ୍ରବନ୍ଧ ଦାର୍ଶନିକ ବିପିନ ବିହାରୀ ରାୟଙ୍କ 'ପ୍ରବନ୍ଧ ସୋପାନ' ପ୍ରବନ୍ଧ ସଂଚୟନରୁ ସଂଗୃହୀତ ହୋଇଛି । ଲେଖକଙ୍କର ଅନ୍ୟ ଦୁଇଟି ପୁସ୍ତକ ହେଉଛି 'ସାମାଜିକ ପ୍ରବନ୍ଧ' ପ୍ରଥମ ଭାଗ ଓ 'ସାମାଜିକ ପ୍ରବନ୍ଧ'—ଦ୍ୱିତୀୟ ଭାଗ । 'ପ୍ରବନ୍ଧ ସୋପାନ'ରେ 'ନିବେଦନ' ଶିରୋନାମାରେ ଲେଖକ ଲେଖିଅଛନ୍ତି···''ଓଡ଼ିଆ ଭାଷାରେ ଗଦ୍ୟ ସାହିତ୍ୟର ଅଭାବ ଅନୁଭବ କରି ଓ କେତେକ ବନ୍ଧୁଙ୍କ ସହାନୁଭୂତି ପାଇ, ଏ ପୁସ୍ତକ ପ୍ରଣୟନରେ ମୁଁ ସାହସ କରିଅଛି । ଦାର୍ଶନିକତାର ସ୍ପର୍ଶରେ ତାଙ୍କ ପ୍ରବନ୍ଧ ସାହିତ୍ୟ ଜ୍ୟୋତିର୍ମୟ । ତାଙ୍କ ପ୍ରବନ୍ଧରେ ପ୍ରଜ୍ଞା ସହିତ ଆବେଗ ଓ ଭାବୁକତାର ମଧୁର ସମନ୍ୱୟ ଦେଖିବାକୁ ମିଳେ ।

ଡ଼: ମାୟାଧର ମାନସିଂହ

ଓଡ଼ିଆ ସାହିତ୍ୟରେ ଡ: ମାୟାଧର ମାନସିଂହ ଏକ ବହୁମୁଖୀ ପ୍ରତିଭା । ମୁଖ୍ୟତଃ ଜଣେ ରୋମାଣ୍ଟିକ କବି ରୂପେ ସେ ପ୍ରଖ୍ୟାତ ହେଲେହେଁ ଚଳିତ ଶତାବ୍ଦୀର ଏହି ପ୍ରଚଣ୍ଡ ପ୍ରତିଭା ସାହିତ୍ୟର ବିଭିନ୍ନ ବିଭାଗରେ ଦକ୍ଷତାର ସହିତ ଲେଖନୀ ଚାଳନା କରି ମୃତ୍ୟୁଞ୍ଜୟ ହୋଇପାରିଛନ୍ତି । କବିତା ପରି ତାଙ୍କ ଗଦ୍ୟ ରଚନା ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ । 'ଜଣେ ଇଂରେଜ କୃଷକର ଖମାର କ୍ଷେତ୍ରରେ' ତାଙ୍କର ବହୁପ୍ରଶଂସିତ ଭ୍ରମଣକାହାଣୀ 'ପଶ୍ଚିମ ପଥିକ'ରୁ ସଂଗୃହୀତ ହୋଇଛି ।

କାଳନ୍ଦୀଚରଣ ପାଣିଗ୍ରାହୀ

'ମାଟିର ମଣିଷ' ଉପନ୍ୟାସର ରଚୟିତା ରୂପେ କେବଳ ଉତ୍କଳରେ ନୁହେଁ ସାରା ଭାରତରେ କାଳୀନ୍ଦୀଚରଣ ସୁପରିଚିତ । ଓଡ଼ିଆ ସାହିତ୍ୟର ଏହି ସବ୍ୟସାଚୀ ଦୀର୍ଘ ନିରଳସ ନିରବଚ୍ଛିନ୍ନ ସାଧନାରେ ସାହିତ୍ୟର ବିଭିନ୍ନ ବିଭାଗକୁ ସମୃଦ୍ଧ କରିଅଛନ୍ତି । କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ପରି ତାଙ୍କର ପ୍ରବନ୍ଧ ଓ ସମାଲୋଚନାରେ ମଧ୍ୟ ନିଜସ୍ୱ ଭଙ୍ଗୀ ପ୍ରତିଫଳିତ ହୋଇଛି । 'ସତ୍ୟଂ ଶିବଂ ସୁନ୍ଦରଂ' ତାଙ୍କର 'ସାହିତ୍ୟିକା' ପ୍ରବନ୍ଧ ସଞ୍ଚୟନରୁ ଗୃହୀତ ହୋଇଛି ।

Digitized by srujanika@gmail.com

କାଳିଆ ପାଣିଗ୍ରାହୀ

ଜଣେ ବିଶିଷ୍ଟ ପ୍ରାବନ୍ଧିକ ରୂପେ କାଳିଆ ପାଣିଗ୍ରାହୀ ସୁପରିଚିତ । ତାଙ୍କର 'ଅଗସ୍ତ୍ୟ' ପ୍ରବନ୍ଧଟି 'ଚିନ୍ତାଧାରା' ପ୍ରବନ୍ଧ ସଂଗ୍ରହରୁ ସଂଗୃହୀତ ହୋଇଛି । 'ଚିନ୍ତାଧାରା'ରେ 'ପୁସ୍ତକ ପରିଚୟ' ଶିରୋନାମାରେ ଲେଖକ ଲେଖିଛନ୍ତି…"ମନୁଷ୍ୟର ଚିନ୍ତା ଐତିହାସିକ ଭାବରେ କ୍ରମବିକାଶମୂଳକ ଓ ପରସ୍ପର ସହାୟକ । ତାହାର ଜୀବନ ସମ୍ପାଦନ, ଜୀବନ ନିର୍ବାହ, ସୁଯୋଗ ଲାଭ, ଶ୍ରଦ୍ଧା ଓ ଅଧ୍ୟବସାୟ ଉପରେ ତାହାର ଚିନ୍ତା ବରାବର ନିର୍ଭର କରେ । ତେବେ କିପରି କିଏ କହିବ ଯେ ତାହାର ଚିନ୍ତା ମୌଳିକ ! ମନୁଷ୍ୟର ଚିନ୍ତାଧାରା ସବୁବେଳେ ବେଷ୍ଟନୀ ଓ ଇତିହାସ ଦ୍ୱାରା ପ୍ରଭାବାନ୍ୱିତ । ଏଥିକି ଦେଖିବା ଆବଶ୍ୟକ, ଭାବୁକର ଚିନ୍ତାରେ ତାହାର ବ୍ୟକ୍ତିତ୍ୱ କେତେଦୂର ପ୍ରକାଶ ପାଇ ପାରିଛି ଓ ତାହାର ଲେଖାରେ କିଛି ବିଶିଷ୍ଟତା ଅଛି କି ନାହିଁ ।" କାଳିଆ ପାଣିଗ୍ରାହୀଙ୍କ ପ୍ରତ୍ୟେକଟି ପ୍ରବନ୍ଧରେ ତାଙ୍କର ବୈଶିଷ୍ଟ୍ୟ ଆଭାସିତ ହୋଇଛି ।

ଡଃ ବ୍ରଜବିହାରୀ ମହାନ୍ତି

'ଆକାଙ୍‌କ୍ଷା ଓ ସମ୍ମାନ' ପ୍ରବନ୍ଧଟି ଡଃ ବ୍ରଜବିହାରୀ ମହାନ୍ତିଙ୍କର ଅନୁପମ ସୃଷ୍ଟି 'ଚିନ୍ତ' ପୁସ୍ତକରୁ ସଂଗୃହୀତ ହୋଇଛି । ତାଙ୍କର ଅନ୍ୟତମ ଉଲ୍ଲେଖଯୋଗ୍ୟ ସୃଷ୍ଟି ହେଉଛି 'ସାଧନା' । ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ବ୍ରଜବିହାରୀଙ୍କ ଦାନ ଅନବଦ୍ୟ । ତାଙ୍କ ଲେଖାରେ ଉଚ୍ଚକୋଟିର ଭାବୁକତା ପ୍ରକଟିତ ହୋଇଛି ।

ନିତ୍ୟାନନ୍ଦ ମହାପାତ୍ର

ଓଡ଼ିଆ ସାହିତ୍ୟରେ ଜଣେ ବିଶିଷ୍ଟ କବି, ଔପନ୍ୟାସିକ ଓ ଗାଳ୍ପିକ ରୂପେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ସୁପରିଚିତ । ଜଣେ ଉଚ୍ଚକୋଟିର ପ୍ରାବନ୍ଧିକ ରୂପେ ମଧ୍ୟ ତାଙ୍କର ଖ୍ୟାତି ରହିଛି । ମାସିକ 'ଡଗର' ପତ୍ରିକା ତାଙ୍କର ରୁଚିବୋଧର ପରିଚୟ । ଏହି ପତ୍ରିକାର ସମ୍ପାଦକ ରୂପେ ସାହିତ୍ୟକୁ ନୂତନ ଦିଗ୍‌ଦର୍ଶନ ଦେବାକୁ ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଭୁଲିବାର ନୁହେଁ । ରମ୍ୟରଚନାରେ ତାଙ୍କର ଅସାଧାରଣ କୃତିତ୍ୱ ତାଙ୍କ ସାହିତ୍ୟିକ ପ୍ରସିଦ୍ଧିକୁ ବହୁଗୁଣିତ କରିଛି । ଏହି ସଂଗ୍ରହରେ ସନ୍ନିବିଷ୍ଟ 'ସମାଲୋଚନା' ତାଙ୍କର 'ପର୍ଣ୍ଣ ଓ ପ୍ରତିମା'ରୁ ସଂଗୃହୀତ ହୋଇଛି ।

ସୁରେନ୍ଦ୍ର ମହାନ୍ତି

ଯେଉଁ କେତେକ ମୁଷ୍ଟିମେୟ ବରେଣ୍ୟ ପ୍ରତିଭା ଆଧୁନିକ ଓଡ଼ିଆ ସାହିତ୍ୟରେ ନିଜର ମୌଳିକତା ପାଇଁ ବହୁପ୍ରଶଂସିତ, ସେମାନଙ୍କ ମଧ୍ୟରେ ସୁରେନ୍ଦ୍ର ମହାନ୍ତିଙ୍କ ନାମ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଜଣେ ଉଚ୍ଚକୋଟିର ଗାଳ୍ପିକ ଓ ଔପନ୍ୟାସିକ ରୂପେ ଓଡ଼ିଆ ସାହିତ୍ୟରେ ସେ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟକୁ ମଧ୍ୟ ତାଙ୍କର ଅବଦାନ ଅନବଦ୍ୟ । 'ଫକୀରମୋହନ' ଓ 'ଫକୀରମୋହନ

Digitized by srujanika@gmail.com

ସମୀକ୍ଷା' ତାଙ୍କର ଦୁଇଟି ବହୁ ପ୍ରଶଂସିତ ସମାଲୋଚନା ପୁସ୍ତକ । ଓଡ଼ିଆ ସାହିତ୍ୟର ଆଦିପର୍ବ ଓ ମଧ୍ୟପର୍ବରେ ସାହିତ୍ୟର ଇତିହାସ ରଚନାରେ ସେ ନିଜସ୍ୱ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି । 'ଓଡ଼ିଶାର ମନ୍ଦିର' ପ୍ରବନ୍ଧଟି ତାଙ୍କର 'ଯୁଗେ ଯୁଗେ ଉତ୍କଳ' ପୁସ୍ତକରୁ ଆନୀତ ହୋଇଛି ।

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ଓଡ଼ିଶାର ଖ୍ୟାତନାମା ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଜଣେ ବିଶିଷ୍ଟ ସମାଲୋଚକ ଓ ପ୍ରାବନ୍ଧିକ ରୂପେ ମଧ୍ୟ ଓଡ଼ିଆ ସାହିତ୍ୟରେ ନିଜକୁ ସୁପ୍ରତିଷ୍ଠ କରିପାରିଛନ୍ତି । ତାଙ୍କର 'ଇତିହାସ ଓ କିମ୍ବଦନ୍ତୀ' ଏବଂ 'ପ୍ରବନ୍ଧମାନସ' ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିପ୍ରେମୀ ନିକଟରେ ବିପୁଳ ଆଦୃତି ଲାଭକରିଛି । 'ଜନ୍ମଭୂମି' ପ୍ରବନ୍ଧଟି ତାଙ୍କର 'ପ୍ରବନ୍ଧ ମାନସ'ରୁ ଆନୀତ ହୋଇଛି ।

ଚିତ୍ତରଞ୍ଜନ ଦାସ

ଆଧୁନିକ ସାହିତ୍ୟରେ ଚିତ୍ତରଞ୍ଜନ ଦାସ ଏକ ବିଶିଷ୍ଟ ପ୍ରତିଭା । ନିଜର ନିରବଚ୍ଛିନ୍ନ ସାଧନା ତାଙ୍କୁ ଉଜ୍ଜ୍ୱଳ ସିଦ୍ଧିର ଅଧିକାରୀ କରିପାରିଛି । ତାଙ୍କ ସାହିତ୍ୟ ସାଧନାର, ତପସ୍ୟାର । ଗତାନୁଗତିକ ଚିନ୍ତାଧାରାରେ ଭାସି ନ ଯାଇ ପ୍ରତ୍ୟେକ ବିଷୟକୁ ନିଜ ଦୃଷ୍ଟିକୋଣରୁ ଅନୁଶୀଳନ କରି ସତ୍ୟର ଆବିଷ୍କାର ଏବଂ ସେହି ସତ୍ୟର ପ୍ରତିଷ୍ଠା ପାଇଁ ଗଭୀର ଆନ୍ତରିକତା ତାଙ୍କ ପ୍ରତିଟି କୃତିରେ ଭାସ୍ୱର । 'ଶିକ୍ଷାର୍ଥୀ ଓ ଶିକ୍ଷକ', 'ଜୀବନ ବିଦ୍ୟାଳୟ', 'ତରଙ୍ଗ ଓ ତଡ଼ିତ୍', 'ଜଙ୍ଗଲଚିଠି' ପ୍ରଭୃତି ତାଙ୍କର ମୌଳିକ ଦୃଷ୍ଟିଭଙ୍ଗୀର ସ୍ୱାକ୍ଷର ବହନ କରିଛି । ଭାଷା ଓ ସାହିତ୍ୟରେ ତାଙ୍କର ଉଲ୍ଲେଖଯୋଗ୍ୟ ଗବେଷଣା ତାଙ୍କୁ ଏକ ଲବ୍ଧ ପ୍ରତିଷ୍ଠ ସମାଲୋଚକ ରୂପେ ମଧ୍ୟ ପରିଚିତ କରିପାରିଛି ।

ଡଃ ବେଣୀମାଧବ ପାଢ଼ୀ

ଓଡ଼ିଆ ଭାଷା ଓ ସାହିତ୍ୟର ଜଣେ ବିଶିଷ୍ଟ ଗବେଷକ ରୂପେ ଡଃ ବେଣୀମାଧବ ପାଢ଼ୀ ଓଡ଼ିଆ ସାହିତ୍ୟରେ ସୁପରିଚିତ । 'ଦାରୁଦେବତା', 'ଭଞ୍ଜୀୟ କାବ୍ୟ ଭାବନା', 'ଧୀ ଓ ଧୀଷଣା' ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରିଛି । 'ସଭ୍ୟତାର ଦୁଇଟି ଦିଗ' ତାଙ୍କ 'ଧୀ ଓ ଧୀଷଣା' ସଙ୍କଳନରୁ ଆନୀତ ହୋଇଛି ।

ଚନ୍ଦ୍ରଶେଖର ରଥ

ଉଭୟ ଔପନ୍ୟାସିକ ଓ ପ୍ରାବନ୍ଧିକ ରୂପେ ଚନ୍ଦ୍ରଶେଖର ରଥ ସାମ୍ପ୍ରତିକ ସାହିତ୍ୟରେ ବିପୁଳ ଆଦୃତି ଲାଭକରିଛନ୍ତି । 'ଅଶ୍ରୁତ ସ୍ୱର', 'ଦୃଷ୍ଟି ଓ ଦର୍ଶନ' ଓ 'ମୁଁ ସତ୍ୟଧର୍ମା କହୁଛି'— ଓଡ଼ିଆ ସାହିତ୍ୟରେ ଜଣେ ବିଶିଷ୍ଟ ପ୍ରାବନ୍ଧିକ ରୂପେ ତାଙ୍କୁ ବିଶେଷ ଗୌରବର ଅଧିକାରୀ କରିପାରିଛି । 'ଅତି ମୁହୂର୍ତ୍ତ' ପ୍ରବନ୍ଧଟି ତାଙ୍କର 'ମୁଁ ସତ୍ୟଧର୍ମା କହୁଛି' ପୁସ୍ତକରୁ ଆନୀତ ହୋଇଛି ।

Digitized by srujanika@gmail.com